

ଫିନ୍‌ଲାଣ୍ଡ ରାଷ୍ଟ୍ରପତିଙ୍କ ସହ କଥାହେଲେ ମୋଦୀ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମାଆ ହେଲେ 'ଚକ୍ ଦେ ଇଣ୍ଡିଆ' ଅଭିନେତ୍ରୀ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୭ Vol. 22 No-17 17 APRIL 2025 THURSDAY BHUBANESWAR ଗୁରୁବାର, ୧୭ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଶ୍ରୀକାନ୍ତ ପୃଷ୍ଟି ସମବାୟ ନିର୍ବାଚନ କମିଶନର

ଭୁବନେଶ୍ୱର,୧୬।୪(ଭାସ୍କର ନ୍ୟୁଜ): ୨୦୦୩ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇଏଏସ୍ ଶ୍ରୀକାନ୍ତ ପୃଷ୍ଟିଙ୍କୁ ରାଜ୍ୟ ସମବାୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦବୀଟି ଦୀର୍ଘ ମାସକରୁ ଊର୍ଦ୍ଧ୍ୱ ଧରି ଖାଲି ରହିଥିଲା।

### ପାରମିତା ଶତପଥୀ ଓଡ଼ିଶା ଆଇଟିର ପ୍ରମୁଖ ମୁଖ୍ୟ କମିଶନର

ଭୁବନେଶ୍ୱର,୧୬।୪(ଭାସ୍କର ନ୍ୟୁଜ): ୧୯୮୯ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବାଅଧିକାରୀ ପାରମିତା ଶତପଥୀ ଓଡ଼ିଶା ଆୟକର ବିଭାଗର ପ୍ରମୁଖ ମୁଖ୍ୟ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ସେ ପୂର୍ବ କମିଶନର ମନୋରଞ୍ଜନ ପାଣିଗ୍ରାହୀଙ୍କ ସ୍ଥାନରେ ଯୋଗ ଦେଇଛନ୍ତି। ପାରମିତା ଆୟକର ବିଭାଗର ବିଭିନ୍ନ ପଦପଦବୀରେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୧୬ରେ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବାବେଳେ ୨୦୨୧ରେ ସାରଳା ପୁରସ୍କାର ପାଇଛନ୍ତି।

### ୨ ହାର୍ଡକୋର୍ ମାଓବାଦୀ ନିହତ


ମାଲକାନଗିରି,୧୬।୪(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର କୋଣ୍ଡା ଗାଁରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇ ହାର୍ଡକୋର୍ ମାଓବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କ ମୃତଦେହ ଉଦ୍ଧାର କରାଯିବା ସହ ସେମାନଙ୍କ ନିକଟରୁ ଏକେ-୪୭ ଜବତ କରାଯାଇଛି। ଏବେ ବି ସଂପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଥିବା ନେଇ ବସ୍ତର ଆଇଜି ସୂଚନା ଦେଇଛନ୍ତି।

ସେନ୍‌ସେକ୍ସ: ୭୭,୦୪୪.୨୯

ସର୍ବାଧିକ: ୩୪.୨ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୧୬।୪।୨୦୨୫ ର ମତାମତ**

ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି ନୁହେଁ କି ?





**ଆଜିର ପ୍ରସଙ୍ଗ**

ରାଜ୍ୟରେ ଚାଲିଥିବା ଖଣି ଚୋରିକୁ ରୋକାଯାଇ ପାରିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପାଟଣାଗଡ଼ରେ ବିଜୁ ପ୍ରତିମୂର୍ତ୍ତି ପୋଡ଼ିଦେଲା ଯେଉଁ ଯୁବକ
ପାଗଳଟା କାଳେ ସିଏ ଅଟେ ପରା
ମନରେ ନଥିଲା ଦକ
ଦଂଶିଲାନି ତାର ବିବେକ
ପ୍ରବାଦ ପୁରୁଷେ ଜାଳିଦେଇ ସିଏ
କରୁନି ଟିକିଏ ଦୁଃଖ...।

**ଏସ୍‌ସି-ଏସ୍‌ଟି ହବ୍ କନକ୍ଲେଭ, ପିଏମ୍ ବିଶ୍ୱକର୍ମା ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ**

# ଶିଳ୍ପୀଙ୍କ ବିକାଶକୁ ପ୍ରାଥମିକତା



**କାରିଗରୀ ପରମ୍ପରାକୁ ସମୃଦ୍ଧ ଲକ୍ଷ୍ୟ**

**ଉଦ୍ୟୋଗୀ ହେଲେ ଚାକିରିର ଆବଶ୍ୟକତା ନାହିଁ**

**ମୟୂରଭଞ୍ଜରେ ଶିଳ୍ପପାଇଁ ବିନିଯୋଗ ହେବ ୭ହଜାର କୋଟି**

ବାରିପଦା/ଭୁବନେଶ୍ୱର,୧୬।୪ (ଭାସ୍କର ନ୍ୟୁଜ): ପିଏମ୍ ବିଶ୍ୱକର୍ମା ଯୋଜନା କେବଳ ଏକ ଅର୍ଥନୈତିକ ସାହାଯ୍ୟ ନୁହେଁ। ଏହା ହେଉଛି ଆମର ମହତ ଭାବନା ଏବଂ ଏକ ଦୃଢ ସଂକଳ୍ପର ପରିଣାମ। ଗରିବ ଶିଳ୍ପୀ ଓ କାରିଗରଙ୍କୁ ମଧ୍ୟ ଏହା ମାଧ୍ୟମରେ ଆମେ ବିକାଶର ମୁଖ୍ୟ ଧାରାରେ ସାମିଲ କରିବୁ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଠାରେ ଆୟୋଜିତ ପିଏମ୍ ବିଶ୍ୱକର୍ମା ଏବଂ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଓ ଜାତି ହବ୍ କନ୍‌କ୍ଲେଭ୍‌ରେ ଯୋଗଦେଇ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସମାଜରେ ବହୁ ପୁରାତନ କାଳରୁ ବିଶ୍ୱକର୍ମା ମାନେ ଯଥା-ବଢେଇ, ରାଜମିସ୍ତ୍ରୀ, କୁମ୍ଭାର, ମୂର୍ତ୍ତିକାର, ବଣିଆ, ଡୋକ୍ରା କାରିଗର, ଚମଡା କାରିଗର, ନଡିଆ କତା ଶିଳ୍ପୀଙ୍କ ପରି ଅନେକ ଅନ୍ୟାନ୍ୟ କାରିଗର ନିଜର କୌଶଳ ଦ୍ୱାରା ଦେଶ ଓ ରାଜ୍ୟକୁ ସମୃଦ୍ଧ କରିଛନ୍ତି। ଏହି ପରମ୍ପରାକୁ ଅଧିକ ସମୃଦ୍ଧ ଓ ଗରିମାମୟ କରିବା ଏବଂ ଏହି ପାରମ୍ପାରିକ ଶିଳ୍ପୀ ଓ କାରିଗର ମାନଙ୍କୁ ଯଥୋଚିତ ସମ୍ମାନ • ପୃଷ୍ଠା ୫ ଦେଖନ୍ତୁ

**ଜଷ୍ଟିସ ବି.ଆର.ଗବାଇ ପରବର୍ତ୍ତୀ ସିଜେଆଇ**

# ମଇ ୧୪ରେ ଶପଥ ଗ୍ରହଣ



ନୂଆଦିଲ୍ଲୀ,୧୬।୪: ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ବି.ଆର. ଗବାଇ ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ତାଙ୍କ ନାମ ସୁପାରିସ କରିବା ପରେ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ ଗବାଇଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଆସନ୍ତା ମଇମାସ ୧୪ ତାରିଖରେ ସେ ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେବେ। ତାଙ୍କ କାର୍ଯ୍ୟକାଳ ୨୦୨୫ ନଭେମ୍ବର ୨୩ ଯାଏ ରହିବ। ଜଷ୍ଟିସ ଗବାଇଙ୍କ ପୂରାନାମ ଭୂଷଣ ରାମକୃଷ୍ଣ ଗବାଇ। ୧୯୬୦ ମସିହା ନଭେମ୍ବର ୨୪ ତାରିଖରେ ମହାରାଷ୍ଟ୍ରର ଅମରାବତୀରେ ଜନ୍ମଗ୍ରହଣ କରିଥିଲେ। ୧୯୮୫ ମସିହାରୁ ସେ ଆଇନଗତ ବୃତ୍ତିରେ ନିଜକୁ ନିବେଶ କରିଥିଲେ। ୧୯୮୭ ମସିହାରେ ସେ ବମ୍ବେ ହାଇକୋର୍ଟରେ ଏକାକୀ ଓକିଲାତି ଆରମ୍ଭ କରିଥିଲେ। ତାଙ୍କର ସାମ୍ବିଧାନିକ ଓ ପ୍ରଶାସନିକ ଆଇନ ଉପରେ ଅଧିକ ଜ୍ଞାନ ରହିଛି। ୧୯୯୨ ମସିହା ଅଗଷ୍ଟ ମାସରେ ସେ ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚରେ ଅତିରିକ୍ତ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଥିଲେ। ପରେ ୨୦୦୦ ମସିହାରେ ନାଗପୁର ବେଞ୍ଚରେ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଯୋଗ ଦେଇଥିଲେ। ୨୦୦୩ ନଭେମ୍ବର ୧୪ ତାରିଖରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ଜଜ୍ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହାପରେ ୨୦୦୫ ମସିହା ନଭେମ୍ବର ୧୨ରେ ସେ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୯ ମଇ ୨୪ରେ ସେ ସୁପ୍ରିମକୋର୍ଟର ବିଚାରପତି ଭାବେ ଯୋଗଦାନ କରିଥିଲେ। ଜାମ୍ମୁକାଶ୍ମୀରରୁ ଧାରା ୩୭୦କୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ରର ନିଷ୍ପତ୍ତିକୁ ସର୍ବସମ୍ମତିକ୍ରମେ ସମର୍ଥନ କରିଥିବା ୫ଜଣିଆ ଖଣ୍ଡପୀଠର ସେ ସଦସ୍ୟ ରହିଥିଲେ। ରାଜନୈତିକ ଦଳକୁ ମିଳୁଥିବା ଇଲେକ୍ଟୋରାଲ ବଣ୍ଡ ଯୋଜନାର ବୈଧତା ଉପରେ ଶୁଣାଣି କରିଥିବା ଖଣ୍ଡପୀଠର ସଦସ୍ୟ ମଧ୍ୟ ରହିଥିଲେ। ୫ଜଣିଆ ଖଣ୍ଡପୀଠ ଏହି ଯୋଜନାକୁ ୪-୧ରେ ରଦ୍ଦ କରିଥିଲେ।

**ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ**

# କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ



**ବାରଙ୍ଗ, ଢେଙ୍କାନାଳରେ ୨୦ଫ୍ଲାଟ୍**

**୬୩.୬୯ ଲକ୍ଷର ବ୍ୟାଙ୍କ ଜମା ଠାବ**

**କ୍ୱାଇଁଙ୍କ ଘରୁ ନଗଦ ୨୩.୯୫ଲକ୍ଷ ଜବତ**

ଢେଙ୍କାନାଳ/ଆଠମଲ୍ଲିକ,୧୬।୪ (ଭାସ୍କର ନ୍ୟୁଜ): ଆୟ ବର୍ହିଭୂତ ସମ୍ପତ୍ତିଠୁଳ ଅଭିଯୋଗ ବୁଧବାର ସକାଳୁ ଆଠମଲ୍ଲିକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଡାଉ କରାଯାଇଛି। ତାଙ୍କର ସରକାରୀ ବାସଭବନ, ପୈତୃକ ବାସଭବନ ସହ ଏକକାଳୀନ ୮ଟି ସ୍ଥାନରେ ଚଡାଉ କରାଯାଇଛି। ଚଡାଉ ସମୟରେ ଶ୍ରୀ ଶତପଥୀଙ୍କ ଘରେ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ତାଙ୍କର ୨୦ଟି ଫ୍ଲାଟ୍ ରହିଥିବା ଭିଜିଲାନ୍ସ ସୂଚନା ଦେଇଛି। ଗୋଟିଏ ଫ୍ଲାଟ୍ କଟକ ଜିଲ୍ଲା ବାରଙ୍ଗରେ ରହିଥିବାବେଳେ ଅନ୍ୟ ୧୯ଟି ଫ୍ଲାଟ ଢେଙ୍କାନାଳରେ ରହିଛି। ସେହିପରି ଢେଙ୍କାନାଳରେ ତାଙ୍କର ୫ହଜାର ବର୍ଗଫୁଟର ଦୁଇମହଲା କୋଠା ରହିଥିବାବେଳେ ବିପୁଳ ପରିମାଣର ସୁନାଅଳଙ୍କାର ମଧ୍ୟ ଜବତ କରାଯାଇଛି। ସେହିପରି ତାଙ୍କ କ୍ୱାଇଁଙ୍କ ଘରୁ ନଗଦ ୨୩.୯୫ ଲକ୍ଷ ଟଙ୍କା ଜବତ କରାଯାଇଛି। କଟକର ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ଚଡାଉ କରାଯାଇଛି। ଏହି ଚଡାଉରେ ୭ଜଣ ଡିଏସ୍‌ପି, ୧୫ଜଣ ଇନ୍‌ସପେକ୍ଟର ଏବଂ ଭିଜିଲାନ୍ସ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ରହିଛନ୍ତି। ଢେଙ୍କାନାଳ ଗାୟତ୍ରୀନଗରର ୱାର୍ଡ ନଂ ୧୫ରେ ଶ୍ରୀ ଶତପଥୀଙ୍କ ଆବାସିକ ଘର, ଅନୁଗୋଳ ଆଠମଲ୍ଲିକ ଟାଉନରେ ତାଙ୍କର ସରକାରୀ କ୍ୱାର୍ଟର, ଆଠମଲ୍ଲିକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅବସ୍ଥିତ କାର୍ଯ୍ୟାଳୟ କୋଠରୀ, ଢେଙ୍କାନାଳ ସଦର ଥାନା ବନସିଂରେ ଥିବା ପୈତୃକ ଘର, କଳାହାଣ୍ଡିର ଜୁନାଗଡ଼ରେ ତାଙ୍କର ଶ୍ୱଶୁର ଘର, • ପୃଷ୍ଠା ୫ ଦେଖନ୍ତୁ

**ୱକଫ୍ ଆଇନକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ଅସମାପ୍ତ**

# ଆଜି ଅପରାହ୍ନରେ ପୁଣି ଶୁଣାଣି



ନୂଆଦିଲ୍ଲୀ,୧୬।୪: ଅନେକ ବିରୋଧ ଓ ବିବାଦ ମଧ୍ୟରେ କେନ୍ଦ୍ର ସରକାର ଦେଶରେ ୱକଫ୍ ସଂଶୋଧନ ଆଇନ ଲାଗୁ କରିଛନ୍ତି। ୱକଫ ବୋର୍ଡଦ୍ୱାରା ପରିଚାଳିତ ସମ୍ପତ୍ତିରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ପୂର୍ବରୁ ପ୍ରଚଳିତ ଆଇନ ଏକାଧିକ ସଂଶୋଧନ କରାଯାଇଛି। ଏହାକୁ ବିଭିନ୍ନ ବିରୋଧୀଦଳ ଓ ସ୍ୱେଚ୍ଛାସେବୀ ସଂଗଠନ ବିରୋଧ କରୁଥିବାବେଳେ ପଶ୍ଚିମବଙ୍ଗରେ ଆଇନକୁ ବିରୋଧ କରି ହିଂସାକାଣ୍ଡ ଘଟିଛି। ସଂସଦରେ ଉଭୟ ଗୃହ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନକ୍ରମେ ୱକଫ୍ ଆଇନ ଲାଗୁ ହୋଇଥିଲେ ହେଁ ବିବାଦ ଥମିବାର ନାଁ ନେଉନାହିଁ। ତେବେ ଏବେ ୱକଫ୍ ଆଇନକୁ ନେଇ ଆଇନଗତ ଯୁଦ୍ଧ ଆରମ୍ଭ ହୋଇଛି। ଏହି ଆଇନ ବିରୋଧରେ ୭୩ଟି ଆବେଦନ ସୁପ୍ରିମକୋର୍ଟରେ କରାଯାଇଥିବାବେଳେ ବୁଧବାରଠାରୁ ଏହାର ଶୁଣାଣି ଆରମ୍ଭ ହୋଇଛି। ଶୁଣାଣିର ପ୍ରଥମ ଦିନରେ ନୂଆ ୱକଫ୍ ଆଇନରେ ଥିବା ଏକାଧିକ ବ୍ୟବସ୍ଥାକୁ ନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ବିଶେଷକରି ୱକଫ୍ ବାଇ ୟୁଜର ସମ୍ପତ୍ତିର ପ୍ରାବଧାନ ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ରୀୟ ୱକଫ୍ କାଉନସିଲରେ ଅଣ ମୁସଲିମମାନଙ୍କୁ ସାମିଲ କରିବା ବ୍ୟବସ୍ଥା ଉପରେ ବି ପ୍ରଶ୍ନ ଉଠିଛି। ହିନ୍ଦୁ ପରିଚାଳନା ବୋର୍ଡରେ କ'ଣ ମୁସଲିମମାନଙ୍କୁ ସାମିଲ କରାଯିବ ବୋଲି କେନ୍ଦ୍ରକୁ ସର୍ବୋଚ୍ଚ ଅଦାଳତ ପାଲଟା ପ୍ରଶ୍ନ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା, ଜଷ୍ଟିସ ସଞ୍ଜୟ କୁମାର ଓ ଜଷ୍ଟିସ କେ.ଭି.ବିଶ୍ୱନାଥନଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ୭୩ଟି ଆବେଦନ ଉପରେ ଶୁଣାଣି କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ଆବେଦନକାରୀଙ୍କୁ ଦୁଇଟି ପ୍ରଶ୍ନ ପଚାରିଥିଲେ। ପ୍ରଥମ ପ୍ରଶ୍ନ ହେଲା ସୁପ୍ରିମକୋର୍ଟ କ'ଣ ଆବେଦନଗୁଡ଼ିକୁ ହାଇକୋର୍ଟକୁ ପଠାଇପାରିବେ ଓ ଦ୍ୱିତୀୟ ପ୍ରଶ୍ନ ହେଲା ଆବେଦନକାରୀ କେଉଁ ଉଦ୍ଦେଶ୍ୟରେ ଏଠାରେ ଯୁକ୍ତି ଉପସ୍ଥାପନ କରିବାକୁ ଚାହୁଁଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅଭିଷେକ ମନୁସିଂଘଭୀ ଯୁକ୍ତି ଉପସ୍ଥାପନ କରିଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ଉପସ୍ଥାପନ କରିଥିଲେ। ସିବଲ କହିଥିଲେ ଯେ ୱକଫ୍ ବାଇ ୟୁଜର ଇସଲାମର ଅବିଚ୍ଛେଦ୍ୟ ଅଙ୍ଗ। ତେବେ ସମସ୍ୟା ହେଉଛି, ଯଦି ଗୋଟିଏ ୱକଫ୍ ୩ ହଜାର ବର୍ଷ ତଳେ ତିଆରି କରାଯାଇଛି ଏବେ ସେମାନେ ଏହାର କାଗଜ ଦେଖାଇବାକୁ କହିବେ। ତେବେ କାଗଜ ଆସିବ କେଉଁଠୁ? ତେଣୁ ଏହିଠାରୁ ବିବାଦ ସୃଷ୍ଟି ହେବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ସଂସଦରେ ବିସ୍ତୃତ ଆଲୋଚନା ପରେ ଆଇନ ପାରିତ ହୋଇଥିଲା। ଯୁଗ୍ମ ସଂସଦୀୟ କମିଟି ଏହା ଉପରେ ଆଲୋଚନା କରିଥିଲା ଓ ଏହା ପୁଣି ଉଭୟ ଗୃହରେ ପାରିତ ହୋଇଥିଲା। ତେବେ ବୁଧବାର ଏହି ଆଇନ ଉପରେ ଶୁଣାଣି ଅସମାପ୍ତ ରହିଛି। ଗୁରୁବାର ଅପରାହ୍ନ ୨ଟାରୁ ପୁଣିଥରେ ଶୁଣାଣି ଆରମ୍ଭ କରାଯିବ ବୋଲି ଅଦାଲତଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ଲକ୍ଷପତି ଦିଦି ସୃଷ୍ଟିରେ ଦେଶରେ ଓଡ଼ିଶା ପ୍ରଥମ**

# ଅନୁମୋଦିତ ଲକ୍ଷ୍ୟର ୮୨% ପୂରଣ

ଭୁବନେଶ୍ୱର,୧୬।୪(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଯୋଗାଇ ଦେଇ ବାର୍ଷିକ ୧ ଲକ୍ଷ କିମ୍ବା ଅଧିକ ରୋଜଗାର କରିବାକୁ ସଶକ୍ତ କରୁଥିବା "ଲକ୍ଷପତି ଦିଦି" ଯୋଜନାରେ ଓଡିଶା ଆଜି ଭାରତରେ ପ୍ରଥମ ସ୍ଥାନ ହାସଲ କରିଛି। ଏପ୍ରିଲ ୧୩, ୨୦୨୫ ସୁଦ୍ଧା, ଓଡିଶାରେ ଚିହ୍ନଟ କରାଯାଇଥିବା ୧୭.୫୯ ଲକ୍ଷ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ ମଧ୍ୟରୁ ୧୪ ଲକ୍ଷ ରୁ ଊର୍ଦ୍ଧ୍ୱ ମହିଳା ଏଯାବତ ଲକ୍ଷପତି ଦିଦିରେ ପରିଣତ ହୋଇସାରିଛନ୍ତି। ଅନୁମୋଦିତ ଲକ୍ଷ୍ୟର ୮୨% ପୂରଣ କରି ଓଡିଶା ଦେଶର ଅନ୍ୟ ସମସ୍ତ ରାଜ୍ୟକୁ ଅତିକ୍ରମ କରିଛି। ଏହି ପ୍ରୟାସକୁ ଓଡିଶାରେ ମିଶନ ଶକ୍ତି ବିଭାଗ ଅଧୀନରେ ଓଡିଶା ଜୀବିକା ମିଶନ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି, ଏବଂ କେନ୍ଦ୍ର ପ୍ରାୟୋଜିତ ଜାତୀୟ ଗ୍ରାମୀଣ ଜୀବିକା ମିଶନର ଲକ୍ଷ୍ୟ ସହିତ କାର୍ଯ୍ୟକାରୀ କରାଯାଇଛି। ମିଶନ-ମୋଡ୍ ରେ ଆରମ୍ଭ ହୋଇ ଏହି କାର୍ଯ୍ୟକ୍ରମ ରାଜ୍ୟରେ ବିଭାଗୀୟ ସହଭାଗିତା, ଆଞ୍ଚଳିକ ସ୍ତରରେ ନେତୃତ୍ୱ, ଏବଂ ଜୀବନ ଜୀବିକାକୁ ସୁଦୃଢ କରି ଏକ ଶକ୍ତିଶାଳୀ ମଡେଲ ଭାବେ ଉଭା ହୋଇଛି। ଏହି ପରିବର୍ତ୍ତନର ଆରମ୍ଭ ତୃଣମୂଳ ସ୍ତରରୁ ସମ୍ଭାବ୍ୟ ଲକ୍ଷପତି ଦିଦି ଙ୍କୁ ଘର-ଘର ବୁଲି ଚିହ୍ନଟ ଅଭିଯାନ ମାଧ୍ୟମରେ ଆରମ୍ଭ ହୋଇଥିଲା। କମ୍ୟୁନିଟି ସପୋର୍ଟ ଷ୍ଟାଫ୍, ସ୍ୱୟଂ ସହାୟକ ଗୋଷ୍ଠୀ ନେତ୍ରୀବୃନ୍ଦ ତଥା ଓଏଲଏମ ଅଧିକାରୀମାନେ ଘର କୁ ଘର ସର୍ବେକ୍ଷଣ କରି, ଆୟ ସ୍ତର, ଦକ୍ଷତା, ଏବଂ ଆର୍ଥିକ ସ୍ୱାଧୀନତାର ଆକାଂକ୍ଷାକୁ ତର୍ଜମା କରିଥିଲେ। ଏହି ମହିଳାମାନଙ୍କୁ କେବଳ ଚିହ୍ନଟ କରାଯାଇନଥିଲା, ସେମାନଙ୍କୁ ପ୍ରଶିକ୍ଷଣ, ସମସ୍ତ ଆବଶ୍ୟକୀୟ ସହାୟତା ଏବଂ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ ପାଇଁ ବ୍ୟକ୍ତିଗତ ବ୍ୟବସାୟ ବିକାଶ ଯୋଜନା ପ୍ରସ୍ତୁତ କରାଯାଇଥିଲା, ଯାହା ସେମାନଙ୍କ ସ୍ଥାନୀୟ ପରିବେଶ ଏବଂ କ୍ଷମତା ଅନୁଯାୟୀ ସେମାନଙ୍କର ବିଦ୍ୟମାନ ଅର୍ଥନୈତିକ କାର୍ଯ୍ୟକଳାପକୁ ଆହୁରି ବିସ୍ତାର କିମ୍ବା ବିବିଧ କରିବା ପାଇଁ ମାର୍ଗ ପ୍ରଦାନ କରିଥିଲା। ଏହି ଯୋଜନାକୁ ବାସ୍ତବରେ ରୂପ ଦେବା ପାଇଁ, ରାଜ୍ୟ ସରକାର ଓଡିଶାର ପ୍ରତ୍ୟେକ କୋଣ ଅନୁକୋଣରେ ସ୍ଥାନୀୟ • ପୃଷ୍ଠା ୫ ଦେଖନ୍ତୁ

**ଝଟ୍‌କା ପରେ ଲାଗୁଛି ଝଟ୍‌କା**

# ବିଶ୍ୱକୁ ଘାରିଛି ଭୂକମ୍ପ ଭୟ



ନୂଆଦିଲ୍ଲୀ,୧୬।୪: ସବୁଦିନ ଲାଗୁଛି ଝଟ୍‌କା। ଭୂକମ୍ପ ନାଁ ଶୁଣିଶୁଣି ମନରେ ଆସୁଛି ଭୟ। ରାତି ପାହିଲାମାତ୍ରେ ସମ୍ବାଦପତ୍ରରେ ଭୂକମ୍ପର ଖବର। ଟିଭିରେ ଭୂକମ୍ପକୁ ନେଇ ବ୍ରେକିଂ। ଯଦିଓ ଭାରତରେ ଭୂକମ୍ପର କୌଣସି ବଡ଼ ଧରଣର ପ୍ରଭାବ ପଡ଼ିନାହିଁ, ତେବେ ବିଶ୍ୱର ବିଭିନ୍ନ ଦେଶକୁ ଭୂମିକମ୍ପ ଦୋହଲାଇ ଦେଇ ସାରିଲାଣି। ଏହି ଖବର ଦେଖି ଦେଖି ଓ ଶୁଣିଶୁଣି ମନରେ ଭୟ ଜାଗ୍ରତ ହେଲାଣି। ଭୂକମ୍ପ କେଉଁ ଦେଶକୁ ଛାରଖାର କରି ଦେଉଛି ତ ଆଉ କେଉଁ ଦେଶକୁ ସଜାଗ ମଧ୍ୟ କରି ଦେଉଛି। କେତେବେଳେ କେଉଁଠି, କୋଉଁ ମୁହୂର୍ତ୍ତରେ ଭୂମିକମ୍ପ ହେବ ତାହା କହିହେବ ନାହିଁ। ତେବେ ବୁଧବାର ଭୂକମ୍ପରେ ଥରିଛି ଆଫଗାନିସ୍ତାନ। ବୁଧବାର ଭୋଟ ୪.୪୩ରେ ଆଫଗାନିସ୍ତାନରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଭୂପୃଷ୍ଠରୁ ୭୫ କିମି ଗଭୀରତାରେ ଏହି ଭୂକମ୍ପ ସୃଷ୍ଟି ହୋଇଛି। ଏହାର ରିକ୍ଟର ସ୍କେଲରେ ତୀବ୍ରତା ଥିଲା ୫.୯। ତେବେ ଭୂମିକମ୍ପରେ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳି ପାରିନାହିଁ। ଅନ୍ୟପକ୍ଷରେ ମଙ୍ଗଳବାର ମଧ୍ୟ ଆମେରିକାର ଦକ୍ଷିଣ କାଲିଫର୍ଣ୍ଣିଆରେ ୫.୨ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଅନେକ ସ୍ଥାନରେ ପାହାଡ଼ରୁ ପଥର ଧସିଥିଲା। କେବଳ ଆମେରିକା ନୁହେଁ, ନେପାଳରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୦ ରହିଥିଲା। ସେହିପରି ତିବ୍ବତରେ ମଧ୍ୟ ବୁଧବାର ଭୂକମ୍ପ ହୋଇଥିଲା। ଅନ୍ୟପକ୍ଷରେ ଗତ ୧୪ ତାରିଖରେ ପୁଣିଥରେ ମିଆଁମାର ଭୂକମ୍ପରେ ଥରିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୫ ରହିଥିବାବେଳେ ମିଆଁମାରବାସୀ ଏହାକୁ ନେଇ ଭୟଭୀତ ହୋଇ ପଡ଼ିଥିଲେ। ଗତମାସ ମିଆଁମାରରେ ଭୟଙ୍କର ଭୂକମ୍ପ ଫଳରେ ୧୭୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ୩୫୦୦ରୁ ଅଧିକ ଲୋକ ଆହତ • ପୃଷ୍ଠା ୫ ଦେଖନ୍ତୁ

### ଆଜି ବିଜେଡିର ସଭାପତି ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିବେ ନବୀନ



ଭୁବନେଶ୍ୱର,୧୬।୪(ଭାସ୍କର ନ୍ୟୁଜ): ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ପରେ ଦଳକୁ ସଂଗଠନ ସଜାଡ଼ିବା ଚିନ୍ତା ଘାରିଛି। ଗୁରୁବାର ବିଜେଡିର ସଭାପତି ପ୍ରାର୍ଥୀଭାବେ ନବୀନ ପଟ୍ଟନାୟକ ପୁଣିଥରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି। ଏହି ପଦବୀ ପାଇଁ ଅନ୍ୟକେହି ନାମାଙ୍କନ ଭରିବାର ସମ୍ଭାବନା ନଥିବାରୁ ଶ୍ରୀ ପଟ୍ଟନାୟକ ପୁଣିଥରେ ସଭାପତି ହେବା ନିଶ୍ଚିତ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବିଜେଡିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାବେଳେ ମଙ୍ଗଳବାର ୧୮ଟି ଜିଲ୍ଲାପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇସାରିଛି। କନ୍ଧମାଳ, ବୌଦ୍ଧ ଓ ମୟୂରଭଞ୍ଜ ଜିଲ୍ଲାପାଇଁ ବିଜେଡି ଅଭିଜ୍ଞ ତଥା ବରିଷ୍ଠ ନେତାଙ୍କୁ ସଭାପତି କରିଛି।



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା ପ୍ରଦେଶରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ପାଇଁ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଉଦ୍ୟମ ଜାରି ରଖିଥିବା ବେଳେ ସତ୍ୟ ସନାତନ ଧର୍ମର ପ୍ରଚାର ପାଇଁ ଧର୍ମଗୁରୁ ସାଧୁସନ୍ଥ ପ୍ରେରଣା ଦେଇଆସୁଛନ୍ତି। ତ୍ରେତୟା ଯୁଗରେ ହନୁମାନ ସେବା ମାଧ୍ୟମରେ ଜଗତକୁ ସେବକର ଧର୍ମର ପ୍ରେରଣା ଦେଇଥିବା ବେଳେ ୪ଯୁଗରେ ତାଙ୍କର ପୂଜା ହେଉଛି। ବର୍ତ୍ତମାନର ଯୁବଶକ୍ତି ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବା ସହ ରାଷ୍ଟ୍ରସେବାରେ ନିଜକୁ ନିୟୋଜିତ କଲେ ଦେଶ ଓ ପ୍ରଦେଶର ଉନ୍ନତି ହୋଇପାରିବ ବୋଲି କଟକ ସଦର ବିଧାୟକ ଇଂ ପ୍ରକାଶ ସେଠୀ ଏକ ଆଧ୍ୟାତ୍ମିକ ସମାବେଶରେ ମାର୍ଗ ଦର୍ଶନ କରିଛନ୍ତି। ବନ୍ଧୁପୁର ପଞ୍ଚାୟତ ଭାବରଚାନ୍ଦରେ ଆୟୋଜିତ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ କଳାକାର ଅନ୍ତର୍ଯାମୀ ପୁହାଣ, ଅଭିନ୍ନ ସୁନ୍ଦର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବନ୍ଧୁପୁର ପୂର୍ବତନ ପ୍ରାକ୍ତନ ସରପଞ୍ଚ ଶଶୀକାନ୍ତ ମହାନ୍ତି, ନିଶିକାନ୍ତ ମହାନ୍ତି, ମୀନକେତନ ମହାନ୍ତି, ରଞ୍ଜନ ନନ୍ଦ, ଶିଶିର କୁମାର ଦାସ, ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗଣ ମାଧ୍ୟମ ପ୍ରତିନିଧି ଅଶୋକ କୁମାର ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ଅମିତାଭ ମହାପାତ୍ର, ପ୍ରସନ୍ନ କୁମାର ମହାପାତ୍ର, ସପ୍ତଜ୍ୟୋତି ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ନିର୍ମଳ ପଢ଼ିଆରୀ ସମେତ ସମାଜସେବୀ, କଳାକାର, ସଙ୍ଗଠକଙ୍କୁ ବିଧାୟକ ଇଂ ଶ୍ରୀ ସେଠୀ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଆନ୍ଧ୍ର କଲେଜରେ ଓଡ଼ିଆ ଝିଅଙ୍କ ସଫଳତା

ଚିକିଟି, (ଭାସ୍କର ନ୍ୟୁଜ୍ ) : ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା କାଞ୍ଚିଲି ମଣ୍ଡଳ ସାରିଆପଲ୍ଲୀ ସ୍ଥିତ ଏପି ମଡେଲ ସ୍କୁଲ ନାମକ ଏକ ପ୍ରମୁଖ କଲେଜରେ ଅଧ୍ୟୟନରତ ଜଣେ ଓଡ଼ିଆ ଝିଅ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟର ଏବଂ ସୀମାନ୍ତ ପାତ୍ରପୁର ଅଞ୍ଚଳର ଗର୍ବ ବଢ଼ାଇଛନ୍ତି। ଉକ୍ତ ଓଡ଼ିଆ ଝିଅ ଜଣକ ହେଲେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଜୟନ୍ତୀପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୋରିବାଡ ଗ୍ରାମର ସ୍ୱର୍ଗତ ଆଲୁ ରମେଶ ଓ ମୋହିନୀଙ୍କ ଦ୍ୱିତୀୟ ଝିଅ ଆଲୁ ସ୍ୱନ୍ଦନା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ସାରିଆପଲ୍ଲୀ ସ୍ଥିତ ଏପି ମଡେଲ ସ୍କୁଲ ଓ ସାରିଆପଲ୍ଲୀ ଗ୍ରାମ ଭଦ୍ରବ୍ୟକ୍ତିଙ୍କ ତରଫରୁ କଲେଜ ସ୍ତରରେ +୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଏକତ୍ରିତ କରି ପ୍ରଥମ ସ୍ଥାନ ହାସଲ କରିଥିବା ଆଲୁ ସ୍ୱନ୍ଦନାଙ୍କୁ ସମ୍ବର୍ଦ୍ଧନା କରିଥିବା ଦେଖିବାକୁ ମିଳିଛି। ଏଥିସହିତ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଆଲୁ ସ୍ୱନ୍ଦନାଙ୍କୁ ଉପଢୌକନ ଦେଇ ସିଲ୍ ପ୍ରଦାନ କରାଯାଇଛି। ସୂଚନା ଥାଉକି ଆଲୁ ସ୍ୱନ୍ଦନା ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜୟନ୍ତୀପୁର କନମେଣ୍ଟରେ ଇଂରେଜ ମାଧ୍ୟମ ପାଠ୍ୟକ୍ରମ ସମାପନ କରି ପଞ୍ଚମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବରଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରେ ନବମ ଦଶମ ଶ୍ରେଣୀ ବରଙ୍ଗ ସରକାରୀ ଅପ ଗ୍ରେଡ ହାଇସ୍କୁଲ ସରକାରୀ ବିଦ୍ୟାଳୟରେ ପାଠ୍ୟକ୍ରମ ସମାପନ କରିଥିଲେ। ଦଶମ ବୋର୍ଡ ପରୀକ୍ଷାରେ ୪୭୩/୬୦୦ ମାର୍କ ରଖି ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ସାରିଆପଲ୍ଲୀ ଏପି ମଡେଲ କଲେଜରେ +୨ ପ୍ରଥମ ବର୍ଷରେ ୪୨୨/୪୪୦ ମାର୍କ ରଖି +୨ ଦ୍ୱିତୀୟ ବର୍ଷରେ ୯୭୧/୧୦୦୦ ନମ୍ବର ରଖି ମଣ୍ଡଳ/ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ଜଣାପଡ଼ିଛି। ଚଳିତ ବର୍ଷ ପରୀକ୍ଷାରେ ମଣ୍ଡଳ/ବ୍ଲକ ସ୍ତରରେ ବହୁ ଛାତ୍ରଛାତ୍ରୀ +୨ ଦ୍ୱିତୀୟ ବର୍ଷ ପରୀକ୍ଷାରେ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ସମସ୍ତଙ୍କ ଠାରୁ ଅଧିକ ମାର୍କ ରଖି ସଫଳତା ହାସଲ କରିଛନ୍ତି ଓଡ଼ିଆ ଝିଅ ଆଲୁ ସ୍ୱନ୍ଦନା। ସ୍ୱନ୍ଦନାଙ୍କ ସଫଳତା ପଛରେ ନିଜର ଶ୍ରମ, ସରକାରୀ ଶିକ୍ଷକମାନଙ୍କ ନିର୍ଦ୍ଦେଶନା ଓ ପରିବାରର ସହଯୋଗକୁ ଅଗ୍ରଗଣ୍ୟ କରିଛନ୍ତି। ଉକ୍ତ ଏହି ସଫଳତା ଓଡ଼ିଆ ଛାତ୍ରଛାତ୍ରୀମାନେ କେଉଁଠି ଥିଲେ ମଧ୍ୟ ମେଧା ଓ ପ୍ରତିଭା ଦ୍ୱାରା ଆଗକୁ ଆସିପାରନ୍ତି ବୋଲି ପ୍ରମାଣ କରିଛି। ଏହି ବିଷୟକୁ ନେଇ ଆଲୁ ସ୍ୱନ୍ଦନାଙ୍କ ସହିତ ଯୋଗାଯୋଗ କରି ଭବିଷ୍ୟତରେ ତାଙ୍କର ଲକ୍ଷ୍ୟ କ'ଣ ରହିଛି ବୋଲି ପଚାରିଲା ବେଳେ ସେ କହିଛନ୍ତି ଯେ ବି ଫାର୍ମାସିଷ୍ଟ ହେବାକୁ ଚାହାଁନ୍ତି ବୋଲି କହିଛନ୍ତି।



## ଦୁଇଦିନରେ ମେସିନ୍ ସାରିଲା ମନରେଗା ରାସ୍ତାକାମ

# ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ଗଲା କେମିତି, ଭିଜିଲାନ୍ସ ତଦନ୍ତ ଦାବି

ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲାରେ ମନରେଗା ଯୋଜନାରେ ଶ୍ରମିକ ବଦଳରେ ମେସିନ ଦ୍ୱାରା କାର୍ଯ୍ୟ କରାଇବା ଏକ ପ୍ରକାର ପ୍ରଥା ସ୍ୱରୂପ ହୋଇଯାଇଥିବା ବେଳେ ଏନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଛି। ଏହା ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ବର୍ତ୍ତମାନ ମନରେଗା କାର୍ଯ୍ୟରେ ମେସିନ ଲାଗିବା ବନ୍ଦ ହେବା ବଦଳରେ ଦିନକୁ ଦିନ ବଢିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ହୋଇଥିବା ବେଳେ ଏହା କିନ୍ତୁ ନିଜର ମୂଳଲକ୍ଷ୍ୟରୁ ଓହରି ମେସିନ ମାଲିକମାନଙ୍କୁ ରୋଜଗାର ଯୋଗାଉଥିବା ଅଭିଯୋଗ ହୋଇଛି। କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଲୁଗେଲ ପଞ୍ଚାୟତ ଅନ୍ତର୍ଗତ ଏମଭି ୮୦ ଗ୍ରାମ ଠାରୁ ମଶାଣିଘାଟ ରାସ୍ତା କାମରେ। ସୂଚନା ମୁତାବକ, ଏମଭି ୮୦ ଗ୍ରାମ ଠାରୁ ମଶାଣିଘାଟ କୋଡ଼ ନମ୍ବର ୨୪୩୧୦୧୦୦୧୩/ଆରସି/୧୦୫୭୩୯୧୮ ରେ ୨୦୨୩-୨୪ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୭ ଲକ୍ଷ ୨ ହଜାର ଟଙ୍କା ବ୍ୟୟ ଅଟକଳର ରାସ୍ତା କାମ ହୋଇଛି। କିନ୍ତୁ ସ୍ଥାନୀୟ କିମ୍ବା ପଞ୍ଚାୟତ ଅନ୍ତର୍ଗତ ଶ୍ରମିକଙ୍କ ଦ୍ୱାରା ଏହି କାର୍ଯ୍ୟ କରିବା ନିୟମାବଳୀରେ ରହିଥିବା ସତ୍ତ୍ୱେ ଅତ୍ୟଧିକ ଲାଭବାନ ହେବାକୁ ଲକ୍ଷ୍ୟ ରଖି ବେଆଇନ୍ ଭାବେ ଶ୍ରମିକ ବଦଳରେ ପୋକ୍ଲିନ ମେସିନ୍ ଦ୍ୱାରା କାମ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ବିନା ଏପରି ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ସମ୍ଭବ ନୁହେଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ରାସ୍ତା କାମ ଶ୍ରମିକ ଦ୍ୱାରା ହୋଇଥିଲେ ସ୍ଥାନୀୟ ଲୋକେ ମଜୁରୀ ପାଇ ଆତ୍ମନିର୍ଭରଶୀଳ ହୋଇ ପାରିଥାନ୍ତେ, ଯାହାକି ମେସିନ୍ ଦ୍ୱାରା ମାତ୍ର ଦୁଇ ଦିନରେ କାମ ଶେଷ କରି ଠିକାଦାର ମୋଟା ଅଙ୍କର ଅର୍ଥ ଲାଭ କରିବା ଭଳି ଚିତ୍ର ସାମ୍ନାକୁ ଆସିଛି। ସବୁଠୁ ବଡ଼ କଥା, ଠିକାଦାର ମେସିନ୍ ଦ୍ୱାରା ମାତ୍ର ଦୁଇ ଦିନରେ କାମ ଶେଷ କରି ସ୍ଥାନୀୟ ଜବକାର୍ଡଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଅର୍ଥ ପଠାଇ ଲାଭବାନ ହୋଇଛନ୍ତି। ତେବେ ଏନେଇ ସମ୍ପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସୋମ୍ୟ ରଞ୍ଜନ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିବା ବେଳେ ଏ ସଂପର୍କରେ ସମ୍ପୃକ୍ତ ପଞ୍ଚାୟତର ଏଡ଼ିଇଓଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି ସୂଚନା ଦେବେ ବୋଲି କହିଛନ୍ତି। ଏହି କାମରେ ଲଗାଯାଇଥିବା ସୂଚନା ଫଳକରେ ୨୦୨୩-୨୪ଆର୍ଥିକ ବର୍ଷର କାମକୁ ୨୦୨୪-୨୫ ଲେଖା ଯାଇଥିବା ବେଳେ ଅଟକଳ ମୂଲ୍ୟ କାମ ଆରମ୍ଭ ଓ ଶେଷ ତାରିଖ ଲେଖା ଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଏଭଳି ନିର୍ଭୁଲ କାର୍ଯ୍ୟ ଫଳକରେ କିପରି ଜିଓଟେଗ କରାଯାଇ ମଜୁରି ପ୍ରଦାନ କରାଯାଇଛି। ଏହି କାମର ଭିଜିଲାନ୍ସ ତଦନ୍ତ ପାଇଁ ସାଧରଣରେ ଦାବି ହେଉଛି।



# ଚଣ୍ଡିଖୋଲ ସମାଜବିକାଶ କର୍ମଜୀବୀ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ) : ଦିନକୁ ଦିନ ବୃଦ୍ଧି ପାଉଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀମାନଙ୍କୁ ସୁସ୍ୱାଦୁ ଦହି ସରବତ ବଣ୍ଟନ ଉଦ୍ଦେଶ୍ୟରେ ବଡଚଣା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜ ବିକାଶ କର୍ମଜୀବୀ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଆଜି ଚଣ୍ଡିଖୋଲ ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଜଳଛାତ୍ର କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏହି ଜଳଛତ୍ର କେନ୍ଦ୍ରକୁ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ଓ ବିଶିଷ୍ଟ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର ମିଳିତ ଭାବେ ଶୁଭାରମ୍ଭ କରିଥିଲେ। ତିନୋଟି ଜାତୀୟ ରାଜପଥର ମିଳନସ୍ଥଳ ଚଣ୍ଡିଖୋଲ ଛକକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲୋକେ ଆସିଥାନ୍ତି। ଏଠାରେ ପାନୀୟ ଜଳର ସୁବିଧା ନଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସମାଜ ବିକାଶ କର୍ମଜୀବୀ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଖୋଲା ଯାଇଥିବା ଜଳ ଛତ୍ର କେନ୍ଦ୍ରର ସାଧୁ ଉଦ୍ୟମ ଯୋଗୁ ପଥଚାରୀମାନଙ୍କୁ ସୁସ୍ୱାଦୁ ଦହି ପ୍ରସ୍ତୁତ ସର୍ବତ ବଣ୍ଟନ କରାଯାଉଛି। ଏହି ଜଳ ଛତ୍ର କେନ୍ଦ୍ର ଆଗମୀ ଦୁଇ ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରମେଶ ଯେନା, ସ୍ମିତିପ୍ରଜ୍ଞା ବାରିକ, ସସ୍ମିତା ନାୟକ, ଶ୍ୟାମ ସୁନ୍ଦର ମଲ୍ଲିକ, ଭାଗ୍ୟଲକ୍ଷ୍ମୀ ରାଉତ, ମନୋଜ କୁମାର ସାହୁ, ଜଗତଜୀବନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଜଳଛତ୍ରକୁ ଅସ୍ଥାୟୀ ବ୍ୟବସାୟୀ ସଙ୍ଘର ସମ୍ପାଦକ ସଞ୍ଜୟ ସ୍ୱାଇଁ ସ୍ୱାଗତ କରିଛନ୍ତି।

# ଶିର୍ଲୋରେ ଝାମୁଯାତ୍ରା ମହାସମାରୋହରେ ପାଳିତ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ନିକଟସ୍ଥ ଶ୍ରୀଶ୍ରୀ ମହାପ୍ରଭୁ ବାନେଶ୍ୱର ମନ୍ଦିର ଶିର୍ଲୋ ନବଗ୍ରାମରେ ତିନିଦିନ ଧରି ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶେଷ ଦିନ ପଣା ସଂକ୍ରାନ୍ତିରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରି ମହାପ୍ରଭୁଙ୍କ ଦର୍ଶନ ସହିତ ଚଉଡଲ ଯାତ୍ରା ଓ ପନିକି ପାଟୁଆ ଦେଖିବା ପାଇଁ ରୁଣ୍ଡ ହୋଇଥିଲେ। ପାଟୁଆ ଭାବରେ ମୂଳବକ୍ତା ମଣ୍ଟୁ ରାୟ ଡାଳ ବକ୍ତା ବାବୁନି ସେନାପତି ବାଳବକ୍ତା ବାବଲୁ ସାହୁ ଓ ସହକାରୀ ପାଟୁଆ ଶଙ୍କର ଭୋଇ ହୋଇଥିଲେ। ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ ସାହାଯ୍ୟ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ଅଶ୍ୱିନି କୁମାର ସିହ୍ନା, ଗଦାଧର ସାହୁ, ଧ୍ରୁବ ମାଦେଳି, ଅରୁଣ ବୋଷ, ବାସୁଦେବ ମାଦେଳି, ହବୁ ସିହ୍ନା, ଯାତ୍ରା ପରିଚାଳନା କରିଥିଲେ। ଶେଷରେ ଯାତ୍ରା ସୁରୁଖୁରୁରେ ସମାପନ ହୋଇଥଲା। ସମସ୍ତ ଗ୍ରାମବାସୀଙ୍କ ସହିତ ବିଶେଷ କରି ରଞ୍ଜନ କୁମାର ଚକ୍ରବର୍ତ୍ତୀ ଶ୍ୟାମ ସୁନ୍ଦର ସାହୁ ଗୌରାଙ୍ଗ ମାଦେଲୀ ପ୍ରମୁଖ ସହଯୋଗ କରିଥିଲେ।

# ପତ୍ରପୁରରେ ପ୍ରସିଦ୍ଧ ଝାମୁଯାତ୍ରା

ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ପତ୍ରପୁର ପଞ୍ଚାୟତ ହିନ୍ଦୁ ନବବର୍ଷ ମହାବିଷୁବ ପଣା ସଂକ୍ରାନ୍ତି ଉପଲକ୍ଷେ କାକଟପୁର ମଙ୍ଗଳା ପୀଠ ପତ୍ରପୁର ଦ୍ୱାରା ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଇଥିଲା। ପ୍ରଥମଦିନ ଅଙ୍କୁରରୋପଣ ପରେ କଳସ ଯାତ୍ରା ଓ ଗୀତାଯଜ୍ଞ ସହିତ ଆଜି ଚଣ୍ଡୀପାଠ ଏବଂ ଯଜ୍ଞ ପୂର୍ଣ୍ଣାହୁତି ହୋଇ ଆଜି ପୁରସ୍କାରଣ ଦିବସରେ ବହୁ ଶ୍ରଦ୍ଧାଳୁଙ୍କ ଗହଣରେ ବ୍ରତଧାରୀ କାଳିସୀ ବ୍ରାହ୍ମଣୀ ନଦୀରୁ ଜଳ ଆଣିବା ପରେ ଡହଡହ ନିଆଁରେ ଖାଲି ପାଦରେ ଚାଲି ଯିବାର ଦୃଶ୍ୟକୁ ପ୍ରତିକୂଳ ପାଣିପାଗ ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତିର ସହିତ ଉପଭୋଗ କରିଥିଲେ। ଆଳି ଅଞ୍ଚଳ ପାଇଁ ଏଭଳି ଏକ ନିଆରା ପରମ୍ପରା ପ୍ରଥମ କରି ହେଉଥିବାରୁ ଭକ୍ତମାନଙ୍କ ମନରେ ଉନ୍ମାଦନା ସୃଷ୍ଟି କରିପାରିଛି। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାକଟପୁର ମଙ୍ଗଳା କମିଟି ପତ୍ରପୁରର ସଦସ୍ୟମାନେ ପରିଚାଳନା କରିଥିଲେ। ପାଗର ପ୍ରତିକୂଳ ପରିସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିଲା।



# ଜଗତସିଂହପୁର ଜିଲ୍ଲା କଂଗ୍ରେସର ବିଶାଳ ମଶାଲ ଶୋଭାଯାତ୍ରା

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଆଜି ସଂଧ୍ୟା ୭ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ (ଟାଉନ ହଲ୍ ଛକ) ଠାରୁ ଆରମ୍ଭ ହୋଇ ବଜାର ପରିକ୍ରମା କରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ବ୍ଲକ ଓ ନଗର କଂଗ୍ରେସ କମିଟି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମସାଲ ଶୋଭାଯାତ୍ରାରେ ଜଗତସିଂହପୁର ନିର୍ବାଚନମଣ୍ଡଳୀ ନେତା ପ୍ରତିମା ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ରବିନ୍ଦ୍ର ଦାସ, ସର୍ବେଶ୍ୱର ପଣ୍ଡା, ସରପଞ୍ଚ ପ୍ରମୋଦ ସାହୁ, ହେମନ୍ତ ମଲ୍ଲିକ, ଦିପ୍ତି ରଞ୍ଜନ ତାରେଣିଆ, ସେଖ୍ ହେଦାୟତ ଅଲ୍ଲୀ, ଭାସ୍କର ମଲ୍ଲିକ, ଡ଼ ଜଗଦାନନ୍ଦ ବେହେରା, ଅମୂଲ୍ୟ ବିଶ୍ୱାଳ, ଉମେଶ ସ୍ୱାଇଁ, ଅନୀକାନ୍ତ ମହାରଣା, ପୁଷ୍ପରାଜ ତ୍ରିପାଠୀ, ସୂର୍ଯ୍ୟକାନ୍ତ ସାହୁ, ସୁକଦେବ ବେହେରା, ରବିନ୍ଦ୍ର ଆର୍ଚାଯ୍ୟ, ବାପୁ ରାୟ, କୃଷ୍ଣଚନ୍ଦ୍ର ପ୍ରଧାନ, ଆର୍ଶୀବାଦ ତ୍ରିପାଠୀ, ନିମାଇଁ ଚରଣ ଦାସ, ପିତବାସ ରାଉତ, ତୁଷାର ପରିଡ଼ା, ସ୍ୱରୂପ କାନୁନଗୋ,ଅଭୟ କୁମାର ଷଡଙ୍ଗୀ, ତ୍ରିପୁରେଶ୍ୱର ମଲ୍ଲିକ, ପ୍ରଶାନ୍ତ କୁମାର ନାଥ, ପ୍ରଣବ ମହାପାତ୍ର, ସୁକାନ୍ତ ମହାପାତ୍ର, ମନୋଜ ମହାପାତ୍ର, ଜ୍ଞାନ ରଞ୍ଜନ ଜେନା, ରମେଶ ବିଶ୍ୱାଳ, ଧର୍ମାନନ୍ଦ ବିଶ୍ୱାଳ, ରାଜକିଶୋର ସାହୁ, ଶିବାଶିଷ ତ୍ରିପାଠୀ, ସୁବ୍ରତ ପଣ୍ଡା, ସୁକଦେବ ତ୍ରିପାଠୀ, ଅମିୟ ରଥ, ସଂଦିପ ସ୍ୱାଇଁ, କାହ୍ନୁଚରଣ ରାଉତ, ଅକ୍ଷୟ କୁମାର ଜେନା ପ୍ରମୁଖ ସାମିଲ୍ ହୋଇଥିଲେ। ଆଜି ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକରେ ନାରୀ ନିର୍ଯାତନା ପ୍ରତିବାଦରେ ମସାଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# କଳାଙ୍ଗ ବଜାର କମିଟି ପକ୍ଷରୁ ଜଳଛତ୍ର




ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ନଜର ରଖି ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାଙ୍ଗ ବଜାର କମିଟି ପକ୍ଷରୁ ଆରମ୍ଭ ହୋଇଛି ଜଳଛତ୍ର କେନ୍ଦ୍ର। କଳାଙ୍ଗ ଠାରେ ଖଣ୍ଡପଡା ଓ ୫୭ ନଂ ଜାତୀୟ ରାଜ ସଂଯୋଗ ମୁଖ୍ୟ ଛକଠାରେ ପଥଚାରୀଙ୍କୁ ଥଣ୍ଡା ପାଣି, ଦହିପାଣି ଓ ଲେମ୍ବୁପାଣି ବଣ୍ଟନ କରାଯାଉଛି। କଳାଙ୍ଗ ବଜାର କମିଟି ସଦସ୍ୟମାନେ ନିଜର ହାତ ପାଣ୍ଠିରୁ ଏଭଳି ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ପ୍ରୟାସ ଜାରି ରଖିଥିବାବେଳ ଗ୍ରୀଷ୍ମ ଋତୁ ଶେଷ ଯାଏ ପାନୀୟ ଜଳ ବଣ୍ଟନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଜଳଛତ୍ର ବଣ୍ଟନ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ପ୍ରଭାତ ସ୍ୱାଇଁ, ସୋମନାଥ ମହାରଣା, ସଂଗ୍ରାମ କେଶରୀ ସାହୁଙ୍କ ସମେତ ବଜାର କମିଟି ସଦସ୍ୟମାନେ ସହଯୋଗ କରିଥିବା ବେଳେ କଳାଙ୍ଗ ଗ୍ରାମର ଯୁବ ଗୋଷ୍ଠୀମାନେ ଉପସ୍ଥିତ ଥିଲେ।

# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ

ବେତନଟୀ (ଭାସ୍କର ନ୍ୟୁଜ୍) : ବେତନଟୀ ଏମପିସି ହାଇସ୍କୁଲରେ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଏକ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ବେତନଟୀ ଦମକଳ କେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇ ହାଇସ୍କୁଲରେ ପହଞ୍ଚି ଆକସ୍ମିକ ଅଗ୍ନିକାଣ୍ଡ ସମେତ ବନ୍ୟାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଖପାଖରେ ଉପଲବ୍ଧ ଘର ଉପକରଣର ସଠିକ ବ୍ୟବହାର ଦ୍ୱାରା ନିଜର ଏବଂ ଅନ୍ୟମାନଙ୍କର ଧନଜୀବନର ସୁରକ୍ଷା କରାଯାଇ ପାରିବ ସେନେଇ ବିଭିନ୍ନ କୌଶଳ ମକ୍‌ଡ୍ରିଲ୍ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଆଗ୍ନିକ ଜଗନ୍ନାଥ ଗିରି, ଆଗ୍ନିକ ଅଜୟ କୁମାର ସାହୁ, ଡ୍ରାଇଭର ହାବିଲଦାର ଛବିଳ ବେହେରା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ମକ୍‌ଡ୍ରିଲ୍ ମାଧ୍ୟମରେ ବିଭିନ୍ନ ଅତ୍ୟାବଶ୍ୟକ କୌଶଳ ପ୍ରଦର୍ଶନ ପୂର୍ବକ ସଚେତନ କରାଇଥିଲେ। ପରିଚାଳନାରେ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।

# ନାବାଳିକାର ଅଶ୍ଳୀଳ ଭିଡ଼ିଓ ଭାଇରାଲ୍, ଯୁବକ କୋର୍ଟ ଚାଲାଣ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ଜଣେ ନାବାଳିକାକୁ ଯୌନ ଉତ୍ପୀଡ଼ନ ଦେଇ ତା'ର ଅଶ୍ଳୀଳ ଭିଡ଼ିଓ ଭାଇରାଲ କରିବା ଅଭିଯୋଗରେ ମଙ୍ଗଳବାର ଜନୈକ ଯୁବକଙ୍କୁ ବାଲିଚନ୍ଦ୍ରପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡ଼ିତାଙ୍କ ପରିବାର ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହେଲା ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଗଣିଆ ଥାନା ଅଞ୍ଚଳର କାର୍ତ୍ତିକ ନାୟକ ନାମକ ଯୁବକଙ୍କୁ ଗିରଫ କରି ବାଲିଚନ୍ଦ୍ରପୁର ଥାନାକୁ ଆଣିଥିଲା। ଅଭିଯୋଗ ଆଧାରରେ ଥାନା କେସ୍ ନଂ.୧୭୫/୨୫ରେ ପୋକ୍ସୋ ଆଇନ ଏବଂ ଅନ୍ୟାନ୍ୟ ଦଫାରେ ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସମରଜିତ୍ ସୂଚନା ଦେଇଛନ୍ତି।




# ଝାମୁଯାତ୍ରାରେ ବିଭିନ୍ନ ସଂଗଠନ ପକ୍ଷରୁ ସେବା କାର୍ଯ୍ୟ ଯୋଗାଣ

କାକଟପୁର, (ଭାସ୍କର ନ୍ୟୁଜ୍ ) : ଆଜି ଥିଲା ବୈଶାଖ ମାସ ପ୍ରଥମ ମଙ୍ଗଳବାର ବା ପୁରୀଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମଙ୍ଗଳାଙ୍କ ଶେଷ ପାଳି ଝାମୁଯାତ୍ରା। ଏହି ଅବସରରେ ରାଜ୍ୟ ତଥା ରାଜ୍ୟବାହାରୁ ମାତୃଭକ୍ତମାନଙ୍କ ସୁଅ ଛୁଟିଥିଲା କାକଟପୁରକୁ। ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଭକ୍ତମାନେ ଚାଲି ଚାଲି ମା'ଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା ନିମନ୍ତେ ମନ୍ଦିରକୁ ଧାଡିରେ ଯାଇ ଦର୍ଶନ କରିଥିଲେ। ପବିତ୍ର ଝାମୁଯାତ୍ରାରେ ଶ୍ରଦ୍ଧାଳୁମାନଙ୍କୁ ସେବା ଯୋଗାଇ ଦେବା ପାଇଁ କାକଟପୁର କଲେଜ ଛକ ଠାରେ ସ୍ଥାନୀୟ ଠିକାଦାର ସଂଘ ପକ୍ଷରୁ ଇଂ ଦୀପକ ପରିଡାଙ୍କ ତତ୍ତ୍ୱାବଧାନରେ ଦହିପାଣି ବଣ୍ଟନ, ସାଇବାବା ଜଗତ କଲ୍ୟାଣ ମିଶନ ଟ୍ରଷ୍ଟ ପକ୍ଷରୁ ଶ୍ରୀଧର ସାହୁ ଓ ସାଥିମାନଙ୍କ ସହ ଦହି ପାଣି ବଣ୍ଟନ, ବିଜେଡି କାର୍ଯ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କାକଟପୁର ଥାନା ସାମ୍ନାରେ କେବିଇଏମ ସ୍କୁଲ, କାକଟପୁର ଗ୍ରାମ ପଞ୍ଚାୟତ ପକ୍ଷରୁ ଦହିପାଣି ବଣ୍ଟନ, ଆମ ଆଦିମ୍ ପାର୍ଟି ପକ୍ଷରୁ ସୋନାଲି, ସଂଜୀବ, ସତ୍ୟଜିତ, ରବୀନ୍ଦ୍ର, ରମାକାନ୍ତ, ରମେଶ, ସୂର୍ଯ୍ୟନାରାୟଣ, ମଙ୍ଗୁଳି, ଉମାକାନ୍ତ, ଦୁଷ୍ମନ୍ତ, ବାଦଲ, ସନ୍ଦୀପ, ପ୍ରବେଶ, ଦେବଯୁଗ ପରିବାର ପକ୍ଷରୁ ସୀତୁ, ଜିତେନ୍ଦ୍ର, ନିରାକାର, ଦେବୁପ୍ରସାଦ, ସୌମେନ୍ଦ୍ର, ଅକ୍ଷୟ ପ୍ରମୁଖ ଦହିପଣା ବଣ୍ଟନ କରିଥିଲେ। ରମୁ ଭାଇଙ୍କ ତତ୍ତ୍ୱାବଧାନରେ ସମ୍ପଦ ପଣ୍ଡା, ପ୍ରଫୁଲ ରଥ, ପ୍ରସନ୍ନ ପ୍ରହରାଜ ସହଯୋଗରେ ଦହିପାଣି ସେବା, ନୀଳାଦ୍ରୀ ଗ୍ରୁପ ପକ୍ଷରୁ ଖେଚୁଡ଼ି ଡାଲମା ବଣ୍ଟନ, ପ୍ରାଚୀ ଯୁବ ସାମାଜିକ ଓ ରାମକୃଷ୍ଣ ଶିଶୁମନ୍ଦିର, ମା' ମଙ୍ଗଳା ଡ୍ରାଇଭର ମହାସଂଘ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# କଂଗ୍ରେସର ମଶାଲ ଶୋଭାଯାତ୍ରା

ଗୋପ (ଭାସ୍କର ନ୍ୟୁଜ୍ ) : ଗୋପ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାକାଟପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯୁବନେତା ବିଶ୍ୱ ଭୂଷଣ ଦାସଙ୍କ ନେତୃତ୍ୱ ଏବଂ ଜିତେନ୍ଦ୍ର ସାହୁ (ବୁଟୁ)ଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ଗୋପ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରୁ ବାହାରି ହାତରେ ଫ୍ଲାଗକାର୍ଡ ଧରି ବିଜେପି ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି କରି ଗୋପ ଥାନା ନିକଟରେ ପହଞ୍ଚିଥିଲେ। ସାରା ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଛାତ୍ରୀ ଧର୍ଷଣ ଏବଂ ନାରୀ ସମାଜ ଉପରେ ଚାଲିଥିବା ଅତ୍ୟାଚାର ପାଇଁ ନାରୀମାନଙ୍କୁ ସୁରକ୍ଷା ଦାବିରେ କଂଗ୍ରେସ ପକ୍ଷରୁ ଏହି ଶୋଭାଯାତ୍ରା କରାଯାଇଥିଲା। ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ନେଇ ଏହି ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଥାନା ନିକଟରେ ପହଞ୍ଚିବା ପରେ ସେଠାରେ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ଏହି ସଭାରେ ବ୍ଲକ ସଭାପତି ପୂର୍ବତନ ସରପଞ୍ଚ ଭାସ୍କର ସେଠ୍ କହିଥିଲେ ଯଦି ସରକାରଙ୍କ ପକ୍ଷରୁ ନାରୀ ନିର୍ଯାତନାକୁ ରୋକା ନଯାଏ ଏବଂ ଅହେତୁକ ଭାବେ ବୃଦ୍ଧି ପାଉଥିବା ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍‌କୁ ନିୟନ୍ତ୍ରଣ ନକରାଯାଏ ତେବେ ଆଗାମୀ ଦିନରେ ଜାତୀୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ ତୀବ୍ରତର କରିବ। ଏହି ମଶାଲ ଶୋଭାଯାତ୍ରାରେ ଯୁବନେତା ବିଷ୍ଣୁ ଦାସ, ମଦନ ମୋହନ ହାଜରା, ବିଚିତ୍ରାନନ୍ଦ ପ୍ରଧାନ, ଭଗବାନ ବେହେରା, ରମେଶ ଚନ୍ଦ୍ର ବେହେରା, ଦେଶ ଲେଙ୍କା, ପ୍ରତାପ ରାଉତ, ଚନ୍ଦ୍ରକାନ୍ତ ସାହୁ, ରବିନ୍ଦ୍ର ମିଶ୍ର, ରଜନୀକାନ୍ତ ପଣ୍ଡା, ରାକେଶ ସେଠୀ ପ୍ରମୁଖଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।



# ଭାଗିରଥି ସାଗର ସୁରକ୍ଷାପାଇଁ ଅଣ୍ଟା ଭିଡିଲେ ସହରବାସୀ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଜିଲ୍ଲାର ଐତିହ୍ୟର ସୁରକ୍ଷା ପାଇଁ ଢେଙ୍କାନାଳ ସହରର ଶତାଧିକ ଅଧିବାସୀ ପୋଖରୀ ସୁରକ୍ଷା ସମିତି ସଭାପତି ତଥା ପୂର୍ବତନ ନଗରପାଳ ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଭାଗିରଥି ସାଗର କୂଳରେ ବସି ସୁରକ୍ଷା ପାଇଁ ଆଲୋଚନା ହୋଇଥିଲା। ସମସ୍ତଙ୍କର ଗୋଟିଏ ନାରା ପୋଖରୀର ଜଳଧାରଣ କ୍ଷମତା କମ୍ କରାନଯାଉ। ପୌରପରିଷଦର ଏପରି ପୋଖରୀ ପୋତିବା କାର୍ଯ୍ୟ ବିରୁଦ୍ଧରେ ଅଣ୍ଟାଭିଡିଲେ ଢେଙ୍କାନାଳ ସହରବାସୀ। ପ୍ରକାଶ ଥାଉକି ସହରର ଅନେକ ପୋଖରୀର ପଙ୍କ ଉଦ୍ଧାର ନାମରେ ପୋଖରୀ ପୋତି ଜଳ ଧାରଣ କ୍ଷମତାକୁ କମ୍ କରିଦିଆଗଲା। ସ୍ଥାନୀୟ ବାସିନ୍ଦାମାନେ ବିରୋଧ କରିବା ସତ୍ତ୍ୱେ ପୌରପାଳିକା ଶୁଣିନଥିଲା। ଏହି କ୍ରମରେ ଭାଗିରଥି ସାଗରର ପଙ୍କ ଉଦ୍ଧାର ଗତ ଦୁଇ ବର୍ଷ ହେଲା ଚାଲିଛି। ଏହି ପ୍ରଚଣ୍ଡ ଗ୍ରୀଷ୍ମରେ ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀମାନେ ବି ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଭାଗିରଥି ସାଗରର ପଙ୍କ ମାଟି ପୋଖରୀ ଚତୁଃପାର୍ଶ୍ୱରେ ଆଉ ଗୋଟିଏ ହୁଡ଼ା ନଦେଇ ତୁରନ୍ତ ବାହାରକୁ ନିଷ୍କାସନ କରାଯାଇ ପୋଖରୀ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ। ଏ ସମ୍ପର୍କରେ ସୁରକ୍ଷା ସମିତି ଗତ ଦୁଇବର୍ଷ ହେଲା ଅନୁରୋଧ କରିଆସୁଛି। ଆଜିର ବୈଠକରେ ନିଷ୍ପତ୍ତି ନିଆଗଲା ଯେ ଜିଲ୍ଲାର ଐତିହ୍ୟର ସୁରକ୍ଷା ପାଇଁ ଆସନ୍ତା ୧୯ତାରିଖରେ ପୁନର୍ବାର ଜିଲ୍ଲା ଓକିଲ ସଙ୍ଘ, ସାମ୍ବାଦିକ ସଙ୍ଘ, ସମସ୍ତ ରାଜନୈତିକ ଦଳ, ସାଂସଦ, ପୂର୍ବତନ ସାଂସଦ, ବିଧାୟକ, କାଉନସିଲର, ସମସ୍ତ ପୂଜା କମିଟି ଓ ଅନୁଷ୍ଠାନମାନଙ୍କୁ ନେଇ ଭାଗିରଥି ସାଗର ଭିତରେ ବୈଠକ କରାଯିବ। ସେହି ବୈଠକରେ ପୋଖରୀର ରୂପରେଖ କେମିତି ହେବ ତାହା ନିଷ୍ପତ୍ତି କରାଯିବ ଏବଂ ରାଷ୍ଟ୍ରୀୟ ସବୁଜ ଟ୍ରିବୁନାଲ (NGT)ର ଆଶ୍ରୟ ମଧ୍ୟ ନିଆଯିବ। ଏହି ବୈଠକରେ ଉପସ୍ଥିତ ଆବାହକ ପ୍ରଶାନ୍ତ ମିଶ୍ର, ସମ୍ପାଦକ ଅଶୋକ ସ୍ୱାଇଁ, ଉପସଭାପତି ଉଦୟନାଥ ବେହେରା, ମନ୍ମଥ ରାଓ, ଗୋବିନ୍ଦ ସେନାପତି, ଭରତ ଦାସ, ବିକାଶ ସ୍ୱାଇଁ, କିଶୋର ବେହେରା, ସ୍ମିତାରାଣୀ ସାମଲ, ବାସନ୍ତୀ ସ୍ୱାଇଁ, ଅଶ୍ୱିନୀ ଜେନା, ଗୋକୁଳାନନ୍ଦ ମାଝୀ, ଅବିନାଶ ସାହୁ, ସୌମ୍ୟବ୍ରତ ସାହୁ, ବ୍ରଜମୋହନ ସାହୁ, ନୀରଜକାନ୍ତ ରଥ, ଶେଖର ସେଠୀ ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗଦେଇ ନିଜ ନିଜ ମତାମତ ଦେଇଥିଲେ। ଶେଷରେ ଦିଲ୍ଲୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।



# ବିଜେଡିର ପ୍ରତିବାଦ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ପାଟଣାଗଡ ଠାରେ ଦୁର୍ବୃତ୍ତମାନେ ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଜାଳିଦେବା ଘଟଣାକୁ ନେଇ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆଜି ନିଶ୍ଚିନ୍ତକୋଇଲି ବଜାରରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ସ୍ଥାନୀୟ ବିଜୁ ଜନତା ଦଳର ସକ୍ରୀୟ କର୍ମୀମାନେ ନାରାବାଜି କରିବା ସହ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ପଣ୍ଡା, ଯୁବନେତା ଅନନ୍ତ କୁମାର ସେଠୀ, ଜ୍ୟୋତି ପ୍ରକାଶ ସ୍ୱାଇଁ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ବେହେରା, ସରପଞ୍ଚ ପ୍ରଦୀପ୍ତ କୁମାର ପରିଡା, ସମାଜସେବୀ ନିତ୍ୟାନନ୍ଦ ସେଠୀ, ସମିତି ସଭ୍ୟ ପ୍ରଦୋଷ କୁମାର ସାହୁ, କୈଳାସ ଚନ୍ଦ୍ର ସାମନ୍ତରାୟ, ପ୍ରଦୋଷ ଚାନ୍ଦ ପ୍ରମୁଖ ବହୁ ବିଜେଡି କର୍ମୀ ଅଂଶଗ୍ରହଣ କରି ଏହାର ଦୃଢ଼ ପ୍ରତିବାଦ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟ କଲେଜରେ ଉଚ୍ଚ ଶିକ୍ଷା ବିଭାଗର ଭିତିଭୂମି ବିକାଶ ସହାୟତା ଯୋଜନାର ଆର୍ଥିକ ସାହାଯ୍ୟରେ ନିର୍ମିତ ହୋଇଥିବା ପି.ଜି ଏକାଡେମିକ୍ ବ୍ଲକ୍ ଉଦ୍‌ଘାଟିତ ହୋଇଯାଇଛି । କଟକ ମହାନଗର ନିଗମର କମିଶନର ଅନାମଚରଣ ପାତ୍ର ନବ ନିର୍ମିତ ଏହି ବ୍ଲକ୍‌କୁ ଉଦ୍‌ଘାଟନ କରି କହିଲେ ଯେ, କଟକ ସହରରେ ସ୍ନାତକୋତର ଶିକ୍ଷା ପାଇଁ ଆଗ୍ରହୀ ବିଦ୍ୟାର୍ଥୀମାନଙ୍କ ନିମିତ ଏକ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି ହେଲା । ଏଠାରେ ସୂଚନାଯୋଗ୍ୟ ଯେ, ଖ୍ରୀଷ୍ଟ କଲେଜରେ ଆରମ୍ଭ ହୋଇଥିବା ଉଦ୍ଭିଦ ବିଜ୍ଞାନ, ପ୍ରାଣୀବିଜ୍ଞାନ, ରସାୟନ ବିଜ୍ଞାନ, ଶିକ୍ଷା, ବାଣିଜ୍ୟ, ରାଜନୀତି ବିଜ୍ଞାନ ବିଷୟରେ ସ୍ନାତକୋତର ପାଠ୍ୟକ୍ରମର ଭିତିଭୂମି ସୁଦୃଢ଼ ହେଲା । ଏହି ଉତ୍ସବରେ ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର, ସମ୍ପାଦକ ଶୁଭାଶିଷ ସାହୁ, ଅଧକ୍ଷା ମଧୁମିତା ପାତ୍ର, ପରିଚାଳନା ସମିତି ସଦସ୍ୟ ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ଶିକ୍ଷକ ପ୍ରତିନିଧି ଡଃ ଦେବଯାନୀ ଦାଶ, ସୁମନ ରଏ, ଉପାଧକ୍ଷା ଡଃ କ୍ଷଣପ୍ରଭା ନନ୍ଦ, ପ୍ରାଧାପକ ଶୋଭନ ପଣ୍ଡା, ଡଃ ଅଶୋକ କୁମାର ସାହୁଙ୍କ ସମେତ କଲେଜର ଅଧାପକ ଅଧାପିକ, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।



### କଲେଜ୍ ଅଫ ବେସିକ୍ ସାଇନ୍ସ ଆଣ୍ଡ୍ ହ୍ୟୁମାନିଟିଜର ହୀରକ ଜୟନ୍ତୀ

## ଛାତ୍ର ସମାଜ ମାନବିକ ମୂଲ୍ୟବୋଧର ଆଲୋକବର୍ତ୍ତିକା ହେବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ସମୟ ପାଇଁ ଅଧ୍ୟାପକ, ଛାତ୍ର ଓ ପୂର୍ବତନ ଛାତ୍ର ସମାଜ ଶୈକ୍ଷିକ ଉତ୍କର୍ଷତା, ବୈଜ୍ଞାନିକ ଭାବନା ଏବଂ ମାନବିକ ମୂଲ୍ୟବୋଧର ଆଲୋକବର୍ତ୍ତିକା ହେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି । ବୁଧବାର ଓୟୁଏଟି (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ)ର କୃଷି ଶିକ୍ଷା ସଦନ ଅଡିଟୋରିୟମଠାରେ ଓୟୁଏଟି ଅଧିନସ୍ଥ କଲେଜ୍ ଅଫ ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍‌ର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ ୬୦ ବର୍ଷ ଧରି ବିଜ୍ଞାନ ଏବଂ ଅନ୍ୟାନ୍ୟ ମୌଳିକ ବିଷୟଗୁଡ଼ିକ ଯୁବମାନସରେ ପ୍ରତିଫଳିତ କରାଇବାରେ ଏହି



ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହା ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ଶୈକ୍ଷିକ ଭିତିଭୂମି ସ୍ଥାପନ କରିଛି, ଯେଉଁମାନେ ଗବେଷଣା, ଶିକ୍ଷାଦାନ, ପ୍ରଶାସନ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ଅବଦାନ ରଖିଛନ୍ତି । ଛଅ ଦଶନ୍ଧିର ଯାତ୍ରା କେବଳ ପାଳନ ପାଇଁ ମାଇଲଖୁଣ୍ଟି ନୁହେଁ, ବରଂ ଦେଶ ପାଇଁ ସାମଗ୍ରିକ ମାନବ ସମ୍ବଳ ଗଠନ କରିବାରେ ମୌଳିକ ବିଜ୍ଞାନ ଏବଂ ମାନବିକତାର ପ୍ରାସଙ୍ଗିକତାର ଉଦାହରଣ । ବର୍ତମାନ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ଉନ୍ନତି ଯୁଗରେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ବଢୁଥିବା ସମସ୍ୟା ଦୃଷ୍ଟିରୁ ଏକ ସୁସଂଗତ, ସୁଚିନ୍ତିତ ଏବଂ ନୈତିକତାଯୁକ୍ତ ମାନବ ସମ୍ବଳର ଆବଶ୍ୟକତା ବଢ଼ିଯାଇଛି । ଉକ୍ତ କଲେଜ ଏହାର ଶିକ୍ଷାଗତ ମାନଦଣ୍ଡକୁ ନିରନ୍ତର ଭାବେ ଉନ୍ନତି କରି ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁସନ୍ଧାନ, ପରୀକ୍ଷଣ ଏବଂ ଅନ୍ୱେଷଣ ମନୋଭାବକୁ ପ୍ରୋତ୍ସାହିତ କରି ଆବଶ୍ୟକତାକୁ ପୂରଣ କରିବା ଦିଗରେ ଆଗେଇ ଚାଲିଛି ବୋଲି ରାଜ୍ୟପାଳ କହିଥିଲେ । ଓୟୁଏଟିର ଭାଇସ୍ ଚାନସେଲର ପ୍ରଫେସର ପ୍ରଭାତ କୁମାର ରାଉଳ ବକ୍ତବ୍ୟ ପ୍ରଦାନ କରି ଓୟୁଏଟି ଅର୍ନ୍ତଗତ କଲେଜ୍ ଅଫ୍ ବେସିକ୍ ସାଇନ୍ସ ପ୍ରତିଷ୍ଠାର ଇତିବୃତି ଓ କ୍ରମ ବିକାଶ ସଂପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ନନ୍ଦିତା ସ୍ୱାଇଁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହୀରକ ଜୟନ୍ତୀ ପାଳନ କମିଟିର ଆବାହକ ନିଶିକାନ୍ତ ରାଜ୍ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ ଏବଂ ଶେଷରେ ଛାତ୍ର କମିଟିର ଉପଦେଷ୍ଟା ଡ. ପି.କେ. ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

### ୮୦ ବର୍ଷୀୟ ବୃଦ୍ଧାଙ୍କୁ ବଳାତ୍କାର ମାମଲା

## ଆସାମୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର କରିବା ଘଟଣାରେ ଆଗତ ମାମଲାର ଶୁଣାଣି କରି କଟକର ଅଧିକ ଅତିରିକ୍ତ ଜିଲ୍ଲା ଏଣ୍ଡ ସେସନ୍ (ଫାଷ୍ଟ୍ରାକ୍ ସ୍ପେଶାଲ୍ କୋର୍ଟ-୨) ଆସାମୀ ଜେଲା ସରକାରଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଆସାମୀ ଜେଲା ସରକାର (୩୫)ର ଘର କ୍ୟାଣ୍ଟନ୍‌ମେଣ୍ଟ ଥାନା ଅଧିନସ୍ଥ କଳ୍ପିକାର ପେନ୍‌ସନ୍ ଲେନ୍ ଅଞ୍ଚଳରେ । କୋର୍ଟ ଏପରି ଘଟଣାରେ ଆସାମୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେବା ସହିତ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ଜରିମାନା ନ ଦେଇପାରିଲେ ଆସାମୀଙ୍କୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଗତ ୨୦୨୨ ମସିହା ଡିସେମ୍ବର ୧୨ ତାରିଖରେ ଘଟଣା ଘଟିଥିଲାବେଳେ ଏ ସମ୍ପର୍କରେ ୨୦୨୨ ମସିହା ଡିସେମ୍ବର ୧୫ ତାରିଖରେ ଥାନାରେ ଏତଲା ରୁଜୁ କରାଯାଇଥିଲା ।

## ଓୟୁଏଟିର ଶୈକ୍ଷିକ ସଂଗ୍ରହାଳୟ ପରିଦର୍ଶନ କଲେ ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ବୁଧବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି ଏବଂ ଏହି ଅବସରରେ ଓୟୁଏଟିର ବିଭିନ୍ନ କାର୍ଯ୍ୟଧାରା ସଂପର୍କରେ ସମୀକ୍ଷା କରିଛନ୍ତି । ରାଜ୍ୟପାଳଙ୍କ ଏହି ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ଥିଲେ । ପ୍ରାରମ୍ଭରେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସଂପ୍ରସାରଣର ପ୍ରଗତି ଏବଂ ଦେଶ ବିଦେଶରେ ବିଭିନ୍ନ ଶିକ୍ଷା ଏବଂ ଗବେଷଣା ଅନୁଷ୍ଠାନ ସହିତ ଓୟୁଏଟିର ସଂପର୍କ, ସମନ୍ୱୟ ଓ ଭାଗିଦାରୀ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉନ୍ନତି ତଥା ରାଜ୍ୟରେ କୃଷି ଓ କୃଷକମାନଙ୍କର ଉନ୍ନତି ପାଇଁ ନିଆ ଯାଉଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ । ବିଭିନ୍ନ ପ୍ରସଙ୍ଗରେ ରାଜ୍ୟପାଳ ସମୀକ୍ଷା କରିବା ଅବସରରେ ଓୟୁଏଟି ବୈଜ୍ଞାନିକମାନଙ୍କ ସାମାଜିକ ଦାୟିତ୍ୱବୋଧ ସଂପର୍କରେ ଗୁରୁତ୍ୱାରୋପ କରିବା ସହ ବିକଶିତ ଭାରତ ନିର୍ମାଣରେ ବିକଶିତ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ । ରାଜ୍ୟକୁ ମାଛ, ଅଣ୍ଡା ଆଦି ଖାଦ୍ୟ ପଦାର୍ଥ ଉତ୍ପାଦନ ସହିତ ଡ଼ାଲି ଏବଂ ତୈଳବୀଜ ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି କରି ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଓୟୁଏଟି ପଦକ୍ଷେପ ନେବା ସହ ଗବେଷଣା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଓୟୁଏଟିର ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ତଥା ବିଭିନ୍ନ କ୍ଷେତ୍ରରେ ଏହି ଅନୁଷ୍ଠାନରୁ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କର ସଫଳତାରେ ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ ।

## ଉଦ୍ଧାର ହୋଇଥିବା ଶିଶୁପୁତ୍ରକୁ ମିଳିବ ମିଶନ ବାତ୍ସଲ୍ୟ ଯୋଜନାର ଲାଭ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ରାତିରେ ଭୁବନେଶ୍ୱର ସ୍ଥିତ ରାମମନ୍ଦିର ପରିସରରୁ ଅପହୃତ ହୋଇଥିବା ଦେଢ଼ ବର୍ଷୀୟ ଶିଶୁକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଏହି ନିରୀହ ଶିଶୁକୁ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇ କହିଛନ୍ତି ଯେ, ଅପହୃତ ହୋଇଥିବା ଶିଶୁ ମାଆ କୋଳକୁ ଫେରିଛି । ଏବେ ଏହି ଶିଶୁକୁ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ସହାୟତା ମିଳିବ । ମହିଳା ଏବଂ ଶିଶୁ ବିକାଶ ବିଭାଗ ଶୀଘ୍ର ପଦକ୍ଷେପ ନେବେ । ରାଜ୍ୟ ସରକାର ଶିଶୁର ସୁରକ୍ଷା ଓ କଲ୍ୟାଣକୁ ପ୍ରାଥମିକତା ଦେଇ ଏଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି ।

## ୱାକଫ୍ ବୋର୍ଡକୁ ଜମି ଲୁଣ୍ଠନର ଲାଇସେନ୍ସ ଦେଇଥିଲା କଂଗ୍ରେସ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏପ୍ରିଲ ୨ରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସାଂସଦରେ ୱାକଫ ବିଲ୍ ପାରିତ ହୋଇଛି । ଏହି ବିଲ୍ ପାରିତ ହେବା ଫଳରେ ୱାକଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତିକୁ ରକ୍ଷା କରାଯାଇ ପାରିବ । ୱାକଫ୍ ବିଲ୍ ପାରିତ ହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢିପାରିବେ । ଓଡିଶା, ମହାରାଷ୍ଟ୍ର, ତେଲେଙ୍ଗାନା, ଗୁଜୁରାଟ, ଝାଡଖଣ୍ଡ ଭଳି ଜନଜାତିବହୁଳ ରାଜ୍ୟବାସୀମାନେ ବିଶେଷ ଲାଭାନ୍ୱିତ ହେବେ । ଏହି ସଂଶୋଧନ ବିଲ୍ ବିଷୟରେ ବୁଝାଇବାକୁ ଲୋକଙ୍କ ପାଖକୁ ବିଜେପି ଯିବ ବୋଲି ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷ ସମୀର ଓରାମ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଓଡିଶାର ୩୩ଟି ଜନଜାତି ବହୁଳ ବିଧାନସଭା ମଣ୍ଡଳୀ ସମେତ ରାଜ୍ୟବ୍ୟାପୀ ଜନଜାଗରଣ ସୃଷ୍ଟି କରାଯିବ । ୨୦ ଏପ୍ରିଲରୁ ୫ ମେ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଶ୍ରୀ ଓରାମ୍ କହିଛନ୍ତି । ଶ୍ରୀ ଓରାମ କହିଛନ୍ତି ଯେ, ୱାକଫ ଅଧିନରେ ପର୍ଯ୍ୟାପ୍ତ ପରିମାଣର ସମ୍ପତି ଥାଇ ମଧ କଂଗ୍ରେସ କେବେବି ଗରିବ ଲୋକଙ୍କ ଉତଥାନର କଥା ଚିନ୍ତା କରିନଥିଲା । ମୁସଲିମ୍ ସମୁଦାୟ ଲୋକଙ୍କୁ ସମାଜର ମୁଖ୍ୟ ଧାରାରେ ଆଣିବା ପାଇଁ ଚେଷ୍ଟା ନକରି କେବଳ କେବଳ ଭୋଟବ୍ୟାଙ୍କ ଭଳି ସଦାବେଳେ ବ୍ୟବହାର କରୁଥିଲା । ମୁସ୍‌ଲିମ ସମ୍ପ୍ରଦାୟର ଗରୀବ, ଖଟିଖିଆ ଓ ମହିଳାଙ୍କୁ କେବେ ଆଗକୁ ଯିବାକୁ ୱାକଫ୍ ବୋର୍ଡ ଦେଉନଥିଲା । ଏହା ସତ୍ତ୍ୱେ ୱାକଫ୍ ବୋର୍ଡକୁ ଜମି ଲୁଣ୍ଠନର ଲାଇସେନ୍ସ ଦେଇଥିଲା କଂଗ୍ରେସ । ଏହି ଅବସରରେ ଏସଟି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ୱାକଫ ବୋର୍ଡ ସଂଶୋଧନ ବିଲ୍ ରାଜ୍ୟ ସଂଯୋଜକ ଅଶୋକ ମିଶ୍ର, ଏସଟି ମୋର୍ଚ୍ଚା ରାଷ୍ଟ୍ରୀୟ କୋଷାଧକ୍ଷ ରବିନ୍ଦ୍ର ଭାଇ ଗୋମୋତ, ଏସଟି ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ମମତା ନାୟକ, ରାଜ୍ୟ ସଂପାଦକ ଧୃବ କାଲୋ ପ୍ରମୁଖ ଉପସ୍ଥିତ ଥିଲେ ।

## ନ୍ୟାସନାଲ୍ ହେରାଲ୍‌ଡ ମାମଲାରେ ଇଡ଼ି କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୋଦୀ ସରକାର ଅନ୍ୟାୟ ଭାବରେ 'ନ୍ୟାସନାଲ ହେରାଲ୍‌ଡ' ସମ୍ବାଦ ପତ୍ରର ସମ୍ପତିକୁ ଜବତ ଏବଂ କଂଗ୍ରେସ ଦଳର ନେତୃବର୍ଗଙ୍କ ବିରୁଦ୍ଧରେ ମନମୁଖୀ ଚାର୍ଜସିଟ୍ ଦାଖଲ କରିଛନ୍ତି । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ସମସ୍ତ ଜିଲ୍ଲା କଂଗ୍ରେସ ସମସ୍ତ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଦର ମହକୁମାରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋଦୀ ସରକାରଙ୍କର ମନମାନି, ପ୍ରତିହିଂସା ଓ ଅତ୍ୟାଚାର ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ପରିପ୍ରେକ୍ଷିରେ ପ୍ରଦେଶ କଂଗ୍ରେସ




କମିଟି ପକ୍ଷରୁ ଭୁବନେଶ୍ୱରସ୍ଥିତ ଇ.ଡି. କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପିସିସି ସଭାପତିଙ୍କ ନେତୃତ୍ୱରେ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ତତ୍ୱାବଧାନରେ ଏହି ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୨୧ରେ ଜନ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ୍ତା ଅପ୍ରେଲ୨୧ତାରିଖ ସୋମବାରରେ ଏଥର ସମ୍ବଲପୁରରେ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି ଠାରେ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ । ଏଥିପାଇଁ ଆସନ୍ତାକାଲି ଅପ୍ରେଲ ୧୭ତାରିଖ ଦିବା ୧୧ ଘଟିକା ଠାରୁ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧମରେ ପଞ୍ଜୀକରଣ ଆରମ୍ଭ ହେବ । ପଞ୍ଜୀକୃତ ସର୍ବାଧିକ ୧୦୦୦ ଦରଖାସ୍ତକାରୀ ୨୧ ତାରିଖ ଦିନ ସକାଳ ୮ଟା ସମୟରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ଧର୍ମଶାଳାରେ ପୂର୍ବତନ ବିଧାୟକଙ୍କ ଉପରେ ଆକ୍ରମଣ ଘଟଣା

## ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ଆକ୍ରମଣ ଘଟଣାରେ ପୋଲିସର ନିଷ୍କ୍ରିୟତା ଅଭିଯୋଗ ଆଣି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ସମର୍ଥକ ବୋଲି ଦଳ ଅଭିଯୋଗ କରିବା ସହିତ ଘଟଣାକୁ ସରକାର ଘଣ୍ଟ ଘୋଡାଉଛନ୍ତି ବୋଲି ବିଜୁ ଜନତା ଦଳ କହିଛି । ବୁଧବାର ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଧାୟକ ବ୍ୟୋମକେଶ ରାୟ ଘଟଣାକୁ ନିନ୍ଦା କରିବା ସହିତ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବୀ କରିଥିଲେ । ଗଣ୍ଡଗୋଳ ସମୟର ଭିଡିଓ ଫୁଟେଜ ସାମ୍ବାଦିକ ସମ୍ମିଳନୀରେ ଦର୍ଶାଇବା ସହ ଗଣ୍ଡଗୋଳକାରୀ ମାନଙ୍କ ସହିତ ବିଧାୟକ ଓ ବିଜେପି ଦଳର ସମ୍ପୃକ୍ତିର ପ୍ରମାଣ ଉପସ୍ଥାପନ କରାଯାଇଥିଲା । ଦଳର ମୁଖପାତ୍ର ତଥା ଗଣମାଧମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ, ଜନପ୍ରତିନିଧିମାନେ ଯଦି ରାଜ୍ୟରେ ଅସୁରକ୍ଷିତ ତେବେ ସାଧାରଣ ଜନତାଙ୍କ ସୁରକ୍ଷା କିଏ ବୁଝିବ ? ସରକାର ରାଜନୈତିକ ହିଂସାକୁ ପ୍ରୋତ୍ସାହିତ ନକରି ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

## ଦିଗମ୍ବର ମିଶ୍ରଙ୍କ ପରଲୋକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ପ୍ରଫେସର ଡକ୍ଟର ଦିଗମ୍ବର ମିଶ୍ରଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ମହାନ ଶିକ୍ଷାବିତ ତଥା ଆମେରିକା ବର୍ମିଂହାମ ମାଇଲସ ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ଡକ୍ଟର ଦିଗମ୍ବର ମିଶ୍ରଙ୍କ ପରଲୋକ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଶିକ୍ଷା, ସମାଜସେବା ସହ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ମହାପ୍ରଭୁଙ୍କ ନିକଟରେ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ମୁକେଶ ମହାଲିଙ୍ଗ ।

## ଟ୍ରାକ୍ଟରକୁ ଧକ୍କା ଦେଲା ସ୍କୁଲ ବସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟ୍ରାକ୍ଟରକୁ ଧକ୍କା ଦେଲା ସ୍କୁଲ ବସ । ପଟିଆ ସ୍ଥିତ ଦ୍ୱିତୀୟ ଆରଟିଓ ଅଫିସ ସାମ୍ନାରେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଟ୍ରାକ୍ଟରକୁ ଧକ୍କା ଦେଲା ସ୍କୁଲ ବସ । ଏହି ସ୍କୁଲ ବସ ମଦର୍ ପବ୍ଲିକ ସ୍କୁଲ ନାମରେ ରହିଛି ବୋଲି ଜଣା ପଡୁଛି । ତେବେ ସୌଭାଗ୍ୟର କଥା ହେଉଛି ବସରେ କୌଣସି ଛାତ୍ରଛାତ୍ରୀ ନଥିଲେ । ସ୍କୁଲରୁ ବାହାରି ସକାଳୁ ପିଲା ମାନଙ୍କୁ ଘରୁ ଆଣିବାକୁ ଯାଉଥିଲା ବସ୍ ।

## ପ୍ରଫେସର ଡକ୍ଟର ଦିଗମ୍ବର ମିଶ୍ରଙ୍କ ବିୟୋଗରେ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ପ୍ରଫେସର ତଥା 'ଓସା'ର ପୂର୍ବତନ ସଭାପତି ଡକ୍ଟର ଦିଗମ୍ବର ମିଶ୍ରଙ୍କ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ, ଆମେରିକାର ବର୍ମିଂହାମରେ ରହୁଥିବା ବିଶିଷ୍ଟ ଶିକ୍ଷାବିତ୍, ଓଡ଼ିଆ ପ୍ରଫେସର ତଥା 'ଓସା'ର ପୂର୍ବତନ ସଭାପତି ଡକ୍ଟର ଦିଗମ୍ବର ମିଶ୍ରଙ୍କ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କର ଜୀବନ ଯାତ୍ରା, ଦକ୍ଷତା ଏବଂ ସମାଜ ସେବା ପାଇଁ ପ୍ରତିବଦ୍ଧତା ଅନେକଙ୍କୁ ଅନୁପ୍ରାଣିତ କରିଛି । ଶିକ୍ଷା ଜଗତ ପ୍ରତି ତାଙ୍କର ଯୋଗଦାନ ଚିର ସ୍ମରଣୀୟ ହୋଇ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ।

### ହାଇକୋର୍ଟରେ ପଦ୍ମ ସମ୍ମାନ ବିବାଦ ମାମଲାର ଅନ୍ତ

## ଆବେଦନକାରୀଙ୍କୁ ୧୦ ହଜାର ଜରିମାନା

କଟକ(ଭାସ୍କର ନ୍ୟୁଜ୍): ପଦ୍ମଶ୍ରୀ ପୁରସ୍କାର ବିବାଦ ସମ୍ପର୍କିତ ମାମଲାର ଆଜି ହାଇକୋର୍ଟ ଅନ୍ତ ଘଟାଇଛନ୍ତି । ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ପକ୍ଷରୁ ଆଗତ ମାମଲାକୁ ହାଇକୋର୍ଟ ଖାରଜ କରିବା ସହ ଅଦାଲତଙ୍କ ବହୁ ମୂଲ୍ୟ ସମୟ ନଷ୍ଟ କରିଥିବାରୁ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି । କୌଣସି ତଥ୍ୟ ପ୍ରମାଣ ନ ଥାଇ କୋର୍ଟଙ୍କ ସମୟ ଅପଚୟ କରିଥିବାରୁ ହାଇକୋର୍ଟ ଆବେଦନକାରୀଙ୍କୁ ଉପରୋକ୍ତ ଜରିମାନା ରାଶି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ପୁରସ୍କାର ପାଇବା ନେଇ ସମ୍ପୃକ୍ତ ସରକାରୀ ମନ୍ତ୍ରାଳୟରୁ ଚିଠି ପାଇଥିବା ନେଇ କୌଣସି ତଥ୍ୟ କୋର୍ଟରେ ଉପସ୍ଥାପନ କରିପାରିଲେ ନାହିଁ । ଫଳରେ ହାଇକୋର୍ଟର ବିଚାରପତି ସୀବ କୁମାର ପାଣିଗ୍ରାହୀ ଉପରୋକ୍ତ ଆଦେଶ ଦେବା ସହ ମାମଲାର ଅ' ଘଟାଇଛନ୍ତି । ଏଥିସହ ଜରିମାନା ଅର୍ଥ ରାଶି ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସମାନ ନାଁ ଯୋଗୁଁ ପଦ୍ମଶ୍ରୀ ପୁରସ୍କାର ୨୦୨୩କୁ ନେଇ ବିବାଦ ମୁଣ୍ଡ ଟେକିଥିଲା । ଏ ନେଇ ଆବେଦନକାରୀ ଭୁବନେଶ୍ୱର ବ୍ରାହ୍ମେଶ୍ୱର ପାଟଣା ନିବାସୀ ଅନ୍ତର୍ଯ୍ୟାମୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦର୍ଶାଇଥିଲେ ଯେ ସମାନ ନାମ ଥିବା ଯୋଗୁ ତାଙ୍କ ବଦଳରେ ଢେଙ୍କାନାଳର ଅନ୍ତର୍ଯ୍ୟାମୀ ମିଶ୍ର ବେଆଇନଭାବେ ଏହି ସମ୍ମାନ ଗ୍ରହଣ କରିଛନ୍ତି । ଅନ୍ତର୍ଯ୍ୟାମୀ ମିଶ୍ର ସମାନ ନାମ ଯୋଗୁଁ ଭୁଲ ବ୍ୟକ୍ତି ପୁରସ୍କାର ପାଇଥିବା ନେଇ ହାଇକୋର୍ଟରେ ରୁଜୁ ମାମଲାରେ ଦର୍ଶାଯାଇଥିଲା । ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ଆବେଦନ କରିଥିଲେ । ହେଲେ କେନ୍ଦ୍ର ସରକାର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିବା ପରେ ବିବାଦ ସୃଷ୍ଟି ହୋଇଥିଲା । ଆବେଦନକାରୀ ଉକ୍ତ ପଦ୍ମଶ୍ରୀ ପୁରସ୍କାରର ଦାବିଦାର ବୋଲି ଆବେଦନରେ ଦର୍ଶାଇଥିଲେ । ସେ ୨୦୨୩ ମାର୍ଚ୍ଚ ୨୯ ତାରିଖରେ ଏ ନେଇ ହାଇକୋର୍ଟରେ ମାମଲା ଦାୟର କରିଥିଲେ ।

### ନ୍ୟାସନାଲ ହେରାଲ୍ଡ ଦୁର୍ନୀତି ପ୍ରସଙ୍ଗ

## ଦୋଷ ଲୁଚାଇବା ପାଇଁ ବିକ୍ଷୋଭ କରୁଛି କଂଗ୍ରେସ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୫ ହଜାରରୁ ଉର୍ଦ୍ଧ୍ୱ ଦେଶଭକ୍ତ ଓ କ୍ରାନ୍ତିକାରୀଙ୍କ ଆର୍ଥିକ ସହଯୋଗରେ ୧୯୩୭ ମସିହାରେ ନ୍ୟାସନାଲ ହେରାଲ୍ଡ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ ହୋଇଥିଲା । ଦେଶର ସ୍ୱାଧୀନତାସଂଗ୍ରାମ ସେନାନୀଙ୍କ ବାର୍ତ୍ତାକୁ ସାରଦେଶରେ ପହଂଚାଇବା ଏହି ସମ୍ବାଦପତ୍ରର ମୂଳ ଉଦ୍ଦେଶ୍ୟ ଥିଲା । ୯୦ କୋଟି ଟଙ୍କାର ଆର୍ଥିକ ଋଣ ଦେଖାଇ ୨୦୦୮ ମସିହାରେ ଏହାକୁ ବନ୍ଦ କରିଦିଆଗଲା କଂଗ୍ରେସର ତତ୍କାଳୀନ କୋଷାଧକ୍ଷ ମୋତିଲାଲ ଭୋରା ସେତେବେଳେ ଏହାର ନିର୍ଦ୍ଦେଶକ ଥିଲେ । ଅନ୍ୟ ପଟେ ମାତ୍ର ୫୦ ଲକ୍ଷ ଟଙ୍କା ଦେଇ ଏହି ସଂସ୍ଥାର ସମସ୍ତ ସଂପତି ୟଙ୍ଗ ଇଣ୍ଡିଆ ସଂସ୍ଥାକୁ ଦିଆଗଲା । ଯାହାର ୩୮ ପ୍ରତିଶତ ଅଂଶ ସୋନିଆ ଗାନ୍ଧୀ ଏବଂ ୩୮ ପ୍ରତିଶତ ଅଂଶ ରାହୁଲ ଗାନ୍ଧୀଙ୍କର ଥିଲା । ବହୁଚର୍ଚ୍ଚିତ 'ନ୍ୟାସନାଲ ହେରାଲ୍ଡ ଦୁର୍ନୀତି' ପର୍ଦ୍ଦାଫାଶ ହୋଇସାରିଛି । ଏହି ଘଟଣାରେ ଧରାପଡ଼ିବା ପରେ ମୋତିଲାଲଙ୍କ ସମେତ ପବନ ବଂଶଲ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡି ପକ୍ଷରୁ ଜେରା କରିଛି । ଦେଶବାସୀ କଂଗ୍ରେସ ଦଳକୁ କେବେ ହେଲେ କ୍ଷମା ଦେବେ ନାହିଁ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ ଶ୍ରୀ ସାମଲ କହିଛନ୍ତି ଯେ, ଆସନ୍ତା ୨୧ ତାରିଖ ଦିନ ମାନ୍ୟବର ସୁପ୍ରିମକୋର୍ଟରେ ମାମଲାର ଶୁଣାଣୀ ଥିବା କାରଣରୁ ବିଭ୍ରାନ୍ତ ଓ ବାଟଳାମୀ କରି ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ 'ଇସ୍ୟୁ ଡାଇଭର୍ଟ' କରିବାର ପ୍ରଚେଷ୍ଟା କରାଯାଉଛି । ମାମଲା କୋର୍ଟ ବିଚାରଧିନ ଥିବାବେଳେ ମାନ୍ୟବର କୋର୍ଟଙ୍କ ରାୟକୁ ଧର୍ଯ୍ୟର ସହ ଅପେକ୍ଷା କରିବାକୁ ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦିକା କସ୍ତୁରି ମିଶ୍ର ଓ ରାଜ୍ୟ ସାମାଜିକ ଗଣମାଧମ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସ ଭବନରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ମିଶ୍ରଣ ପର୍ବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ନାଏବ ସରପଂଚ, ପୂର୍ବତନ ସରପଂଚ ପ୍ରମୁଖ ବହୁ




ନେତୃବୃନ୍ଦ ବିଜେଡ଼ି ଓ ବିଜେପି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କଂଗ୍ରେସ ଦଳରେ ଯୋଗ ଦେଇଥିବା ନେତୃବୃନ୍ଦଙ୍କୁ ସ୍ୱାଗତ କରି କହିଲେ ଯେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ନେତୃତ୍ୱ ଜନନାୟକ ତଥା ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଜୀ ଆଦର୍ଶ ଓ ସଂଗ୍ରାମ, ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଆଜି ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର କୁତୁତାଇ, ହରିଗଡ ଓ ଦଦରଲୁଣ୍ଡା, ଗ୍ରାମ ପଂଚାୟତରୁ ବହୁ ବିଜେଡ଼ି ଓ ବିଜେପିର ବହୁ ପଦାଧିକାରୀ କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ତଥା ଯୁବନେତା ପ୍ରଶାନ୍ତ କୁମାର ବିଶୋୟୀଙ୍କ ନିଷ୍ଠାପର ସାଧାରଣ ଜନତା ଓ ବିଶେଷ କରି ମହିଳା, ଯୁବକ, କୃଷକ, ଛାତ୍ର ଏବଂ ଆଦିବାସୀ ଓ ଦଳିତମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉଁ ନିଷ୍ଠାପର ସଂଗ୍ରାମ କରିଆସୁଛନ୍ତି ସେଥିରେ ତାଙ୍କ ଜନଆଦୃତି ବଢ଼ିଛି । ଶ୍ରୀ ବିଶୋୟୀଙ୍କ ଉପରେ ଆସ୍ଥା ପ୍ରକଟ କରି ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ପାଥେୟ କରି ଆମେ କଂଗ୍ରେସ ଦଳରେ ଯୋଗ ଦେଇଛୁ ବୋଲି ଯୋଗଦେଇଥିବା ନେତୃବୃନ୍ଦମାନେ କହିଥିଲେ । ଆଜିର ମିଶ୍ରଣ ପର୍ବ ଗଞ୍ଜାମ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଦୀପ୍ତ କୁମାର ଦାସ ଓ ଭଞ୍ଜନଗର ଯୁବ ନେତା ତଥା କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ କୁମାର ବିଷୋୟୀ ଓ ସୁଧାଂସୁ ଦେଓଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ଯୋଗଦେଇଥିବା ନେତୃବୃନ୍ଦଙ୍କୁ ପିସିସି ସଭାପତି ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ ।

### ସୁଭଦ୍ରା ସୋସାଇଟି ପରିଚାଳନା ପରିଷଦର ତୃତୀୟ ବୈଠକ

## ସୁଭଦ୍ରା ସର୍ବେକ୍ଷଣରେ ସାମିଲ ହେବେ କଲେଜ ଛାତ୍ରୀ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): 'ସୁଭଦ୍ରା' ସୋସାଇଟି ପରିଚାଳନା ପରିଷଦର ତୃତୀୟ ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନସଚିବ ମନ୍ତ୍ରୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ଅର୍ଥବିଭାଗ ପ୍ରମୁଖ ଶାସନସଚିବ ଶାଶ୍ୱତ ମିଶ୍ର, ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନସଚିବ ସଂଜୟ କୁମାର ସିଂ, ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନସଚିବ ଶୁଭା ଶର୍ମା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନସଚିବ ଆର. ଏସ୍ ଗୋପାଳନଙ୍କ ସମେତ ସୁଭଦ୍ରା ସୋସାଇଟିର ଅନ୍ୟ ସଦସ୍ୟ ସଦସ୍ୟାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନସଚିବ କମିଟିରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନା ଓ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବଜେଟ୍ ବ୍ୟବସ୍ଥା ଅନୁସାରେ ଅଦ୍ୟାବଧି କରାଯାଇଥିବା ଖର୍ଚ୍ଚ ସମ୍ପର୍କରେ ଆଲୋଚନା



କରାଯାଇ ଅନୁମୋଦନ କରାଯିବା ସହ ୨୦୨୫-୨୬ବର୍ଷ ପାଇଁ ଆଗତ ପ୍ରସ୍ତାବକୁ ସମୀକ୍ଷା ପୂର୍ବକ ଅନୁମୋଦନ କରାଯାଇଛି । ସୁଭଦ୍ରା ପାଇଁ ସୂଚନା, ଶିକ୍ଷା, ଯୋଗାଯୋଗ ଠାରୁ ଆରମ୍ଭ କରି ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରରେ ଏଥିପାଇଁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ କରାଯାଇଥିବା ଖର୍ଚ୍ଚ ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା । ଯେଉଁ ହିତାଧିକାରୀମାନେ ପ୍ରଥମେ ସୁଭଦ୍ରା ସହାୟତା ପାଇଁ ପଞ୍ଜୀକରଣ କରିଥିଲେ, କିନ୍ତୁ ପଞ୍ଜୀକରଣ ପରେ ସେମାନେ ହୃଦୟଙ୍ଗମ କଲେ ବା ଜାଣିବାକୁ ପାଇଲେ ଯେ, ଏହି ସହାୟତା ପାଇବା ପାଇଁ ସେମାନେ ଯୋଗ୍ୟ ନୁହନ୍ତି ବା ପୂର୍ବରୁ ଯୋଗ୍ୟ ଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳ ବର୍ଗରେ ଆସୁଥିବା ଜାଣି ସେମାନେ ସୁଭଦ୍ରା ପୋର୍ଟାଲ୍‌ରେ ସହାୟତା ନ ନେବା ପାଇଁ ଅପ୍ଟ ଆଉଟ୍ କରିଛନ୍ତି ବା ସ୍ୱେଚ୍ଛାକୃତ ଭାବେ ମନା କରିଛନ୍ତି, ସେମାନଙ୍କର ଏହି ପଦକ୍ଷେପ ଯୋଗୁଁ ଅନ୍ୟ ଯୋଗ୍ୟ ହିତାଧିକାରୀ ସୁବିଧା ପାଉଛନ୍ତି, ସେ କ୍ଷେତ୍ରରେ ଅପ୍ଟ ଆଉଟ୍ କରିଥିବା ମହିଳାମାନଙ୍କୁ 'ସାବାସ୍ ସୁଭଦ୍ରା' ଆଖ୍ୟା ଦିଆଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସୁଭଦ୍ରା ସହାୟତା ପାଇଥିବା ହିତାଧିକାରୀଙ୍କ ଠାରୁ ମତାମତ ସଂଗ୍ରହ ସର୍ବେକ୍ଷଣରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୁଭଦ୍ରା ପାଇଥିବା ଯୋଗ୍ୟ ହିତାଧିକାରୀଙ୍କ ଦକ୍ଷତା ବିକାଶ, ସେମାନଙ୍କୁ ରୋଜଗାରକ୍ଷମ ଓ ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ ନିମନ୍ତେ ବିଭିନ୍ନ ପରାମର୍ଶ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତିବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସହଯୋଗରେ ପ୍ରଶିକ୍ଷଣ ଦିଆଯିବା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ସୁଭଦ୍ରା ସହାୟତା ପ୍ରଦାନ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼କରିବା, ସୁଭଦ୍ରା ସହାୟତା ହିତାଧିକାରୀଙ୍କ ସଂପର୍କରେ ଅଧିକ ମୂଲ୍ୟାୟନ କରିବା ସହିତ ସେମାନଙ୍କର ଆର୍ଥିକ ତଥା ସାମଗ୍ରିକ ବିକାଶରେ ରାଜ୍ୟ କିପରି ଅଧିକ ଯୋଗଦାନ ଦେଇପାରିବ, ସେ ସମ୍ପର୍କରେ ଉନ୍ନୟନ କମିଶନର ଆବଶ୍ୟକ ପରାମର୍ଶ ଦେଇଥିଲେ ।



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



## ରାଜଧାନୀ ପିଲା ଚୋରି ଘଟଣାରୁ ଶିକ୍ଷା

# ପ୍ରଶାସନ ଓ ପୋଲିସର ସତର୍କତା ଜରୁରି

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଅବସ୍ଥିତ ରାମ ମନ୍ଦିର ସମ୍ମୁଖରୁ ଜଣେ ଦୃଷ୍ଟିହୀନା ମହିଳାଙ୍କ ଦେଢ଼ବର୍ଷର ଶିଶୁପୁତ୍ରକୁ ଅପହରଣ କରି ନିଆଯିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ମାତ୍ର ଦୁଇଦିନର ବ୍ୟବଧାନରେ ଅପହରଣକାରୀ କବଳରୁ ପିଲାଟିକୁ ଉଦ୍ଧାର କରାଯିବା କମିଶନରେଟ୍ ପୋଲିସର କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରିଛି। ଶନିବାର ବିଳମ୍ବିତ ରାତ୍ରରେ ଦୃଷ୍ଟିବାଧିତା ମହିଳାଜଣକ ଶିଶୁପୁତ୍ରଟିକୁ କୋଳରେ ଧରି ନିଘୋଡ଼ ନିଦରେ ଶୋଇଥିବା ବେଳେ ନରପିଶାଚ ଦୁର୍ବୃତ୍ତ ପିଲାଟିକୁ ମା' କୋଳରୁ ଚୋରି କରିନେଇଥିଲା। ସନ୍ତାନହରା ମା'ର ଆକୁଳ କ୍ରନ୍ଦନ କରୁଣ ପରିବେଶ ସୃଷ୍ଟି କରିଥିଲା। ଚୋରି ହୋଇଥିବା ପିଲାଟିକୁ ଉଦ୍ଧାର ପାଇଁ କମିଶନରେଟ୍ ପୋଲିସର ଚାରିଟି ଟିମ୍ ଅକ୍ଳାନ୍ତ ପରିଶ୍ରମ କରିବା ପରେ ସୋମବାର ସକାଳେ ନିଜ ଅଭିଯାନରେ ସଫଳ ହୋଇଛନ୍ତି। ବାଲେଶ୍ୱରର ଖଇରାପଡ଼ା ଅଞ୍ଚଳରୁ ଶିଶୁପୁତ୍ରଟିକୁ ଉଦ୍ଧାର କରାଯିବା ସହିତ ଘଟଣାରେ ସମ୍ପୃକ୍ତ ଜଣେ ମହିଳା ଓ ଯୁବକଙ୍କୁ ପୋଲିସ ଗିରଫ କରିଛି। ତେବେ କେଉଁ ଉଦ୍ଦେଶ୍ୟରେ ପିଲାଟିକୁ ମା' କୋଳରୁ ଚୋରି କରାଯାଇଥିଲା ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ। ପିଲାଟିର ଅଙ୍ଗପ୍ରତ୍ୟଙ୍ଗ ଚୋରି କରିବା ଏହାର କାରଣ ହୋଇପାରେ ବୋଲି କେହିକେହି ମତ ଦେଉଥିବା ବେଳେ ଅନ୍ୟ କେହି ଅର୍ଥ ଲାଳସାକୁ ଏହା ପଛର କାରଣ ବୋଲି ଅନୁମାନ କରୁଛନ୍ତି। ଗିରଫ ହୋଇଥିବା ଯୁବକ ଜଣେ ପେଶାଦାର ଚୋର ଓ ଆଗରୁ ଅନେକ ଚୋରି ଘଟଣା ସହ ସମ୍ପୃକ୍ତ ଥିବାର କୁହାଯାଉଛି। ଶିଶୁପୁତ୍ରଟିକୁ ମା' କୋଳକୁ ଫେରାଇ ଆଣିବାର ଶ୍ରେୟ ପୋଲିସକୁ ଦିଆଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ତତ୍ପରତା ପ୍ରକାଶ କରିଥିଲେ। ପିଲାଟିକୁ ଫେରି ପାଇବା ପରେ ଆନନ୍ଦରେ ଆତ୍ମହରା ମା' ମୁଖ୍ୟମନ୍ତ୍ରୀ ଓ ପୋଲିସ କର୍ତ୍ତୃପକ୍ଷଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ତେବେ ରାଜଧାନୀର ଏହି ପିଲା ଚୋରି ଘଟଣା ପୋଲିସ ଓ ପ୍ରଶାସନ ପାଇଁ ଏକ ବାର୍ତ୍ତା ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଗତ କିଛିବର୍ଷ ହେଲା ଆମ ରାଜ୍ୟରେ ଶିଶୁ ଓ କିଶୋର-କିଶୋରୀଙ୍କ ଅପହରଣ ଓ ନିଖୋଜ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ବିଧାନସଭାରେ ଉପସ୍ଥାପିତ ସରକାରୀ ତଥ୍ୟ ଅନୁଯାୟୀ ଓଡ଼ିଶାରେ ଗତ ଆଠମାସ ମଧ୍ୟରେ ୧୩୧ଜଣ ଶିଶୁ ନିଖୋଜ ହୋଇଛନ୍ତି। ସେମାନଙ୍କର କୌଣସି ଖୋଜଖବର ମିଳୁ ନଥିବା ବେଳେ ପୋଲିସ ଯେତିକି ତତ୍ପରତା ପ୍ରକାଶ କରିବାର କଥା, ତାହା କରୁନଥିବା ଅଭିଯୋଗ ହେଉଛି। ରାଜଧାନୀରୁ ଚୋରି ପିଲାକୁ ଉଦ୍ଧାର କରିବା ପାଇଁ ପୋଲିସ ଯେଉଁଭଳି ନିଷ୍ଠାର ସହ ଅକ୍ଳାନ୍ତ ପରିଶ୍ରମ କଲା, ରାଜ୍ୟର ଅନ୍ୟ ସ୍ଥାନରେ ନିଖୋଜ ପିଲାଙ୍କ କ୍ଷେତ୍ରରେ ସେତିକି ନିଷ୍ଠା ଦେଖାଗଲେ ହୁଏତ ଅନେକ ହଜଣାଗନ୍ଥା ଶିଶୁ ବାପା, ମା'ଙ୍କ କୋଳକୁ ଫେରିଆସି ପାରନ୍ତେ। ଏ କ୍ଷେତ୍ରରେ ଦୁଇ ହତଭାଗିନୀ ଶିଶୁକନ୍ୟା ପରୀ ଓ ପିହୁଙ୍କ ଉଦାହରଣ ପ୍ରାସଙ୍ଗିକ ମନେହେଉଛି। ପୋଲିସ ଓ ପ୍ରଶାସନିକ ତତ୍ପରତା ଅଭାବରୁ ଅପହୃତା ପରୀ ଆଉ ମା' କୋଳକୁ ଫେରିନାହିଁ ଚିରଦିନ ନେଇଥିବା ସ୍ଥଳେ ପିହୁର ମା' ଏବେବି କୁନି ଝିଅକୁ ଫେରି ପାଇବାକୁ ଆକୁଳ କ୍ରନ୍ଦନ କରିଚାଲିଛି। ବହୁ କ୍ଷେତ୍ରରେ ବିଭିନ୍ନ ହସ୍ପିଟାଲରୁ ନିୟମିତ ବ୍ୟବଧାନରେ ନବଜାତ ଶିଶୁଙ୍କୁ ଅପହରଣ କରିବା ଅଭିଯୋଗ ମଧ୍ୟ ଦୃଷ୍ଟିକୁ ଆସୁଛି। ପିଲା ଚୋରି ରୋକିବାକୁ ହେଲେ କଠୋର ଆଇନ ପ୍ରଣୟନ ସହ ଦଣ୍ଡବିଧାନର ବ୍ୟବସ୍ଥା ହେବା ଏକାନ୍ତ ଜରୁରି। ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଓ ମନ୍ଦିର ଆଦି ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଶିଶୁଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବାର ଆବଶ୍ୟକତା ରହିଛି।

# ଭାରତୀୟ ଦର୍ଶନରେ ସାରାବିଶ୍ୱ ଏକ ପରିବାର



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ପୂର୍ବ କାଳରେ ରାଜ୍ୟ ଶାସନ ବା ଗାଦି ପାଇଁ ରାଜାମାନେ ଯୁଦ୍ଧ ଲଢୁଥିଲେ। କିନ୍ତୁ ଏବେ ସେଇ ପରମ୍ପରା ବଦଳିଯାଇଛି ଓ ଶାସନ ଗାଦି ପାଇଁ ନିର୍ବାଚନ ଲଢ଼ିବା ବ୍ୟବସ୍ଥାକୁ ଆମେ ଆପଣେଇ ନେଇଚେ। ଯୁଦ୍ଧ ଏବଂ ନିର୍ବାଚନରେ ଏକ ମୌଳିକ ପାର୍ଥକ୍ୟ ରହିଛି। ଯୁଦ୍ଧ ଶତ୍ରୁଭାବରେ ଲଢା ଯାଉଥିଲା କିନ୍ତୁ ନିର୍ବାଚନ ବନ୍ଧୁଭାବରେ ଲଢାଯାଉଥିଲା ଯଦିଓ ଏହି ଭାବରେ ଏବେ କିଛି ପରିବର୍ତ୍ତନ ହୋଇଛି। ଯୁଦ୍ଧରେ ଲଢେଇ ଶତ୍ରୁପକ୍ଷ ସହ ହୋଇଥାଏ, କିନ୍ତୁ ନିର୍ବାଚନରେ ଲଢ଼ିବାବାଲା, ପ୍ରତି ପକ୍ଷ ହୋଇଥାଏ। ଯୁଦ୍ଧରେ ଶରୀର ଏବଂ ପ୍ରାଣର ବଳି ଅର୍ଥାତ୍ ହତ୍ୟାକୁ ସ୍ୱାଭାବିକ ବୋଲି ଗ୍ରହଣ କରାଯାଉଥିଲା। କିନ୍ତୁ ନିର୍ବାଚନରେ ମନ ଏବଂ ବୁଦ୍ଧି ଅର୍ଥାତ୍ ତର୍କ ମାଧମରେ ନିଜର ବର୍ଚ୍ଚସ୍ୱସ୍ଥାପିତ କରାଯାଇଥାଏ। ଶାସନ ଗାଦି ପ୍ରାପ୍ତି ପରମ୍ପରାର ଏହି ମୌଳିକ ପରିବର୍ତ୍ତନ ବିଷୟରେ ଅର୍ଥାତ୍ ଯୁଦ୍ଧ ତ୍ୟାଗ କରି ନିର୍ବାଚନର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇବା ପ୍ରସଙ୍ଗରେ ଥିବା କାରଣ ସମ୍ପର୍କରେ ଜାଣିବା ମଧ ଜରୁରି। ଏହି ପୃଷ୍ଠଭୂମୀରେ ଶସ୍ତ୍ର ଏବଂ ଶାସ୍ତ୍ରର ସମନ୍ୱୟ ରକ୍ଷା କରୁଥିବା ଆମ ସମ୍ବିଧାନକୁ ବୁଝିବା ମଧ ଜରୁରି।

ପୌରାଣିକ କାଳର ବିଚାର ନକରି ଆମେ ବିଗତ ୨୦୦୦ ବର୍ଷ ତଳର ଘଟଣାକ୍ରମକୁ ଅଧ୍ୟୟନ କଲେ ଜଣାପଡ଼େ ଯେ ଭାରତରେ ନିଜ ନିଜର ଭୌଗୋଳିକ ପରିଧି ମଧ୍ୟରେ ରହି ରାଜ୍ୟ ଶାସନ କରୁଥିବା ତଥା ନିଜ ରାଜ୍ୟର ସୁରକ୍ଷା ପାଇଁ ଅଥବା ରାଜ୍ୟ ବିସ୍ତାର ପାଇଁ ଯୁଦ୍ଧ କରିଥିବା ଶହ ଶହ ରାଜା ଥିଲେ। ରାଜ୍ୟ କାରଣରୁ ଭୌଗୋଳିକ ବିଭାଜନ ସତ୍ତ୍ୱେ ଭାରତର ସାଂସ୍କୃତିକ ଏକତାକୁ ବଜାୟ ରଖିବାର କାମ ସାଧୁ-ସନ୍ଥ ଏବଂ ମୁନିଋଷି ଏପରିକି କଳାକାର ଏବଂ ସାହିତ୍ୟକମାନେ କରୁଥିଲେ। ରାଜ୍ୟ ବ୍ୟବସ୍ଥା ଏଇ ସଂସ୍କୃତି ସାଧକଙ୍କ ପାଇଁ ବାଧକ ନଥିଲା ବରଂ ସହାୟକ ଥିଲା। କାରଣ ଭାରତ- ରାଷ୍ଟ୍ରର ସାଂସ୍କୃତିକ ଚିନ୍ତନରେ - 'ଏକ୍ ସତ୍ ବିପ୍ରା ବହୁଧା ବଦି' କଥାଟା ସର୍ବମାନ୍ୟ ଥିଲା। ସତ୍ୟ ଯଦିଓ ଏକ କିନ୍ତୁ ବିଦ୍ୱାନ ବା ଜ୍ଞାନୀମାନେ ଏହାର ବ୍ୟାଖ୍ୟା ନିଜ ନିଜ ଢଙ୍ଗରେ ବିଭିନ୍ନ ରୂପରେ କରିଥାନ୍ତି। ଏହି ଭାବ ରାଜା ଏବଂ ପ୍ରଜାଙ୍କ ସ୍ୱଭାବରେ ଥିଲା। ପରିଣାମ ସ୍ୱରୂପ ବିଭିନ୍ନ ପନ୍ଥା/ ଧର୍ମର ସହଅସ୍ତିତ୍ୱ ଏଇ ଭାରତର ପରିଚୟ ଥିଲା। ଶୈବ, ଶାକ୍ତ, ବୈଷ୍ଣବ, ଆଦିଙ୍କ ସହ ଜୈନ, ବୁଦ୍ଧ, ଆଦି ପନ୍ଥାଧର୍ମକୁ ଭାରତୀୟ ସମାଜ ଆପଣେଇ ନେଇଥିଲା।

ଜମ୍ବୁଦ୍ୱୀପ, ଭାରତଖଣ୍ଡ, ଆର୍ଯ୍ୟାବର୍ତ୍ତ, ହିନ୍ଦୁସ୍ଥାନ, ଭାରତ ଆଦି ନାମରେ ଖ୍ୟାତି ପ୍ରାପ୍ତି ଏହି ଭୂଭାଗ 'ଭା'ରେ 'ରତ' (ଭାରତ) ଅର୍ଥାତ୍ ଜ୍ଞାନ ପ୍ରାପ୍ତି ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ନିବାସ ସ୍ଥଳ ଅଟେ। ଏହାକୁ ବିଶ୍ୱ ସମୁଦାୟ ଏହି ଅର୍ଥରେ ଗ୍ରହଣ କରିଥିଲା। ନାଳନ୍ଦା, ତକ୍ଷଶୀଳା ଆଦି ବିଶ୍ୱବିଦ୍ୟାଳୟ ସାରାବିଶ୍ୱରେ ଜ୍ଞାନ ବିତରଣ କରୁଥିଲେ। ଭାରତରେ ଜ୍ଞାନ ସମ୍ପଦ ସହ ଆର୍ଥିକ ସମ୍ପଦ ମଧ ଭରି ରହିଥିଲା ଓ ଏହି ଭାରତ ଭୂଖଣ୍ଡକୁ ବିଦେଶମାନେ 'ସୁନାର ଚିଡିଆ' ବୋଲି କହୁଥିଲେ। 'ଶତ ହସ୍ତେ ସମାହାର ସହସ୍ର ହସ୍ତେ ବିକିର' ଏହି ସୂତ୍ରର ଆଧାରରେ ଶହେ ହାତରେ ଜ୍ଞାନ ସମ୍ପଦ ତଥା ଆର୍ଥିକ ସମ୍ପଦ ଯୋଗାଡ଼ କରି ଜନସ୍ୱାର୍ଥ ପାଇଁ ହଜାର ହାତରେ ବିତରଣ କରିବା ଭାରତବାସୀ ତଥା ଭାରତବଂଶୀଙ୍କ ସ୍ୱଭାବ ଥିଲା। ଏହି ଉଦାରମନା ଭାରତୀୟ ସମାଜ ସାରା ବିଶ୍ୱକୁ ପରିବାର ଭାବରେ 'ବସୁଧୈବ କୁଟୁମ୍ବକମ୍' ରୂପରେ ଦେଖିବାକୁ ଲାଗିଲା। ୨୦୦୦ ବର୍ଷ ପୂର୍ବେ ପଶ୍ଚିମୀ (ୟୁରୋପ) ଦେଶରୁ ଏମିତି ଏକ ଚିନ୍ତନ ଜନ୍ମନେଲା ଯାହା ବିଶ୍ୱକୁ ପରିବାର ନୁହେଁ ବଜାର ଭାବେ ଦେଖିବାକୁ ଲାଗିଲା। ବଜାରରେ ନିଜର ସ୍ଥିତି ଜାହିର କରିବା ପାଇଁ ଛଳ-କପଟ, ଚାତୁର୍ଯ୍ୟର ସାହାଯ୍ୟ ନିଆଯାଇଥାଏ। ଏହି ଛଳ କପଟ ରାସ୍ତାକୁ ସେମାନେ ଆଦରି ନେଇଥିଲେ ଓ ନିଜର ଲକ୍ଷ୍ୟ ପ୍ରାପ୍ତି ପାଇଁ ବାଇବେଲ ନାମକ ଏକ ଧାର୍ମିକ ଗ୍ରନ୍ଥର ରଚନା କରିଥିଲେ ଏବଂ ତାକୁ ପାଥେୟ କରି ବ୍ୟବସାୟ ସହ ସେମାନେ ତାଙ୍କ ଧର୍ମର ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ। ଧୀରେ ଧୀରେ ଖ୍ରୀଷ୍ଟଧର୍ମ ନାମକ ଧର୍ମ ଅନ୍ୟ ଦେଶମାନଙ୍କ ସହ ଭାରତରେ ବ୍ୟାପିବାରେ ଲାଗିଲା।

ଏହାର ପାଖାପାଖି ୫୦୦ବର୍ଷ ପରେ ପୁନଃ ଏକ ନୂଆ ବିଚାର ଜନ୍ମନେଲା। ପୁରୁଷ ପ୍ରଧାନ ଏହି ବିଚାର ବା ଚିନ୍ତନ ନାରୀ ତଥା ପ୍ରକୃତିକୁ ଉପଭୋଗର ବସ୍ତୁ ଭାବେ ଚିତ୍ରିତ କରିବା ସହ ଏସବୁ ଉପରେ କବ୍‌ଜା ଜମାଇବା ପାଇଁ ଉଦ୍ୟମ ଆରମ୍ଭ କରିଦେଲେ। ଏମାନେ କୁରାନ ନାମକ ଗ୍ରନ୍ଥର ରଚନା କରି ଇସଲାମ ଧର୍ମର ସ୍ଥାପନା କରିଥିଲେ। କେବଳ ଛଳ କପଟ ନୁହେଁ ଶସ୍ତ୍ରର ସାହାଯ୍ୟରେ ଏହି ଧର୍ମର ବିସ୍ତାର ଆରମ୍ଭ ହେଲା। ପାଖାପାଖି ୪୦୦ ବର୍ଷ ମଧ୍ୟରେ ଅନେକ ଦେଶରେ ନିଜର ସ୍ଥିତି ସୁଦୃଢ଼ କରି ଏମାନେ ଭାରତ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ। ଭାରତର ଉଦାରତା ଏମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା। ଛୋଟ ଛୋଟ ରାଜ୍ୟର ରାଜାମାନଙ୍କ ମଧ୍ୟରେ ଥିବା ମତାନ୍ତର ଓ ପରସ୍ପର ମଧ୍ୟରେ ଲଢେଇ ଏମାନଙ୍କୁ ସୁହାଇଥିଲା। କ୍ରମାଗତ ଭାବେ ୭୦୦ ବର୍ଷ ସେମାନେ ଭାରତର ଅନେକ ଛୋଟ ଛୋଟ ରାଜ୍ୟର ରାଜାମାନଙ୍କ ସହାୟତାରେ ଏହି ଭୂଭାଗରେ ଶାସନ କରିଥିଲେ। ଇସଲାମ ଧର୍ମର ବିସ୍ତାର ପାଇଁ ଅନ୍ୟଧର୍ମର ମାନ୍ୟତା ଉପରେ, ପ୍ରତୀକ ଉପରେ ଏବଂ ସାଧନା କେନ୍ଦ୍ର ଉପରେ ଆକ୍ରମଣ କରିବା ସହ ଶିକ୍ଷା କେନ୍ଦ୍ରକୁ ନଷ୍ଟ କରିବା ଥିଲା ଏମାନଙ୍କ ରଣନୀତି।

ଭାରତ ପାଇଁ ଏହା ଉପେକ୍ଷିତ ନଥିଲା। ଏଣୁ ଭାରତର ସଂସ୍କୃତି ସାଧକ ତଥା ରାଜାମାନଙ୍କ ମଧ୍ୟରେ ମତଭେଦ ସତ୍ତ୍ୱେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସେମାନେ ଭକ୍ତି ଏବଂ ଶକ୍ତିର ସାହାଯ୍ୟରେ ସଂଘର୍ଷ କରିଥିଲେ। ନାରୀ ଏବଂ ପ୍ରକୃତିକୁ ଉପଭୋଗର ବସ୍ତୁ ବୋଲି ଗ୍ରହଣ କରିବା ଭାରତୀୟ ମାନସିକତା ନୁହେଁ। ଏଣୁ ଇସଲାମ ଧର୍ମ ସହ ବିରୋଧାଭାଷ କେବଳ ରାଜକୀୟ ଗାଦି ପାଇଁ ନଥିଲା ବରଂ ଥିଲା ମାନବୀୟ ମାନ୍ୟତା ପାଇଁ। ଭାରତର ସଂସ୍କୃତି ସବୁବେଳେ ଶାନ୍ତି ଓ ସଦ୍‌ଭାବକୁ ଗୁରୁତ୍ୱ ଦେଇଥାଏ। ଭାରତ ଭୂଭାଗକୁ ପଶ୍ଚିମ ଦେଶରୁ ଆସିଥିବା ଖ୍ରୀଷ୍ଟଧର୍ମ ହେଉ ବା ଶସ୍ତ୍ର ସହାୟତାରେ ଆସିଥିବା ଇସଲାମ ଧର୍ମ ଏସବୁକୁ ଭାରତୀୟ ସଂସ୍କୃତି ମାନ୍ୟତା ଦେଇଛି ଓ ସେମାନଙ୍କୁ ପରିବାର ବୋଲି ଗ୍ରହଣ କରିନେଇଛି। ଭାରତୀୟ ସଂସ୍କୃତି ବିଶ୍ୱର ପୁରାତନ ସଂସ୍କୃତି ଏବଂ ଏହା ବିବିଧତାରେ ଭରପୁର। ଭାରତୀୟ ସଂସ୍କୃତି ସାରା ବିଶ୍ୱକୁ ଏକ ପରିବାର ବୋଲି ଭାବି ଆସିଛି।

# ଉତ୍କଳର ବରପୁତ୍ର : ବିଜୁବାବୁ



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

୧୯୩୬ ମସିହା, ଏପ୍ରିଲ୍ ପହିଲା। ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ। ଏହି ଦିନ ଓଡ଼ିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା। ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରିପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତ୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡ଼ିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା।

ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା। ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ। ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ। ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ। ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିବ୍ଲେର ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ଥିଲେ। କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା। ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ।

୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ। ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ୍ୟ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟି କରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ। ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡ଼ିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ।

ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ। ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ। ଓଡ଼ିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ, ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ। ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା।

କଟକ ରେଭେନ୍ସା କଲେରେ ଓୟାରଲେସ୍ ଟ୍ରେନିଂର ବ୍ୟବସ୍ଥା କରି ସେ ଓଡ଼ିଆ ଯୁବକମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତି ପାଇବାର ପଥ ସୁଗମ କରିପାରିଛନ୍ତି।

ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା। ରାଜ୍ୟ ବାହାରେ ଥିବା ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବା ପାଇଁ ଛାତ୍ରମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା। ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ଗୁଡ଼ିକରେ ନାମ ଲେଖାଇବାର ସୁଯୋଗରୁ ବଞ୍ଚିତ ହେଉଥିଲେ। ଅତିବ ଗର୍ବ ଓ ଗୌରବର କଥା ଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉରକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ। ଓଡ଼ିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ। ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି। ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇପାରିଛି।



ଓଡ଼ିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟ୍ୟୁବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୂତ ଉନ୍ନତି ସାଧନ କରିଯାଇଛନ୍ତି। ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା। ଓଡ଼ିଶା ଆଜି କିନ୍ତୁ ପାରାଦୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ। ତେବେ ପାରାଦୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ। ଏହି ରିପୋର୍ଟ ଫଳରେ ପାରାଦୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବା ପାଇଁ ପ୍ରସ୍ତାବ ହୋଇଥିଲା।

ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଞ୍ଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ତୋଳି ଦେଲେ ଏ ଜାତିର ହାତରେ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ। ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯଗୁକୁ।


ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ। ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା। ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଞ୍ଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଣ୍ଟିବାକୁ ଯାଉଥିଲେ। ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି। ବଢ଼ିଲା ନଈ। ଆକାଶରେ ଟାଣ ମେଘୁଆ ଖରା। ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା। ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇ ନେଇ ବଢ଼ିଲା ନଈରେ ପକାଇ ଦେଲା। ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା। ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି। ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା। କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁ ବଢ଼ାଇ ଦେଇଥିଲେ। ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ତୋଳିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ - ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ।

ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ- ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ। ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ। ଅନ୍ୟଏକ ଦିନର ଘଟଣା। ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ। ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ। ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ। ସେଦିନ ଏହି ସଭାମଞ୍ଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ। ଅତିଥିମାନେ ମଞ୍ଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ। ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବା ପାଇଁ ନାଲିଆଖି ଦେଖାଉଥିଲେ।

ବିଜୁବାବୁ ସଭାମଞ୍ଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି। ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ। ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି। ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ। ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ। ଏହି ସ୍କୁଲ୍‌ରେ ଦିନକର ଘଟଣା। ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା। ତାକୁ ଦେଖିବା ପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି। ଭୂଗୋଳ ପିରିୟଡ। ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲି। ଭିଲେଜ୍ ଗ୍ରାଉଣ୍ଡରେ ପହଞ୍ଚି ହେଲିକପ୍ଟରରେ ହାତ ମାରିଦେଲି। ସଙ୍ଗେସଙ୍ଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା। ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି। ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି।

ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ। ଏତିକି କହି ବିଜୁବାବୁ ବସି ପଡ଼ିଥିଲେ। ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାକରଣ ସୃଷ୍ଟି କରିପାରିଥିଲେ। ବିଜୁବାବୁ ଥିଲେ ଓଡ଼ିଆ ଜାତିର ଏକ ଅଲିଭା ପ୍ରଦୀପ। ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ। ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ।

# ହିମୋଫିଲିଆ ଓ ରକ୍ତଦାନ



ଡ. ସୁରେଶ କୁମାର ନାୟକ
ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ
ସେକ୍ଟର-୯, ସିଡିଏ, କଟକ
ମୋ: ୯୪୩୭୨୨୫୫୯୨

ଆଜି ହେଉଛି ବିଶ୍ୱ ହିମୋଫିଲିଆ ଦିବସ। ପ୍ରତିବର୍ଷ ଅପ୍ରେଲ ୧୭ ତାରିଖରେ ଏହି ଦିବସଟି ପାଳନ କରାଯାଇ ଆସୁଅଛି। ୧୯୮୯ ମସିହାରୁ ଏହି ଦିବସ ପାଳନ କରାଯାଉଛି। ହିମୋଫିଲିଆ ଏକ ବଂଶଗତ ରୋଗ। ମାଆ ଠାରୁ ଶିଶୁକୁ ଏହି ରୋଗ ସଂକ୍ରମିତ ହୋଇଥାଏ। ୱାର୍ଲଡ଼ ଫେଡେରେସନ ଅଫ୍ ହିମୋଫିଲିଆ ଦ୍ୱାରା ପ୍ରଦତ୍ତ ଏକ ରିପୋର୍ଟ ଅନୁସାରେ, ପ୍ରତିବର୍ଷ ସାରା ବିଶ୍ୱରେ ପ୍ରତି ଦଶ ହଜାର ମଧ୍ୟରେ ଜଣେ ଶିଶୁ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଜନ୍ମ ନିଏ। ଏହା ଏକ ବଂଶଗତ ରୋଗ। ହିମୋଫିଲିଆସ୍ (ହିମୋଫିଲିଆ ରୋଗରେ ଆକ୍ରାନ୍ତ ବ୍ୟକ୍ତି) ଠାରେ ରକ୍ତ ଜମାଟ ବାନ୍ଧିବାର ସ୍ତର କମ୍ ଥାଏ। ଫଳରେ ବହୁତ ସମୟ ଧରି ରକ୍ତ ବାହାରିଥାଏ। ଏହା ଏକ ସାଧାରଣ ରୋଗ ଜଣାଯାଉଥିଲେ ମଧ୍ୟ ଶରୀରରେ ବହୁତ କ୍ଷତି ପହଞ୍ଚାଇଥାଏ। ହେଲେ ଏ ରୋଗ ବିଷୟରେ ଅଧିକାଂଶ ସଚେତନ ନୁହନ୍ତି। ଏଥିପାଇଁ ଚଳିତ ବର୍ଷର ଏହି ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଛି। ତାହା ହେଉଛି 'ପରିବାରର ସମର୍ଥନ'। ଏହି ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କୁ ପରିବାରର ସମର୍ଥନ ନିହାତି ଜରୁରି। କାରଣ ଯେ କୌଣସି ବ୍ୟକ୍ତି ବା ପିଲାଠାରେ ଏହି ସମସ୍ୟା ଦେଖାଦେଲେ ପ୍ରଥମେ ପରିବାର ଲୋକ ଜାଣପାରିବେ। ତେଣୁ ପରିବାର ଲୋକ ଯଦି ଏଥିପ୍ରତି ସଚେତନ ହୋଇ ଡାକ୍ତରଙ୍କ ପରାମର୍ଶ କରିବେ, ତେବେ ରୋଗୀ ଜଣକ ସୁସ୍ଥ ହୋଇପାରିବ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରୋଗର ସମ୍ପର୍କ ସୃଷ୍ଟିର ସବୁଠାରୁ ଅମୂଲ୍ୟ ସମ୍ପଦ ରକ୍ତ ସହିତ ରହିଛି। ପ୍ରଶ୍ନ ଉଠିବ ସମସ୍ତଙ୍କ ଶରୀରରେ ତ ରକ୍ତ ରହିଛି ତାହାହେଲେ ଏ ରକ୍ତକୁ ନେଇ ଆଲୋଚନା କାହିଁକି ? ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏ ପୃଥିବୀରେ ଯେତେ ମୃତ୍ୟୁ ହୋଇଥାଏ ସବୁଠାରୁ ଅଧିକ ଏହି ରକ୍ତଜନିତ କାରଣରୁ ହିଁ ହୋଇଥାଏ। ଅନେକ ମୁମୂର୍ଷୁ, ଅସହାୟ ଏବଂ ଅଜ୍ଞାତରେ ରକ୍ତ ସମ୍ବନ୍ଧରେ ନଜାଣି ଏବଂ ଯଥାର୍ଥ ସମୟରେ ରକ୍ତ ନମିଳିବାରୁ ଅକାଳରେ ଜୀବନ ଦୀପ ଲିଭିଯାଏ।

ଏ ଜୀବନରେ ଶ୍ରେଷ୍ଠତମ ସମର୍ପଣ ଓ ନିଃସ୍ୱାର୍ଥପର ପୁଣ୍ୟ ବୋଇଲେ ରକ୍ତଦାନକୁ ବୁଝାଏ। ରକ୍ତଦାନ ଦ୍ୱାରା ଜଣେ ପ୍ରଥମତଃ ସେବା ମହକତା ଅନୁଭବ କରିପାରେ ଦ୍ୱିତୀୟତଃ ଅନ୍ୟଜଣଙ୍କ ଜୀବନ ବଞ୍ଚାଇ ଆତ୍ମ ସନ୍ତୋଷ ପାଇପାରିଥାଏ। ସେହିପରି ରକ୍ତ ଦେବା ଦ୍ୱାରା ଶରୀର ମଧ୍ୟ ବେଗବାନ ଓ ତେଜୀୟାନ ହୋଇପାରିଥାଏ। ଯେ କେହି ୧୮ରୁ ୧୬ ବର୍ଷ ବୟସର ହୋଇଥିଲେ ଏବଂ ଓଜନ ୪୫ କି.ଗ୍ରା.ରୁ ବା ତାଠାରୁ ଅଧିକ ଥିଲେ ସେ ରକ୍ତଦାନ କରିପାରିବେ। ପଲ୍‌ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିଲେ ଓ ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବା ଦରକାର। ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି।

ଖରାଦିନେ ବିଶେଷକରି ରକ୍ତଦାନ ଶିବିର ଅତି କମ୍ ହୋଇଥାଏ। କାରଣ ଲୋକମାନଙ୍କ ଭିତରେ ଏହି ତୀକ୍ଷଣ ଖରାକୁ ନେଇ ଅଜଣା ଭୟ ରହିଥାଏ। ତେବେ ବାସ୍ତବ କଥା ହେଉଛି ବର୍ଷର ସବୁ ସମୟରେ ଯେ କେହି ରକ୍ତଦାନ କରିପାରିବେ। ବର୍ଷର ବିଭିନ୍ନ ସ୍ୱତନ୍ତ୍ର ଦିବସ ତଥା ଅନେକ ଲୋକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି। ଓଡ଼ିଶାର ମାନବୀୟ ମୂଲ୍ୟବୋଧ ଓ ଶିକ୍ଷାର ଦିଗବାରେଣୀ ସାଜିଥିବା ଅନ୍ୟତମ ଶିକ୍ଷାନୁଷ୍ଠାନ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ପବ୍ଲିକ ସ୍କୁଲ ତରଫରୁ ଆସନ୍ତା ଅପ୍ରେଲ ୨୬ ତାରିଖରେ ଅନୁଷ୍ଠାନ ସତରତମ ପ୍ରତିଷ୍ଠା ଦିବସ ପାଳନ କରୁଥିବାରୁ ସମ୍ବାଦ, ଆମ ଓଡ଼ିଶା, ରୋଟାରୀ କ୍ଲବ ଅଫ କଟକ, ବାରବାଟୀ, ସ୍ଥାନୀୟ ସେକ୍ଟର ଆଠ, ସେକ୍ଟର ନଅ, ସେକ୍ଟର ଦଶ ପୂଜା କମିଟିର ମିଳିତ ସହଯୋଗରେ ଏକ ଦିବସବ୍ୟାପୀ ମେଗା ରକ୍ତଦାନ ଶିବିର ଓ ରକ୍ତଦାନ ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ସେକ୍ଟର ଛଅର ସାଇ ନେତ୍ରଧାମ ସହଯୋଗରେ ବିନା ମୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ମାର୍ଗଦର୍ଶନ, ପ୍ରତିଷ୍ଠାତ୍ରୀ ମଞ୍ଜୁଶ୍ରୀ ମିଶ୍ରଙ୍କ ପୌରହିତ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁରେଶ କୁମାର ନାୟକ ଓ ଟ୍ରଷ୍ଟି ଚନ୍ଦନ ମହାନ୍ତିଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଅନୁଷ୍ଠାନର ଆଡ଼ମିନ ମିନୁ ପଟ୍ଟନାୟକ, ସ୍ୱାତି ଶ୍ରୀଲେଖା, ପ୍ରଦୀପ କୁମାର ନାୟକ, ଶ୍ରୁତକୀର୍ତ୍ତି ପଟ୍ଟନାୟକ, ଦିବ୍ୟାଂଶୀ ପରିଡ଼ା, ମୀନତି ଭୂୟାଁ, ପରମିତା ଶୁଭଦର୍ଶନୀ, ପିଙ୍କି ମହାପାତ୍ର, ଅଭିଶେକ ସାହୁ, ସ୍ମୃତିରଞ୍ଜନ ନାୟକ, ଆଦିତ୍ୟ ଦାସ, ପ୍ରତୀକ ଚାଟାର୍ଜୀ ଓ ପୂଜା କମିଟିର ପ୍ରତିନିଧି ଭାବେ ଭାସ୍କର ନାୟକ, ଅଶୋକ ଚୌଧୁରୀ, ମନୋରଞ୍ଜନ ଦାସ ଓ ସେକ୍ଟର ଏଗାରର ଅକ୍ଷୟ ଦାସଙ୍କ ସମେତ ସମ୍ବାଦ ଓ ଆମ ଓଡ଼ିଶାର ପ୍ରତିନିଧି କେ.ଯୋଗାନନ୍ଦ ଉପସ୍ଥିତ ରହି ପରାମର୍ଶ ପ୍ରଦାନ କରିଥିଲେ। କୌଣସି କାରଣବଶତଃ ଯେଉଁ ବ୍ୟକ୍ତି କ୍ରମାଗତ ଭାବରେ ଅସୁସ୍ଥ ଓ ଗର୍ଭବତୀ ବା ପ୍ରସୂତି ମହିଳା ଏବଂ ଋତୁଚକ୍ର ମଧ୍ୟରେ ମହିଳାମାନେ ରକ୍ତଦାନ କରିପାରିବେ ନାହିଁ। ଯେଉଁମାନଙ୍କର ଭୂତାଣୁ ଜନିତ ସଂକ୍ରମଣ ଅଛି, ରକ୍ତଦ୍ୱାରା ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ। ଲିଭର, ହୃତ୍‌ପିଣ୍ଡ, କିଡ଼ନୀ, ମସ୍ତିଷ୍କ ବା ଫୁସ୍‌ଫୁସ୍ ସମସ୍ୟା ଥିଲେ। ଶ୍ୱାସରୋଗ, କ୍ୟାନସର କିମ୍ବା ହେପାଟାଇଟିସ୍ ଥିଲେ। ଯେଉଁମାନେ ରକ୍ତଚାପ ଔଷଧ ଖାଉଛନ୍ତି ସେମାନେ ରକ୍ତଚାପ ନିୟନ୍ତ୍ରିତ ହେବା ପରେ ରକ୍ତ ଦେଇପାରନ୍ତି। ଯେଉଁ ବ୍ୟକ୍ତିଙ୍କ ଓଜନ ହଠାତ୍ ୫ / ୧୦ କେଜି କମ୍ ହୋଇଯାଏ ସେମାନେ ଯାଞ୍ଚ ପରେ ରକ୍ତ ଦେଇପାରନ୍ତି ।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରେ ରକ୍ତ କମିଯାଏ। ଯାହାଫଳରେ ଗୁରୁତର, ମୁମୂର୍ଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଭାଇଚାରାର ସହର କଟକରେ ଅନେକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥାଏ। ଅନେକ ହୁଏତ ଜାଣି ନଥିବେ ଦୁର୍ଘଟଣାର ଆହତ ବ୍ୟକ୍ତିଟି ହୁଅନ୍ତୁ ବା ବଡ଼ ଅସ୍ତ୍ରୋପଚାର, ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ହେଉ ବା ଥାଲାସେମିଆ, ଏନିମିଆ, କ୍ୟାନସର, କେମୋ ଥେରାପି, ଡାୟାଲିସିସ୍, ହେମୋଫିଲିଆ ବା ରକ୍ତ ସମ୍ବନ୍ଧିତ ଅନ୍ୟ ରୋଗମାନଙ୍କୁ ରକ୍ତ ଦରକାର ପଡ଼ିଥାଏ। ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେଟ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ। ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ । ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ। ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ। ପଇସା ବଦଳରେ ରକ୍ତ ମିଳେନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ । ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ । ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ । ଆଜି ବିଶ୍ୱ ହିମୋଫିଲିଆ ବା ରକ୍ତଜନିତ ରୋଗ ଏହି ଦିବସ ଅବସରରେ ଆପଣମାନଙ୍କ ଭିତରେ ରକ୍ତଦାନ ପ୍ରତି ଆଗ୍ରହ ଓ ଶ୍ରଦ୍ଧା ଅତୁଟ ରହିଲେ ଏହି ଦିବସର ଗୁରୁତ୍ୱ ପ୍ରତୀୟମାନ ହୋଇପାରିବ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ତିହିଡ଼ି, (ଭାସ୍କର ନ୍ୟୁଜ): ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ, ହତ୍ୟା, ଅପହରଣ ବୃଦ୍ଧି ପାଉଛି। ଏହି ଅଭିଯୋଗ ଆଣି ମଙ୍ଗଳବାର ସନ୍ଧ୍ୟାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ତିହିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ତିହିଡ଼ି ତହସିଲ ଛକ ଠାରୁ ଆରମ୍ଭ ହୋଇ ବ୍ଲକ ଛକଠାରେ ଶେଷ ହୋଇଥିଲା। ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସଙ୍କ ନେତୃତ୍ୱରେ ଏହି ମଶାଲ ଶୋଭାଯତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଉଦ୍ଧବ ଚରଣ ନାୟକ, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ନାୟକ, ମୀନକେତନ ସେନାପତି, ଗଣେଶ ମଳିକ, ବିପିନ ବିହାରୀ ପତି, ଆଶୀଷ କୁମାର ମଲିକ, ବେଣୁଧର ଦାସ, ଦେବେନ୍ଦ୍ର ବେହେରା, ଭାସ୍କର ନାଥ, ପୀତାମ୍ବର ସେଠୀ, ଦିବ୍ୟସିଂହ ବଳ, କରୁଣାକର ମହାରଣା, ପୀତବାସ ନାୟକ, ଚୈତନ୍ୟ ସେଠୀ, ସୁରେଶ ମହାପାତ୍ର, ଦିଲୀପ ବିଶ୍ୱାଳ, ସୌମ୍ୟଗୋପାଳ ନାୟକ, ସୁଧାଂଶୁ ଶେଖର ମାହୁନ୍ତ, ଶିବ ପ୍ରସାଦ ନାୟକ, ସମିତ ସାହୁ, ସୁରେନ୍ଦ୍ର ସାହୁ, ବିକ୍ରମ ଜେନା, ଚନ୍ଦ୍ରକାନ୍ତ ବାରିକ, ଗୋପୀନାଥ ଦାସ, ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇ ମଶାଲ ଧରି ବିଭିନ୍ନ ଶ୍ଳୋଗାନ ଦେଇ ବଜାର ପରିକ୍ରମା କରିଥିଲେ।



# ପିଏମ ଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ଗୁଣାତ୍ମକ ଓ ଆଧ୍ୟାତ୍ମିକ ଶିକ୍ଷା ସହିତ ସଂସ୍କାର ଜରୁରୀ : ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପିଏମ ଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟର ୭୭ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରିଣୀ ବିନୀତା ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଭୁବନ ହେଉଛି ସହିଦ ବୀର ବାଜି ରାଉତଙ୍କ ମାଟି। ଏ ମାଟିରେ ମୁଁ ଆଜି ଅତିଥି ଭାବେ ଯୋଗଦେଇ ନିଜକୁ ଧନ୍ୟ ମନେକରୁଛି। ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା। ଶିକ୍ଷକଶିକ୍ଷୟିତ୍ରୀମାନେ ପିଲାଙ୍କୁ ଗୁଣାତ୍ମକ ଓ ଆଧ୍ୟାତ୍ମିକ ଶିକ୍ଷା ଦେବା ସହିତ ସଂସ୍କାର ଶିକ୍ଷା ଦିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ କହିଥିଲେ ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏହି ବିଦ୍ୟାଳୟର ଛାତ୍ର। ୭୭ ବର୍ଷର ଭୁବନ ଉଚ୍ଚ ବିଦ୍ୟାଳୟ ବହୁ ଯୋଗ୍ୟ ଛାତ୍ର ସୃଷ୍ଟି କରିଛି।




ସେମାନଙ୍କ ମଧ୍ୟରୁ ଅନେକ ଛାତ୍ର ଦେଶ, ବିଦେଶରେ ଉଚ୍ଚ ପଦବୀରେ କାର୍ଯ୍ୟ କରି ଏହି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ମୁଁ ଏହି ବିଦ୍ୟାଳୟରେ ଅଧ୍ୟୟନ କରି ଆଜି ବିଧାୟକ ହୋଇଥିବାରୁ ନିଜକୁ ଗର୍ବିତ ଓ ଧନ୍ୟ ମନେକରୁଛି। ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରମାନଙ୍କ ସହଯୋଗ ଜରୁରୀ ବୋଲି ବିଧାୟକ ଜେନା ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପୁରାତନ ଛାତ୍ର ଡ. ଧରଣୀଧର ଜେନା, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଉପ ଜିଲ୍ଲାପାଳ ଦିନମଣି ନାୟକ ଓ ସମ୍ମାନିତ ବକ୍ତା ଭାବେ ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରୁଦ୍ର ନାରାୟଣ ସାମଲ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସଫଳତା ଓ ଅଭାବ ଅସୁବିଧା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୋ ସ୍କୁଲ ଅଭିଯାନ ସଭାପତି ଇଂ ଦେବେନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର କୁମାର ଦାଶ ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ ଶିକ୍ଷକ ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଶିକ୍ଷକ ସାଗର ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଲୁମିନି କମିଟି, ପରିଚାଳନା କମିଟି ସଦସ୍ୟଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

# ବୃଦ୍ଧ ବ୍ୟକ୍ତିଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ

ପାରାଦୀପ, (ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ସ୍ଥାନୀୟ ହରିଣ ପାର୍କ ପରିସରରେ ମଙ୍ଗଳବାର ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୧୫୦ ଜଣ ଆର୍ଥିକ ଅନଗ୍ରସର ବୟୋବୃଦ୍ଧ ପୁରୁଷ ଓ ମହିଳାମାନଙ୍କୁ ପାଣି ବୋତଲ, ଛତା, ବେଡ଼ସିଟ, ମଶୁରି ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ମୁଖ୍ୟ ଅତିଥି ଏବଂ ବନ୍ଦର ଉପ ସଂରକ୍ଷକ ଏ.ସି. ସାହୁ, ସିଏମଇ ଏସ. ନାହାକ, ସିନିଅର ଡିଟିଏମ ଏ.କେ. ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଏହି ଉପକରଣ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାକ୍ଷରତା ସମିତିର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଓ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ସଫଳତାର ସହ ପରିଚାଳନା କରିଥିଲେ। ତେବେ ସମିତିର ଏପରି ମହତ କାର୍ଯ୍ୟକୁ ହିତାଧିକାରୀମାନେ ଉଚ୍ଚ



ପ୍ରଶଂସା କରିଥିଲେ। ସୂଚନାଥାଉକି, ସମାଜର ଦୁର୍ବଳ ଶ୍ରେଣୀର ଉତଥାନ, ସାକ୍ଷରତା ଅଭିବୃଦ୍ଧି ଓ ସଚେତନତା, ବିଭିନ୍ନ ପ୍ରଶିକ୍ଷଣ ଦ୍ୱାରା ରୋଜଗାରକ୍ଷମ କରାଇବା ଇତ୍ୟାଦି ଲକ୍ଷ୍ୟ ନେଇ ପାରାଦୀପ ସାକ୍ଷରତା ସମିତି ଦୀର୍ଘ ୩୨ ବର୍ଷ ହେବ ସଫଳତାର ସହ କାର୍ଯ୍ୟ କରିଆସୁଛି। ପାରାଦୀପ ବନ୍ଦର ଦ୍ୱାରା ପ୍ରତିଷ୍ଠିତ ଏହି ସାମାଜିକ ଅନୁଷ୍ଠାନର ଏହି ମହତ କାର୍ଯ୍ୟକୁ ସାଧାରଣରେ ସାଧୁବାଦ ଦିଆଯିବା ସହ ଆଗାମୀ ଦିନରେ ସମିତି ତା'ର କାର୍ଯ୍ୟଧାରା ବଜାୟ ରଖିବା ନେଇ ଆଶା କରାଯାଉଛି। ତେବେ ପାରାଦୀପ ବନ୍ଦର ତା'ର ପଣ୍ୟକାରବାର ଓ ବ୍ୟବସାୟରେ ଉନ୍ନତି ସହ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେଉଥିବା ଏପରି ସାମାଜିକ କାର୍ଯ୍ୟରୁ ପ୍ରତୀୟମାନ ହେଉଥିବା ଜଣାପଡିଛି।

# ସରକାରୀ ସ୍କୁଲରେ ନାମ ଲେଖାଇବା ପାଇଁ ମନାକଲେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପୁରୀ, (ଭାସ୍କର ନ୍ୟୁଜ): ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ଓ ନୂତନ ଭାବରେ ସ୍କୁଲରେ ନାମ ଲେଖାଇବା ପାଇଁ ସରକାର ବିଭିନ୍ନପ୍ରକାର ଯୋଜନା କରୁଛନ୍ତି ଓ ଅର୍ଥ ମଧ୍ୟ ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରକୃତ କ୍ଷେତ୍ରରେ ଏହା ହେଉନାହିଁ। ପିଲା ସ୍କୁଲରେ ନାମ ଲେଖାଇବାକୁ ଗଲେ ବିଭିନ୍ନ ବାହାନା କରି ହଇରାଣ କରିବା, ଅଭିଭାବକ ଓ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଖରାପ ବ୍ୟବହାର ଦେଖାଇବା ସ୍କୁଲରେ କାର୍ଯ୍ୟ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିତିଦିନିଆ ଘଟଣା ହୋଇଛି। ଏଭଳି ଘଟଣାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ବିଭିନ୍ନ ମହଲରୁ ଅଭିଯୋଗ ଆସିଥିଲା। ଏ ସଂକ୍ରାନ୍ତରେ ମଙ୍ଗଳବାର ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଡାକି ଏକ ରିଭ୍ୟୁ ବୈଠକ କରୁଥିଲେ। ଚର୍ଚ୍ଚାକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ଅଭିଯୋଗ ସତ୍ୟ ବୋଲି ଜାଣିବା ପରେ ଜିଲ୍ଲାପାଳ ଅଧିକାରୀମାନଙ୍କ ଉପରେ ଖପା ହେଇଥିଲେ। ଆଗକୁ ଯେପରି କୌଣସି ପିଲାଙ୍କୁ ସ୍କୁଲରେ ନାମ ଲେଖାରୁ ବଞ୍ଚିତ ନ



ହେବ ଏବଂ ଅଭିଭାବକ ଓ ଏ କ୍ଷେତ୍ରରେ କର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ଯେପରି ଖରାପ ବ୍ୟବହାର ନ କରାଯାଏ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଖୁବ୍ ଶୀଘ୍ର ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ କିପରି ଶୀଘ୍ର ସ୍କୁଲ ଫେରାଇ ଅଣାଯାଇପାରିବ ସେଥିପାଇଁ ମଧ୍ୟ ଶୀଘ୍ର ପଦକ୍ଷେପ ନେବାପାଇଁ ଏକ ସର୍ଭେ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଜାରି କରିଥିଲେ। ସେହିପରି ସଠିକ୍ ସମୟରେ ସ୍କୁଲ ଆସୁ ନଥିବା କିମ୍ୱା ନିଜ ଦାୟିତ୍ୱରେ ଅବହେଳା କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ସମୟରେ ମାଟ୍ରିକ ପରୀକ୍ଷା ରେଜଲ୍ଟକୁ ଭିତ୍ତି କରି ଉତ୍ତମ ସ୍କୁଲ ଓ ଶିକ୍ଷକମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବା ପାଇଁ ଜିଲ୍ଲାପାଳ କହିଥିଲେ। ଏହି ବୈଠକରେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ମ୍ୟାନଜମେଣ୍ଟ ୟୁନିଟର ପରାମର୍ଶ ଦାତା ସିଦ୍ଧାର୍ଥ ରାୟ, ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ତଥା ଶିଶୁ ଶିକ୍ଷା ଓ ସୁରକ୍ଷା ଦିଗରେ କର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଚଣ୍ଡିଖୋଲ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳିତ

ବଡ଼ଚଣା, (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ କଲେଜର ୫୦ ତମ ପ୍ରତିଷ୍ଠା ଦିବସ ତଥା ସୁବର୍ଣ୍ଣ ଜୟନ୍ତୀ ଉଦଘାଟନ ଉତ୍ସବ ଓ ଉଦଯାପନୀ ଦିବସ ଏକବର୍ଷ ବ୍ୟାପି ପାଳନ କରାଯିବ। କଲେଜର ବିଭିନ୍ନ ବିଭାଗ ଦ୍ୱାରା ସାଂସ୍କୃତିକ, ସାହିତ୍ୟିକ ଓ ସଚେତନତା କାର୍ଯ୍ୟକ୍ରମ ଜରିଆରେ ପାଳନ କରିବା ସହ ଏକ ସ୍ମରଣିକା ପ୍ରକାଶ କରିଯିବ। ପ୍ରତିଷ୍ଠାତା ସଭ୍ୟସଭ୍ୟା, ପରିଚାଳନା ସମିତି ସଭ୍ୟସଭ୍ୟା, କଲେଜର ପ୍ରଥମ କର୍ମଚାରୀ, ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ବୁଦ୍ଧିଜୀବୀଙ୍କୁ ଏଥିରେ ସାମିଲ କରାଯିବ। ସମାଜର ବିଭିନ୍ନ ବର୍ଗର ଉତ୍କର୍ଷ ପ୍ରତିଭା ଧର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିବା ନିମନ୍ତେ ଏକ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିବାକୁ ସ୍ଥିର କରାଯାଇଛି ଏହି ସଭାରେ ପୁରାତନ ଛାତ୍ରସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା, ମେଜର ଦିଲ୍ଲୀପ କୁମାର ନାୟକ, କାମିନୀ ନାୟକ, ପ୍ରଦୀପ କୁମାର ଧଳ, ଅଧ୍ୟାପକ ସଲିଳ ରାଜ ନନ୍ଦନ ମହାନ୍ତି ଡ. ଦିଲ୍ଲୀପ କୁମାର ନାୟକ ଓ ନିଶିକାନ୍ତ ଦାସ, ପ୍ରମୋଦ କୁମାର ଜେନା, ହରିଶଙ୍କର ପଣ୍ଡା, ଅନିଲ କୁମାର ଦାସ ଓ ବିକ୍ରମ କେଶରୀ ରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶୁଭମ୍ ପକ୍ଷରୁ ଆମ୍ବେଦକର ଜୟନ୍ତୀ ସମାରୋହ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବୋଡ଼କ ଠାରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ସହଯୋଗରେ ଅଗ୍ରଣୀ ସାମାଜିକ ସଂଗଠନ ଶୁଭମ ପକ୍ଷରୁ ଡ. ବି ଆର ଆମ୍ବେଦକରଙ୍କ ୧୩୪ ତମ ଜନ୍ମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ତ୍ୟାଗ ଭୂମି ସାଂସ୍କୃତିକ ସମ୍ମେଳନ ର ସଭାପତି ଅଜୟ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଆଇନଜୀବୀ ଗିରିଧାରୀ ନାଥ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପ□ ଗୋଲକ ଚନ୍ଦ୍ର ସାମଲ, ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ, ସମାଜସେବୀ ମହେନ୍ଦ୍ର ମଲ୍ଲିକ, ସମ୍ମାନିତ ବକ୍ତା ଭାବେ ଜିଲ୍ଲା ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ଜେନା, ସମିତି ସଭ୍ୟ ଜୟପ୍ରକାଶ ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁ ମୋହନ ଜେନା, ଅଧ୍ୟାପକ ଉମାକାନ୍ତ ମହାଳିକ, ଅଧ୍ୟାପକ ଲଲାଟେନ୍ଦୁ ମଲ୍ଲିକ, ଯୁବ ନେତା ତଥା ଆଇନଜୀବୀ କଳ୍ପତରୁ ପରିଡ଼ା ପ୍ରମୁଖ ଯୋଗଦେଇ ଆମ୍ବେଦକର ଥିଲେ ସାମାଜିକ ନ୍ୟାୟ ଆନ୍ଦୋଳନରେ ପ୍ରମୁଖ ସୂତ୍ରଧର ବୋଲି କହିଥିଲେ। ଏହି ଅବସରରେ ଆମ୍ବେଦକରଙ୍କ ଉପରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଗୋଲକ ପ୍ରସାଦ ପରିଡା ଓ ମାଳତୀଲତା ପରିଡା ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବା ସହିତ ସମାଜସେବା ଓ ବୃକ୍ଷ ରୋପଣ କ୍ଷେତ୍ରରେ




ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା କୁମାର ଗଙ୍ଗାଧରଙ୍କୁ ସଂଗଠନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଆନନ୍ଦ ଚନ୍ଦ୍ର ପଲାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଂଗଠନର ଉପସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ ସମାରୋହରେ ବୋଡ଼କ ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ କୃଷକ ଦଳିତ ଓ ସଚେତନ ନାଗରିକ ମାନେ ଯୋଗ ଦେଇ ବାବା ସାହେବଙ୍କ ଫଟୋ ଚିତ୍ରା ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗଠନର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ଭଞ୍ଜ, ସନାତନ ଜେନା, ବୀରେନ୍ଦ୍ର ଭଞ୍ଜ, ଚକ୍ରଧର ଜେନା, ବାବାଜୀ ଚରଣ ଭଞ୍ଜ, ରାଜା ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

# ପତ୍ରପୁରରେ ପ୍ରସିଦ୍ଧ ଝାମୁଯାତ୍ରା

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ଆଳି ପତ୍ରପୁର ପଞ୍ଚାୟତ ହିନ୍ଦୁ ନବବର୍ଷ ମହାବିଷୁବ ପଣା ସଂକ୍ରାନ୍ତି ଉପଲକ୍ଷେ କାକଟପୁର ମଙ୍ଗଳା ପୀଠ ପତ୍ରପୁର ଦ୍ୱାରା ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଇ ଥିଲା। ପ୍ରଥମଦିନ ଅଙ୍କୁରରୋପଣ ପରେ କଳସଯାତ୍ରା ଓ ଗୀତାଯଜ୍ଞ ସହିତ ଆଜି ଚଣ୍ଡୀପାଠ ଏବଂ ଯଜ୍ଞ ପୂର୍ଣ୍ଣାହୁତି ହୋଇ ଆଜି ପୁରସ୍କାରଣ ଦିବସରେ ବହୁ ଶ୍ରଦ୍ଧାଳୁଙ୍କ ଗହଣରେ ବ୍ରତଧାରୀ କାଳିସୀ ବ୍ରାହ୍ମଣୀ ନଦୀରୁ ଜଳ ଆଣିବା ପରେ ଡହଡହ ନିଆଁରେ ଖାଲି ପାଦରେ ଚାଲି ଯିବାର ଦୃଶ୍ୟକୁ ପ୍ରତିକୂଳ ପାଣିପାଗ ସତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତିର ସହିତ ଉପଭୋଗ କରିଥିଲେ। ଆଳି ଅଞ୍ଚଳ ପାଇଁ ଏଭଳି ଏକ ନିଆରା ପରମ୍ପରା ପ୍ରଥମ କରି ହେଉଥିବାରୁ ଭକ୍ତମାନଙ୍କ ମନରେ ଉନ୍ମାଦନା ସୃଷ୍ଟି କରିପାରିଛି।

# ପାରାଦୀପରେ କଂଗ୍ରେସର ମଶାଲ ଶୋଭାଯାତ୍ରା



ପାରାଦୀପ, (ଭାସ୍କର ନ୍ୟୁଜ): ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନକ୍ରମେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ରାଜ୍ୟରେ ନାରୀ ସୁରକ୍ଷା, ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ଏକ ମଶାଲ ଶୋଭାଯାତ୍ରା ମଙ୍ଗଳବାର ସଂନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ପିସିସି ସାଧାରଣ ସମ୍ପାଦକ ନିରଞ୍ଜନ ନାୟକଙ୍କ ନେତୃତ୍ୱ ଏବଂ ପାରାଦୀପ ନଗର କଂଗ୍ରେସ୍ ସଭାପତି କେଦାରନାଥ ବିଶ୍ୱାଳଙ୍କ ସହଯୋଗରେ ଶତାଧିକ କଂଗ୍ରେସ କର୍ମୀ ଏହି ଯାତ୍ରାରେ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ପର୍ଯ୍ୟବେକ୍ଷକ ରାଜ କିଶୋର ବାରିକ, ସିଦ୍ଧାର୍ଥ ମହାନ୍ତି, ଜିଲ୍ଲା ପର୍ଯ୍ୟବେକ୍ଷକ ଇମତାଜ ଅହମଦ,କାହ୍ନୁ ଚରଣ ପରିଡ଼ା, ସରୋଜ ପ୍ରଧାନ, ସମନ କୁମାର ଖୁଣ୍ଟିଆ,ଧ୍ରୁବ ଚରଣ ମହାପାତ୍ର, ଚନ୍ଦ୍ର ଶେଖର ମହାପାତ୍ର, ତ୍ରିନାଥ ମହାନ୍ତି, ଗଦାଧର ମହାନ୍ତି, କୃପାସିନ୍ଧୁ ଦାସ, ରଞ୍ଜନ ଦାଶ, ସଂଜୟ ମୁଦୁଲି, କୌଶଲ୍ୟା ମହାନ୍ତି, ଧରିତ୍ରୀ ସାମଲ, ଖୁଲଣା ଜେନା, ବନିତା ପ୍ରଧାନ, ପୁଷ୍ପଲତା ଦାସ, ମିନତି ପ୍ରଧାନ ପ୍ରମୁଖ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ବିଧାୟକ ଛବି ମଲ୍ଲିକଙ୍କ ଦ୍ୱାରା ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ


ନିଆଳି, (ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରଚଳିତ ହୋଇଛି ଆୟୁଷ୍ମାନ ଆରୋଗ୍ୟ କାର୍ଡ। ସାଧାରଣ ଓ ଗରିବ ଲୋକେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଇବେ ମାଗଣା ସ୍ୱାସ୍ଥ୍ୟ ସେବା। ଗତ ୧୧ ତାରିଖ ଦିନ କଟକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି. ନଡ୍ଡା ଆୟୁଷ୍ମାନ ଆରୋଗ୍ୟ କାର୍ଡ ଉଦଘାଟନ ପରେ ଏବେ କଟକ ଜିଲ୍ଲା ନିଆଳି ବ୍ଲକର ବିଭିନ୍ନ ଅଞ୍ଚଳରେ ଉପଭୋକ୍ତା ମାନଙ୍କୁ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ନିଆଳି ବ୍ଲକର କୃଷ୍ଣପ୍ରସାଦ ପଞ୍ଚାୟତ ପରିସରରେ ଆୟୋଜକ ଆୟୁଷ୍ମାନ ଆରୋଗ୍ୟ କାର୍ଡକୁ କାର୍ଯ୍ୟକ୍ରମକୁ ନିଆଳି ବିଧାୟକ ଛବି ମଲ୍ଲିକ ଉଦଘାଟନ କରିବା ସହିତ ଉପଭୋକ୍ତା ମାନଙ୍କୁ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର




ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଟେଣ୍ଡେଣ୍ଟ ଏସ.ନବିନ, କୃଷ୍ଣପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଦେବେଶ କୁମାର ରାଉତ, କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ, ବିନିଶିପୁର ସରପଞ୍ଚ, ନିର୍ଭରଣ ପଞ୍ଚାୟତ ସରପଞ୍ଚଙ୍କ ସମେତ ଜିଲ୍ଲାପରିଷଦ, ସମିତି ସଭ୍ୟ ଓ ଅଙ୍ଗନବାଡ଼ି ଏବଂ ଆଶା କର୍ମୀ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବିଧାୟକ ଛବି ମଲ୍ଲିକଙ୍କ ଦ୍ୱାରା ଉପଭୋକ୍ତାମାନଙ୍କୁ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ କରିଥିଲେ। କଟକ ଜିଲ୍ଲା ନିଆଳି ବ୍ଲକର ପହଙ୍ଗା, ବଡାରୋ, କସର୍ଦ୍ଦା ଓ କୃଷ୍ଣପ୍ରସାଦ ପଞ୍ଚାୟତ ଅଞ୍ଚଳରେ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ କରାଯାଇଛି। ନିଆଳି ବ୍ଲକର ୨୩ଟି ପଞ୍ଚାୟତର ପାଖାପାଖି ୭୦ ହଜାର ଲୋକେ ପାଇବେ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି।

# ଶ୍ରମିକମାନଙ୍କୁ କଳିଙ୍ଗ ମହିଳା ଶକ୍ତିର ପାନୀୟ ଜଳ ବଣ୍ଟନ

ପାରାଦୀପ, (ଭାସ୍କର ନ୍ୟୁଜ): ବନ୍ଦର ନଗରୀ ପାରାଦୀପରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ମୁଖ୍ୟ ସ୍ଥାନ ମାନଙ୍କରେ ଜଳଛତ୍ର କେନ୍ଦ୍ର ଖୋଲା ଯାଇଥିବା ବେଳେ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ୩ ନମ୍ବର ଫାଟକ ଦେଇ ଯିବାଆସିବା କରୁଥିବା ଶ୍ରମିକମାନଙ୍କ ଜଳକଷ୍ଟ ଦୂର କରିବା ପାଇଁ ଅଞ୍ଚଳର ଅଗ୍ରଣୀ ମହିଳା ସେବା ସଂଗଠନ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ଓଡିଆ ନବବର୍ଷ ଅବସରରେ ଏକ ପାନୀୟ ଜଳ ସେବା କେନ୍ଦ୍ର ଖୋଲାଯିବା ସହ ଶ୍ରମିକ ମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସଙ୍ଗଠନର ସଭାନେତ୍ରୀ ମନୋରମ ଖଟୁଆ, ଉପଦେଷ୍ଟା ଗଦାଧର ମହାନ୍ତି, ସମ୍ପାଦିକା କମଳା ଓଝା, କଲ୍ୟାଣି ସ୍ୱାଇଁ, ସରୋଜିନୀ ସ୍ୱାଇଁ, ମାନି ଦାସ, ମେନକା ମଲ୍ଲିକ, ରବିନ୍ଦ୍ର



ମଲ୍ଲିକ, ପ୍ରମିଳା ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପାରାଦୀପରେ ପ୍ରବଳ ଗୁଳୁଗୁଳି ଯୋଗୁଁ ଆସନ୍ତା ଦୁଇ ମାସ ଥଣ୍ଡା ପାନୀୟ ଜଳ ବଣ୍ଟନ ଏହି ଗେଟ ନମ୍ବର-୩ ଠାରେ ଚାଲୁ ରହିବ ବୋଲି ସଙ୍ଗଠନ ସଭାନେତ୍ରୀ ସୁଶ୍ରୀ ଖଟୁଆ ସୂଚନା ଦେଇଛନ୍ତି।

# ନିମାପଡ଼ାରେ ଭାରିଯାନ ସୃଷ୍ଟି କରୁଛି ସମସ୍ୟା



ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଅଂଚଳରେ ଭାରିଯାନ ସୃଷ୍ଟି କରୁଛି ସମସ୍ୟା। ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହେଉଥିବା ବେଳେ ଲୋକମାନେ ଯାତାୟତ କରିବା କଷ୍ଟକର ହୋଇପଡୁଛି। ଏପରିକି ଜରୁରୀ କାଳୀନ ସେବା ମଧ୍ୟ ଅଟକି ରହିଛି। ଦୀର୍ଘଦିନ ହେବ ଏହି ସମସ୍ୟା ଉପରେ ଦୃଷ୍ଟି ଦେବା ପାଇଁ ଦାବୀ ହେଉଥିଲେ ମଧ୍ୟ ଅମାନିଆ ଗାଡ଼ି ଚାଳକମାନେ ପ୍ରଶାସନର କଟକଣା ନମାନି ସହର ଭିତରକୁ ପଶି ଆସୁଛନ୍ତି। ଯାହା ପାଇଁ ଅନେକ ଦୁର୍ଘଟଣା ଘଟିବା ସହ ଲୋକମାନେ ଖରାରେ ଘଣ୍ଟାଘଣ୍ଟା ଧରି ଅଟକି ରହୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅଂଚଳରେ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇପଡ଼ିଛି। ପୋଲିସ ପ୍ରଶାସନ ପକ୍ଷରୁ ଭାରିଯାନ ଉପରେ କଟକଣା ଲାଗୁ କରାଯାଇଥିବା ବେଳେ କିଛିଦିନ ଏହି କଟକଣାକୁ ମାନି ଭାରିଯାନ ସହର ଭିତରକୁ ପଶୁ ନଥିଲା। ମାତ୍ର ବର୍ତ୍ତମାନ ନିମାପଡ଼ା ମୁଖ୍ୟ ବଜାର ଦେଇ ଭାରିଯାନ ଯାତାୟତ କରୁଥିବା ବେଳେ ଗହଳି କାରଣରୁ ଘଣ୍ଟାଘଣ୍ଟା ଅଟକି ରହୁଛି ଯାହାଦ୍ୱାରା ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅନେକ ବାର ରାସ୍ତା ଜାମ୍ ହେଉଛି। ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଗାଡ଼ି ଅଟକି ରହୁଛି। କେତେକ ବ୍ୟବସାୟୀ ନିଜକୁ ପ୍ରତିଷ୍ଠିତ ବ୍ୟବସାୟୀ ଭାବି ଭାରିଯାନରେ ସାମଗ୍ରୀ ଆଣି ଘଣ୍ଟାଘଣ୍ଟା ରାସ୍ତା ଉପରେ ଥୋଇ ଲୋଡ୍ ଅନଲୋଡ୍ କରୁଥିବାରୁ ତାହା ମଧ୍ୟ ଜନସାଧାରଣଙ୍କ ପାଇଁ ବିପଦ ଡାକି ଆଣୁଛି। ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେବାପାଇଁ ବାରମ୍ବାର ଦାବୀ ହେଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। କେତେଜଣ ବ୍ୟକ୍ତି ବଡ଼ ବଜାରରେ ରାସ୍ତା ଉପରେ ହୋର୍ଡ଼ିଂ ମାରିବା, ରାସ୍ତାକୁ ବଢ଼ାଇ ଘରର ପାହାଚ ନିର୍ମାଣ କରିବା, ଡ୍ରେନେଜକୁ ଅବରୋଧ କରି ଚାଲିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନାହିଁ। ଅମାନିଆମାନେ ବଡ଼ ବଜାରର ଦୁଇ ପାଖ ରାସ୍ତାରେ ବାଇକ୍ ରଖିଥିବା କାରଣରୁ ରାସ୍ତା ସଂକୁଚିତ ହୋଇ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଗୋଲେଇଛକ ଠାରୁ ତଳଅଣିଆ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ଭାରିଯାନ ଠାରୁ ଆରମ୍ଭ କରି ଅନେକ ଯାନ ଥୁଆ ହେଉଥିବା ବେଳେ ଟ୍ରାଫିକ୍ ସମସ୍ୟା ଦେଖାଯାଉଛି। ଏହି ଘଟଣା ପ୍ରତି ପୋଲିସ ଅଧିକାରୀ ଦୃଷ୍ଟି ଦେବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବୀ ହୋଇଛି।

# ପୋଖରୀ ପାଣିରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ପୋଖରୀରେ ଗାଧୋଉଥିବା ବେଳେ ଜଣେ ଛାତ୍ର ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗ୍ରାମବାସୀମାନେ ପାଣିରୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଛାତ୍ରଙ୍କ ପରିବାରରେ ଏକ ଦୁଃଖଦ ପରିବେଶ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଧନୁଆଁ ଗ୍ରାମ ପଂଚାୟତ ଦେଖତା ଗ୍ରାମର ବାବୁଲି ପରିଡ଼ାଙ୍କ ପୁତ୍ର ଅଭିଜିତ ପରିଡ଼ା (୧୭) କଲେଜରେ ପଢୁଥିବା ବେଳେ ବୁଧବାର ପୂର୍ବାହ୍ନରେ ଗ୍ରାମ ନିକଟରେ ଥିବା ପୋଖରୀରେ ଗାଧୋଉଥିବା ବେଳେ ଅସାବଧନତା ହେତୁ ଗୋଡ଼ ଖସି ଯାଇଥିଲା। ପୋଖରୀ ମଧ୍ୟରେ ଛାତ୍ର ବୁଡ଼ି ଯାଇଥିବା ବେଳେ ଗ୍ରାମବାସୀ ବହୁ ଖୋଜାଖୋଜି ପରେ ଛାତ୍ରଙ୍କୁ ପାଣିରୁ ଉଦ୍ଧାର କରି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଏଠାରୁ କ୍ୟାପିଟାଲ ହସ୍ପିଟାଲକୁ ଛାତ୍ରଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ କରି ଛାତ୍ରଙ୍କୁ ପରିବାର ଲୋକେ ଗ୍ରାମକୁ ଆଣିଥିବା ବେଳେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ଅନେକ ଛାତ୍ର ପହଁରା ନ ଜାଣି ପୋଖରୀକୁ ଗାଧୋଇ ଯିବା କାରଣରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି।

# ନୂତନ ଥାନା ଅଧିକାରୀଙ୍କ ନିଯୁକ୍ତି

ସୋରଡା, (ଭାସ୍କର ନ୍ୟୁଜ): ସୋରଡା ଥାନାର ନୂତନ ଥାନା ଅଧିକାରୀ ଭାବେ ସୁନୀଲ କୁମାର ପ୍ରଧାନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ଥିବା କାର୍ଯ୍ୟରତ ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କୁ ଛତ୍ରପୁର ଗଞ୍ଜାମ ଜିଲ୍ଲା ଏସ.ପି. ଅଫିସକୁ ବଦଳୀ କରାଯାଇଛି ଏବଂ ଏସ.ପି. ଅଫିସରେ ଥିବା ସୁନୀଲଙ୍କ ସୋରଡା ଥାନାକୁ ବଦଳୀ କରାଯାଇଛି। ପ୍ରଧାନ ଏଥି ପୂର୍ବାରୁ ବହୁ ଜିଲ୍ଲାମାନଙ୍କରେ ଏସ.ଆଇ. ଭାବେ କମ କରୁଥିଲେ। ସାକ୍ଷାତକରରେ ପ୍ରଧାନ କହିଛନ୍ତି ସେ ଅଞ୍ଚଳର ଆଇନ ଶୃଙ୍ଖଳା, ଚୋରାମଦ ଏବଂ ସଡକ ସୁରକ୍ଷା, ନିରାପତ୍ତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ତାଙ୍କୁ ସ୍ଥାନୀୟ ଜନସାଧାରଣ ମାଁ କନ୍ଧୁଣିଦେବୀ ଘରଇ ବସ ମିଳିକ ସଂଘ, ବ୍ୟବସାୟୀକ ସଂଘ, ପ୍ରେସ କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏନଜିଓ, ଶଶିଭୂଷଣ ଯୁବକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସରକାରୀ ବିଦେଶୀମଦ ଦୋକାନ ଅବସ୍ଥିତ ଥିଲେ ମଧ୍ୟ ଅଞ୍ଚଳରେ ଏବଂ ସହରର ପ୍ରାୟ ହୋଟେଲ, ଜନଗହଳି ସ୍ଥାନରେ ନକଲି ମଦର ବନ୍ୟା ଅବାଟରେ ଚାଲିଥିବାରୁ ତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୋରଡା ପ୍ରେସ କ୍ଲବର ଆଡଭାଇଜର ଆରାପଲୀ ସାରଥି ଦାବି କରିଛନ୍ତି।

# ଶାରଳା ମଣ୍ଡଳ ତୈଳିକ ବୈଶ୍ୟ ମହାସଭାର ବାର୍ଷିକ ସମ୍ମିଳନୀ

ରଘୁନାଥପୁର, (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ସ୍ଥାନୀୟ ଶ୍ରୀ ମଦନମୋହନ ମଠ ପ୍ରାଙ୍ଗଣରେ ରଘୁନାଥପୁର ମଣ୍ଡଳର ତୈଳିକ ମହାସଭା ଅନୁଷ୍ଠାନର ସଭାପତି ଶ୍ରୀଚରଣ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପୁର ଶାଖା ମଣ୍ଡଳର ପରିଚାଳନା ପାଇଁ ଏକ ନୂତନ ଉପଦେଷ୍ଟା କମିଟି ଓ ପରିଚାଳନା କମିଟି ଗଠନ କରାଯାଥିଲା। ଏହି ଉପଦେଷ୍ଟାରେ ସୁରେନ୍ଦ୍ର ନାଥ ସାହୁ, ଜଗନ୍ନାଥ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଧରଣୀଧର ସାହୁ, ନିର୍ମଳ କୁମାର ସାହୁଙ୍କୁ ମନନୀତ କରାଯାଇ ଥିଲା। ପରିଚାଳନା କମିଟିରେ ସଭାପତି ରଞ୍ଜନ କୁମାର ସାହୁ, ଉପସଭାପତି ସୁଶାନ୍ତ କୁମାର ସାହୁ, ସଂମ୍ପାଦକ ଜିତେନ୍ଦ୍ର ନାଥ ସାହୁ, ଯୁଗ୍ମ ସମ୍ପାଦକ ଧୀରେନ୍ଦ୍ର ନାଥ ସାହୁ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାହୁଙ୍କୁ ସର୍ବସମତି କ୍ରମେ ମନୋନିତ କରାଗଲା। ଏଥିରେ ଅନୁଷ୍ଠାନର ସମ୍ପାଦକ କାହ୍ନୁଚରଣ ସାହୁ, କୋଷାଧ୍ୟକ୍ଷ ସତ୍ୟ ନାରାୟଣ ସାହୁ ଓ କାର୍ଯ୍ୟକାରୀ ସଭାପତି ନବକିଶୋର ସାହୁ ଉପସ୍ଥିତ ଥିଲେ। ଏଥିରେ ଶାରଳା ମଣ୍ଡପ ସମ୍ମୁଖରେ ଭଙ୍ଗା ଯାଇଥିବା କୁବେରପୁତ୍ର ଧର୍ମଶାଳାର ପୁନଃନିର୍ମାଣ ପାଇଁ ଉଦବେଗ ପ୍ରକାଶ ସହ ନୂତନ ଗୃହ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବୀପତ୍ର ଦେବା ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା।



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ମହିଳା ହିଂସା ସୀମା ଟପିଛି ଆଉ ସରକାର ପରିଚାଳିତ ବିଜେପି ସରକାର ନାରୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି ବର୍ତ୍ତମାନ ରାଜ୍ୟରେ ନାରୀମାନେ ଅସୁରକ୍ଷିତ ଓ ଅସହାୟ। ରାଜ୍ୟରେ ବିଜେଡି ୨୪ ବର୍ଷର କୁଶାସନ ପରେ ବିଜେପିର କେଳେଙ୍କାରୀ ସରକାର ଏବେ ନାରୀ ମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ। ଖୋଦ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱ ଥିଲେ ମଧ ଅପାରଗ ହୋଇଛନ୍ତି। ତେଣୁ ରାଜ୍ୟରେ ସମସ୍ତ ବ୍ଲକରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ କର୍ମୀମାନେ ବିକ୍ଷୋଭ ଓ ପ୍ରତିବାଦ କରିଛନ୍ତି। ତେଲକୋଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ବଙ୍ଗଳା ଛକରୁ ବାହାରି ବଜାର ଛକ ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ କଂଗ୍ରେସ କର୍ମୀମାନେ ମଶାଲ ରାଲି କରି ରାଜ୍ୟ ସରକାର ବିରୋଧୀ ସ୍ଲୋଗାନ ଦେଇ ବଜାର ଛକ ଠାରେ ଏକ ପଥ ପ୍ରାନ୍ତ ସଭା କରିଥିଲେ ଏହି ମଶାଲ ଶୋଭାଯାତ୍ରାକୁ ପୂର୍ବତନ ତେଲକୋଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାୟକ, ବରିଷ୍ଠ କଂଗ୍ରେସ ନେତା ସୁବାଷ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଦୀପ ଧୀର, ଶ୍ୟାମ ନାୟକ, ବଦ୍ରୀ ପ୍ରଧାନ, ନାରାୟଣ ପ୍ରଧାନ, ବାସୁଦେବ ପ୍ରଧାନ, ଚନ୍ଦ୍ରମଣି ସାହୁ, ରଜ କିଶୋର ନାୟକ, ପ୍ରମୋଦ ସାହୁ, କୈଳାସ ମହାପାତ୍ର ପ୍ରମୁଖ ସଫଳ କରାଇବାରେ ସହଯୋଗ କରିଥିଲେ।

# ନିଯୁକ୍ତି ଦାବିରେ ଗ୍ରାମବାସୀଙ୍କ ଧାରଣା



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଜମିହରା କ୍ଷତିଗ୍ରସ୍ତଙ୍କୁ ରେଳ ସାଇଡିଙ୍ଗରେ ନିଯୁକ୍ତି ଦାବିରେ ମଙ୍ଗଳବାର ପୁର୍ନଃବାର ଧାରଣାରେ ବସିଛନ୍ତି ଗୁହାଳଡ଼ିହି ଗ୍ରାମବାସୀ। ଓଡ଼ିଶା ମାନବାଧିକାର କମିଶନଙ୍କ ଆଦେଶକୁ ଜିଲ୍ଲା ପ୍ରଶାସନ ପାଳନ ନକରି ଏହି ବିବାଦ ସମାଧାନ କରୁନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ମଙ୍ଗଳବାର କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଗୋହାଲଡିହି ଗ୍ରାମର ୨୫୦ରୁ ଉର୍ଦ୍ଧ୍ୱ ଜମିହରା କ୍ଷତିଗ୍ରସ୍ତ ନିଯୁକ୍ତି ଦାବିରେ ରେଳସାଇଡିଙ୍ଗ ପ୍ରବେଶ ପଥରେ ଧାରଣାରେ ବସିଛନ୍ତି। ଦୁଇ ତାରିଖ ରେଳସାଇଡିଙ୍ଗକୁ ମାଲ ପରିବହନ କରୁଥିବା ଭାରୀଯାନ ଗୁଡିକୁ ଅଟକାଇଥିଲେ। ପୋଲିସ ପ୍ରଶାସନ ପହଞ୍ଚି ଏହାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ। ମାତ୍ର ୧୫ଦିନ ମଧ୍ୟରେ କୌଣସି ସମାଧାନ ହୋଇନାହିଁ। ଏଣୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ମା'ଭରାଳିପାଟ ସଂଗଠନ ବଡବିଲ ଜେଏସଡବ୍ଲୁ ଖଣିରୁ ରେଳ ସାଇଡିଙ୍ଗକୁ ମାଲ୍ ପରିବହନ କରୁଛି। ତେବେ ପୂର୍ବ ସରକାର ସମୟରୁ ଦୀର୍ଘ ୫ବର୍ଷ ହେଲାଣି ଗୋହାଲଡିହି ରେଲୱେ ସାଇଡିଙ୍ଗ କଲ୍ୟାଣ ପରିଷଦ ଲୋକମାନଙ୍କୁ ନିଯୁକ୍ତି ଦେବାକୁ ଦାବି କରି ଆସୁଛି। ମାତ୍ର ରାଜନୈତିକ ଚାପରେ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଜମି ଚାଲିଯିବାରୁ ଲୋକମାନେ ଚାଷବାସ ଚାଲିଯାଇଛି। ଧୂଳିଧୂଆଁରେ ଗ୍ରାମବାସୀ ଅଣନିଶ୍ୱାସୀ ହୋଇ ପଡିଛନ୍ତି। କୁଅ, ପୋଖରୀରେ ଏହା ପ୍ରବାହିତ ହେବା ଯୋଗୁଁ ଲୋକେ ଅଜଣା ରୋଗରେ ପଡି ମୃତ୍ୟୁ ମୁଖରେ ପଡୁଛନ୍ତି। ଭାରୀଯାନ ଗୁଡିକ ରେଲ ସାଇଡିଙ୍ଗକୁ ମାଲ ପରିବହନ କରୁଥିବାରୁ ପଞ୍ଚାୟତ ପ୍ରବେଶ ରାସ୍ତା ମରଣଯନ୍ତା ପାଲଟିଛି। ଚାରିଆଡେ ଖାଲଖମା ଭର୍ତ୍ତି ହୋଇଥିବାରୁ ସାଇକେଲ ବାଇକ୍ ଧରି ଯିବା ଦୂରର କଥା ଚଲାପାଦ ବ୍ୟବହାର କରିବା କଷ୍ଟ କର ହୋଇପଡୁଛି। ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ମେଡିକାଲ ନେବାକୁ ସମସ୍ୟାରେ ପଡୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ସମାଧାନ କରିବାକୁ ସଂଗଠନର ସଭାପତି ଆଦିକନ୍ଦ ମୁଣ୍ଡା, ସଂମ୍ପାଦକ ଟୁବଲୁ ମାଝୀ, କୋଷାଧକ୍ଷ ମକରଧ୍ୱଜ ମୁଣ୍ଡା ସମେତ ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ଦାବି କରିଛନ୍ତି। ନଚେତ ବିଶାଳ ଜନ ଆନ୍ଦୋଳନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଓଡିଆ ନବବର୍ଷରେ ରୋଗୀଙ୍କୁ ଫଳ ବିସ୍କୁଟ୍ ବଣ୍ଟନ

ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀ ଡାକ୍ତରଖାନାରେ ବେତନଟୀ ମହିଳା ସଂଗଠନ ପକ୍ଷରୁ ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ମହିଳା ସଂଗଠନର ସଭାପତି ସଂଯୁକ୍ତା ଜୀଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମମାଳି ମହିଳା ସଂଗଠନର ମହିଳା ମାନେ ବେତନଟୀ ଡାକ୍ତରଖାନାରେ ଉପସ୍ଥିତ ରହି ବେତନଟୀ ଡାକ୍ତରଖାନାରେରେ ଥିବା ରୋଗୀ ମାନଙ୍କୁ ବିସ୍କୁଟ ଓ ଫଳ ବଣ୍ଟନ କରିଥିବା ସହ ରୋଗୀ ମାନଙ୍କୁ ସବିଧା ଅସୁବିଧା କଥା ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସଂଗଠନର ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ମହାନ୍ତି , ସମ୍ପାଦିକା ପ୍ରଭାତି ମହାନ୍ତି, ଉପସଭାପତି ଗୀତାଞ୍ଜଳୀ ଭୂୟାଁ, ଅନନ୍ଦୀତା ସାହୁ, ପିଙ୍କି ସ୍ୱାଇଁ , ମନିଲତା ବଳା, ବିନଦୀନି ମହାନ୍ତ, ମାଳତୀ ପାତ୍ର, ହରପ୍ରିୟା ଦାସ, ରାଧାପ୍ରିୟା ଦାସ, ରଞ୍ଜୀତା କର ପ୍ରମୁଖ ଉପସ୍ଥିତ ଥିଲେ।

# ପହଲା ବୈଶାଖ ପାଳିଲେ ବେଙ୍ଗଲୀ ସମାଜ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବେଙ୍ଗଲୀ ସମାଜର ନିର୍ଦ୍ଦେଶ କ୍ରମେ, ମାଲକାନଗିରି ବେଙ୍ଗଲୀ ସମାଜ ସଦର ୟୁନିଟ ଦ୍ୱାରା ସ୍ଥାନୀୟ ସଂସ୍କୃତି ଭବନ ଠାରେ ବେଙ୍ଗଲୀ ନବବର୍ଷ ୧୪୩୨ ଗତକାଲି ସନ୍ଧ୍ୟାରେ ଅତ୍ୟନ୍ତ ଉତ୍ସାହ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ଏହି ସମାରୋହ ମାଲକାନଗିରି ସତସଙ୍ଗ ଆଶ୍ରମ ନିକଟରୁ ପବିତ୍ର ମଙ୍ଗଳ କଳଶ ଶୋଭାଯାତ୍ରା ଆରମ୍ଭ ହୋଇଥିଲା ଏବଂ ଏଥିରେ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ପାରମ୍ପରିକ ବଙ୍ଗୀୟ ପୋଷାକ ପରିଧାନ କରି, ବ୍ୟାଣ୍ଡ ବାଜା ଓ ଆତସବାଜି ସହକାରେ, ଦୀର୍ଘ ୩ କିଲୋମିଟର ସହର ପରିକ୍ରମା କରି, ପବିତ୍ର ମଙ୍ଗଳ କଳସ ଗୁଡ଼ିକୁ ସ୍ଥାନୀୟ ସସ୍କୃତି ଭବନ ପର୍ଯ୍ୟନ୍ତ ଆଣିଥିଲେ। ଏହାପରେ ଏହି ପବିତ୍ର ମଙ୍ଗଳ କଳସ ଗୁଡ଼ିକୁ, ସଂସ୍କୃତି ଭବନ ମଞ୍ଚରେ ଥିବା ଭଗବାନ ଶ୍ରୀ ଗଣେଶଙ୍କ ମୂର୍ତ୍ତି ପାଦଦେଶରେ ସ୍ଥାପନ କରି, ପୂଜାର୍ଚ୍ଚନା କରାଯାଇଥିଲା ଏବଂ ଦୀପ ପ୍ରଜ୍ୱଳନ ଓ ହୁଳହୁଳି ଧ୍ୱନି ସହିତ ମୁଖ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସଭାମଞ୍ଚରେ ସର୍ବପ୍ରଥମେ ସମାଜ ପାଇଁ ବିଭିନ୍ନ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରେ ମାଲକାନଗିରି ଜିଲ୍ଲା ବେଙ୍ଗଲୀ ସମାଜର ସମସ୍ତ କର୍ମକର୍ତ୍ତାମାନେ ମାଲକାନଗିରି ଜିଲ୍ଲାର ଉନ୍ନତି ପାଇଁ, ମାଲକାନଗିରି ଜିଲ୍ଲା ବେଙ୍ଗଲୀ ସମାଜର ଅବଦାନ ବିଷୟରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହାପରେ ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ। ବେଙ୍ଗଲୀ ସମାଜର ସମସ୍ତ କର୍ମକର୍ତ୍ତା ଓ ଅନ୍ୟାନ୍ୟ ସଦସ୍ୟ ମାନେ, ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ଆସି ଏଠାରେ ବସବାସ କରୁଥିବା ସମସ୍ତ ଅଧିବାସୀ ଜାତି, ଧର୍ମ, ବର୍ଣ୍ଣ, ଭାଷା ନିର୍ବିଶେଷରେ ଏକତା ବଦ୍ଧ ହୋଇ, ମାଲକାନଗିରି ଜିଲ୍ଲାକୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ଶପଥ ନେଇଥିଲେ। ଏହା ପରେ ଓଡ଼ିଶୀ ନୃତ୍ୟ ସହିତ କୁନି କୁନି ଛାତ୍ରଛାତ୍ରୀ, କିଶୋର କିଶୋରୀ ଏବଂ ମହିଳାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମାରୋହରେ ବେଙ୍ଗଲୀ ସମାଜର ବିଭିନ୍ନ କର୍ମକର୍ତ୍ତା ଯଥାକ୍ରମେ: ସଭାପତି ଶ୍ରୀ ଗୌରାଙ୍ଗ କର୍ମକାର, ସମ୍ପାଦକ ସୁନୀଲ ବିଶ୍ୱାସ, ନୀହାର ରାୟ, ସଞ୍ଜୟ ସରକାର, କୋର କମିଟି ସଭାପତି ଦିଲୀପ ଦାସ୍, ଜଗନ୍ନାଥ ବସୁ, ଶଙ୍କର ପାଲ, ମିଡ଼ିଆ ସଂଯୋଜକ ଶିବ ପ୍ରସାଦ କୀର୍ତ୍ତନିୟା, ଉତ୍ତମ ସାହା, ମାନିକ ଲାଲ ଚକ୍ରବର୍ତ୍ତୀ, ଦେବବ୍ରତ କର୍ମକାର, ସଞ୍ଜୁ ସାହା ଓ ଅନ୍ୟାନ୍ୟ ସଦସ୍ୟ ମାନେ ମଞ୍ଚାସିନ ଥିଲେ ଏବଂ ସେମାନେ ଓଡ଼ିଆ ଭାଷାପ୍ରତି ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ, ସ୍ଥାନୀୟ ବଙ୍ଗଳା ଭାଷୀ ଲୋକମାନଙ୍କ ମଧ୍ୟରେ ବଙ୍ଗଳା ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଓ ଅଭିବୃଦ୍ଧି ନିମନ୍ତେ, ବେଙ୍ଗଲୀ ନବ ବର୍ଷ ପାଳନର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।

## ମେରୁ ଯାତ୍ରା ସହ ଚୈତ୍ର ଦଣ୍ଡ ଉଦ୍‌ଯାପିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ଜିଲ୍ଲାର ଐତିହାସିକ ଗନ୍ଧରାଡ଼ି (ଚାରିଶମ୍ଭୁ) ପୀଠରେ ଗତ ମାସ ୨୨ ତାରିଖରୁ ଆରମ୍ଭ ହୋଇଥିବା ଚୈତ୍ର ଦଣ୍ଡ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବାବା ସିଦ୍ଧେଶ୍ୱର, ଜାଗେଶ୍ୱର, ପଶ୍ଚିମ ସୋମନାଥ, କପିଳେଶ୍ୱର, ମା' ଭଦ୍ରକାଳୀ ଓ ଶ୍ୟାମାକାଳୀନଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଦଣ୍ଡ ଉଠିଥିଲା। ୨୧ ଦିନ ଧରି ବିଭିନ୍ନ



ଗ୍ରାମ ପରିକ୍ରମା କରିବା ପରେ ଗତକାଲି ଠାକୁର ମନ୍ଦିର ପ୍ରବେଶ କରିଛନ୍ତି। ନୂଆ ଦଣ୍ଡ ରବିନା କ୍ଷେତିଙ୍କ ତତ୍ତ୍ୱାବଧାନରେ ଉଠିଥିବା ଏହି ଦଣ୍ଡରେ ମୁଖ୍ୟ ପାଟଭୋକ୍ତା ଭାବେ ପରିକ୍ଷିତ ସ୍ୱାଇଁ, ବିଣାକାର ଭାବେ ଶିଶିର କଳତା, ମୁନା ବେହେରା, ସନ୍ତୋଷ ବେହେରା, ଜଳନ୍ଧର ପ୍ରଧାନଙ୍କ ସହ ତେର ଭୋକ୍ତା ଓ ଗୁହାରିଆମାନେ ସାମିଲ ହୋଇ ଠାକୁରଙ୍କୁ ନେଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ଚାରିଶମ୍ଭୁ ପୀଠରୁ ବାହାରିଥିବା ପୁରୁଣା ଦଣ୍ଡପାର୍ଟି ଚତୁର୍ଭୁଜ ଖମାରୀଙ୍କ ତତ୍ତ୍ୱାବଧାନରେ ସିଦ୍ଧେଶ୍ୱର ମନ୍ଦିରରୁ ବାହାରିଥିବା ଦଣ୍ଡ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ପୁରୁଣା ଦଣ୍ଡର କୁମୁଦ ପାଣିଗ୍ରାହୀ ଓ ନୂଆ ଦଣ୍ଡରେ ନୀଳକଣ୍ଠ ପାଣିଗ୍ରାହୀ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ସୋମବାର ପଣାସଂକ୍ରାନ୍ତି ଦିନ ମେରୁ ଯାତ୍ରା କରି ଏହାର ଉଦ୍‌ଯାପନ କରାଯାଇଛି। ସକାଳେ ଠାକୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଜହ୍ନାପଙ୍କ, ନାରାୟଣ ନଗର ଓ ମାହାରସାହିରେ ବନ୍ଦାପନା ଘେନି ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ମନ୍ଦିରରେ ପାଣିଦଣ୍ଡ, ଧୂଳିଦଣ୍ଡ, କାମନା ଦଣ୍ଡ, ଅଗ୍ନି ଦଣ୍ଡ କରାଯାଇ ହୋମ ଯଜ୍ଞ କରାଯାଇ ଯାତ୍ରା ଉଦ୍‌ଯାପିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଚାରିଶମ୍ଭୁ ପୀଠରେ ପ୍ରବଳ ଗହଳିକୁ ଦୃଷ୍ଟି ରଖି ଶାନ୍ତି ଶୃଙ୍ଖଳା ପାଇଁ ବୌଦ୍ଧ ଭାରପ୍ରାପ୍ତ ଥାନା ଅଧିକାରୀ ରଂଜିତ କୁମାର ମୁନୀଙ୍କ ନିର୍ଦ୍ଦେଶ କ୍ରମେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ପୋଲିସ ପ୍ଲାଟୁନ ମୁତୟନ କରାଯାଇଥିଲା। ଅନ୍ୟପଟେ ଚଣ୍ଡୀଗଡ଼ ଚଣ୍ଡୀତଲ, ଦାମୋଦରପୁର, କର୍ମିରା, କୃଷ୍ଣପାଲି, ଗୋଛାପଡ଼ା, ଗମ୍ଭାରୀପଦର, ପଦ୍ମନପୁର, କୃଷ୍ଣପାଲି, ଖଲିଆପାଲି, ବନ୍ଧାପଥର, ବଡ଼ିଗାଁ, ପଲାଶ, ଗମ୍ଭାରୀପଦର ଗ୍ରାମସ୍ଥିତ ଶୈବପୀଠ ଗୁଡ଼ିକରେ ଉଠିଥିବା ଦଣ୍ଡ ଯାତ୍ରା ଉଦ୍‌ଯାପିତ ହୋଇଛି। ବିଭିନ୍ନ ଶୈବ ପୀଠରେ ରାତିରେ ଷୋଳ ଶୁଆଙ୍ଗ ଦଣ୍ଡ ନୃତ୍ୟ ପରିବେଷଣ ହୋଇ ଥିଲା। ସକାଳ ପର୍ଯ୍ୟନ୍ତ ଦର୍ଶକ ଏହାକୁ ଉପଭୋଗ କରିଥିଲେ।

# କଂଗ୍ରେସର ମଶାଲ ଶୋଭାଯାତ୍ରା




ନିଆଳି, (ଭାସ୍କର ନ୍ୟୁଜ୍ ) : କଟକ ଜିଲ୍ଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ରବି ମଲିକଙ୍କ ନେତୃତ୍ୱରେ ନିଆଳି ବଜାର ରେ ଏକ ବିରାଟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ନୂଆ ଗାଁ ମଝି ଖଣ୍ଡ ଛକରୁ ନିଆଳି ହାଇସ୍କୁଲ ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହୋଇଥିଲା। ରାଜ୍ୟରେ ମହିଳା ମାନଙ୍କ ଉପରେ ବଢୁଥିବା ଅତ୍ୟାଚାର ଗଣ ଦୁଷ୍କର୍ମ, ଶିଶୁ ଓ ବାଳିକା ନିଖୋଜ ହେବା ପ୍ରତିବାଦରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାଶଙ୍କ ନିର୍ଦ୍ଦେଶରେ ଏହି ଶୋଭାଯାତ୍ରା କରାଯାଇଥିବା ବ୍ଲକ କଂଗ୍ରେସ ସଭାପତି ସୌଭାଗ୍ୟ ରଂଜନ ବସ୍ଥିଆ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାଶ, ଚିତ୍ର ସେନ ମଲିକ, ସମୀର ସାହୁ, ବିଶ୍ୱମ୍ଭର ପ୍ରଧାନ, ଭୋଳାନାଥ ସେଠି, ବିଜୟ ସିଂ, ଶୁକଦେବ ପ୍ରଧାନ, ବନମାଳୀ ପ୍ରଧାନ, ମଲିକ ଇସ୍ମାଇଲ, ବଂଶୀଧର ବେହେରା, ଶ୍ରୀଧର ସିଂ, ନିର୍ମଳ ସିଂ, ସେକ ବବୁଲ, ମଧୁସ୍ମିତା ମହାପାତ୍ର, ଗୀତାଞ୍ଜଳି ଜେନା, ସମସଦ ବେଗମଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ମଶାଲ ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ବୈଠକ



ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍ ) : ଡଙ୍ଗରଭେଜା ଉନ୍ନତି ଉଚ୍ଚ ବିଦ୍ୟାଳୟରେ ନନ୍ଦାହାଣ୍ଡି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୟୁ.ଏ.ଏସ, ଶିଶୁବାଟିକା, ମଧ୍ୟାହ୍ନ ଭୋଜନରୁ ଶିକ୍ଷକଙ୍କୁ ମୁକ୍ତ ରଖିବା, ଶିଶୁବାଟିକା ନିମନ୍ତେ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଓ ଶ୍ରେଣୀଗୃହର ବ୍ୟବସ୍ଥା କରିବା ଏବଂ ବିଭିନ୍ନ ଅନଲାଇନ କାମ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଜଣେ କୁଶଳୀ କମ୍ପ୍ୟୁଟର କର୍ମଚାରୀଙ୍କୁ ନିୟୋଜିତ କରିବା ପାଇଁ ଏବଂ ଶିକ୍ଷକଙ୍କୁ ଚାପ ମୁକ୍ତ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନର ଯେ କୌଣସି ସମସ୍ୟା ନେଇ ଜିଲ୍ଲା ସଂଘ ଦ୍ୱାରା ଉପସ୍ଥାପନ କରିବାକୁ ସମର୍ଥନ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ଏହି ବୈଠକରେ ଶିକ୍ଷକ ସଂଘ ସଭାପତି ଗୋଲତି ସଗରିଆ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ, ଜିଲ୍ଲା ସଂଗଠନ ସମ୍ପାଦକ ବିଘ୍ନରାଜ ପାତ୍ର, କୋଷାଧ୍ୟକ୍ଷ ରାମଚନ୍ଦ୍ର ଦାଶ, ଉପସଭାପତି ଗୀତାଞ୍ଜଳି ବେଜ, ମାର୍ଗଦର୍ଶକ ବୃନ୍ଦାବନ ପାଢ଼ୀ, ବିଷ୍ଣୁ ପାଣିଗ୍ରାହୀ ହେମନ୍ତ ବିଶୋଇ, ସଂକେଶ ତ୍ରିପାଠୀ, ପ୍ରହଲ୍ଲାଦ ତ୍ରିପାଠୀ, ଅନନ୍ତ ମିଶ୍ର, ପର୍ଶୁରାମ ପାତ୍ର, ମାନନ୍ତ ଭୂଷଣ ଭୋଇନସା ଉପସ୍ଥିତ ଥିଲେ। ସଭାପତିଙ୍କ ଦ୍ୱାରା ବୈଠକ ଆରମ୍ଭ ପରେ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ ଶିକ୍ଷକ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଧର୍ମପରାୟଣ ମହିଳାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍ ) : ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗୋବଣ୍ଡିଆ ଗ୍ରାମର ଅବସରପ୍ରାପ୍ତ ପ୍ରାଧ୍ୟାପକ ଯଚିନ୍ଦ୍ର କୁମାର ରାଉତ ଓ ସାମ୍ବାଦିକ ଜୟନ୍ତ କୁମାର ରାଉତଙ୍କ ମାତା ଗେହ୍ଲାମଣି ରାଉତଙ୍କ ପ୍ରଥମ ଶ୍ରାଦ୍ଧୋବାର୍ଷିକ ଅବସରରେ ତାଙ୍କ ନିଜ ଗ୍ରାମ ତ୍ରାହିଅଚ୍ୟୁତ ବାସଭବନ ନିକଟରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାଧ୍ୟାପକ ଡ଼ଃ ବିଶ୍ୱରଞ୍ଜନ ପୁହାଣ, ଡ଼ଃ କୃଷ୍ଣ ଚନ୍ଦ୍ର ପାତ୍ର, ଅଧ୍ୟାପିକା ମୋନାଲିସା ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ବସନ୍ତ କୁମାର ପ୍ରଧାନ, ଆଡ଼ଭୋକେଟ ଦେବରାଜ ବେହେରା, ପ୍ରାଧ୍ୟାପକ ରାମ ଚନ୍ଦ୍ର ମହାନ୍ତି, ଜିଲ୍ଲା ସଂସ୍କୃତି ପରିଷଦର ସଭ୍ୟ ଶୁଭେନ୍ଦୁ କୁମାର ଭୂୟାଁ, କବି ରୁଦ୍ରପ୍ରସନ୍ନ ସାମଲ, ଅଧ୍ୟାପକ ଶଲିଳ ରାଜନନ୍ଦନ ମହାନ୍ତି, ବିଜୟକେତନ ସାମଲ, ଆଇନଜୀବୀ ଶ୍ରୀବନ୍ତ ଜେନା, ମଳୟ ପ୍ରଧାନ, ସାମ୍ବାଦିକ ଏକାଦଶୀ ସେଠୀ, ଉତ୍କଳ କେଶରୀ ସାମଲ, ପ୍ରବାସ କୁମାର ଦାଶ, ଆଲୋକ କୁମାର ପ୍ରଧାନ, ସୁବାଷ ଚନ୍ଦ୍ର ନାୟକ, ବିପିନ ବିହାରୀ ଜେନା, ଶେଷଦେବ ରାଉତରାୟ ପ୍ରମୁଖ ଯୋଗଦେଇ ଗେହ୍ଲାମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଆଲୋକ ଜେନା, ନରୋତ୍ତମ ବଳ, ଚନ୍ଦ୍ରମଣି ସାହୁ, ପ୍ରଶାନ୍ତ କୁମାର ସାହୁ, ସନ୍ତୋଷ କୁମାର ସାହୁ, ଅଜୟ ପ୍ରତାପ ସିଂହ, ରାକେଶ ବାରିକ, ପରମାନନ୍ଦ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ତାଙ୍କ ନାତି ଡ଼ାକ୍ତର ମିତ୍ସୁମନ ଗଜେନ୍ଦ୍ର ରାୟ, ସୁମିତ ସୁମନ ରାୟ ପରିଚାଳନାରେ ସହଯୋଗ କରି ଆଗନ୍ତୁକ ଅତିଥିମାନଙ୍କୁ ସତ୍କାର କରିଥିଲେ।

## ଚତୁର୍ଭୁଜପୁରରେ ଚଇତି ପର୍ବ ଉଦ୍‌ଯାପିତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍ ) : ଏହି ବ୍ଲକର ମାଲଦା ପଞ୍ଚାୟତ ଚତୁର୍ଭୁଜପୁର କୈବର୍ତ୍ତ ସମାଜ ପକ୍ଷରୁ ଅନୁଷ୍ଠିତ ଚଇତି ପର୍ବ ମଙ୍ଗଳବାର ରାତ୍ରରେ ଘୋଡାନାଚ ସହ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଘୋଡାନାଚ ଅନୁଷ୍ଠିତ ହୋଇ ମାଲଦା ବଜାର ପରିକ୍ରମା କରାଯାଇଥିଲା। ଉତ୍ସବକୁ ମୋହନ ପରିଡା, ଭାଗୀରଥି ପରିଡା, ଭାସ୍କର ପରିଡା, ସୁବାସ ପରିଡା, କାଶୀନାଥ ପରିଡା, ଖଗେଶ୍ୱର ପରିଡା, ଅଙ୍କୁର ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ଗୁଡ଼ାରୀ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଗୁଡାରି/ରାୟଗଡ, (ଭାସ୍କର ନ୍ୟୁଜ୍ ) : ୧୫ତାରିଖ ଦିନ ଗୁଡାରି ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ବିଡ଼ିଓ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ମୋଟ ୧୭ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୦୧ଟି ସାମୁହିକ ଓ ୧୬ଟି ବ୍ୟକ୍ତିଗତ ଥିବା ଜଣା ପଡ଼ିଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଅଭିଯୋଗ ଶୁଣାଣୀ ଅଧିକାରୀ ସସ୍ମିତା ପଟ୍ଟନାୟକ, ଉପ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ତହସିଲଦାର ଗୁଡ଼ାରୀ ସୁଶ୍ରୀ ଆଦିଲା ସ୍ନେହା ଅନ୍ୟାନ୍ୟ ଅଧିକାରୀ ଆଦି ଯୋଗଦାନ କରି ଅଭିଯୋଗ ମାନ ଶୁଣାଣି କରିଥିଲେ।

## ମା ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଅଷ୍ଟମ ପ୍ରହର ବ୍ୟାପୀ ନାମଯଜ୍ଞ

ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ଗ୍ରାମଦେବତୀ ମା ବୁଢ଼ୀଜାଗୁଲାଇଙ୍କ ପୀଠରେ ଓଡ଼ିଆ ନୂତନ ବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଓ ପ୍ରଭୁ ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ ଅଷ୍ଟମ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଅଛି। ଏହି ଅବସରରେ ଗତକାଲି ନାମଯଜ୍ଞର ଶୁଭାଧିବାସ ହୋଇ ଆଜି ପ୍ରତ୍ୟୁଷରୁ ନାମ ଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା କାଲି ପ୍ରତ୍ୟୁଷରୁ ନଗର ଭ୍ରମଣ କାର୍ଯ୍ୟକ୍ରମ କରାଯିବ । ଏହି ନାମଯଜ୍ଞରେ ସ୍ଥାନୀୟ ଅଂଚଳର ବହୁ ସଂକୀର୍ତନ ଦଳ ଯୋଗ ଦେଇଥିଲେ । ଦୀର୍ଘ ବର୍ଷ ଧରି ଚାନ୍ଦୋଳ ଗ୍ରାମବାସୀଙ୍କ ସହାୟତାରେ ଅନୁଷ୍ଠିତ ହୋଇଆସୁଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ହଜାର ଜନସାଧାରଣ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ ।

## ମିଶନ ଶକ୍ତି ମହିଳାଙ୍କ ବିକ୍ଷୋଭ ଏବଂ ଧାରଣା ପ୍ରଦର୍ଶନ ସାଙ୍ଗକୁ ନାରାବାଜି



ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ବ୍ଲକ ମିଶନଶକ୍ତିରେ କାର୍ଯ୍ୟରତ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପୁନର୍ଗଠନ ପ୍ରକ୍ରିୟା ବନ୍ଦ କରିବା ଓ ବିଭିନ୍ନ ଦାବି ପୂରଣର ସମସ୍ୟା ସମାଧାନ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଧାରଣା ପ୍ରଦର୍ଶନ ସାଙ୍ଗକୁ ନାରାବାଜି କରିଛନ୍ତି। ମିଶନଶକ୍ତି ମହିଳା ମାନଙ୍କ ଅଭିଯୋଗ ମୁତାବକ ସେମାନେ ବହୁ କଷ୍ଟରେ ସଙ୍ଘ ଗଠନକରି ଦୀର୍ଘବର୍ଷ ହେବ କାମ କରି ଆସୁଛନ୍ତି। ବ୍ୟାଙ୍କରୁ ଋଣ ସାଙ୍ଗକୁ ଗାଡି ଋଣ ମଧ ନେଇଛନ୍ତି। ମାତ୍ର ବର୍ତ୍ତମାନ ସଙ୍ଘର କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟସରକାର ପରିବର୍ତ୍ତନ କରି ନୂତନ କାର୍ଯ୍ୟକର୍ତ୍ତା ଚୟନ ନେଇ ନିଷ୍ପତ୍ତି ନେଇଥିବାରୁ ମହିଳାଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଋଣ ପରିଶୋଧ ଏବଂ ଗାଡିଋଣ ବାବଦକୁ ମାସକୁ ମାସ ପୈଠ କରୁଥିବା କିସ୍ତି ପ୍ରକ୍ରିୟା ନ ସରିବା ପର୍ଯ୍ୟନ୍ତ ସଙ୍ଘର ପୁନର୍ଗଠନ ପ୍ରକ୍ରିୟା ଏବଂ ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲେ। ମିଶନ ଶକ୍ତିର ଶତାଧିକ ମହିଳା ବ୍ଲକ ଅଫିସ ଘେରାଉକରି ଧାରଣା ଦେବା ସହିତ ନାରାବାଜି ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମିଶନ ଶକ୍ତିର ବ୍ଲକସଙ୍ଘ ପୁନର୍ଗଠନ ପ୍ରକ୍ରିୟା ବନ୍ଦ ନକଲେ ଆଗକୁ ପ୍ରତିବାଦ ସାଙ୍ଗକୁ ବିକ୍ଷୋଭ ଜୋରଦାର ହେବା ନେଇ ଆନ୍ଦୋଳନକାରୀ ମହିଳାମାନେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଶେଷରେ ମିଶନ ଶକ୍ତି ମହିଳା ମାନେ ବେତନଟୀ ବିଡ଼ିଓ ଶୁଶାନ୍ତ କୁମାର ସୁତାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଜଳକଷ୍ଟ ଦୂର ନହେଲେ ରାଜରାସ୍ତା ବନ୍ଦ ଚେତାବନୀ

ସଇଁତଲା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଅଞ୍ଚଳରେ ଅନେକ ଜଳାଶୟ ଏବର୍ଷ ଯଥେଷ୍ଟ ଆଗରୁ ଶୁଖିଗଲାଣି। ଅନେକ ନଈନାଳରେ ଜଳସ୍ରୋତ ମଧ ଆଗୁଆ ବନ୍ଦ ହୋଇଗଲାଣି। ପୂର୍ବ ବର୍ଷ ଏପ୍ରିଲ ମାସରେ ଯେଉଁ ସ୍ଥିତି ଥାଏ ଏ ବର୍ଷ ଜାନୁଆରୀ ପରଠାରୁ ସେହି ସ୍ଥିତି ଦେଖାଗଲାଣି। ଗ୍ରୀଷ୍ମ ନ ହେଉଣୁ ଗ୍ରାମାଞ୍ଚଳରେ ଜଳକଷ୍ଟ ଆରମ୍ଭ ହୋଇଗଲାଣି। ନିତ୍ୟକର୍ମ ପାଇଁ ନଈ ନାଳ ଉପରେ ନିର୍ଭର କରି ଚଳୁଥିବା ଗ୍ରାମଞ୍ଚଳବାସୀ ପ୍ରାକୃତିକ ଜଳାଶୟରେ ଜଳାଭାବଜନିତ କଷ୍ଟ ବହୁ ଆଗରୁ ଅନୁଭବ କଲେଣି। ତେଣୁ ଚଳିତବର୍ଷ ଗ୍ରୀଷ୍ମକଷ୍ଟ ଓ ଜଳକଷ୍ଟ ଉତ୍କଟ ହେବ ବୋଲି ଏବେଠାରୁ ଲକ୍ଷଣ ପ୍ରକାଶ ପାଇଲାଣି ଓ ଗ୍ରୀଷ୍ମ ଆହୁରି ତିନି ମାସ ଅବସ୍ଥା କେତେ କଷ୍ଟକର ହେବାକୁ ଯାଉଛି ତାହା ଏବେଠୁ ଜଳଜଳ ଦିଶିଲାଣି। ସଇଁତଲା ଅଞ୍ଚଳରେ ପାଣିର ଆବଶ୍ୟକତା ପୂରଣ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଥିବା ପ୍ରମୁଖ ନଦୀ ଲାନ୍ଥ ନଦୀରେ ଜଳସ୍ରୋତ ଏବର୍ଷ ଜାନୁଆରୀ ଶେଷ ବେଳଠୁ ଶୁଖି ସାରିଲାଣି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ନଈ ନାଳରେ ପୂର୍ବ ବର୍ଷ ପାଣି ଧାର ଏତେ ଆଗୁଆ ଶୁଖୁନଥିଲା। ଚଳିତବର୍ଷ ସ୍ୱାଭାବିକ ସମୟଠାରୁ ପ୍ରାୟ ଦୁଇ ଅଢେଇ ମାସ ଆଗରୁ ଏହି ସ୍ଥିତି ଉତ୍ପନ୍ନ ହୋଇଛି। ତେଣୁ ଗ୍ରୀଷ୍ମ ନ ଆସୁଣୁ ଜଳକଷ୍ଟ ଆରମ୍ଭ ହୋଇଗଲାଣି। ସ୍ନାନ ଶୌଚ କରିବା ପାଇଁ ସୁଦ୍ଧା ନଈନାଳରେ ପାଣି ନାହିଁ। ଲାନ୍ଥ ନଦୀକୁ ସଇଁତଲା ବ୍ୟତିତ କରମତଳା, ଟିକ୍ରାପଡା, ବିବିନା, କେରମେଲି, ଆମପାଲି ପଂଚାୟତର ଏହି ନଦୀକୁ ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ। ଚଳିତବର୍ଷ ଲାନ୍ଥ ନଦୀର ପାଣିଆଗୁଆ ଶୁଖାଯିବାରୁ ଜାନୁଆରୀ ଶେଷ ସପ୍ତାହରୁ ଆଖପାଖ ଅଞ୍ଚଳରେ ଉତ୍କଟ ଜଳାଭାବ ଆରମ୍ଭ ହୋଇଯାଇଛି। ଏହି ନଦୀରେ ପ୍ରବାହିତ ପାଣି ସଇଁତଲା ବ୍ଲକର ପାଣିର ଆବଶ୍ୟତା ପୂରଣ କରିଥାଏ। କିନ୍ତୁ ଏ ବର୍ଷ ଆସ୍ୱାଭାବିକ ଭାବେ ଲାନ୍ଥ ନଦୀର ପାଣିଧାର ଆଗୁଆ ଶୁଖାଯିବାରୁ ଅଗ୍ନ ବହୁତ ଚାଷ ହୋଇଥିବା ରବି ଚାଷକୁ ଜଳଯୋଗାଣ ପାଇଁ ଟାଣିବା ପାଇଁ ନଦୀରେ ପାଣି ନାହିଁ ଓ ସବୁଆଡ଼େ ଶୁଖୁଲା ବାଲିଶଯ୍ୟା। ଶୁଖୁଲା ନଦୀ କେବଳ ଲୋକଙ୍କ ସମସ୍ୟା ବଢ଼ାଇ ନାହିଁ ବରଂ ନଈକୁଲିଆ ପନିପରିବା ଚାଷକୁ ମଧ ଉଜାଡି ଦେଲାଣି। ସ୍ଥାନୀୟ ଚାଷୀ ଏହି ନଈନାଳରୁ ମଟର ପମ୍ପ ଆଦି ଯୋଗେ ପାଣି ଉଠାଇ ଚାଷ କରି ନିଜର ଗୁଜୁରାଣ ମେଂଟାଉଥିଲେ। ବିଗତ ବର୍ଷ ଗୁଡ଼ିକରେ ଆସନ୍ନ ଜଳକଷ୍ଟକୁ ଦୃଷ୍ଟିରେ ରଖି ଲାନ୍ଥ ନଦୀର ବିଭିନ୍ନ ଦରହ ନିକଟରେ ଚୁଆଁ ଖୋଳି ପାଣିର ଆବଶ୍ୟକତା ପୂରଣ କରାଯାଇଥିଲା ଓ ନଦୀରେ ପାଣି ଧାର ଆସୁଥିବା ସମୟରେ ବାଲି ବନ୍ଧ (ଆଡ଼ିବନ୍ଧ) ଦେଇ ପାଣି ଅଟକାଇ ଆବଶ୍ୟକତା ପୂରଣ କରାଯିବାର ବ୍ୟବସ୍ଥା ପଞ୍ଚାଯତ ତରଫରୁ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ଜଳକଷ୍ଟ ଆହୁରି ଜଟିଳ ହୋଇପଡ଼ିଛି। ଆଜି ପର୍ଯ୍ୟନ୍ତ ଚୁଆ କ'ଣ ଆଡିବନ୍ଧର ବ୍ୟବସ୍ଥା କରିବାର ଉପକ୍ରମ ମଧ ପ୍ରଶାସନ କରିନାହିଁ। ଏ ସଂକ୍ରାନ୍ତରେ ଗତ ଜିଲାପାଳଙ୍କ ଅଭିଯୋଗ ଶିବିରରେ ସରପଞ୍ଚ ସୁବ୍ରତ ନାଗ ଅଭିଯୋଗ ମଧ କରିଥିଲେ। ସେଥିରେ ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ମଧ ଦେଇଥିଲେ। ଇତି ମଧ୍ୟରେ ନଦୀରେ ଆସୁଥିବା ସାମାନ୍ୟତମ ପାଣିଧାର ମଧ ଶୁଖି ସାରିଲାଣି। ସଇଁତଲାବାସୀ ପାନୀୟ ଜଳ ପାଇଁ ଲାନ୍ଥ ନଦୀରୁ ସହରକୁ ଆସୁଥିବା ପାଇପ ପାଣି ଉପରେ ନିର୍ଭର କରୁଥିବା ବେଳେ ଦୀର୍ଘ ସାତ ଦିନ ହେଲା ତାହା ମଧ ଆସୁନାହିଁ, ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜନସାଧାରଣଙ୍କ ମୌଳିକ ସୁବିଧା ପ୍ରଦାନ ଦିଗରେ ପଞ୍ଚାଯତ ପକ୍ଷରୁ କେବେ ଆଉ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା। ସମୟ ଥାଉ ଥାଉ ଯଦି ଏ ଦିଗରେ ପ୍ରଯନ୍ କରାଯାଇଥାନ୍ତା, ତେବେ ହୁଏତ ଆଜି ଏହି ସମସ୍ୟା ଦେଖିବାକୁ ପଡ଼ିନଥାନ୍ତା ବୋଲି ସଇଁତଲାବାସୀ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଜଳ ସମସ୍ୟା ସମାଧାନ ନ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ନିଯୁକ୍ତି ଦାବିରେ ୭ ପଞ୍ଚାୟତବାସୀଙ୍କ ବୈଠକ



ଏରସମା, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଢିଙ୍କିଆ ପ୍ରସ୍ତାବିତ କମ୍ପାନୀକୁ ନେଇ ୭ଟି ପଞ୍ଚାୟତବାସୀଙ୍କ ପକ୍ଷରୁ ଗଡ଼କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏରସମା ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗୋଛାୟତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ନିର୍ମାଣଧୀନ ହେବାକୁ ଥିବା ଜିନ୍ଦଲ ପ୍ରକଳ୍ପ ଅଞ୍ଚଳ କ୍ଷତିଗ୍ରସ୍ତ ଓ ପ୍ରଭାବିତ ଲୋକମାନଙ୍କ ମତାମତ ଲୋଡିଥିଲେ। ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ପଞ୍ଚାୟତ ଓ ପ୍ରଭାବିତ ବାଲିତୁଠ, ବାମଦେଇପୁର, ଚଟୁଆ, ବଳେଇପୁର ପଞ୍ଚାୟତର ଜନପ୍ରତିନିଧି ମୁରବୀ ଓ ଯୁବ ଗୋଷ୍ଠୀ ଉକ୍ତ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ବିକାଶ କୁମାର ପରିଡ଼ା, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ସୁଧୀର କୁମାର ମହାପାତ୍ର, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାଲିତୁଠ ପୂର୍ବତନ ସରପଞ୍ଚ ବିଭୁ ରଞ୍ଜନ ସାମନ୍ତରାୟ, ଢ଼ିଙ୍କିଆ ପୂର୍ବତନ ସରପଞ୍ଚ କିଶୋର କୁମାର ପରିଡ଼ା, ଗଡ଼କୁଜଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ, ରାଜେନ୍ଦ୍ର ବେହେରା, ଡ. ତାମିଲ ପ୍ରଧାନ, ସମାଜସେବୀ ଅସିତ୍ ସ୍ୱାଇଁ, ନୂଆଗାଁ ସରପଞ୍ଚଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ମନ୍ତ୍ରୀ, କେଶବ ରାଉତ, ବାମଦେଇପୁର ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରାୟ, ବାମଦେଇପୁର ସମିତି ସଭ୍ୟ ବିକ୍ରମ ମହାପାତ୍ର, ଭୋଲାନାଥ ସ୍ୱାଇଁ, ଶିଶିର ସ୍ୱାଇଁ, ବିଷ୍ଣୁ ପ୍ରଧାନ, ବିଜୟ ଚାନ୍ଦ ନାୟକ ଓ ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ନେତୃମଣ୍ଡଳୀ ମାନେ ଯୋଗ ଦେଇଥିଲେ।



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଗୁରୁଜନଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରିବା ଦ୍ୱାରା ବ୍ୟକ୍ତି ସଦା ନମ୍ର ଓ ଭଦ୍ର ହୋଇଥାଏ ବୋଲି ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପି.ଏମ୍ଶ୍ରୀ. ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବରେ ଯୋଗଦେଇ ବେଦବିଶାରଦ ତଥା ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ମତପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ଦେବଦତ୍ତ ଯେନାଙ୍କ ସଭାପତିତ୍ୱରେ ଓ ବରିଷ୍ଠ ଶିକ୍ଷକ ହୃଷିକେଶ ପୃଷ୍ଟିଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ପରିଡା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନେଶ୍ୱର ଦାସ, ମୋ ସ୍କୁଲ ଅଭିଯାନ ସଭାପତି ରଞ୍ଜନ କୁମାର ବେହୁରିଆ, ଶିକ୍ଷାସଂଯୋଜକ ତ୍ରିଲୋଚନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ପିତାମାତାଙ୍କ ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସାହା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ଜେନା ଓ ସରୋଜ କୁମାର ସାହୁଙ୍କ ସଂଯୋଜନାରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଧଳ, ସ୍ମୃତିରେଖା ନାୟକ ଓ ଶିକ୍ଷକ ପ୍ରଭାସ କୁମାର ଦାସଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ବୈଠକ



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଏରସମା ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟରେ ଏରସମା ଜଳଯୋଗାଣ ସହକାରୀ ଯନ୍ତ୍ରୀ ମାନସୀ ବେହେରାଙ୍କ ଆଧ୍ୟକ୍ଷ୍ୟରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡ଼ାଙ୍କ ଉପସ୍ଥିତିରେ ଗ୍ରୀଷ୍ମ ପ୍ରବାହ ପାଇଁ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏରସମା ବ୍ଲକର ୨୫ ଗୋଟି ପଞ୍ଚାୟତର ଜନସାଧାରଣ ଗ୍ରୀଷ୍ମ ପ୍ରବାହରୁ କିପରି ମୁକ୍ତି ପାଇବେ ସେଥିପାଇଁ ଅଧିକ ନଳକୂପ ଖୋଳି ତାଙ୍କୁ ମରାମତି କରିବା ସହିତ ସମସ୍ତ ପମ୍ପହାଉସରେ ଦୁଇ ଟାଇମ୍ ପାଣି ଚଳାଇବାକୁ ଏରସମା ବ୍ଲକ ୨୫ ଗୋଟି ପମ୍ପହାଉସରେ ସମସ୍ତ ପମ୍ପ ଡ୍ରାଇଭରମାନଙ୍କୁ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଶ୍ରୀମତୀ ବେହେରା ଓ କନିଷ୍ଠ ଯନ୍ତ୍ରୀ ଶ୍ରୀଯୁକ୍ତ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପମ୍ପ ଡ୍ରାଇଭର ଯେଉଁ ପଞ୍ଚାୟତରେ ଦୁଇ ଟାଇମ ପାଣି ନ ଚଳାନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ବୈଠକରେ ଦିଲୀପ କୁମାର ସେଠୀ, ସତ୍ୟ ରଞ୍ଜନ ତରାଇ, ଅଶୋକ କୁମାର ସ୍ୱାଇଁ, ପ୍ରମୋଦ କୁମାର ସାହାଣୀ, ରମାକାନ୍ତ ପ୍ରଧାନ ଜଗହରୀ ମହାପାତ୍ର, ଦୀପକ କୁମାର ସ୍ୱାଇଁ, ତୁଷାର କୁମାର ମହାପାତ୍ର, ପ୍ରଶନ କୁମାର ମଲିକ, ଦିଲୀପ କୁମାର ଦାସ, ଗୌରହରୀ ନାୟକ, କ୍ଷିରୋଦ କୁମାର ପାତ୍ର, ରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ ସ୍ୱାବଲମ୍ବୀ କାରିଗର ମାନେ ଉପସ୍ଥିତ ଥିଲେ।

## ‘ଉଚ୍ଛେଦ ନୁହେଁ, ଆଗ ଥଇଥାନ’



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପର୍ଯ୍ୟଟନ ସ୍ଥଳୀର ବିକାଶ ଚାହୁଁ, କିନ୍ତୁ ପେଟକୁ ଭାତ ଚାହୁଁ। ଉଚ୍ଛେଦ ନୁହେଁ, ଥଇଥାନ ଚାହୁଁ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଅସ୍ତରଙ୍ଗ ପାରଜାହାନିଆ ପର୍ଯ୍ୟଟନସ୍ଥଳୀ ବିକାଶ ସହ ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ବନବିଭାଗ ପ୍ରୟାସ ଜାରି ରଖିଥିବା ବେଳେ ଦୀର୍ଘ ବର୍ଷ ପରିବାର ଚଳାଉଥିବା ଦୋକାନ କରିଥିଲେ। କିନ୍ତୁ ବନବିଭାଗ ତରଫରୁ ଉଚ୍ଛେଦ ପାଇଁ ବ୍ୟବସାୟୀ ତୀବ୍ର ବିରୋଧ କରିଛନ୍ତି। ଉଚ୍ଛେଦ ନାଁରେ ଦୀର୍ଘବର୍ଷ ହେବ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କ ପେଟରେ ଲାତ ମାରୁଛନ୍ତି ସରକାର ଓ ବନବିଭାଗ। ବୁଧବାର ସକାଳୁ ସକାଳୁ ବନବିଭାଗ, ପୋଲିସ ପ୍ରଶାସନ ସହ ଜେସିବି ଧରି ପହଞ୍ଚି ଥିଲେ ପାରଜାହାନିଆ ପର୍ଯ୍ୟଟନ ସ୍ଥଳୀରେ। ବ୍ୟବସାୟୀ କହିଥିଲେ ହଲ୍ଲାବୋଲ। ପର୍ଯ୍ୟଟନସ୍ଥଳୀର ବିକାଶ ଚାହୁଁ, କିନ୍ତୁ ଦୀର୍ଘ ବର୍ଷ ହେବ ବ୍ୟବସାୟୀ କରୁଥିବା ଦୋକାନୀଙ୍କ ଦାନା ଛଡାଇ ବେଘର କରିବା ସହ ଭୋକ ଉପାସରେ ନରଖି ଥଇଥାନ କରାଯାଉ ବୋଲି ଦାବି କରିଥିଲେ। ବ୍ୟବସାୟୀ ସଙ୍ଘ ସଭାପତି ବୃନ୍ଦାବନ ବିଶ୍ୱାଳ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବେଳାଭୂମିକୁ ଶହ ଶହ ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ ସ୍ଥଳୀ ହୋଇଥିବା ବେଳେ ବେଳାଭୂମି ନିକଟରେ ପ୍ଲାଷ୍ଟିକ ମୁକ୍ତ କରିବାକୁ ଅସ୍ତରଙ୍ଗ ନିକଟସ୍ଥ ପାରଜାହାନିଆ ପୀଠର ବିକାଶ ସହ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଉଛି। କିନ୍ତୁ ପର୍ଯ୍ୟଟକମାନେ ବୁଲିବାକୁ ଆସୁଥିବା ବେଳେ ବ୍ୟବସାୟୀମାନେ ବିଭିନ୍ନ ଖାଦ୍ୟ ଓ ପାନୀୟ ବିକ୍ରି କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ପ୍ରଶାସନ ସୌନ୍ଦର୍ଯ୍ୟକରଣ ପାଇଁ ଚିନ୍ତା କରୁଥିବା ବେଳେ ଦୀର୍ଘବର୍ଷ ହେବ ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀ କିପରି ଚଳିବେ ସେ ନେଇ ଚିନ୍ତାରେ। ପାରଜାହାନିଆ ନିକଟରେ ପୁରୀ ବନସଂରକ୍ଷକ ସହାୟକ ଅଶୋକ ବେହେରା, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଣୀ ମୋନାଲିସା ମହାପାତ୍ର, କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, କୋଣାର୍କ ବାଲୁଖଣ୍ଡ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବରିୟାର ସିଂଙ୍କ ଶହ ବ୍ୟବସାୟୀ ଓ ବନବିଭାଗ ମଧ୍ୟରେ ଆଲୋଚନା ହୋଇ ବ୍ୟବସାୟୀଙ୍କୁ ୧୫ଦିନର ମହଲତ ଦିଆଯାଇଛି। ୧୫ଦିନ ପରେ ଉଚ୍ଛେଦ ଆରମ୍ଭ ହେବ। ଏହି ଆଲୋଚନା ନିଷ୍ପତ୍ତି ପରେ ବନବିଭାଗ ତରଫରୁ ପାରଜାହାନିଆ ପୀଠରେ ଥିବା ସାଇ ମନ୍ଦିର ଭାଙ୍ଗିବାକୁ ପ୍ରୟାସ କରିବାକୁ ଚେଷ୍ଟା କରୁଥିବା ବେଳେ କିଛି ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଯାହା ଫଳରେ ବୁଲ ଡୋଜର ନଭାଙ୍ଗି ଫେରିଯାଇଥିଲା। ବ୍ୟବସାୟୀଙ୍କ ଦାବି ଅନୁଯାୟୀ ଉଚ୍ଛେଦ ବନ୍ଦ କରାଯାଉ ଏବଂ ଯେଉଁଠି ସେପାରେ କରୁଛନ୍ତି ସେହିଠାରେ ଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନଚେତ ଥଇଥାନ ଦିଆଯାଉ। ଥଇଥାନ ଆଇନ କାର୍ଯ୍ୟକାରୀ, ଉଚ୍ଛେଦ ପୂର୍ବରୁ ବ୍ୟବସାୟୀଙ୍କ କଥା ଚିନ୍ତା କରାଯାଉ। ଏହି ଉଚ୍ଛେଦ ପାଇଁ ଅସ୍ତରଙ୍ଗ, କୋଣାର୍କ, ବାଲୁଖଣ୍ଡ ଅଧୀନ ରେଞ୍ଜ ର ବନପାଳ, ବନରକ୍ଷୀଙ୍କ ଶହ ପାଖାପାଖି ଏକ ଶହ କର୍ମଚାରୀ ଉପସ୍ଥିତ ଥିଲେ।

## କଂଗ୍ରେସର ବିଶାଳ ମଶାଲ ଶୋଭାଯାତ୍ରା

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନାରୀ ସୁରକ୍ଷା ଓ ନାରୀ ନିର୍ଯାତନା ପ୍ରତିବାଦରେ ଶତାଧିକ କର୍ମୀମାନଙ୍କୁ ନେଇ ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ବିଶାଳ ମଶାଲ ଶୋଭାଯାତ୍ରା କରାଯାଇଛି। ପ୍ରତିବାଦ ସ୍ୱରୂପ ଏହି ମଶାଲ ଶୋଭାଯାତ୍ରା କଂଗ୍ରେସର ପୂର୍ବତନ ବିଧାୟକ ପ୍ରାର୍ଥୀ ଯୁବନେତା ରଣଜିତ ସାହୁ (ଟୁଟୁ)ଙ୍କ ନେତୃତ୍ୱରେ ଅନ୍ୟାୟ ବିରୁଦ୍ଧରେ ବିଭିନ୍ନ ନାରା ଦେଇ ପରଜଙ୍ଗ ହାଟ ପଡିଆରୁ



ବାହାରି ବଜାର ରେ ଥିବା ସ୍ଥାନୀୟ ସତ୍ୟ ପ୍ୟାଲେସ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ବଜାର ଭିତରେ ଥିବା ମହେଶ୍ୱର ସୁବାହୁସିଂଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ବାହାରି ଥିଲେ। ବିଗତ ଦିନରୁ ନିଖୋଜ ହୋଇଥିବା ମା' ଭଉଣୀ ଓ ଛୋଟ ଶିଶୁଙ୍କୁ ଉଦ୍ଧାର ସହିତ ସୁରକ୍ଷା ନାମରେ ଗ୍ୟାସ ପଇସା ବୃଦ୍ଧିକୁ ପ୍ରତ୍ୟାହାର ନିମନ୍ତେ ବିଭିନ୍ନ ଦାବି ନେଇ ପ୍ରତିବାଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ପ୍ରାକ୍ତନ ବ୍ଲକ ସଭାପତି ବିଜୟ ରାଉତରାୟ, ପ୍ରାକ୍ତନ ସଭାପତି ନଗେନ ବିନାୟକ,ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ସଦାଶିବ ମଲ୍ଲିକ, ବରିଷ୍ଠ ନେତା ଦୀପକ ବେହେରା, ବିଭୁତି ଭୂଷଣ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଆଜି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସର ମିଳିତ ଆୟୋଜନରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜର ଡାକ୍ତର କୌଶିକ ମହାପାତ୍ର ଓ ତାଙ୍କ ଟିମ୍ ପକ୍ଷରୁ ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରଦୀପ ରାଉତ, ଯୁବ ରେଡ଼କ୍ରସର ଅଧିକାରୀ ଅଧ୍ୟାପକ ପ୍ରଭାକର ଦାସ, ଅଧ୍ୟାପିକା ସୁକନ୍ୟା ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ।

## ମା'ବୁଢ଼ୀ ବରୁଣେଇ ‘ରଜକ ସଂଘ’ ପ୍ରତିଷ୍ଠିତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ଜଳହରୀ ବାତ୍ୟା ଆଶ୍ୟୟସ୍ଥଳୀରେ ବୁଧବାର ମା' ବରୁଣେଇ ‘ରଜକ ସଂଘ’ ପ୍ରତିଷ୍ଠିତ ହୋଇଯାଇଛି। ଜିଲ୍ଲା ରଜକ ସଂଘ ସଭାପତି ଅନନ୍ତ ଚରଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମାଳଦା, ଷୋଳମପୁର, ନପଙ୍ଗ ଆଦି ପଞ୍ଚାୟତର ଶତାଧିକ ରଜକମାନେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ରଜକ ସମାଜର ବିଭିନ୍ନ ସମସ୍ୟା ଓ ସେଗୁଡିକର ସମାଧାନ ନିମନ୍ତେ ସଙ୍ଗଠନ ଆବଶ୍ୟକତା ଥିବା ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ଆଜିର ବୈଠକରେ ରଜକ ସମାଜ ପାଇଁ ସ୍ଥାନୀୟ ଭାବେ ଏକ ସଙ୍ଗଠନ ଗଢାଯିବାକୁ ନିଷ୍ପତ୍ତି ହୋଇଥିଲା। ନୂତନ ସଂଘର ନାମ ମା'ବୁଢ଼ୀ ବରୁଣେଇ ରଜକ ସଂଘ ଭାବେ ନାମିତ କରାଯାଇଥିଲା। ଏହି ନୂତନ ସଂଘର ସଭାପତି ଭାବେ ଧନେଶ୍ୱର ସେଠୀ, ନନ୍ଦକିଶୋର ସେଠୀ ଉପସଭାପତି, ବାଇଧର ସେଠୀ ସାଧାରଣ ସମ୍ପାଦକ, ଅର୍ଜ୍ଜୁନ ଚରଣ ସେଠୀ ସହ ସମ୍ପାଦକ ଓ ବଳରାମ ସେଠୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ରଜକ ସମାଜର ବିଭିନ୍ନ ଦାବି ସରକାରଙ୍କ ନିକଟରେ ଉପସ୍ଥାପିତ କରିବା ପାଇଁ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ନରହରି ସେଠୀ, ନିରଞ୍ଜନ ସେଠୀ, ସୁଦର୍ଶନ ସେଠୀ, ଗୁରୁଚରଣ ସେଠୀ, ବିଶ୍ୱଜିତ ସେଠୀ, ସନାତନ ସେଠୀ, ଖଗେଶ୍ୱର ସେଠୀ, ଅଧର ସେଠୀ, କୈଳାସ ସେଠୀ, ପ୍ରତାପ ସେଠୀ ପ୍ରମୁଖ ବୈଠକ ପରିଚାଳନା କରିଥିଲେ।

## ଜଳଛତ୍ର କେନ୍ଦ୍ର ସ୍ଥାପନ ଓ ଓଡ଼ିଆ ନବବର୍ଷ ପାଳିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : ସଦର ଥାନା ଅଧୀନ ଷୋହଳ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରାମନଗର ଗଡା ଠାରେ ଗ୍ରାମର କିଛି ଶିକ୍ଷିତ ଉତ୍ସାହୀ ଯୁବକମାନଙ୍କ ଦ୍ୱାରା ଖୋଲା ଯାଇଥିବା ଏକ ଜଳ ସେବା କେନ୍ଦ୍ର ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କଟକ କମିଶନରେଟ ପୁଲିସର ଜୋନ-୪ ଏସିପି ଅମିତାଭ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରି ଗ୍ରାମ ଯୁବକମାନଙ୍କ ଏ ସେବା କାର୍ଯ୍ୟକୁ ପ୍ରଶଂସା କରିବା ସହ ପଶୁପକ୍ଷୀମାନଙ୍କ ପାଇଁ ଗୋଟିଏ ପାଣିକୁଣ୍ଡ ସ୍ଥାପନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସଦର ଥାନା ଆଇଆଇସି ଓମ୍‌ପ୍ରକାଶ ମହାନ୍ତି, ସଦର ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ ଓ ସମାଜସେବୀ ପ୍ରଶାନ୍ତ ଦଳାଇ ପ୍ରମୁଖ ଉପସ୍ଥିତ ରହି ଏପରି ମହତ କାର୍ଯ୍ୟକୁ ଚାଲୁ ରଖିବା ପାଇଁ ପରାମର୍ଶ ଦେବା ସହିତ ଓଡ଼ିଆ ନବବର୍ଷ ପାଳନ ଏବଂ ପଣା ସଂକ୍ରାନ୍ତି ବାବଦରେ ଆଲୋକପାତ କରିଥିଲେ। ବିଶିଷ୍ଟ ପାଲା ପ୍ରେମୀ ଅକ୍ରୁର ଦାସ ଅତିଥିମାନଙ୍କୁ ପୁଷ୍ପ, ଚନ୍ଦନ ଓ ଧୂପ ପ୍ରଦାନ କରି ଆବାହନ କରିଥିଲେ । ପରେ ପ୍ରସ୍ତୁତ କରାଯାଇଥିବା ବେଲ ପଣା ବଣ୍ଟନ କରାଯାଇଥିଲା। ଆଧ୍ୟାତ୍ମିକ ପତ୍ରିକା ‘ଦିବ୍ୟାଲୋକ ସନ୍ଧାନେ’ର ସମ୍ପାଦକ ଶ୍ରୀସନ୍ନ୍ୟାସୀଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗ୍ରାମ ସଭାପତି ତଥା ଯୁବ ସମାଜସେବୀ ପ୍ରକାଶ ଚନ୍ଦ୍ର ନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ସମ୍ପାଦକ ଲକ୍ଷ୍ମୀଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରୀଷ୍ମର ପ୍ରକୋପ ଅନୁଭୂତ ହେଉଥିବା ପର୍ଯ୍ୟନ୍ତ ଏହି ଜଳଛତ୍ର କାର୍ଯ୍ୟକ୍ରମ ଚାଲିବ ବୋଲି ଅସିତ, ସୁଶାନ୍ତ, ବିକାଶ, କୃଷ୍ଣ ଚନ୍ଦ୍ର, ସନ୍ତୋଷ, କ୍ଷୀରୋଦ, ଗଦାଧର ଆଦି ଯୁବକବୃନ୍ଦ ମତ ଦେଇଛନ୍ତି। ଉକ୍ତ ଉତ୍ସବରେ ଗ୍ରାମର ସମସ୍ତ ଉପଦେଷ୍ଟା, କମିଟି ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ସମ୍ପର୍କୀତ ବିଜ୍ଞାନ ପ୍ରଦର୍ଶନୀ ଓ ଆଲୋଚନାଚକ୍ର



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ନୋଡାଲ ହାଇସ୍କୁଲ ପରିସରରେ ମଣ୍ଡଳସ୍ତରୀୟ ପରିବେଶ ସୁରକ୍ଷା ସମ୍ପର୍କୀତ ବିଜ୍ଞାନ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ସମସ୍ତ ଇକୋ କ୍ଲବ, ଏନର୍ଜି କ୍ଲବ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୫୦ଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରକଳ୍ପମାନ ପ୍ରଦର୍ଶିତ କରିଥିଲେ । ଏହି ଉପଲକ୍ଷେ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସହକାରୀ ଜିଲ୍ଲା ଅଧିକାରୀ ସ୍ୱାଗତିକା ସ୍ୱାଇଁ, ମୁଖ୍ୟବକ୍ତା ଭାବେ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଡିଏସଏସ୍ ପ୍ରକାଶ ଚନ୍ଦ୍ର ପରିଡ଼ା, ନିକାଶକାନ୍ତ ବାରିକ, ମହାକାଳପଡ଼ାର ଉଦ୍ୟାନବିତ୍ ସୌରଭ ମହାପାତ୍ର, ପ୍ରଧାନଶିକ୍ଷକ ମଦନ ମୋହନ ଦାସ, ବିଆର୍‌ସିସି ଦେବଦତ୍ତ ଶତପଥି, ଏବିଇଓ ଖଗେଶ୍ୱର ନାୟକ, ଏବିଇଓ ସଚିକାନ୍ତ ମିଶ୍ର, ପୂର୍ବତନ ସିଆରସିସି ଶରତ ଆଚାର୍ଯ୍ୟ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ଇନ୍ଦାଲୋ ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା ହରିଅଙ୍କ ସମିତିସଭ୍ୟା ସଂଯୁକ୍ତା ଜେନା, ଇନ୍ଦାଲୋ ସମିତିସଭ୍ୟା ମାମିନା ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ପରିଡ଼ା, ପୂର୍ବତନ ସଭାପତି ରଜତ କୁମାର ବଳ, ମଲ୍ଲିକେଶ୍ୱରପୁର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ପରିବେଶର ସୁରକ୍ଷା କରିବା ପାଇଁ ବ୍ୟାପକ ବୃକ୍ଷରୋପଣ କରିବା ଓ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଉପରେ ଗୁରୁତ୍ୱ ଦେଇଥିଲେ। ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ, ପ୍ଲାଷ୍ଟିକର ପୁନଃ ବ୍ୟବହାର, ଜଳ ସଂରକ୍ଷଣ ଓ ମୃତିକା ସଂରକ୍ଷଣ ଅଧାରିତ ପ୍ରକଳ୍ପ ଗୁଡ଼ିକ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଧ୍ୟାପକ ମାନସ ରଞ୍ଜନ ଦାଶ, ଅଧ୍ୟାପକ ଶିଶିର କୁମାର ଷଡ଼ଙ୍ଗୀ, ଶିକ୍ଷକ ରଘୁନାଥ ଦଶ ଯୋଗଦେଇ ଶ୍ରେଷ୍ଠ ପ୍ରକଳ୍ପ ଗୁଡ଼ିକୁ ବାଛିଥିଲେ। ଶ୍ରେଷ୍ଠ ପ୍ରକଳ୍ପକୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ପ୍ରଦର୍ଶନରେ ପ୍ରକଳ୍ପ ପ୍ରଦର୍ଶନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପ୍ରଶାନ୍ତ ଶତପଥି ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ମଞ୍ଚ ସଂଯୋଜନା କରିଥିବା ବେଳେ ଶେଷରେ ବରିଷ୍ଠ ଶିକ୍ଷକ ଲଲାଟ କେଶରୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷ୍ଣମୋହନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୌଦ୍ଧ (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାଧାନାଗର ପଞ୍ଚାୟତ ଅନ୍ତର୍ଗତ କୃଷ୍ଣମୋହନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରିୟଙ୍କା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ରାଧାନାଗର ପଞ୍ଚାୟତର ସରପଞ୍ଚ ଗଣେଶ ପ୍ରସାଦ ବେହେରା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ ପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ତଥା ବୌଦ୍ଧ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି ଯୋଗ ଦେଇ କୃଷ୍ଣ ମୋହନପୁର ଅଞ୍ଚଳର ଧାର୍ମିକ ମାହାତ୍ମ୍ୟ ବିଷୟରେ ଆଲୋଚନା



କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନାମୟୀ ମହାପାତ୍ର ପରିଶ୍ରମ ହେଉଛି ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭାବେ ଯୋଗ ଦେଇ ସିସି ଆରସିସି ପ୍ରଶାନ୍ତ କୁମାର ସାହୁ ବିଦ୍ୟାଳୟର କାର୍ଯ୍ୟକ୍ରମ ପାଇଁ ଗ୍ରାମବାସୀଙ୍କ ସହଯୋଗକୁ ପ୍ରଶଂସା କରିବା ସହ ଉନ୍ନତି ପାଇଁ ଅଧିକ ସହଯୋଗ କାମନା କରିଥିଲେ ଓ ତାଳବହାଲ ସିଆରସିସି ପଦ୍ମନାଭ ପ୍ରଧାନ ଯୋଗ ଦେଇ ଅଭିଭାବକମାନଙ୍କୁ ଛାତ୍ରଛାତ୍ରୀ ଅଧିକ ଶିକ୍ଷା ଗ୍ରହଣ ପାଇଁ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। କ୍ଲଷ୍ଟରର ପୂର୍ବତନ ସିଆରସିସି ପରମେଶ୍ୱର ମେହେର ଓ ପୂର୍ବତନ ଶିକ୍ଷକ ନିର୍ମଳ ବେହେରା ଉତ୍ସବରେ ଯୋଗ ଦେଇଥିଲେ। ଗ୍ରାମର ୱାର୍ଡ ସଭ୍ୟ ପ୍ରଦୀପ କୁମାର ଭୋକ୍ତାଙ୍କୁ ଉତ୍ତମ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ମହେଶ କୁମାର ସେଠୀ ସଭାକାର୍ଯ୍ୟ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଉତ୍ସବ ସମ୍ପାଦନ କରିବାରେ ଶିକ୍ଷକ ଅନିଲ କୁମାର ଅମାତ ଶିକ୍ଷୟତ୍ରୀ ରିତାଞ୍ଜଳୀ ପାତ୍ର ଓ ମାମିନା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦ ଓ ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ। ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ବାର୍ଷିକ କ୍ରୀଡା ଉତ୍ସବ , ବିଜ୍ଞାନ ମେଳା ତଥା ବାର୍ଷିକ ଉତ୍ସବର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମାଳଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଜୀବନର ବାଟ ଦେଖାଇଥାଏ ଶିକ୍ଷା। ଯେଉଁଠି ଶିକ୍ଷା ନାହିଁ ସେଠାରେ ପରିବର୍ତ୍ତନ ନାହିଁ। ଶିକ୍ଷା ହିଁ ମାନବ ସମାଜକୁ ସଶକ୍ତ କରିଥାଏ ବୋଲି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଳଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ମତ ଦେଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଳଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିନ୍ଦୁଲତା ଭଞ୍ଜ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପସ୍ଥିତ ବରେଣ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ କରାଯିବା ଉଚିତ ବୋଲି କହିଥିଲେ। ବୁଧବାର ମଧ୍ୟାହ୍ନରେ ଅସ୍ତରଙ୍ଗ ବ୍ଲକ ମାଳଦା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ବ୍ଲକ ଅଧକ୍ଷା ଆରତୀ ନାଏକ ନିଜ ବକ୍ତବ୍ୟରେ ଶିକ୍ଷା କିଭଳି ଭାବେ ଜଣେ ମଣିଷକୁ ସମାଜର ସଠିକ ପଥରେ ବାଟ କଢ଼ାଇ ନିଏ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା କହିଥିଲେ ପିଲା ମାନେ କେବଳ ବିଦ୍ୟାଳୟରେ ଯେତିକି ପାଠ ପଢୁଛନ୍ତି ସେତିକି ଯଥେଷ୍ଟ ନୁହେଁ, ସେମାନଙ୍କୁ ଶିକ୍ଷା ଦେବାରେ ବାପା-ମା'ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଦିବାକର ଛାଟୋଇ ଯୋଗ ଦେଇଥିବାବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା, ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ, ରବୀନ୍ଦ୍ର ନାଥ ସାମନ୍ତରାୟ, ପୂର୍ବତନ ନାଏବ ସରପଞ୍ଚ ଉପେନ୍ଦ୍ର ବାରିକି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦୟାନିଧି ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ରଶ୍ମିରଞ୍ଜନ ଦାଶ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିନ୍ଦୁଲତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଛାତ୍ର, ଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର, ଛାତ୍ରୀମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ।


## ଏନ୍‌ଟିପିସି ସିଆଇଏସ୍‌ଏଫ୍ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ ପାଳିତ



କଣିହାଁ,(ଭାସ୍କର ନ୍ୟୁଜ୍) : କଣିହାଁସ୍ଥ ଏନଟିପିସି ସିଆଇଏସ୍‌ଏଫ ୟୁନିଟ ପକ୍ଷରୁ ଅଗ୍ନିଶମ ସପ୍ତାହ ପାଳନ ଶୁଭାରମ୍ଭ ହୋଇଛି। ଉକ୍ତ ଅଗ୍ନିଶମ ସେବା ସପ୍ତାହ ୧୪.୪.୨୦୨୫ରୁ ୨୦.୪.୨୦୨୫ ପର୍ଯ୍ୟନ୍ତ ଚାଲିବ। ସୋମବାର ଶୁଭାରମ୍ଭ ଦିବସରେ ମୁଖ୍ୟ ଅତିଥି ଭାବରେ ଏନଟିପିସି କଣିହାଁର ମହାପ୍ରବନ୍ଧକ ସିଏଚ ସତ୍ୟ ରାମ କୃଷ୍ଣ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ଏସ୍ ରାଓ, ଏଚଆର ମୁଖ୍ୟ ନବନୀତ କୁମାର, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସପାଲ କିଶନ କୁମାର, ଡି.ଏ.ଭି ସ୍କୁଲ ପ୍ରିନ୍ସପାଲ ଏଲ କେ ଦେବତା, ସିଆଇଏସ୍‌ଏଫ୍ ଇନ୍ସପେକ୍ଟର ସୁନୀଲ କୁମାର, ଭୋଳା କୁମାର ସିଂହ, ଝୁମା ଧୀବର ତଥା ଅନ୍ୟାନ୍ୟ ଅଧିକାରୀ, ଜବାନମାନେ ଉପସ୍ଥିତ ଥିଲେ। ଦିବସରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିବେକ ସିଂହ ସ୍ୱାଗତ ଭାଷଣ କରିବା ପରୀପ୍ରେକ୍ଷୀରେ ଅଗ୍ନି ଶମ ସେବା ଦିବସ ଏବଂ ସପ୍ତାହ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହା ସହିତ ଅଗ୍ନିସେବା ସପ୍ତାହରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଏହା ପରେ, ମୁଖ୍ୟ ଅତିଥି ଏବଂ ଉପସ୍ଥିତ ଶ୍ରୋତାମାନେ ଅଗ୍ନି ନିର୍ବାପନ ସମୟରେ ପ୍ରାଣ ବଳି ଦେଇଥିବା ଅଗ୍ନି ଶମ କର୍ମଚାରୀମାନଙ୍କ ସ୍ମୃତିରେ ଶହୀଦ ସ୍ମାରକୀ ସ୍ତମ୍ଭରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶହୀଦମାନଙ୍କ ଆତ୍ମାର ଶାନ୍ତି ପାଇଁ ଦୁଇ ମିନିଟ୍ ନୀରବ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଉପସ୍ଥିତ ସମସ୍ତ ଲୋକଙ୍କୁ ଅଗ୍ନି ପ୍ରତି ସତର୍କ ରହିବା ପାଇଁ ଶପଥ ପାଠ କରାଇଥିଲେ ଏବଂ ଅଗ୍ନି ସୁରକ୍ଷା ଏବଂ ନିବାରଣ ସମ୍ପର୍କିତ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଗ୍ନି ପ୍ରେମଚାନ୍ଦ ଶର୍ମା ଏପ୍ରିଲ ୨୦୨୪ ରୁ ଏପର୍ଯ୍ୟନ୍ତ ପ୍ଲାଣ୍ଟରେ ହୋଇଥିବା ଅଗ୍ନିକାଣ୍ଡ ଦୁର୍ଘଟଣା ଏବଂ ଅଗ୍ନି ନିବାରଣ ପାଇଁ ସିଆଇଏସଏଫ ଅଗ୍ନିଶମ ଶାଖା ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଇତ୍ୟାଦି ବିଷୟରେ ବିବରଣୀ ଉପସ୍ଥାପନ କରିଥିଲେ। ଏହା ପରେ, ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣ ମାଧ୍ୟମରେ ଲୋକମାନଙ୍କୁ ଅଗ୍ନିକାଣ୍ଡର କାରଣ ଏବଂ ଏହାର ନିବାରଣ ବିଷୟରେ ସଚେତନ ହେବାକୁ ପ୍ରେରଣା ଦେଇଥିଲେ। ସେ ଆହୁରି ମଧ କହିଥିଲେ ଯେ ପ୍ରତିବର୍ଷ ଦେଶରେ ଅଗ୍ନିକାଣ୍ଡ ଘଟଣା ବୃଦ୍ଧି ପାଉଛି, ତେଣୁ ସେ ସମସ୍ତ ଲୋକଙ୍କୁ ନିଆଁ ବିଷୟରେ ସତର୍କ ଏବଂ ସଚେତନ ରହିବାକୁ ଅନୁରୋଧ କରିଥିଲେ। ତାଙ୍କ ଭାଷଣର ଶେଷରେ, ମୁଖ୍ୟ ଅତିଥି ଜବାନଙ୍କ ସମର୍ପଣ ଏବଂ ସାହସିକତାର ପ୍ରଶଂସା କରିଥିଲେ। ଏହା ପରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶ୍ରୀ ଓମ୍ ପ୍ରକାଶ ପାଲ୍ ତାଙ୍କର ସମାପନ ଭାଷଣ ମାଧ୍ୟମରେ ମୁଖ୍ୟ ଅତିଥି ଏବଂ ଉପସ୍ଥିତ ସମସ୍ତ ଶ୍ରୋତାଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ, ମୁଖ୍ୟ ଅତିଥି କଣିହାଁ ଏବଂ ଟାଉନସିପ୍‌ରେ ପ୍ରଭାତ ଫେରି ପାଇଁ ଅଗ୍ନିଶମ କର୍ମଚାରୀଙ୍କ ସହିତ ଅଗ୍ନିଶମ ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ରାଶିଫଳ

**ଗୁରୁବାର, ୧୭ ଏପ୍ରିଲ ୨୦୨୫**



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କୁ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ । ଅତିଥିମାନେ ଘରେ ପହଞ୍ଚିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବେ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଯୋଜନା ହୋଇପାରେ। ବ୍ୟବସାୟ ଲାଭଦାୟକ ହେବ।



**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ । ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଳାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ। ଏହି କାର୍ଯ୍ୟ ଉଚ୍ଚ ପଦାଧିକାରୀଙ୍କ ପ୍ରଶଂସା ପାଇବେ। ସମୟ ଅନୁକୂଳ ଅଟେ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ । ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ । ପାରିବାରିକ ଚିନ୍ତାଧାରା ରହିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ ।



**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।




**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଦର୍ନୀତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ଘର ବାହାରେ ସୁଖ ମିଳିବ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ ।



**ମୀନ:** ଅନ୍ୟମାନଙ୍କ ଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖପ୍ରାଖୋଲ (ଭାସ୍କର ନ୍ୟୁଜ): ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର କୁମାର ବେହେରା, ସିଡ଼ିଓ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ପାଟଣାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୁଝାରୀ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୩୭ ଟି ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା। ସେହିପରି ୧୬ ଟି ଚାଉଳ ବାଞ୍ଜି,ମହାରାପଦର , ବାଘଝରଣ, ନାନ୍ଦୁପଲା, ମହୁରୁଣ୍ଡି ଗାଁର ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ନାନ୍ଦୁପଲା,ଖପ୍ରାଖୋଲ, ତୁର୍ଲା, ଲୁହାସିଂହା ପ୍ରମୁଖ ଗାଁର ୨୦ ପରିବାର କୁ ଜଙ୍ଗଲ ଅଧିକାର ଆଇନ ପଟ୍ଟା ବଣ୍ଟନ କରିଥିଲେ। ଏହି ଅବସରରେ ସିଡି ଏ ଓ ବାବୁଲି ଚରଣ ସେଠୀ, ଏଡିଏଚପିକେ ସେଠୀ,ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ସମେତ ଜିଲାସ୍ତରୀୟ, ଉପଖଣ୍ଡ ସ୍ତରୀୟ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



# ପଞ୍ଚାୟତ କୋଠା ନିର୍ମାଣରେ ଦୁର୍ନୀତି ଅଭିଯୋଗ



କୋଷାଗୁମୁଡା, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ପଣ୍ଡୁଗୁଡା ପଣ୍ଡୁଗୁଡା ପଂଚାୟତ ପରିସରରେ ଏକ ନୂତନ ପଞ୍ଚାୟତ କୋଠା ନିର୍ମାଣ ଚାଲିଛି ଓ କାର୍ଯ୍ୟଟି ପାଇଁ ପଞ୍ଚାୟତ ଫଣ୍ଡରୁ ଚାରି ଲକ୍ଷ ଷାଠିଏ ହଜାର ମଞ୍ଜୁର ମଧ୍ୟ ହୋଇଛି । ହେଲେ କାର୍ଯ୍ୟରେ ମହା ଦୁର୍ନୀତି ଚାଲିଥିବା ସ୍ଥାନୀୟଲୋକ ଅଭିଯୋଗ ଆଣିଛନ୍ତି । ଅଭିଯୋଗକାରୀମାନଙ୍କ କହିବା ପ୍ରକାରେ କାର୍ଯ୍ୟରେ ବାଲି ବଦଳରେ ମୋରମ ଓ ମାଟି ଦିଆଯାଉଛି । ଯାହାକି କେବେ ବି ଦିଆଯିବା କଥା ନୁହେଁ । ଯଦି ଏମିତି ନିମ୍ନ ମାନର କାମ ହୁଏ ତେବେ କୋଠା ବର୍ଷଟେ ମଧ୍ୟ ଯିବନି ।ତେଣୁ କନିଷ୍ଠ ଯନ୍ତ୍ରୀ ଠିକଭାବେ ତଦାରଖ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।ଏବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ମୌଖିକ ପଚାରିବୁଝିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି । ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି କି ଆଗ ମାଟି ଆଉ ମୋରମ ଦିଆଯିବ ଓ ତାପରେ ଯାଇ ତା ଉପରେ ବାଲି ପଡିବ । ଠିକ ସେହିପରି ଉକ୍ତ କାମର ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ହେଁ ତାଙ୍କ ଫୋନ୍ ଲାଗିନଥିଲା। ଏପଟେ କାର୍ଯ୍ୟର ନାମ ଫଳକ ମଧ୍ୟ ପଞ୍ଚାୟତ ପକ୍ଷରୁ ତିଆରି ନହୋଇ କାର୍ଯ୍ୟ ଆରମ୍ଭ ହୋଇଛି କିଭଳି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବ୍ଲକ ପ୍ରଶାସନ ଏହି କାମର ସଠିକ ତଦାରଖ କରିବାକୁ ସାଧାରଣରେ ଦାବି ହେଉଛି ।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଜାଳିଦେବା ଘଟଣା

# ବିଜେଡି ପକ୍ଷରୁ ତୀବ୍ର ପ୍ରତିବାଦ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଜାଳିଦେଲେ ଦୁର୍ବୃତ୍ତ। ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଜାଳିବା ଏକ ଷଡଯନ୍ତ୍ର, ଏହା ଅକ୍ଷମଣୀୟ ଅପରାଧ'.. ଯାହାକି ଆଜି ପର୍ଯ୍ୟନ୍ତ ହୋଇନଥିଲା ତାହା ଏବେ ହେଉଛି । ଏହି ଘଟଣାକୁ ନେଇ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଲାଠିଆଗୁଡା ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇ ତୀବ୍ର ପ୍ରତିବାଦ କରିଛନ୍ତି । ମହାନ ଜନନାୟକ, ପ୍ରବାଦ ପୁରୁଷ, ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପୁରୋଧା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା ଭଳି ଅତ୍ୟନ୍ତ ଜଘନ୍ୟ ଓ ହୀନ କାର୍ଯ୍ୟ ଆଜି ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ମର୍ମାହତ କରିଛି। ବିଜୁ ବାବୁ କୌଣସି ଦଳର ନୁହଁନ୍ତି, ସେ ଓଡ଼ିଆ ଜାତିର ଜନନାୟକ। ଏହାକୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ। ସବୁକିଛି ପରେ ବି ରାଜ୍ୟ ସରକାରଙ୍କ ନୀରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତୁରନ୍ତ ଅସାମାଜିକ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆଗକୁ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହୁଏ ସେନେଇ ସରକାର ଯତ୍ନବାନ ହୁଅନ୍ତୁ । ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଗୋପାଳ କୃଷ୍ଣ ପଣ୍ଡା , ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ , ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ , ବିଜେଡି ମହିଳା ନେତ୍ରୀ ପ୍ରଶାନ୍ତି ଲତା ବିଶୋଇ , ବରିଷ୍ଠ ନେତା ପ୍ରଫୁଲ୍ଲ ପଣ୍ଡା, ଲମ୍ବଧର ତୁରୁକ , ରୁଦ୍ର ପାତ୍ର ,ଶରତ ଚନ୍ଦ୍ର ବିଶ୍ୱାଳ ,ରବି ରାଜେଶ, ତାପଶ ନାୟକ , କଣ୍ଢେଶ ପଟଲା, ସର୍ବ ବିଶୋଇ , ରାଜୁ ସୀସା , ତ୍ରିଲୋଚନ ଚୌଧରି ,ଟି. ବାଲା ,କେ. ରାହୁଲ, ଗାନ୍ଧୀ କୁମାର ପଣ୍ଡା, ସୁବ୍ରତ ଶୀଲ, ସତ୍ୟ ସ୍ୱାଇଁ ,ଦୀପକ ବିଶ୍ୱାସ ପ୍ରମୁଖଙ୍କ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଭାଲୁ ହତ୍ୟା ଘଟଣାରେ ୨ ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ସୁକୁମା ଜିଲ୍ଲାରେ ଏକ ଭାଲୁକୁ ନିଷ୍ଠୁର ବ୍ୟବହାର ଏବଂ ହତ୍ୟା କରିବା ଅଭିଯୋଗରେ ବନ ବିଭାଗ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଭାଇରାଲ୍ ଭିଡିଓ ଏବଂ ଖବରକାଗଜରେ ପ୍ରକାଶିତ ଖବର ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ମାମଲା ସମ୍ପର୍କରେ ବିଳାସପୁର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଉପସ୍ଥାପିତ ହୋଇଛି। ବନମନ୍ତ୍ରୀ ଏହାକୁ "ଅକ୍ଷମଣୀୟ ଅପରାଧ" ବୋଲି କହିଛନ୍ତି ଏବଂ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ, ଜଗଦଲପୁର ସର୍କଲର ମୁଖ୍ୟ ବନ ସଂରକ୍ଷକଙ୍କ ନେତୃତ୍ୱରେ ଏକ ତଦନ୍ତ କମିଟି ଗଠନ କରାଯାଇ ଭାଇରାଲ ଭିଡିଓ ଏବଂ ଘଟଣା ସ୍ଥଳର ତୃଣମୂଳରୁ ତଦନ୍ତ କରିଥିଲେ। ଏହି ଘଟଣାଟି ସୁକମା ଜିଲ୍ଲାର କିଷ୍ଟାରାମ ଅଞ୍ଚଳର ବୋଲି ଜଣାପଡିଛି। ଏହି ସମ୍ପର୍କରେ ଛତିଶଗଡ ବନମନ୍ତ୍ରୀ କେଦାର କଶ୍ୟପ କହିଛନ୍ତି "ବନ୍ୟପ୍ରାଣୀ ଆମର ମୂଲ୍ୟବାନ ପ୍ରାକୃତିକ ଐତିହ୍ୟ, ଯାହାର ସୁରକ୍ଷା ସରକାର, ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ଦାୟିତ୍ୱ। ଭାଲୁ ପ୍ରତି ନିଷ୍ଠୁରତାର ଭିଡିଓ ଅତ୍ୟନ୍ତ ଦୁଃଖଦ ଏବଂ ଅମାନବୀୟ ଥିଲା। ସରକାର କୌଣସି ପରିସ୍ଥିତିରେ ଏପରି ଅପରାଧକୁ ସହ୍ୟ କରିବେ ନାହିଁ।" ବନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ, ସୂଚନା ଦେବା ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ ଏବଂ ତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ମଧ୍ୟ ଘୋଷଣା କରାଯାଇଥିଲା। ସରକାରଙ୍କ ଦ୍ୱାରା ଏହି ପଦକ୍ଷେପ ନିଆଯିବା ପରେ ସ୍ଥାନୀୟ ଲୋକଙ୍କ ଠାରୁ ମଧ୍ୟ ସମର୍ଥନ ମିଳିଥିଲା ।ପରେ ଉଭୟ ଅଭିଯୁକ୍ତଙ୍କୁ ଛତିଶଗଡ ତେଲେଙ୍ଗାନା ସୀମାନ୍ତ ଅଞ୍ଚଳରୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ




ଗୁଣପୁର,(ଭାସ୍କର ନ୍ୟୁଜ): ଗୁଣପୁର ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶାଖା ୧ ଓ ୨ ଦ୍ୱାରା ବନ୍ଧୁଗୁଡ଼ା ଓ ହାଉସିଂବୋର୍ଡ କଲୋନିରେ ସପ୍ତାହ ବ୍ୟାପି ଆୟୋଜିତ ସେବା ଶିବିର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଗୁଣପୁର ପୌରପାଳିକାର ଅଧ୍ୟକ୍ଷା ସମତା ଗୌଡ ଯୋଗ ଦେଇ ସ୍ୱେଚ୍ଛା ସେବୀଙ୍କଦ୍ୱାରା ପୋଷ୍ୟ ଗ୍ରାମରେ ସଚେତନା ଧର୍ମୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଧନ୍ୟବାଦ ଜ୍ଞାପନ କରିବା ସହ ଦୁଃଖୀ, ଦରିଦ୍ର, ରୁଗଣ୍ ଓ ଅକ୍ଷମମାନଙ୍କ ସେବା ହିଁ ପ୍ରକୃତ ସେବା ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ସହକାରି ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ ଯୋଗ ଦେଇ ଛାତ୍ର ଜୀବନରେ ସମାଜ ସେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ପୂର୍ବତନ ଅଧକ୍ଷ ମୋହନ ଚନ୍ଦ୍ର ସାହୁ ଯୋଗ ଦେଇ ଜାତୀୟ ସେବା ଯୋଜନା ଏକ ସୁନ୍ଦର ପ୍ଲାଟଫର୍ମ , ଯେଉଁଠି ସ୍ୱେଚ୍ଛାସେବୀ ନିଜର ବ୍ୟକ୍ତିତ୍ୱ ବିକାଶ କରିବା ସହ ସମାଜରୁ ଅନ୍ଧବିଶ୍ୱାସ ଦୂର କରି ପାରିବ । ମଞ୍ଚାସୀନ ଓଡ଼ିଆ ବିଭାଗ ମୁଖ୍ୟ ଜଗନ୍ନାଥ ଦୀପ ସ୍ୱେଚ୍ଛାସେବୀମାନଙ୍କୁ ଶୃଙ୍ଖଳିତ ଭାବେ ସବୁ କାର୍ଯ୍ୟକ୍ରମ କରିବାପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ତଥା ଏହି ଉତ୍ସବ ରେ ସଭାପତିତ୍ୱ କରି ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଆୟୋଜିତ ପଥପ୍ରାନ୍ତ ନାଟକ ବାଲ୍ୟବିବାହ ଓ ନିଶା ନିବାରଣ ଅତି ଉଚ୍ଚକୋଟିର ବୋଲି ମତ ରଖିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମଣ ଶବର ଓ ରଂଜୁମା ପ୍ରଧାନ ସପ୍ତାହ ବ୍ୟାପି ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସୁଶ୍ରୀ ସୁଚିତ୍ରା ଶବର ଓ ରୁଦ୍ରାକ୍ଷ ଲିମା ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସର୍ବୋତ୍ତମ ସ୍ୱେଚ୍ଛାସେବୀ ରୂପେ ମାନ୍ୟତା ପାଇଥିଲେ । ସୁଶ୍ରୀ ଲତା ଗରଡ଼ିଆ ମଞ୍ଚ ପରିଚାଳନା କରିଥିବାବେଳେ ସୁଶ୍ରୀ ତେରେସା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱେଚ୍ଛାସେବୀ ଯଥା ସଂଗୀତରେ ଲତା ଗରଡ଼ିଆ , ଗ୍ରୁପ ଡେନସରେ ଋଷିକୁଲ୍ୟା ଡ଼େନସଗ୍ରୁପ , ଗ୍ରୁପ ସଂଗୀତରେ ତେରେସା ଜେନା ଗ୍ରୁପ ଓ ସୋଲୋ ଡ଼େନସରେ ସୁନିତା ବେହେରା ପୁରସ୍କୃତ ହୋଇଥିଲେ ।

# ଦୋକାନ ଘର ଉଚ୍ଛେଦ ପ୍ରତିବାଦରେ ବଣିକ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସଦର ମହକୁମାର ରାସ୍ତା ଦୁଇ ପାର୍ଶ୍ୱ ର ଦୋକାନ ଘର ଉଚ୍ଛେଦ ପ୍ରତିବାଦରେ ମା' ଡୁମେରତଳେନ ବଣିକ ସଂଘ ତରଫରୁ ପ୍ରତିବାଦ କରି ସାମୁହିକ ଦୋକାନ ବଜାର ବନ୍ଦ କରିଥିଲେ। ପରେ ସଙ୍ଘ ତରଫରୁ ବ୍ଲକ୍ ସମ୍ମୁଖରେ ପ୍ରତୀକ ଧାରଣା ଦେବା ସହିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ପବିତ୍ର କୁମାର ବେହେରାଙ୍କୁ ତୁରନ୍ତ ଥଇଥାନ ଦାବିରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ବଙ୍ଗୀୟ ନବବର୍ଷ ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଏମଭି-୭୯ ଗ୍ରାମରେ ଥିବା ବଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ପହିଲା ବୈଶାଖ ବା ବଙ୍ଗୀୟ ନବବର୍ଷ ପାଳିତ ହୋଇଯାଇଛି। ସକାଳୁ ଗାଁର ମହିଳାମାନେ ଘରେ ପ୍ରାତଃ ପୂଜା ସାରି ନଗର କୀର୍ତ୍ତନରେ ଭାଗ ନେଇଥିଲେ। ତାଙ୍କ ଭକ୍ତିପୂର୍ଣ୍ଣ ସଙ୍ଗୀତ ଓ ଆଳତିର ଯାତ୍ରାରେ ଗାଁର ପରିବେଶ ଆଧାତ୍ମିକ ହୋଇ ଉଠିଥିଲା। ଏହି ଅବସରରେ ଗାଁର ବଜାର ଓ ଦୋକାନମାନଙ୍କରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ବଙ୍ଗୀୟ ପରମ୍ପରା ଅନୁଯାୟୀ, ଏହି ଦିନ ବ୍ୟବସାୟୀମାନେ ନୂଆ ଖାତା ଆରମ୍ଭ କରି ମାଗଣି କରିଥାନ୍ତି। ଗାଁର ମନ୍ଦିର ପରିସରରେ ଖିଚୁଡ଼ି ଭୋଗ ପରିବେଷଣ କରାଯାଇଥିଲା, ଆଉ ଦୋକାନୀମାନେ ମିଠା ଲଡୁ ବାଣ୍ଟି ନୂଆବର୍ଷର ଆନନ୍ଦକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟିଥିଲେ। ବଙ୍ଗୀୟ ସମ୍ପ୍ରଦାୟର ଲୋକେ ନୂଆ ବସ୍ତ୍ର ପରିଧାନ କରି ଏହି ଦିନଟିକୁ ଆହୁରି ରଙ୍ଗୀନ କରିଛନ୍ତି । କେହି କେହି ଘରେ ପଞ୍ଚାମୃତ ଓ ବ୍ୟୟ ବୃଦ୍ଧ ପାନରେ ମଜଲିସ କରୁଥିବା ବେଳେ, ଅନେକେ ମିଠା ଓ ପିଠାରେ ପରିବାର ସହ ମିଳିମିଶି ଆନନ୍ଦ ଉଠାଇଥିଲେ। ଏହି ଅବସରରେ ସାମାଜିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ଗାଁର ଯୁବକମାନେ ମିଳିତ ଭାବେ ଗଛଲଗାଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। 'ନୂଆବର୍ଷ ଆମକୁ ନୂଆ ଆଶା ଓ ସମ୍ଭାବନା ଦେଇଥାଏ। ଆମେ ଏହି ଦିନରେ ଗଛ ଲଗାଇ ଆମ ପରିବେଶକୁ ସୁନ୍ଦର କରିବାକୁ ଚାହୁଁଛୁ,' ବୋଲି ଜଣେ ଯୁବକ କହିଥିଲେ। ଏମଭି-୭୯ରେ ବଙ୍ଗୀୟ ସମ୍ପ୍ରଦାୟ ଦୁର୍ଗାପୂଜା ପରେ ପହିଲା ବୈଶାଖକୁ ସବୁଠାରୁ ବଡ଼ ପର୍ବ ଭାବେ ପାଳନ କରନ୍ତି। ଏହି ଦିନ ସେମାନଙ୍କ ପାଇଁ କେବଳ ଏକ ନୂଆ ଆରମ୍ଭ ନୁହେଁ, ବରଂ ସାଙ୍ଗସାଥୀ, ପରିବାର ଓ ସମାଜ ସହ ଏକତାର ପ୍ରତୀକ। "ଆମେ ଏହି ଦିନରେ ସମସ୍ତଙ୍କ ସହ ମିଳିମିଶି ଆନନ୍ଦ କରୁଛୁ। ଏହା ଆମର ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ ରଖିବାର ଏକ ସୁନ୍ଦର ଉପାୟ," ବୋଲି ଗାଁର ଜଣେ ବୟୋଜ୍ୟେଷ୍ଠ କହିଥିଲେ। ପହିଲା ବୈଶାଖର ଏହି ଉତ୍ସବ ଏମଭି-୭୯କୁ ଅଞ୍ଚଳର ଏକ ସ୍ୱତନ୍ତ୍ର ଆକର୍ଷଣ। ଏହା କେବଳ ବଙ୍ଗୀୟ ସମ୍ପ୍ରଦାୟର ପରମ୍ପରା ନୁହେଁ, ବରଂ ଓଡ଼ିଶାର ଏହି ଗାଁରେ ବିବିଧତା ଓ ଏକତାର ଏକ ଜୀବନ୍ତ ଚିତ୍ର।



## ବିଭିନ୍ନ ସ୍ଥାନରେ ନାରୀ ନିର୍ଯାତନା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା



ଉମରକୋଟ, (ଭାସ୍କର ନ୍ୟୁଜ୍): ନାରୀ ସୁରକ୍ଷା ଓ ନାରୀ ନିର୍ଯାତନା ପ୍ରତିବାଦରେ ସବୁ ବ୍ଲକ୍‌ରେ କଂଗ୍ରେସ ମଶାଲ ଯାତ୍ରା ର ଆୟୋଜନ କରିଥିଲା। ଏହି ପରିପ୍ରେକ୍ଷୀରେ ଉମରକୋଟ ଠାରେ ମଧ୍ୟ ମଶାଲ ଯାତ୍ରାର ଆୟୋଜନ ହେଇଥିଲା। କଂଗ୍ରେସ ଦଳ ର କର୍ମୀ ମାନେ ଏକ ମଶାଲ ଧରି ଦଳୀୟ କାର୍ଯ୍ୟାଳୟ ବାହାରି ପୁରାଣ ବସଷ୍ଟାଣ୍ଡ ଠାରେ ପହଞ୍ଚି ଏକ ପଥପ୍ରାନ୍ତ ସଭାର ଆୟୋଜନ କରି ରାଜ୍ୟ ସରକାର ଙ୍କ ଉପରେ ପ୍ରବଳ ବର୍ଷି ଥିଲେ। ରାଜ୍ୟରେ ପ୍ରତିଦିନ ହତ୍ୟା, ଚୋରି, ଡକାୟତି ଇତ୍ୟାଦି ଘଟଣା ବୃଦ୍ଧି ପାଉଥିବାବେଳେ ନାରୀ ବର୍ତ୍ତମାନ ଆଉ ସୁରକ୍ଷା ମଣୁ ନାହି ଓ ନିର୍ଯାତନା ବହୁ ମାତ୍ରା ରେ ବଢ଼ି ଯାଇଥିବା କଂଗ୍ରେସ କର୍ମୀ ମାନେ ଅଭିଯୋଗ କରିଥିଲେ। ନିକଟରେ ବିଧାନସଭା ଠାରେ କଂଗ୍ରେସ କର୍ମୀଙ୍କ ଉପରେ ପୋଲିସ ର ଲାଠି ମାଡ଼ ଓ ବିଧାନ ସଭା ରେ କଂଗ୍ରେସ ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କୁ ନେଇ ମଧ୍ୟ କର୍ମୀ ମାନେ ସମାଲଚନ। କରି ଥିଲେ। ଏହି ଶୋଭାଯାତ୍ରାରେ କଂଗ୍ରେସ ର ବରିଷ୍ଠ ନେତା ବାବୁଲା ପଟ୍ଟନାୟକ , ଟୁଲୁ ସାହୁ, ଶଙ୍କର ଦେ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ କପୁର ନାୟକ, ପର୍ସୁ ନାୟକ, ଅମୂଲ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ରାଜ୍ୟ କଂଗ୍ରେସ ପି ସି ସି ସଭାପତି ଭକ୍ତ ଚରଣ ଦାଶଙ୍କ ନିର୍ଦ୍ଦେଶକ୍ରମେ ନାରୀ ନିର୍ଯାତନା, ନାରୀ ସୁରକ୍ଷା,ନାରୀ ହତ୍ୟା, ଦୁଷ୍କର୍ମ, ଶିଶୁ ନିଖୋଜ ଦରଦାମ ବୃଦ୍ଧି ପ୍ରତିବାଦରେ ରାଜ୍ୟ ଓ କେନ୍ଦ୍ରର ବିଜେପି ସରକାରଙ୍କ ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ଖଡ଼ିଆଳ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଖଡ଼ିଆଳ ଠାକୁରାଣୀ ମନ୍ଦିରରୁ ପାଖରୁ ବାହାରି ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ ଦେଇ ଖଡ଼ିଆଳ ସହର ପରିକ୍ରମା ପରେ ଥାନା ଛକ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ଶୋଭଯାତ୍ରାରେ ପ୍ରବୀଣ ପଟ୍ଟନାୟକ, ଭରତ ରାଉତ, ପପୁ ଏହିର, ଲିଙ୍ଗରାଜ ଯୁଏଡ଼ , ସରୋଜ ଶବର, ରୂପେଶ ବନଛୋର, ବିଶ୍ୱ ବେହେରା, ସମେତ ଶତାଧିକ ମହିଳା ଓ ପୁରୁଷ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।



କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ): କୋଷାଗୁମୁଡ଼ା ବ୍ଲକ୍ କଂଗ୍ରେସ ପକ୍ଷରୁ ନାରୀ ନିର୍ଯାତନା ଓ ଗ୍ୟାସ ଦର ବୃଦ୍ଧିକୁ ନେଇ ରାଜ୍ୟ ସରକାରଙ୍କୁ ପ୍ରତିବାଦ କରି ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହା ସହ ବିଭିନ୍ନ ନରାବାଜି ସହ ହାତରେ ଫ୍ଲେକ୍ସ ବ୍ୟାନର ଓ କ୍ୟାଣ୍ଡେଲ ଧରି ଶତାଧିକ ମହିଳା ଓ ପୁରୁଷ କଂଗ୍ରେସ କର୍ମୀ ଭାଗନେଇଥିଲେ । ଏହି ପଦଯାତ୍ରା ରେ ବ୍ଲକ କଂଗ୍ରେସ ପର୍ଯ୍ୟବେକ୍ଷକ ଶିବରାମ ରାଜୁ, ବ୍ଲକ କଂଗ୍ରେସ ସଭାପତି ପଦ୍ମ ସାଇ ମାଳି,ପୂ ଗୀତାମଣି ସମରଥ, କେ ଏନ ରାଜୁ, ପଦ୍ମନ ବିଶୋଇ, ସଞ୍ଜୀବ ବିଶୋଇ,ଯୁଗଧର ହରିଜନ,ବାବୁଲି ବାଘ, ଯୁଥ କଂଗ୍ରେସ ସଭାପତି ଧନୁର୍ଜୟ ବିଶୋଇ, ବାବୁଲି ବାଘ ପ୍ରମୁଖଙ୍କ ସହ ଶତାଧିକ ପୁରୁଷ ଓ ମହିଳା କଂଗ୍ରେସ କର୍ମୀ ଯୋଗଦେଇଥିଲେ।






ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ମଶାଲ ସହ ବିଶାଳ ରାଲିର ଆୟୋଜନ ହୋଇଥିଲା। ଆମ ମା ଆମ ସମ୍ମାନ ଆମ ର୍ଗ୍ୱ ଓ ଆମ ପରିବାର ଏପରି ଅନେକ ନାରା ଦେଇ ରାଲି କରିଥିଲେ। ଏହି ରାଲି ଡି ଏନ କେ ବ୍ଲକ ପଡିଆ ଠାରୁ ସୁବାସ ବୋଷ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲା। ଓଡ଼ିଶା ବିଜେପି ସରକାରଙ୍କ ଅପାରଗତା, ନାରୀ ନିର୍ଯ୍ୟାତନା, ନାବାଳିକା ଦୁଷ୍କର୍ମ, ଦର ଦାମ ବୃଦ୍ଧିକୁ ନେଇ ଏହି ମଶାଲ ରାଲିଟି ହୋଇଥିଲା। ଏହି ରାଲିରେ କଂଗ୍ରେସ ଜିଲ୍ଲା ପର୍ଯ୍ୟବେକ୍ଷକ ଦ୍ୱାରିକା ମହାପାତ୍ର, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଜି ଶ୍ରୀନିବାସ ରାଓ, ପି. କେସୁ ରାଓ, ପଦ୍ମ ପାର୍ଙ୍ଗି, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ ଙ୍କ ସହ ଜିଲ୍ଲା କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ଭିନ୍ନକ୍ଷମ ଯୁବତୀକୁ ଦୁଷ୍କର୍ମ ଅଭିଯୋଗ

# ଯୁବକ କୋର୍ଟଚାଲାଣ

ଖଡ଼ିଆଳ, (ଭାସ୍କର ନ୍ୟୁଜ): ଭିନ୍ନକ୍ଷମ ଯୁବତୀକୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକ କୋର୍ଟଚାଲାଣ ହୋଇଥିବା ଜଣାପଡିଛି। ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ସୁନାରିସୀକୁଆ ଗ୍ରାମରେ ଭିନ୍ନକ୍ଷମ ଯୁବତୀ (୨୦) ଙ୍କୁ ଅଜଣା ବ୍ୟକ୍ତି ବାରମ୍ବାର ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଗତ ୨୫ ଏପ୍ରିଲ ୨୦୨୩ ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଥିଲା । ସେନେଇ କେସ୍ ନଂ ୧୩୮/୨୩ ମାମଲା ରୁଜୁ କରିଥିଲା ପୁଲିସ । ପୋଲିସ ସୂତ୍ରରୁ ପ୍ରକାଶ ଯେ ଗ୍ରାମର ବିକ୍ରମ ଭୋଇ (୨୧) ବାରମ୍ବାର ଦୁଷ୍କର୍ମ କରି ଗର୍ଭବତୀ କରିବା ପରେ ପାଖାପୁଖି ଅଢେଇ ବର୍ଷ ଧରି ଲୁଚି ବୁଲିଥିଲେ । ପୋଲିସ କୌଣସି ସୂତ୍ରରୁ ଖବର ପାଇ ଦୁଷ୍କର୍ମକାରୀକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ କ୍ଷୀରସିନ୍ଧୁ ମାଝୀ ସୂଚନା ଦେଇଛନ୍ତି ।

# ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ଖପ୍ରାଖୋଲ,(ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ୍ ଭାନପୁର ଓ ବାଘଝରଣ ଗାଁ ରେ ଭାରତ ରତ୍ନ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ବାବା ସାହେବ୍‌ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ଏକ ସଭା ଲକ୍ଷେଘର ଗଣ୍ଡା ସମାଜର ସଂପାଦକ ଯୁବରାଜ ଦୀପଙ୍କ ଅଧ୍ୟକ୍ଷତାରେରେ ଏକ ସଭା ଆୟୋଜିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ରୂପେ ଲକ୍ଷେ ଘର ଗଣ୍ଡା ସମାଜର ବ୍ଲକ୍ ସଭପତି ନିରାକାର ଛୁରା, ସମ୍ମାନିତ ଅତିଥି ରୂପେ ପଞ୍ଚାୟତ ସଭାପତି ବନୁ କୁମ୍ଭାର, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବରିଷ୍ଠ ଭାଜପା ନେତା ଶଶି ପୁଝାରୀ, ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ସାମାଜିକ କର୍ମୀ ଡ଼ା. ଅଭୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବାବା ସାହେବଙ୍କ ଜୀବନୀ ଅବତାରଣା କରି ଦେଶ ପାଇଁ ତାଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ଜଳଧର ତାଣ୍ଡି, ମୋତିଲାଲ ତାଣ୍ଡି, ସରପଞ୍ଚ ରିନାଜାଲ, ଡିଲେଶ୍ୱର୍ ଜାଲ, ମୋହନ ସୁନା, ଉମାକାନ୍ତ ବାରିକ, ବିରେନ୍ଦ୍ର ଭୋଇ, କାଳିଆ ସାହୁ ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା, ଲକ୍ଷେଘର ଗଣ୍ଡା ସମାଜ ର କାର୍ଯ୍ୟକର୍ତ୍ତା, ମହିଳା, ପୁରୁଷ ଉପସ୍ଥିତ ଥିଲେ। ସେହି ପରି ବାଘଝରଣ ଗାଁ ରେ ମଧ୍ୟ ଭାଜପା ତରଫରୁ ବାବା ସାହେବଙ୍କ ମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ଭାଜପା କାର୍ଯ୍ୟକର୍ତ୍ତା ସମେତ ଭାଜପା ମଣ୍ଡଳ ସଭାପତି ବିକାଶ ବେହେରା, ମହିନାଥ ସୁନା, ତପିନ୍ଦ୍ର ସୁନା,ପ୍ରମୁଖ ଉପସ୍ଥିତ ଥିଲେ।



# ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ୍‌ର ବାର୍ଷିକୋତ୍ସବ

ବରଗଡ଼, (ଭାସ୍କର ନ୍ୟୁଜ୍): ଗଙ୍ଗାଧର ନଗର ବରଗଡ ସ୍ଥିତ ଏ. ଇ. ଏମ୍.ଇଂଲିଶ ମିଡ଼ିୟମ ସ୍କୁଲ୍‌ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଓ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗଦାନ କରିଥିଲେ । ସାଂସଦ ତାଙ୍କ ବକ୍ତବ୍ୟରେ ଶିକ୍ଷାର ମହତ୍ୱ ପ୍ରତିପାଦିତ କରିଥିଲେ। ବିଧାୟକ ସମସ୍ତଙ୍କ ପାଇଁ ସହଜ ଓ ସୁଲଭ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟର ଚେୟାରମେନ ଡ. ଜସବୀର ସିଂ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରିନ୍ସିପାଲ ପ୍ରଦୀପ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟି ମନୋରଞ୍ଜନ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଦ୍ୟାଳୟର ଶ୍ରେଷ୍ଠ କୃତୀ ଛାତ୍ର/ଛାତ୍ରୀ ହିସାବରେ ସବ୍ ଜୁନିୟର ବିଭାଗରେ ଆରାଧ୍ୟା ସାହୁ, ଜୁନିୟର ବିଭାଗରେ ଶୁଭଲକ୍ଷ୍ମୀ ଦୀପ ଓ ସିନିୟର୍ ବିଭାଗରେ ଶିଳ୍ପୀ କୁମାରୀ ଶାହ ପୁରସ୍କୃତ ହୋଇଥିଲେ। ପ୍ରତ୍ୟେକଙ୍କୁ ବିଦ୍ୟାଳୟ ତରଫରୁ ୨୧୦୦/- ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ସାଇ ଅମନ୍‌ଙ୍କୁ ଓଲିମ୍ପିଆଡ ପରୀକ୍ଷାରେ ରାଜ୍ୟସ୍ତରରେ ପ୍ରଥମ ଓ ଇଣ୍ଟରନେସନାଲ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଥିବାରୁ ୭୫୦୦/- ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଝଡ଼ ବର୍ଷା ଯୋଗୁଁ କାର୍ଯ୍ୟକ୍ରମ କିଛି ସମୟ ପାଇଁ ବାଧିତ ହୋଇଥିଲେହେଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉତ୍ସାହରେ କୌଣସି ବାଧା ଆସିନଥିଲା। ଶ୍ରୀ ସନ୍ତୋଷ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ଭିନ୍ନ ସ୍ୱାଦରନାଟକ 'ସୁଟିଂ ଚାଲିଛେ' ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା।



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆବାହକ ଯଶୋବନ୍ତ ନାରାୟଣ ମହାନ୍ତିଙ୍କ ନେତୃତ୍ୱ ରେ ବୁଧବାର ସନ୍ଧ୍ୟାରେ ଏକ ବିରାଟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାକଟପୁର କଲେଜ ଛକ କଂଗ୍ରେସ କାର୍ଯ୍ୟାଳୟ ରୁ ଏକ ଶୋଭାଯାତ୍ରା ବାହାରି ନୂଆ ବସ ଷ୍ଟାଣ୍ଡ, ପରେ ବଜାର ପରୀକ୍ରମା କରି ଥାନା ଦେଇ ମେଡିକାଲ ଛକ ଠାରେ ପହଂଚିଥିଲେ । କର୍ମୀ ମାନେ ହାତରେ ପ୍ଲାକାର୍ଡ ଧରି ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଛାତ୍ରୀ ଧର୍ଷଣ, ଓ ମହିଳାଙ୍କ ଉପରେ ଚାଲିଥିବା ଅତ୍ୟାଚାର ବିରୋଧରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନଳିନୀ କାନ୍ତ ଦୀକ୍ଷିତ, ବିଚିତ୍ରା ନନ୍ଦ ଦାଶ, ଅବଦୁତ ସ୍ୱାଇଁ, ସୁକାନ୍ତ ପରିଡ଼ା, ସୌମ୍ୟକାନ୍ତ ଖୁଣ୍ଟିଆ, ସେକ ଲିୟାକତ,ବିପିନ ମହାନ୍ତି, ମହେଶ୍ୱର ନାୟକ, ଅରକ୍ଷିତ କାଣ୍ଡି, ଅତିବୁର ରହେମାନ ଖାଁ, ଶାନ୍ତନୁ ସାହୁ, ହୃଷିକେଶ ବେହେରା, ପ୍ରଫୁଲ ବିଶ୍ୱାଳ, ଅମରେଶ୍ୱର ନାୟକ, ଅରକ୍ଷିତ ନାୟକ, କରୁଣାକର ସେନାପତି, ବିଜୟ ବିଶ୍ୱାଳ, ଆଲିମ ଖାଁ, ମଲିକ ଇନାମୁଲ ଓ ପ୍ରକାଶ ପାଳ ଙ୍କ ସମେତ ଦୁଇ ଶହ ରୁ ଉର୍ଦ୍ଧ କର୍ମୀ ମାନେ ଯୋଗଦେଇଥିଲେ ।

# ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲା

## ଜେଲରୁ ମୁକୁଳିଲେ ଦାରା ସହଯୋଗୀ ମହେନ୍ଦ୍ର



କେନ୍ଦୁଝର (ଭାସ୍କର ନ୍ୟୁଜ): ବହୁ ଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାର ଆଜୀବନ କାରାଦଣ୍ଡ ଭୋଗୁଥିବା ଅନ୍ୟତମ ଦୋଷୀ ମହେନ୍ଦ୍ର ହେମ୍ବ୍ରମ ବୁଧବାର ଜେଲରୁ ମୁକୁଳିଛନ୍ତି । ତାଙ୍କ ମୁକ୍ତିପାଇଁ ରାଜ୍ୟ ସରକାର ସୁପାରିସ କରିଥିଲେ । ଜେଲ୍‌ରେ ଉତ୍ତମ ଆଚରଣ, ସ୍ୱଭାବ ଓ ଉତ୍ତମ ବ୍ୟବହାର ପାଇଁ ତାଙ୍କୁ ମୁକ୍ତି କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ । ସେ ଦୀର୍ଘ ୨୫ବର୍ଷ ହେବ ଜେଲରେ ରହିଥିଲେ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଏବେ ବି ଜେଲରେ ରହିଛି । ସୂଚନାଯୋଗ୍ୟ ଯେ ୧୯୯୯ ମସିହା ଜାନୁଆରୀ ୨୧ ତାରିଖରେ ଦାରା ସିଂ ଓ ତାଙ୍କ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମନୋହରପୁରରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ପୁଅଙ୍କୁ ଗାଡ଼ି ଭିତରେ ଶୋଇଥିବାବେଳେ ଜୀଅନ୍ତା ପୋଡ଼ି ହତ୍ୟା କରିଥିଲେ । ଏହି ଘଟଣାରେ ତତ୍କାଳୀନ କେନ୍ଦୁଝର ଏସ୍‌ପି ତଥା ବର୍ତ୍ତମାନର ଡିଜିପି ୱାଇ.ବି.ଖୁରାନିଆ ସେମାନଙ୍କୁ ଗିରଫ କରିଥିଲେ । ୨୦୦୦ ମସିହାରେ ସିବିଆଇ ସ୍ୱତନ୍ତ୍ର କୋର୍ଟ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲେ । ତେବେ ୨୦୦୫ରେ ଓଡ଼ିଶା ହାଇକୋର୍ଟ ତାଙ୍କ ମୃତ୍ୟୁ ଦଣ୍ଡାଦେଶକୁ କୋହଳ କରି ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ । ପରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ ।

# ଜଗନ୍ନାଥ ପଞ୍ଚାମୃତ ଯୋଗ ଆଲୋଚନା

ପୁରୀ (ଭାସ୍କର ନ୍ୟୁଜ) : ଯୋଗ ବିଜ୍ଞାନ ଏବଂ ଆଧ୍ୟାତ୍ମିକତା ବିଭାଗ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ କ୍ୟାମ୍ପସ, ପୁରୀ,କ୍ୟାମ୍ପସର କ୍ରୀଡା ହଲ, ଜୟଦେବ ଭବନରେ ଜଗନ୍ନାଥ ପଞ୍ଚାମୃତ ଯୋଗ ଆଲୋଚନା ଏବଂ ବିଶ୍ୱ ଭବିଷ୍ୟତ ଦର୍ଶନ ମାଳିକା ବିଷୟ ଉପରେ ଏକ ଦିନିକିଆ ବକ୍ତୃତା ଶୃଙ୍ଖଳା ଆୟୋଜନ କରା ଯାଇଥିଲା । ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଏବଂ କ୍ୟାମ୍ପସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ କହିଥିଲେ ଯେ ଶରୀର ପଞ୍ଚତତ୍ତ୍ୱ ପୃଥିବୀ, ଅଗ୍ନି, ବାୟୁ, ଜଳ ଏବଂ ଆକାଶରେ ଗଠିତ ।ଯେପରି ପଞ୍ଚାମୃତ, କ୍ଷୀର, ଦହି ଏବଂ ମହୁ ସାହାଯ୍ୟରେ ଶରୀରକୁ ବ୍ୟବସ୍ଥିତ ରଖାଯାଏ । ସେହିପରି ଜ୍ଞାନାମୃତ, କ୍ରିୟାମୃତ, ଦିବ୍ୟାମୃତ, ଧ୍ୟାନାମୃତ ଏବଂ ଭାବାମୃତ ରୂପରେ ଯୋଗର ଅମୃତ ଅଭ୍ୟାସ କରି ମଣିଷ ସାଂସାରିକ ଦୁଃଖରୁ ମୁକ୍ତି ପାଇ ପାରିବ ।ମୁଖ୍ୟ ବକ୍ତା ଭାବେ ଆଧ୍ୟାତ୍ମିକ ଯୋଗଗୁରୁ ଅକ୍ଷୟ କୁମାର ଗୃହାଚାର୍ଯ୍ୟ ପଞ୍ଚାମୃତ ଯୋଗ ସାଧନାରେ ବିଭିନ୍ନ ଗବେଷଣା ପ୍ରକ୍ରିୟା (ସର୍ବାଙ୍ଗ ଚକ୍ର ଶୁଦ୍ଧିକରଣ, ଚକ୍ର ଶୁଦ୍ଧିକରଣ, ଦଶାଙ୍ଗୁଳ ଚକ୍ର ଶୁଦ୍ଧିକରଣ ଇତ୍ୟାଦି) ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ । ସେ କହିଥିଲେ ଯେ ପଞ୍ଚାମୃତ ଯୋଗ ସାଧନାରେ କୁଣ୍ଡଳୀ ଜାଗ୍ରତ ହୁଏ ଏବଂ ପଞ୍ଚକୋଷ ଶୁଦ୍ଧ ହୁଏ ଏବଂ ଜଣେ ବ୍ୟକ୍ତି ଶାରୀରିକ, ମାନସିକ, ସାମାଜିକ, ଆଧ୍ୟାତ୍ମିକ ଏବଂ ଭାବପ୍ରବଣ ସ୍ତରରେ ନିଜର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକଶିତ କରିପାରିବ । ପ୍ରଫେସର ବିଜୟପାଲ କଛୱାହା ସମାବେଶକୁ ସମ୍ବୋଧିତ କରି ପରିବର୍ତ୍ତିତ କ୍ୟାମ୍ପସ ପରିବେଶରେ ଯୋଗ ଅଭ୍ୟାସର ଜରୁରୀ ଆବଶ୍ୟକତା ରହିଛି । ଏହାର ପ୍ରଚାର ଅତ୍ୟନ୍ତ ଆବଶ୍ୟକ, ବିଶେଷକରି ନୂତନ ପିଢ଼ି ମଧ୍ୟରେ । କାର୍ଯ୍ୟକ୍ରମର ସମାପନୀ ଉତ୍ସବରେ ସଂଯୋଜକ ଡକ୍ଟର ପ୍ରେମ ପ୍ରକାଶ ସମସ୍ତ ଅତିଥି ଏବଂ ପରିଦର୍ଶକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ।ଏହି ଅବସରରେ ବ୍ୟାକରଣ ଅଧ୍ୟାପିକା ବିଭାଗର ମୁଖ୍ୟ, ପ୍ରଫେସର ଅନୁପମା ପ୍ରୀତି, ସାଧୁ ଯୋଗ ବିଭାଗର ମୁଖ୍ୟ ଡକ୍ଟର ଅଶୋକ କୁମାର ମୀନା, ଡ କୃଷ୍ଣ ଚନ୍ଦ୍ର କବି, ଡକ୍ଟର ଶକ୍ତି ପ୍ରସାଦ ଦ୍ୱିବେଦୀ, ଡକ୍ଟର ଅଖିଳେଶ ମିଶ୍ର, ଡକ୍ଟର ଯତିରାଜ ବାରାଲ, ଡକ୍ଟର ରଶ୍ମୀ, ଡକ୍ଟର ସୁକାନ୍ତି ବାରିକ, ଡକ୍ଟର ସୁକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଘର ଘର ବୁଲି ଭକ୍ତଙ୍କୁ ଦର୍ଶନ ଦେଲେ ମା 'ମୋତ୍ୟାଲୁମା



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ଆଜି ଠାରୁ ଲକ୍ଷ୍ମୀପୁର ଅଧିଷ୍ଠାତ୍ରୀ ଦେବୀ ମା ମୋତ୍ୟାଲୁମାଙ୍କ ନବ ଦିନ ଧରି ଘଟ ଯାତ୍ରା ଆରମ୍ଭ ହୋଇଯାଇଛି । ମା ମୋତ୍ୟାଲୁମା ମୁଖ୍ୟ ମନ୍ଦିରରୁ ଅସ୍ଥାୟୀ ମନ୍ଦିରରେ ପ୍ରବେଶ କଲା ପରେ ମଙ୍ଗଳବାର ଦିନ ବିଶ୍ରାମ ନେଇ ଆଜି ଗାଁ ପରିଭ୍ରମଣ କରିଛନ୍ତି । ଫଳରେ ଘରେ ଘରେ ଭୋଗ ରାଗ ଦେଇ ମାଙ୍କ ଆସିବ ବାଟକୁ ଅନାଇ ବାସୀ ଭକ୍ତ ମାନେ ପୂଜାର୍ଚ୍ଚନା କରି ଆତ୍ମସନ୍ତୋଷ ଲାଭ କରିଛନ୍ତି ।ପୁରା ବ୍ଲକ ସଦର ଉତ୍ସବ ମୁଖର ହୋଇ ଉଠିଛି । ଏନେଇ ଏକ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଛି ।ଆଜି ଠାରୁ ପୁରା ସାତ ଦିନ ଲକ୍ଷ୍ମୀପୁର ବ୍ଲକ ସଦର ଦିନ ରାତି ଏକାକାର ହୋଇ ଉଠିବ । ସାତ ଦିନ ମଧ୍ୟରେ ନିଆଁ ରେ ଚାଲିବା,କଣ୍ଟା ଦୋଳିରେ ଝୁଲିବା ଭଳିବି ଭିନ୍ନ ପ୍ରକାରର ଅଲୌକିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଜମିବ ।ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇ ଯାଇଛି ।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
***
e-Procurement for Building works
Bid Identification No: EERWJYP – Online -01/2025-26

O-59

Letter No. 1927 Date: 15.04.2025

01. Name of the work :: Building works
02. Total Number of works :: 16 (Sixteen) Nos.
03. Approximate Estimated cost :: Rs. 54.75 lakhs to Rs. 62.31 lakhs (approximately)
04. Class of Contractor : "B" Class
05. Period of Completion :: within 9 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding From | Availability of tender online for bidding To | Last date and time of seeking tender clarification | Date of Opening |
|---|---|---|---|---|---|---|
| Executive Engineer, R.W. Division, Jeypore | Online Tender/01/ RWD-JYP/2025-26 | 16 Nos. | 23.04.2025 at 11.00 A.M | 03.05.2025 upto 5.00 P.M. | 02.05.2025 at 01.30 P.M | 05.05.2025 at 5.00 P.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Sd/- Executive Engineer,
Rural Works Division: Jeypore

OIPR 25160/11/0018/2526



OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, KESHARI NAGAR, UNIT- V, BHUBANESWAR – 751 001

RFP Identification No. CE-BRIDGES – 01/ 2025 – 26
File No- PIM – Misc.- 10/2008 (Pt)

B-31

INVITATION FOR QUALIFICATION / PROPOSAL
NOTICE INVITING TENDER (NIT)

1. The Chief Engineer, Bridges, Odisha (the "Authority") on behalf of the Works Department, Government of Odisha invites Request for Proposal (RFP) for the work as below **through EPC mode of Contract** (Engineering, Procurement and Construction) basis for selection of the bidder to whom the Project may be awarded eventually **Construction of H. L. Bridge over river Luna near Pubansa at 3rd km on Katikata – Jaypur road in the District of Cuttack under State Plan.**
2. The Request for Proposal document (the "RFP" document) will be available in the website https://tendersodisha.gov.in **from 10.00 A.M of 28.04.2025 to 05.00 P.M of 22.05.2025** for online bidding.
3. The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document.
4. The application shall be received only on "online" on or before **05.00 P.M of 22.05.2025.**
5. A Pre-bid meeting will be held at **12.30 PM on 05.05.2025** at the venue as specified in RFP.
6. Applications received on line shall be opened at **3.00 P.M of 23.05.2025** in the office of the Chief Engineer (Bridges), Odisha Nirmana Saudha, Unit-V, Bhubaneswar, Odisha. If the office happens to be closed on the date of opening as specified, then the same will be opened on the next working day.
7. The authority reserves the right to cancel any or all bid without assigning any reason.
8. Further details with any addendum, corrigendum, cancellation can be seen from the website https://tendersodisha.gov.in

Sd/-Chief Engineer, Bridges
Odisha, Bhubaneswar

OIPR 34117/11/0079/2526


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅନୁମୋଦିତ ଲକ୍ଷ୍ୟର...

ପ୍ରଶିକ୍ଷଣ ଅଧିବେଶନ ଆୟୋଜନ କରିଥିଲେ । ମାଷ୍ଟର ଟ୍ରେନର୍ ମାନେ ମହିଳାମାନଙ୍କୁ ବୈଷୟିକ ଏବଂ ଉଦ୍ୟୋଗିକ ଦକ୍ଷତା ହାସଲ କରିବାରେ ସହାୟତା କରିଥିଲେ, ଯେଉଁଥିରେ ସିଲାଇ, ଛତୁ ଚାଷ, ପଶୁପାଳନ ତଥା ଖାଦ୍ୟ ପ୍ରକ୍ରିୟାକରଣ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ପ୍ରଶିକ୍ଷଣ ମାଧ୍ୟମରେ ମହିଳାମାନେ ପାରମ୍ପାରିକ ଜ୍ଞାନକୁ ବ୍ୟବହାରିକ କୌଶଳ ମାଧ୍ୟମରେ ବ୍ୟବସାୟରେ ପରିଣତ କରିବାର ମାର୍ଗ ପାଇଥିଲେ । ଆବର୍ତ୍ତନ ପାଣ୍ଠି ୧୫,୦୦୦ ରୁ ବୃଦ୍ଧି କରି ୩୦,୦୦୦ କରାଯାଇଥିବା ବେଳେ, କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ କୁ ୩୫ ଲକ୍ଷ ଟଙ୍କାରୁ ବଢ଼ାଇ ୬୦ ଲକ୍ଷ ଟଙ୍କା କରାଯାଇଛି । ଏହି କାର୍ଯ୍ୟକାରୀ ପୁଞ୍ଜିର ପ୍ରବାହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉତ୍ତମ ଉପକରଣରେ ନିବେଶ କରିବା, କାର୍ଯ୍ୟ ବିସ୍ତାର କରିବା ଏବଂ ବଡ ଧରଣର ଅର୍ଡରଗୁଡ଼ିକୁ ପୂରଣ କରିବାକୁ ସକ୍ଷମ କରିଛି । ଏହି ଲକ୍ଷପତି ଦିଦି ମାନଙ୍କ ମଧ୍ୟରୁ ବହୁ ଯୋଗ୍ୟ ହିତାଧିକାରୀମାନେ ସୁଭଦ୍ରା ସହାୟତା ମଧ୍ୟ ପାଇଛନ୍ତି ଯାହା ସେମାନଙ୍କ ମନୋବଳକୁ ଆହୁରି ଦୃଢ଼ କରିଛି । ଗ୍ରାମୀଣ ଉଦ୍ୟୋଗୀମାନଙ୍କ ପାଇଁ ଋଣର ବୋଝକୁ ହାଲୁକା କରିବା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ସେମାନଙ୍କର କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କିମ୍ବା ବିସ୍ତାର କରିବାରେ ସକ୍ଷମ କରିବା ନିମନ୍ତେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବାର ସହାୟତା ଜାରି ରହିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## ବିଶ୍ୱକୁ ଘାରିଛି...

ହୋଇଥିଲେ । ଶତାଧିକ ନିଖୋଜ ହୋଇଯାଇଥିଲେ । ଏହି ସଂକଟ ସମୟରେ ଭାରତ ସହାୟତାର ହାତ ବଢାଇଥିଲା । ଅପରେସନ ବ୍ରହ୍ମ ଜରିଆରେ ଏନଡିଆରଏଫ ଟିମ୍ ଏବଂ ଯବାନମାନେ ସମସ୍ତ ସହାୟତା ଯୋଗାଇଥିଲେ । ବାରମ୍ବାର ଭୂକମ୍ପ ଝଟ୍‌କା ଲାଗିବା ମାନବ ସମାଜପାଇଁ ପ୍ରକୃତିର କରାଳ ସଂକେତ ଥିବାବେଳେ ଏହା ପ୍ରକୃତିକୁ ନଷ୍ଟ କରିବାର କୁପରିଣାମ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି ।

## କୋଟି କୋଟି ଟଙ୍କାର...

ଢେଙ୍କାନାଳ ଗଦିଁଆ ଥାନା ଅଧୀନ କରମୁଳା ଗାଁରେ ଅନ୍ୟଜଣେ ଶ୍ୱଶୁର ଘର, କଳାହାଣ୍ଡି ଭବାନୀପାଟଣାରେ ଥିବା ଏକ ଘର ଉପରେ ଚଢାଉ ଜାରି ରହିଛି । ଚଢାଉ ଚାଲିଥିବାରୁ ସମ୍ପତ୍ତି ସମ୍ପର୍କରେ ସିବିଶେଷ ବିବରଣୀ ମିଳିପାରି ନାହିଁ ।

## ଶିଳ୍ପୀଙ୍କ ବିକାଶକୁ...

ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୩ ମସିହାରେ ପିଏମ୍ ବିଶ୍ୱକର୍ମା ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ବଢେଇ, ଡଙ୍ଗା ନିର୍ମାତା, କମାର, ବଣିଆ, କୁମ୍ଭକାର, ମୂର୍ତ୍ତିକାର, ପଥର ଖୋଦେଇକାରୀ, ଜୋତା କାରିଗର, ରାଜମିସ୍ତ୍ରୀ, ନଡିଆ କତା ଶିଳ୍ପୀ, ଝୁଡି/ ଗାଲିଚା କାରିଗର, କଣ୍ଢେଇ ଓ ଖେଳଣା ନିର୍ମାତା, ନାପିତ, ରଜକ, ଫୁଲମାଳା ନିର୍ମାତା, ଦର୍ଜୀ, ମାଛ ଜାଲ ବୁଣାଳୀ ଆଦି ୧୮ ପ୍ରକାର ବୃତିକୁ ସାମିଲ କରାଯାଇଛି । ଏହି ପାରମ୍ପାରିକ କାରିଗର ଓ ଶିଳ୍ପୀ ମାନଙ୍କୁ ବିଶ୍ୱକର୍ମା ଭାବରେ ପରିଚିତ କରି ଯୋଜନା ଅନ୍ତର୍ଭୁକ୍ତ ସୁବିଧା ହାସଲ କରିବା ନିମନ୍ତେ ସେମାନଙ୍କୁ ସମର୍ଥ କରାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଏହି ଯୋଜନାରେ ସମୟର ଆବଶ୍ୟକତା ଅନୁସାରେ ଆମର ଏହି ବିଶ୍ୱକର୍ମା ମାନଙ୍କୁ ପ୍ରୋତ୍ସାହନ, ସେମାନଙ୍କ ଦକ୍ଷତା ବିକାଶ ଓ ଆଧୁନିକ ଯନ୍ତ୍ରପାତିର ସହଯୋଗ ପ୍ରଦାନ କରାଯାଉଛି । ଏହି ଯୋଜନାରେ ବର୍ତ୍ତମାନ ଆମ ରାଜ୍ୟରେ ୧,୦୫,୩୬୧ ଜଣ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି । ୭୭,୧୦୩ ଜଣ ହିତାଧିକାରୀ ମୌଳିକ ପ୍ରଶିକ୍ଷଣ ନେଇ ସାରିଛନ୍ତି । ୧୦,୫୨୩ ଜଣ ହିତାଧିକାରୀଙ୍କୁ ଋଣ ମଞ୍ଜୁର କରାଯାଇ ୮,୮୬୭ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି । ସେହିଭଳି ମୟୂରଭଞ୍ଜ ଜିଲ୍ଲାର ୧,୮୩୧ ଜଣ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି । ୧୪୭୫ ଜଣ ହିତାଧିକାରୀ ମୌଳିକ ପ୍ରଶିକ୍ଷଣ ନେଇଛନ୍ତି ଏବଂ ୨୦୯ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର ଦୁଇ ଜଣ ଉଦ୍ୟୋଗୀଙ୍କ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ଯୁବପିଢିଙ୍କୁ କହିଥିଲେ ଯେ, ଆଜି ଆଉ ଚାକିରୀ ପଛରେ ପଡିବାର ଆବଶ୍ୟକତା ନାହିଁ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଉଦ୍ୟୋଗୀ ବନାଇବା ପାଇଁ ସରକାରୀ ସ୍ତରରେ ଋଣ ଠାରୁ ତାଲିମ୍ ପର୍ଯ୍ୟନ୍ତ ସମସ୍ତ ସହାୟତା ପ୍ରଦାନ କରାଯାଉଛି । ଆପଣ ମାନେ ଆସନ୍ତୁ, ଏଥିରେ ସାମିଲ ହୁଅନ୍ତୁ, ଉଦ୍ୟୋଗୀ ବନନ୍ତୁ ଓ ଆଗକୁ ବଢନ୍ତୁ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ୨୦୧୪ ପରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗଠନ ହେଲା ପରେ ଖଦୀର ପ୍ରଚାର ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଗତ ଆର୍ଥିକ ବର୍ଷରେ ଖଦୀ ଓ ଭିଲେଜ୍ ଇଣ୍ଡଷ୍ଟ୍ରିର ଟର୍ଣ୍ଣଓଭର ୧.୫ ଲକ୍ଷ କୋଟିରେ ପହଂଚିଛି । ୧୦ ବର୍ଷ ମଧ୍ୟରେ ଏହାର ବିକ୍ରି ୪୦୦ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଏ କ୍ଷେତ୍ରରେ ନିଯୁକ୍ତି ୮୧ ପ୍ରତିଶତ ବୃଦ୍ଧି ଘଟିଛି । ଭୁବନେଶ୍ୱର ଗଣ୍ଡମୁଣ୍ଡା ଠାରେ ଏହିଭଳି କୌଳିକ ବୃତି ମାଧ୍ୟମରେ ପ୍ରସ୍ତୁତ ଉତ୍ପାଦକୁ ବଜାର ପ୍ରଦାନ ପାଇଁ ଗୋଟିଏ ୟୁନିଟି ମଲ୍ ସ୍ଥାପନା କରାଯିବ । ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ଷ୍ଟଲ ଖୋଲାଯିବ । ଭାରତ ସରକାର ଏଥିପାଇଁ ଆର୍ଥିକ ବ୍ୟବସ୍ଥା କରିଛନ୍ତି । ଏହି ୟୁନିଟି ମଲ୍ ରେ ଗୋଟିଏ ଜିଲ୍ଲାର ଗୋଟିଏ ଉତ୍ପାଦ ଏବଂ ଗୋଟିଏ ଜିଲ୍ଲାରେ ଗୋଟିଏ ଅନନ୍ୟ ଖାଦ୍ୟପେୟ ମଧ୍ୟ ବ୍ୟବସ୍ଥା କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର ଏକ ସମାବେଶୀ ସରକାର । ଆମେ ପରିବାରର ସବୁ ସଦସ୍ୟ ମାନଙ୍କୁ ଯୋଜନାରେ ସାମିଲ କରିଛୁ । ପରିବାରର ଜଣେ ଯଦି ପିଏମ୍ ବିଶ୍ୱକର୍ମା ଯୋଜନାରେ ଲାଭପାଉଛି ସେହି ଘରର ମହିଳା ଜଣେ ସୁଭଦ୍ରା ଯୋଜନାରେ ମଧ୍ୟ ସାମିଲ ଅଛି । ଅନ୍ତୋଦୟ ଗୃହ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନାରେ ମଧ୍ୟ ଉକ୍ତ ପରିବାର ଲାଭ ପାଉଛି । ଗତ ସରକାର ଅନେକ ଯୋଜନାର ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ପୂରଣ କଲେ ନାହିଁ । ଆମ ସରକାର ଆସିବା ପରେ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାକୁ ପାଳନ କଲୁ । ଚାଷୀ, ମହିଳା, ଶ୍ରମିକ, ଯୁବବର୍ଗ ସମସ୍ତଙ୍କ ପାଇଁ ଆମେ କାମ କରୁଛୁ । ମୟୂରଭଞ୍ଜର ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମୟୂରଭଞ୍ଜ ଜିଲ୍ଲାରେ ୭୦୦୦ କୋଟି ଟଙ୍କା ବିନିଯୋଗରେ ଇସ୍ପାତ, ଗ୍ରୀନ ହାଇଡ୍ରୋଜେନ, ଅଟୋପାର୍ଟସ୍ ଭଳି ୧୦ଟି ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ହେବ । ଏହା ମାଧ୍ୟମରେ ୫,୧୨୫ ଜଣ ନିଯୁକ୍ତି ପାଇବେ । ଏଥି ସହିତ ଗୋଟେ ଏମ୍‌ଏସ୍‌ଏମ୍ ?ଇ ପାର୍କ ମଧ୍ୟ ଜିଲ୍ଲାରେ ପ୍ରତିଷ୍ଠା କରାଯିବ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ମୟୂରଭଞ୍ଜ ସର୍ବାଗ୍ରେ ରହିବ । କେନ୍ଦ୍ର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନ ରାମ ମାଁଝୀ କହିଲେ ଯେ, ଭାରତ ବର୍ଷରେ ଆଜି ୭୦ ପ୍ରତିଶତ ଗରିବ ଲୋକ ଅଛନ୍ତି । ଏହି ୭୦ ପ୍ରତିଶତ ଲୋକଙ୍କ ପାଇଁ ଏମ୍‌ଏସ୍‌ଏମ୍‌ଇ ଜରିଆରେ ବ୍ୟାପକ ଜନକଲ୍ୟାଣକାରୀ ଯୋଜନା ଆରମ୍ଭ କରାଯାଉଛି । ଭାରତ ହେଉଛି ଏକ କୃଷି ପ୍ରଧାନ ଦେଶ । ଗ୍ରାମାଞ୍ଚଳରେ କୃଷି ବ୍ୟତୀତ ଏମ୍‌ଏସ୍‌ଏମ୍‌ଇ ଅଧିକ ରୋଜଗାର ଯୋଗାଉଛି । ଏହି ବିଭାଗ ପ୍ରତି ପ୍ରଧାନମନ୍ତ୍ରୀଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି । କୌଳିକ ବୃତିରେ କାମ କରୁଥିବା ଲୋକଙ୍କ ଦୁଃଖ ଓ ଅସୁବିଧାକୁ ଦେଖି ଆମ ପ୍ରଧାନମନ୍ତ୍ରୀ ପିଏମ୍ ବିଶ୍ୱକର୍ମା ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ କୌଳିକ ବୃତ୍ତିଧାରୀଙ୍କ ୪ପ୍ରତିଶତ ଉତ୍ପାଦ ଏସ୍.ସି, ଏସ୍.ଟି ହବ୍ ଜରିଆରେ ସରକାର କିଣିବେ । ସେ କହିଥିଲେ ଚଳିତ ବର୍ଷ ବଜେଟ୍‌ରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବ୍ୟୟ ଅଟକଳକୁ ଦ୍ୱିଗୁଣିତ କରାଯାଇଛି । ଏମ୍‌ଏସ୍‌ଏମ୍‌ଇ ଜରିଆରେ ବେରୋଜଗାର ଦୂର କରିପାରିବା । ଆମର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ସବୁପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଆମେ ପ୍ରୟାସ ଜାରି ରଖିଛୁ ।କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଏହି ଯୋଜନାର ବିଭିନ୍ନ ବର୍ଗର ହିତାଧିକାରୀ ମାନଙ୍କୁ ସାର୍ଟିଫିକେଟ୍, ଋଣ ମଞ୍ଜୁରୀ ପତ୍ର ଏବଂ ସହାୟତା ରାଶି ପ୍ରଦାନ କରିଥିଲେ । ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ କହିଥିଲେ ଯେ, ଗ୍ରାମୀଣ ଅର୍ଥନୀତିର ଆତ୍ମା ହେଉଛି ଏମ୍‌ଏସ୍‌ଏମ୍‌ଇ । ଗ୍ରାମାଞ୍ଚଳର ଅର୍ଥନୀତିକୁ ଆହୁରି ସୁଦୃଢ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ଏହି ମହତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ ହୋଇଛି । ଆମେ ଷ୍ଟାର୍ଟଅପ କ୍ଷେତ୍ରରେ ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କୁ ଅଧିକ ପ୍ରୋତ୍ସାହନ କରୁଛୁ । ସହଜରେ କିପରି ସେମାନେ ଉଦ୍ୟୋଗୀ ହୋଇପାରିବେ ସେଥିପ୍ରତି ଉଦ୍ୟମରତ ଅଛୁ । କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ, ସାଂସଦ ନବ ଚରଣ ମାଝୀ, ଶ୍ରୀମତୀ ମମତା ମହାନ୍ତ, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ୍, ବଡସାହି ବିଧାୟକ ସନାତନ ବିଜୁଳୀ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭାଦବ ହାଂସଦା ଏବଂ ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଲୀ ମୁର୍ମୁ ପ୍ରମୁଖ ଅଭିଭାଷଣ ରଖିଥିଲେ ।

# ବୋଲଗଡ଼ରେ ଓଡ଼ିଆ ନବବର୍ଷ ପାଳିତ



ବୋଲଗଡ଼ (ଭାସ୍କର ନ୍ୟୁଜ ): ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ସଂପୁର ସ୍ଥିତ ପାଞ୍ଚଗଡ଼ ସୃଜନଶୀଳ ସମିତି ଆନୁକୂଲ୍ୟରେ ସମ୍ପାଦକ ସମିତ କେଦାର କରଙ୍କ ଆବାହକତ୍ୱରେ ଚୁଡ଼ା ନିକଟବର୍ତ୍ତୀ ଗେଡି ମୁଣ୍ଡିଆ ପରିସରରେ ସମିତିର ସ୍ଥାୟୀ ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ 'ଓଡ଼ିଆ ନବବର୍ଷ' ପ୍ରସଙ୍ଗ ଉପରେ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବୋଲଗଡ଼ର ପ୍ରାକ୍ତନ ମଣ୍ଡଳ ସଂଯୋଜକ ପଦ୍ମ ଚରଣ ବେହେରା ମୁଖ୍ୟ ଅତିଥି, ମାଣିକାଗୋଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଚିକିତ୍ସାଧିକାରିଣୀ ମଧୁମିତା ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ବୋଲଗଡ଼ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଅପର୍ତ୍ତୀ ଅଟ୍ଟ, ଗାୟକ ସୁଧାକର ନିହାର ରଞ୍ଜନ ପରମଗୁରୁ, ବୋଲଗଡ଼ ବଣିକ ସଂଘର ପ୍ରାକ୍ତନ ସମ୍ପାଦକ ଅରୂପ କୁମାର ପରିଡ଼ା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସମିତିର ଉପସଭାପତି ନିରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିବା ପରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ, ବେଗୁନିଆ ବ୍ଲକର ସମ୍ପାଦକ ରତିକାନ୍ତ କହଲସିଂହ ଏବଂ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିତା ପ୍ରିୟଦର୍ଶନୀ କବିତା ପାଠୋତ୍ସବ ସଂଯୋଜନା କରିଥିଲେ । ମାଆ ମାଟି ଓ ମାତୃଭାଷାକୁ ଭଲ ପାଇବା ସହ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ପରମ୍ପରାର ବିକାଶ ନିମନ୍ତେ କାର୍ଯ୍ୟ କରିବା ପାଇଁ ସମସ୍ତ ନିମନ୍ତ୍ରିତ ଅତିଥି ପରାମର୍ଶ ଦେଇଥିଲେ । ସହସମ୍ପାଦକ ସାନନ୍ଦ କୁମାର ସାହୁ, ବାମଦେବ ଜେନା, ସ୍ୱରୁପାନନ୍ଦ ପଟ୍ଟନାୟକ, ଇତେଶ କୁମାର ବେହେରା, ମିହିର ପାଟ୍ଟସାଣୀ, ସୁକାନ୍ତ କୁମାର ଜେନା, ଶିକ୍ଷକ ଅଶୋକ କୁମାର ଦାସ, ପ୍ରକାଶ କୁମାର ସାହୁ, ଚିତ୍ତରଞ୍ଜନ ସାହୁ ଏବଂ ସଭ୍ୟ ଅବିନାଶ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଲେଙ୍କା ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଓଡ଼ିଆ ବରପୁତ୍ର ପ୍ରସଙ୍ଗ ଉପରେ ପୂର୍ବାନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗର ପ୍ରଥମ କୃତୀ ପ୍ରତିଯୋଗୀ ଯଥାକ୍ରମେ ଓମ ପ୍ରକାଶ ସାହୁ, ଜାଗୃତି ପ୍ରଭା ସାହୁ ଓ ଶୁଭଙ୍କର ପୃଷ୍ଟିଙ୍କ ସମେତ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲକାରୀ ପ୍ରମାଣପତ୍ର ଓ ଟ୍ରଫି ପ୍ରାପ୍ତ ହୋଇଥିଲେ । ପରିଶେଷରେ ସଭ୍ୟ ହରପ୍ରସାଦ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


**NOTICE**

By virtue of an affidavit sworn before The Notary Public, Kendrapara, dated 15.04.2025, I Chinmayee Mohanty, Address: At-Palapatana, Post-Srirampur, via-Alva, PS-Pattamundai, Dist-Kendrapara, Odisha, PIN-754217, declare that I have changed my name from Chinmayee Sahoo to Chinmayee Mohanty. Henceforth I shall be known as Chinmayee Mohanty for all purposes.
**Sd/- Chinmayee Mohanty**



**AFFIDAVIT**

By virtue of an affidavit sworn before The Notary Public, Keonjhar, dated 08.04.2025, I Jairam Hesa, Address: At-Machhagarh, PO-Machhagarh, PS- Patna, Dist- Keonjhar, Odisha, Pin-758081, declare that I have changed my name from Sarat Hensa to Jairam Hesa. Henceforth I shall be known as Jairam Hesa for all purposes.
**Sd/- Jairam Hesa**



**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ କାର୍ଯ୍ୟ କରୁଥିବା ବରିଷ୍ଠ ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁର ୦୭.୦୫.୨୦୨୫ ଦିନ ୧୫:୦୦ ଘଣ୍ଟାରେ ତଳେ ଉଲ୍ଲେଖିତ ଟେଣ୍ଡର ନମ୍ବର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । କ୍ରମିକ ନଂ., ଟେଣ୍ଡର ନୋଟିସ ନଂ. ଏବଂ କାର୍ଯ୍ୟର ନାମ ନିମ୍ନଲିଖିତ: ୧. ଏସ୍‌ଟି-ସିକେପି-ଓଟି-୨୫-୨୬-୦୪ । ପାନପୋଷ-ଝାରସୁଗୁଡ଼ା ସେକ୍ସନର ବୋଣ୍ଡାମୁଣ୍ଡା ଜଙ୍କସନ-ରାଉରକେଲାରେ ଟିଆର୍‌ଆର୍(ପି) ସହିତ ଜଡିତ ଏସ୍‌ଏଣ୍ଡଟି କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ.୮୧,୮୫,୯୮୫.୫୨, ସର୍ବଶ୍ରେଷ୍ଠ ମୂଲ୍ୟ:ଟ.୧,୬୩,୭୦୦/- । ୨. ଏସ୍‌ଟି-ସିକେପି-ଓଟି-୨୫-୨୬-୦୫ । ରାଜଖରସାୱାନ ଜଙ୍କସନ-ପଡାପାହାଡ଼ ସେକ୍ସନରେ ଟିଆର୍‌ଆର୍ (ପି) ସହିତ ଜଡିତ ଏସ୍‌ଏଣ୍ଡଟି କାର୍ଯ୍ୟ । ଟେଣ୍ଡର ମୂଲ୍ୟ:ଟ.୧,୧୦,୩୦,୭୪୬.୯୦, ସର୍ବଶ୍ରେଷ୍ଠ ମୂଲ୍ୟ:ଟ.୨,୦୫,୨୦୦/- । ୩. ଏସ୍‌ଟି-ସିକେପି-ଓଟି-୨୫-୨୬-୦୬ । ରାଜଖରସାୱାନ-ନୟାଗଡ଼, ପଡାପାହାଡ଼-ବୋଲାନି ଖାଦାନ-ଗୁଆ ସେକ୍ସନରେ ଟିଆର୍‌ଆର୍ (ପି) ଏବଂ ସିଟିଆର୍(ଏସ୍) ସହିତ ଜଡିତ ଏସ୍‌ଏଣ୍ଡଟି କାର୍ଯ୍ୟ । ଟେଣ୍ଡର ମୂଲ୍ୟ:ଟ.୧,୨୯,୧୦,୫୨୮.୮୪, ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୧୪,୬୦୦/- । ସମାପ୍ତି ଅବଧି: ପ୍ରତ୍ୟେକ ପାଇଁ ୧୫ (ପନ୍ଦର) ମାସ । ଟେଣ୍ଡର ବିବରଣୀ ୱେବସାଇଟ୍ http://www.ireps.gov.inରେ ଦେଖାଯାଇ ପାରିବ । ଟେଣ୍ଡରଦାତା/ ବିଡରମାନଙ୍କର ଶ୍ରେଣୀ-III ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ IREPS ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ ।
(PR-51)



**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated 11.04.2025, I Anusuya Jena, Address: At-Mohanty Sahi, Patrapada, Bhagabanpur, Bhubaneswar, Dist-Khordha, Odisha, PIN-751019, declare that I have changed my daughter's name from Krishna Pattanaik to Trishna Pattanaik. Henceforth she shall be known as Trishna Pattanaik for all purposes.
**Sd/- Anusuya Jena**



**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦ । ଫାକ୍ସ: +୯୧ ୪୪ ୪୫୬୪ ୪୦୨୨
IDFC FIRST Bank

**ଆପେଣ୍ଡିକ୍ସ ୫ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)ସିକ୍ୟୁରାଇଜେସନ ଏବଂ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ- ୨୦୦୨ର ଧାରା ୧୩(୧୨), ଯାହାକୁ (ଆଇନ-୩) ପଢାଯିବ, ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ-୨୦୦୨ ଅନୁଯାୟୀ ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ନିମ୍ନରେ ପ୍ରଦତ୍ତ ଅର୍ଥରାଶି ୬୦ ଦିନ ମଧ୍ୟରେ ସୁଧ ଓ ଅନ୍ୟାନ୍ୟ ସର୍ତ୍ତ ସହ ଡିମାଣ୍ଡ ନୋଟିସ ପରିଶୋଧ ପାଇଁ ପଠାଯାଇଥିଲା । ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ଧାରା ୮ ସେକ୍ସନ ୧୩ ଏବଂ ଉପଧାରା (୪) ଅନୁଯାୟୀ ସମସ୍ତ ବନ୍ଧକ ସମ୍ପତ୍ତିକୁ ନିଜ ଅଧିନକୁ ନେଇଛନ୍ତି ।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତା/ ସହଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ବନ୍ଧକ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ବକେୟା ପରିମାଣ (ଟଙ୍କାରେ) | ତାରିଖ ଏବଂ ପଜେସନ ନେବାର ପ୍ରଣାଳୀ |
|---|---|---|---|---|---|
| | ୧. ଭାଗିରଥୀ ପୁଟେଲ ୨. କବିତା ପୁଟେଲ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଖାତା ନଂ ୧୦୫/ ୧୦୪, ପ୍ଲଟ ନଂ ୭୬୭, ପ୍ଲଟ୍ ଏରିଆ ୧୫୬୮୧.୬୦ ବର୍ଗଫୁଟ(ଏ.୦୩୬ ଡିସିମିଲ), ମୌଜା ଅବସ୍ଥିତି: ଧୁମାପାଲି, ତହସିଲ- ବିଜେପୁର, ଜିଲ୍ଲା- ବରଗଡ଼, ଓଡ଼ିଶା ଏବଂ ବାଉଣ୍ଡରୀ: ପୂର୍ବ- ବନ୍ଧ ଆଦି, ପଶ୍ଚିମ: ରାମଚନ୍ଦ୍ର ବେହେରା, ଉତ୍ତର: ରଘୁପତି ସାହୁ, ଦକ୍ଷିଣ: ରାମଚନ୍ଦ୍ର ବେହେରା । | ୧୧.୧୦.୨୦୨୪ | ଟ. ୩,୩୦,୬୦୧.୩୬ | ୧୦.୦୪.୨୦୨୫ ସିମ୍ବଲିକ୍ ପଜେସନ୍ |
| ୧୧୧୭୭୬୨୨୪ | ୧. ଗଜପତି ସାହୁ ୨.ମିଥିଳା ସାହୁ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ ନଂ ୧୮୯ ଯାହାକି ସମ୍ପ୍ରସାରିତ ଏରିଆ ଏ୦.୦୧୩୦ ଡିସିମିଲ କିମ୍ବା ୫୬୬୨.୮୦ ବର୍ଗଫୁଟ, ଖାତା ନଂ ୧୧୯/୨୬୮, ମୌଜା ଅବସ୍ଥିତି: ଭଙ୍ଗମୁଣ୍ଡା, ତହସିଲ- ଗାଇସିଲଟ, ପୋଷ୍ଟ-ଜଗଲପାଟ, ଥାନା- ଗାଇସିଲଟ ନଂ ୭୪, ଜିଲ୍ଲା-ବରଗଡ଼, ଓଡ଼ିଶା-୭୬୮୦୩୭ ଏବଂ ବାଉଣ୍ଡରୀ: ପୂର୍ବ- ଘନ ସେଠ୍, ପଶ୍ଚିମ- ରାସ୍ତା, ଉତ୍ତର- ଘନ ସେଠ୍, ଦକ୍ଷିଣ- ମାଳ ସାହୁ । | ୨୮.୧୨.୨୦୨୪ | ଟ. ୬,୯୭,୦୧୯.୧୩ | ୧୦.୦୪.୨୦୨୫ ସିମ୍ବଲିକ୍ ପଜେସନ୍ |
| ୧୧୭୮୧୨୦୬୬ ଏବଂ ୭୬୮୫୯୨୧୬ | ୧. ସୁରେନ୍ଦ୍ର କୁମାର ମଲ୍ଲିକ ୨. ସସ୍ମିତା ମଲ୍ଲିକ ୩. ଧରଣୀଧର ମଲ୍ଲିକ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ ନଂ ୫୦୩, ଖାତା ଅଧୀନ ନଂ ୫୫୦, ଏରିଆ- ଏ.୦.୦୪୫ ଡିସିମିଲ, କିସମ- ଘରବାରି, ଜିଲ୍ଲା ଅବସ୍ଥିତି: କେନ୍ଦ୍ରାପଡ଼ା, ଏସ୍‌ଆର- କେନ୍ଦ୍ରାପଡ଼ା, ତହସିଲ- ଡେରାବିଶ, ଥାନା- କେନ୍ଦ୍ରାପଡ଼ା ନଂ ୫୭, ମୌଜା ଅରଗଳ, ଓଡ଼ିଶା-୭୫୪୨୦୮ ଏବଂ ବାଉଣ୍ଡରୀ: ପୂର୍ବ- କେନାଲ ରୋଡ, ପଶ୍ଚିମ- ପବ୍ଲିକ ରାସ୍ତା, ଉତ୍ତର- ପ୍ଲଟ ନଂ ୫୦୨, ଦକ୍ଷିଣ- ପ୍ଲଟ୍ ନଂ ୫୦୪ । | ୨୮.୧୨.୨୦୨୪ | ଟ. ୯,୮୮,୭୨୬.୧୦ | ୧୦.୦୪.୨୦୨୫ ସିମ୍ବଲିକ୍ ପଜେସନ୍ |
| ୬୨୭୨୯୮୮୯ | ୧. ସବୁର୍ ଖାଁ ୨. ରମାତୁନ ବିବି | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଖାତା ନଂ- ୩୦୨, ପ୍ଲଟ୍ ନଂ-୧୯୩୨, ଏରିଆ-ଏ.୦.୦୨୦ ଡିସିମିଲ, ଜିଲ୍ଲା ଅବସ୍ଥିତି: କେନ୍ଦ୍ରାପଡ଼ା, ଏସଆର-କେନ୍ଦ୍ରାପଡ଼ା, ଥାନା- କେନ୍ଦ୍ରାପଡ଼ା ନଂ ୨୯୬, ମୌଜା- ଭାଗବତପୁର, କଟକ, ଓଡ଼ିଶା- ୭୫୪୨୦୮ ସହିତ ନିମ୍ନଲିଖିତ ବାଉଣ୍ଡରୀ: ପୂର୍ବ- ପ୍ଲଟ ନଂ ୨୧୧୬(ନସିମ୍ ଖାଁ ଓ ଅନ୍ୟମାନେ), ପଶ୍ଚିମ- ପ୍ଲଟ ନଂ ୧୯୩୦(ଇବ୍ରାହିମ ଖାଁ ଓ ଅନ୍ୟମାନେ), ଉତ୍ତର: ପ୍ଲଟ୍ ନଂ ୧୯୩୧ (ନିଜେ), ଦକ୍ଷିଣ- ରାସ୍ତା । | ୨୮.୧୨.୨୦୨୪ | ଟ. ୩,୮୯,୨୨୪.୭୨ | ୧୦.୦୪.୨୦୨୫ ସିମ୍ବଲିକ୍ ପଜେସନ୍ |
| ୧୦୮୬୪୯୦୦୪ | ୧. ଲୋପିନ୍ତି ପ୍ରକାଶ ୨. ଲୋପିନ୍ତି ଅଞ୍ଜିଲି | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ ନଂ ୨୦୬୫, ଏରିଆ- ଏ.୦.୦୧୫ ଡିସିମିଲ କିମ୍ବା ୬୫୩.୪୦ ବର୍ଗଫୁଟ, ଖାତା ନଂ- ୪୦୪/୩୨୩, ମୌଜା ଅବସ୍ଥିତି: ହରିପୁର, ତହସିଲ- ଚିକିଟି, ଏସଆରଓ- ନୂଆଗାଁ, ଜିଲ୍ଲା- ଗଞ୍ଜାମ, ଓଡ଼ିଶା-୭୬୧୦୦୯ ଏବଂ ବାଉଣ୍ଡରୀ: ପୂର୍ବ- ପି.ପୁରୁଷୋତ୍ତମଙ୍କ ଜମି, ପଶ୍ଚିମ- ଏମ.ତୁରସାୟାଙ୍କ ଜମି, ଉତ୍ତର- ରାସ୍ତା, ଦକ୍ଷିଣ- ରାସ୍ତା । | ୨୮.୧୨.୨୦୨୪ | ଟ. ୭,୮୭,୪୭୯.୭୩ | ୧୦.୦୪.୨୦୨୫ ସିମ୍ବଲିକ୍ ପଜେସନ୍ |
| ୧୧୮୪୫୦୧୮ | ୧. କାହ୍ନୁ ଚରଣ ଜେନା ୨. ବଂଶୀଧର ଜେନା | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ ନଂ ୪୨୧/ ୬୧୭, ପ୍ଲଟ୍ ଏରିଆ- ୩୩୪୧ ବର୍ଗଫୁଟ, ଖାତା ନଂ- ୧୬୪/ ୮୮, ମୌଜା ଅବସ୍ଥିତି: ଗୋମୁଣ୍ଡି, ଏସଆରଓ/ ତହସିଲ- ବ୍ରହ୍ମଗିରି, ଜିଲ୍ଲା-ପୁରୀ, ଓଡ଼ିଶା- ୭୫୨୦୧୧ ଏବଂ ବାଉଣ୍ଡରୀ: ପୂର୍ବ- ଯୁଧିଷ୍ଠିର ଜେନା, ପଶ୍ଚିମ- ବାଜି ଜେନା, ଉତ୍ତର- ରାସ୍ତା, ଦକ୍ଷିଣ- ତମ ମାନିଆ । | ୩୦.୧୧.୨୦୨୪ | ଟ. ୬,୮୦,୬୬୨.୨୧ | ୧୦.୦୪.୨୦୨୫ ସିମ୍ବଲିକ୍ ପଜେସନ୍ |

ଏତଦ୍ୱାରା ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଇଡିଏଫସି ଫାଷ୍ଟବ୍ୟାଙ୍କ ଲିମିଟେଡ(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଏହି ସମ୍ପତ୍ତି ନିଜ ଅଧୀନକୁ ନେଇଥିବାରୁ ଏହାକୁ କୌଣସି ପ୍ରକାର ବିକ୍ରି କିମ୍ବା ଅନ୍ୟତ୍ର ବ୍ୟବହାର କରାଯାଇପାରିବ ନାହିଁ । ସମସ୍ତ ଋଣଗ୍ରହୀତାଙ୍କୁ ପରିଶୋଧ ପାଇଁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦେବା ନିମନ୍ତେ ଡିମାଣ୍ଡ ନୋଟିସ ପଠାଯାଇଛି ।

ସ୍ୱା/- ଅଧିକୃତ ଅଧିକାରୀ
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)

ତାରିଖ: ୧୦.୦୪.୨୦୨୫
ସ୍ଥାନ: ଓଡିଶା



ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟସଭା ସାଂସଦ ଦିଗବିଜୟ ସିଂହଙ୍କ ସମସ୍ୟା ବଢ଼ିପାରେ, କାରଣ ୨୮ ବର୍ଷ ପରେ କଂଗ୍ରେସ ନେତ୍ରୀ ସରଳା ମିଶ୍ରଙ୍କ ମୃତ୍ୟୁ ମାମଲା ପୁଣି ଥରେ ଖୋଲିବାକୁ ଯାଉଛି। ଏହି ମାମଲାରେ, ସରଳା ମିଶ୍ରଙ୍କ ଭାଇ ଦିଗବିଜୟ ସିଂହଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଭୋପାଳ କୋର୍ଟର ନିର୍ଦ୍ଦେଶ ପରେ, ସରଳା ମିଶ୍ରଙ୍କ ମୃତ୍ୟୁ ମାମଲା ପୁଣି ଥରେ ଖୋଲାଯାଉଛି। ସରଳାଙ୍କ ଭାଇ କୋର୍ଟରେ ଆବେଦନ କରିଥିଲେ, ଯାହା ପରେ ଭୋପାଳ କୋର୍ଟର ବିଚାରପତି ପଲକ ରାୟ ପୁଣି ଥରେ ମାମଲାର ପୋଲିସ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକୃତରେ, ପୋଲିସ ତଦନ୍ତରେ ସରଳା ମିଶ୍ରଙ୍କ ମୃତ୍ୟୁକୁ ଆତ୍ମହତ୍ୟା ବୋଲି କୁହାଯାଉଥିଲା, କିନ୍ତୁ ଏବେ କୋର୍ଟ ସ୍ୱୀକାର କରିଛନ୍ତି ଯେ ପୋଲିସ ତଦନ୍ତ ଠିକ୍ ଭାବରେ କରାଯାଇ ନଥିଲା ଏବଂ ପୋଲିସକୁ ପୁଣି ଥରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୋପାଳର ଟିଟି ନଗର ପୋଲିସ ଷ୍ଟେସନ ଏହି ମାମଲାର ତଦନ୍ତ କରିଥିଲା।

# ଫିନ୍‌ଲ୍ୟାଣ୍ଡର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଷ୍ଟବ୍‌ଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଫିନ୍‌ଲ୍ୟାଣ୍ଡର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଷ୍ଟବ୍‌ଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ଉଭୟ ନେତା ଡିଜିଟାଲାଇଜେସନ୍, ସ୍ଥିରତା ଏବଂ ଗତିଶୀଳତା କ୍ଷେତ୍ର ସମେତ ଦୁଇ ଦେଶ ମଧ୍ୟରେ ଚାଲିଥିବା ସହଯୋଗର ସମୀକ୍ଷା କରିଛନ୍ତି। ସେମାନେ କ୍ୱାଣ୍ଟମ୍, ୫ଜି-୬ଜି, ଏଆଇ ଏବଂ ସାଇବର-ସୁରକ୍ଷା କ୍ଷେତ୍ର ସମେତ ଏହି ସହଭାଗୀତାକୁ ଆହୁରି ମଜବୁତ ତଥା ଗଭୀର କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏଥିସହ ନେତାମାନେ ୟୁକ୍ରେନର ପରିସ୍ଥିତି ସମେତ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିଛନ୍ତି। ରାଷ୍ଟ୍ରପତି ଷ୍ଟବ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସମ୍ପର୍କ ଆହୁରି ଗଭୀର କରିବା ଏବଂ ଶୀଘ୍ର ଏକ ପାରସ୍ପରିକ ଲାଭଦାୟକ ଏଫ୍‌ଟିଏ ବୁଝାମଣା ସମ୍ପୂର୍ଣ୍ଣ କରିବା ପାଇଁ ଫିନ୍‌ଲ୍ୟାଣ୍ଡର ସମର୍ଥନ ଥିବା ଜଣାଇଛନ୍ତି। ଦୁଇ ନେତା ଯୋଗାଯୋଗରେ ରହିବାକୁ ସହମତି ପ୍ରକାଶ କରିଛନ୍ତି।

## ଭାରତୀୟ ରେଳବାଇର ନୂତନ ପଦକ୍ଷେପ

# ଟ୍ରେନ୍ ଭିତରେ ମିଳିବ ଏଟିଏମ୍ ସେବା

ନୂଆଦିଲ୍ଲୀ: ଟଙ୍କା ଉଠାଇବା ପାଇଁ ଆଉ ଷ୍ଟେସନରେ ଓହ୍ଲାଇବେ ନାହିଁ ଯାତ୍ରୀ । ଏବେ ଟ୍ରେନରେ ହିଁ ଆରାମରେ ଟଙ୍କା ଉଠାଇ ପାରିବେ ଲୋକେ । ଆଜି ଦେଶବାସୀଙ୍କ ପାଇଁ ଏକ୍ସପ୍ରେସ ଟ୍ରେନ୍‌ରେ ପ୍ରଥମ କରି ଏଟିଏମ୍ ବ୍ୟବସ୍ଥା କରାଯାଇଛି । ଏହାର ପରୀକ୍ଷଣ ସଫଳ ହୋଇଛି । ନାସିକର ମନମାଡ ଏବଂ ମୁମ୍ବାଇ ମଧ୍ୟରେ ଚାଲୁଥିବା ପଞ୍ଚଭଟୀ ଏକ୍ସପ୍ରେସ୍‌ରେ ପରୀକ୍ଷାମୂଳକ ଭାବେ ଏକ ଏକ ଶୀତତାପ ନିୟନ୍ତ୍ରିତ ବଗିରେ ସ୍ଥାପନ କରାଯାଇଛି। ରେଳବାଇର ଅଧିକାରୀଙ୍କ କହିବା ଅନୁସାରେ, ଟ୍ରେନରେ ଏଟିଏମ ସ୍ଥାପନର ପରୀକ୍ଷଣର ଫଳାଫଳ ଭଲ ଥିଲା । ଏହି ଏଟିଏମ ରେଳବାଇର ଭୁସାଭଲ ଡିଭିଜନ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ମଧ୍ୟରେ ଏକ ସହଯୋଗରେ ନିର୍ମିତ ହୋଇଛି। ସିସିଟିଭି କ୍ୟାମେରା ମାଧ୍ୟମରେ ୨୪ ଘଣ୍ଟା ଏଟିଏମ ଉପରେ ନଜର ରଖାଯାଇଛି। ଏହି ଏଟିଏମରେ କେବଳ ଟଙ୍କା ଉଠାଇ ହେବ ତାହା ନୁହେଁ ବରଂ ଏଥିରେ ଚେକ୍ ବୁକ୍ ମଗାଇବା ଏବଂ ଷ୍ଟେଟମେଣ୍ଟ ପାଇବାରେ ମଧ୍ୟ ସାହାଯ୍ୟ କରିବ । ଯଦି ଅନ୍-ବୋର୍ଡ ଏଟିଏମ୍ ସେବା ଲୋକପ୍ରିୟ ହୁଏ, ତେବେ ଏହାକୁ ଅନ୍ୟ ପ୍ରମୁଖ ଟ୍ରେନଗୁଡ଼ିକରେ ମଧ୍ୟ ସ୍ଥାପନ କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି

## ମହାଦେବ ବେଟିଂ ଆପ୍ ମନି ଲଣ୍ଡରିଂ ମାମଲା

# ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଇଡିର ଚଢାଉ




ନୂଆଦିଲ୍ଲୀ: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମହାଦେବ ଅନଲାଇନ୍ ବେଟିଂ ଆପ୍ ମନି ଲଣ୍ଡରିଂ ମାମଲାର ତଦନ୍ତକୁ ତୀବ୍ର କରିଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚଢାଉ କରାଯାଇଛି। ସମ୍ବଲପୁର, ଦିଲ୍ଲୀ, ମୁମ୍ବାଇ, ଚଣ୍ଡିଗଡ଼, ଅହମ୍ମଦାବାଦ, ଜୟପୁର, ଚେନ୍ନାଇ ଏବଂ ଇନ୍ଦୋର ଭଳି ଅନେକ ସହରରେ ସନ୍ଧାନ ଅଭିଯାନ କରାଯାଇଥିଲା। ଏହି କ୍ରାକଡାଉନ୍ ଆପ୍‌ର ବେଆଇନ କାର୍ଯ୍ୟ ଏବଂ ଆର୍ଥିକ କାର୍ଯ୍ୟକଳାପର ଏକ ବ୍ୟାପକ ତଦନ୍ତର ଏକ ଅଂଶ। ଅଧିକାରୀଙ୍କ ଅନୁସାରେ, ଛତିଶଗଡ଼ର ଅନେକ ଉଚ୍ଚପଦସ୍ଥ ରାଜନେତା ଏବଂ ଅମଲା ମହାଦେବ ଆପ୍‌ର ବେଆଇନ କାର୍ଯ୍ୟ ସହିତ ଜଡିତ ବୋଲି ଅଭିଯୋଗ ହୋଇଛି। ମାମଲାରେ ଏକ ଅନ୍ତର୍ଜାତୀୟ ଲିଙ୍କ ଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ଇଡି) ଦ୍ୱାରା ଏକ ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ, ଆପ୍‌ର ପ୍ରମୁଖ ପ୍ରମୋଟର, ସୌରଭ ଚନ୍ଦ୍ରକାର ଏବଂ ରବି ଉପ୍ପଲ, ଦୁବାଇରୁ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସିବିଆଇ ନିକଟରେ ଭୋପାଳ, ରାୟପୁର, କୋଲକାତା ଏବଂ ଦିଲ୍ଲୀର ୬୦ ରୁ ଅଧିକ ସ୍ଥାନରେ ବ୍ୟାପକ ଚଢାଉ କରିଛି। ଏହି ଚଢାଉ ରାଜନେତା, ବରିଷ୍ଠ ବ୍ୟୁରୋକ୍ରାଟ, ପୋଲିସ ଅଧିକାରୀ ଏବଂ ବେଆଇନ ବେଟିଂ ନେଟୱାର୍କର ଅଂଶ ବୋଲି ସନ୍ଦେହ କରାଯାଉଥିବା ଅନ୍ୟମାନଙ୍କ ସହିତ ଜଡିତ ଥିବା ସ୍ଥାନଗୁଡ଼ିକୁ ଟାର୍ଗେଟ କରିଥିଲା। ମାମଲାଟି ପ୍ରଥମେ ରାୟପୁରର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ପଞ୍ଜିକୃତ ହୋଇଥିଲା। ସିବିଆଇର ତଦନ୍ତ ଅନୁସାରେ, ଆପ୍‌ର ପ୍ରମୋଟରମାନେ ସରକାରୀ କର୍ମଚାରୀମାନଙ୍କୁ 'ସୁରକ୍ଷା ଟଙ୍କା' ଭାବରେ ବିପୁଳ ପରିମାଣର ଟଙ୍କା ପ୍ରଦାନ କରିଥିବା ଅଭିଯୋଗ ହୋଇଛି, ଯାହା ସେମାନଙ୍କର ଅବୈଧ ଉଦ୍ୟୋଗର ସୁଗମ ପରିଚାଳନାକୁ ସକ୍ଷମ କରିଥାଏ।

# ଭାରତ ଆସିବେ ୟୁଏସ୍ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ: ଭାରତ ଗସ୍ତରେ ଆସିବେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସ। ଏହି ଗସ୍ତରେ ତାଙ୍କ ସହ ପରିବାର ମଧ୍ୟ ଭାରତ ଆସୁଛନ୍ତି। ପ୍ରଥମ ଥର ଆମେରିକାର ଦ୍ୱିତୀୟ ମହିଳା ଭାରତ ଗସ୍ତ କରିବେ। ଏହି ସମୟରେ ଜେଡି ଭେନ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବେ। ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିବୃତ୍ତି ଅନୁଯାୟୀ, ଜେଡି ଭାନ୍ସ ଏବଂ ତାଙ୍କ ପରିବାର ଏପ୍ରିଲ ୧୮ରୁ ଏପ୍ରିଲ ୨୪ ପର୍ଯ୍ୟନ୍ତ ଇଟାଲୀ ଏବଂ ଭାରତ ଯାତ୍ରା କରିବେ। ତାଙ୍କ ସହିତ ତାଙ୍କ ପତ୍ନୀ ଉଷା ଏବଂ ସେମାନଙ୍କର ତିନି ସନ୍ତାନ-ଇୱାନ, ବିବେକ ଏବଂ ମୀରାବେଲ ମଧ୍ୟ ରହିବେ ବୋଲି ଆଶା କରାଯାଉଛି। ଆମେରିକା ଉପରାଷ୍ଟ୍ରପତିଙ୍କ ଭାରତ ଯାତ୍ରା ଏମିତି ସମୟରେ ହେଉଛି, ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ୱାରକୁ ନେଇ ସାରା ବିଶ୍ୱ ଚିନ୍ତାରେ ରହିଛି। ବିଶେଷ କରି ଆମେରିକା ଓ ଚୀନ ମଧ୍ୟରେ ଚାଲିଥିବା ଭୀଷଣ ଟ୍ରେଡ ୱାର ବିଶ୍ୱ ବଜାରକୁ ପ୍ରଭାବିତ କରୁଛି। ଟ୍ରମ୍ପ କ୍ଷମତାକୁ ଆସିବା ପରେ ଆମେରିକା ଫାଷ୍ଟ ନୀତିର ସଙ୍କେତ ଦେଇଥିଲେ। ଠିକ୍ ଏହି ସମୟରେ ଉପ ରାଷ୍ଟ୍ରପତି ଜେଡି ଭେନ୍ସଙ୍କ ଭାରତ ଯାତ୍ରା ବହୁତ ଗୁରୁତ୍ୱବହନ କରୁଛି। ଭାରତ ଓ ଆମେରିକା ମଧ୍ୟରେ ବର୍ତ୍ତମାନ ୨୦୨୫ ସୁଦ୍ଧା ବହୁ କ୍ଷେତ୍ରୀୟ ଦ୍ୱିପାକ୍ଷିକ କାରବାର ରାଜିନାମା ଉପରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଚାଲିଛି। ଏହି ଆଲୋଚନାକୁ ଆଗକୁ ବଢାଇବା ପାଇଁ ଚଳିତ ବର୍ଷ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ସାକ୍ଷାତ ହୋଇଥିଲା। ଦୁଇ ଦେଶର ଦୀର୍ଘକାଳୀନ ଲକ୍ଷ୍ୟ ହେଉଛି ୨୦୩୦ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦୦ବିଲିୟନ ଡଲାରକୁ ବୃଦ୍ଧି କରିବା। ସୂଚନାଯୋଗ୍ୟ, ଜେଡି ଭେନ୍ସଙ୍କ ପତ୍ନୀ ଉଷା ଭେନ୍ସଙ୍କ ବାପା-ମାଆ ଆନ୍ଧ୍ର ପ୍ରଦେଶର ବାସିନ୍ଦା ଥିଲେ। ପରବର୍ତ୍ତୀ ସମୟରେ ଆମେରିକା ଯାଇ ସେଠାରେ ରହିଗଲେ।

# ଛତିଶଗଡରେ ୪ଟି ନୂଆ ସ୍ମାର୍ଟ ଉଦ୍ୟୋଗିକ ପାର୍କ ସ୍ଥାପନ ହେବ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ରାଜ୍ୟ ଇଣ୍ଡଷ୍ଟ୍ରିଆଲ୍ ଡେଭଲପ୍‌ମେଣ୍ଟ କର୍ପୋରେସନ ଲିମିଟେଡର ନବନିଯୁକ୍ତ ଅଧ୍ୟକ୍ଷ ରାଜୀବ ଅଗ୍ରୱାଲ ବୁଧବାର ତେଲିବନ୍ଧାସ୍ଥିତ ଉଦ୍ୟୋଗଭବନରେ ନିଜର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ତାଙ୍କୁ ବଧାଇ କରିବା ସହ ତାଙ୍କର ଶୁଭକାମନା କରିଛନ୍ତି। ରାଜ୍ୟରେ ଉଦ୍ୟୋଗର ବାତାବରଣ ସୃଷ୍ଟି ପାଇଁ ନୂତନ ଅଧ୍ୟକ୍ଷ ଶ୍ରୀ ଅଗ୍ରୱାଲ କାର୍ଯ୍ୟ କରିବେ ବୋଲି ଶ୍ରୀ ସାଏ ଆଶା ପ୍ରକାଶ କରିଥିଲେ। ଶ୍ରୀ ଅଗ୍ରୱାଲ ପୂର୍ବରୁ ବହୁ ପଦପଦବୀରେ ରହି ସୂଚନାରରୂପେ କାର୍ଯ୍ୟଭାର ନିର୍ବାହ କରିଛନ୍ତି। ଉଦ୍ୟୋଗ ଜଗତ ସହିତ ତାଙ୍କର ଏକ ନିବିଡ ସଂପର୍କ ରହିଛି। ରାଜ୍ୟରେ ନୂଆ ଉଦ୍ୟୋଗ ନୀତି ଲାଗୁ ହେବା ପରେ ଶିଳ୍ପର ବିକାଶ ହେବ ବୋଲି ଶ୍ରୀ ସାଏ ଆଶା ପ୍ରକାଶ କରିବା ସହ ଛତିଶଗଡରେ ୪ଟି ନୂଆ ସ୍ମାର୍ଟ ଉଦ୍ୟୋଗୀକ ପାର୍କ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ। ସେ କହିଥିଲେ ବର୍ତ୍ତମାନ ରାଜ୍ୟରେ ୪.୫୦ଲକ୍ଷ କୋଟିର ନିବେଶ ପ୍ରସ୍ତାବ ରହିଛି। ରାଜ୍ୟର ଖଣିଜ, ବିଜୁଳି ଓ ପାଣି ମଧ୍ୟ ପର୍ଯ୍ୟାପ୍ତ ରହିଛି, ଯାହାକି ଶିଳ୍ପ ପ୍ରତିଷ୍ଠାରେ ବିଶେଷ ସହାୟକ ହୋଇପାରିବ। ଏହି ଅବସରରେ ବିଧାନସଭା ବାଚସ୍ପତି ରମଣ ସିଂ ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଥିଲେ କି ଛତିଶଗଡ ରାଜ୍ୟ ପ୍ରତିଷ୍ଠାର ୨୫ବର୍ଷ ପୂର୍ତ୍ତି ପାଇଁ ରଜତ ଜୟନ୍ତୀ ବର୍ଷ ମନାଯିବ। ରାଜ୍ୟରେ ଶିଳ୍ପର ବିକାଶ ହେଲେ ବେକାର ଯୁବକଯୁବତୀମାନେ ନିଯୁକ୍ତି ସୁବିଧା ପାଇପାରିବେ। ଏହି ଅବସରରେ ରାୟପୁରରେ ସେମି କଣ୍ଡକ୍ଟର ଉତ୍ପାଦନ ପାଇଁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଭୂମିପୂଜନ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଦୁଇ ଉପମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ୍ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିଶୁ ଚାଲାଣ ମାମଲା ୬ମାସ ମଧ୍ୟରେ ବିଚାର ଶେଷ କର : ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ଶିଶୁ ଚାଲାଣ ମାମଲାରେ ଦୋଷୀଙ୍କୁ କଠୋର ଦଣ୍ଡ ଓ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି। ଜଷ୍ଟିସ ଜେ.ବି. ପର୍ଦ୍ଦିୱାଲା ଓ ଜଷ୍ଟିସ ଆର. ମହାଦେବନଙ୍କ ଖଣ୍ଡପୀଠ ଦେଶର ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ନିଜ ନିଜ ରାଜ୍ୟରେ ବିଚାରାଧୀନ ଥିବା ଶିଶୁ ଚାଲାଣ ମାମଲାଗୁଡ଼ିକର ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଆଗାମୀ ୬ ମାସ ମଧ୍ୟରେ ଏହାର ବିଚାର ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଜିଲା ଅଦାଲତକୁ ନିର୍ଦ୍ଦେଶ ଦେବେ। ଆବଶ୍ୟକ ହେଲେ ଏହି ମାମଲାଗୁ ବିଚାର ପ୍ରତିଦିନ ଆଧାରରେ କରାଯିବ। ଏହା ସହିତ ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟ ଦ୍ୱାରା ୧୩ ଜଣ ଅଭିଯୁକ୍ତଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରିଛନ୍ତି। ଏହି ଅଭିଯୁକ୍ତମାନେ ଏକ ଅନ୍ତଃରାଜ୍ୟ ଶିଶୁ ଚାଲାଣ ଗ୍ୟାଙ୍ଗର ସଦସ୍ୟ ଥିଲେ। ଅଦାଲତ କହିଛନ୍ତି ଯେ, ହାଇକୋର୍ଟ ଏହି ଜାମିନ ଆବେଦନଗୁଡ଼ିକୁ ଅତ୍ୟନ୍ତ ନିରାଶଜନକ ଭାବେ ନିଷ୍ପତ୍ତି ନେଇଥିଲେ, ଯାହା ଫଳରେ ଅନେକ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଦାଲତ ଆହୁରି କହିଛନ୍ତି ଯେ, ଶିଶୁ ଚାଲାଣ ଏକ ଗୁରୁତର ଅପରାଧ ଏବଂ ଏଥିରେ ସମ୍ପୃକ୍ତ ଅପରାଧୀମାନେ ସମାଜ ପାଇଁ ଏକ ବଡ଼ ବିପଦ। ଏହି ଅପରାଧୀମାନେ ଯେକୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ, ହସ୍ପିଟାଲରୁ ନବଜାତ ଶିଶୁ ଚୋରି ହେଲେ ସମ୍ପୃକ୍ତ ହସ୍ପିଟାଲର ଲାଇସେନ୍ସ ତୁରନ୍ତ ରଦ୍ଦ କରାଯିବ ବୋଲି କୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଜାତୀୟ ମାନବାଧିକାର ଆୟୋଗ ଦ୍ୱାରା ୨୦୨୩ରେ କରାଯାଇଥିବା ଏକ ଅଧ୍ୟୟନର ସୁପାରିଶଗୁଡ଼ିକୁ ଅନୁଧ୍ୟାନ କରି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୁଜୁରାଟର ଗୃହମନ୍ତ୍ରୀଙ୍କୁ ସାକ୍ଷାତ କଲେ ଉମେଶ ଖଣ୍ଡେଲୱାଲ



ନୂଆଦିଲ୍ଲୀ : ଗୁଜୁରାଟ ରାଜ୍ୟ ସରକାରଙ୍କ ଗୃହ ବିଭାଗର ମନ୍ତ୍ରୀ ସୁରତର ତିନି ଥରର ଲୋକପ୍ରିୟ ଯୁବ ବିଧାୟକ ଏବଂ ବିଜେପି ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଟିମର ସାଥୀ ପରମ ମିତ୍ର ହର୍ଷ ସିଂଘବି ଜୀଙ୍କ ସହିତ ଗାନ୍ଧୀନଗର ସଚିବାଳୟସ୍ଥ ଗୃହ ମନ୍ତ୍ରାଳୟ କାର୍ଯ୍ୟାଳୟ ଠାରେ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ପୁରୁଣା ଦିନର ସ୍ମୃତିର ପର୍ଯ୍ୟାଲୋଚନ କରିବା ସହ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍ ଖଣିଗୁଡିକୁ ବିସ୍ଫୋରକ ଯୋଗାଣ ନିମନ୍ତେ ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏପ୍ରିଲ ୧୧ ତାରିଖ ଦିନ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍ (ଆଇଓସ ଏଲ ) ସହିତ ଏକ ସହଯୋଗ ଭିତ୍ତିକ ବୁଝାମଣାପତ୍ର (ଏମ୍ ଓ ସି ) ସ୍ୱାକ୍ଷର କରିଛି। ଏହି ବୁଝାମଣାପତ୍ରଟି ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ସେଲ ଏବଂ ଆଇଓସିଏଲ ଉଭୟ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆରଏସ୍‌ପି ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ୍ ରାଜୀବ ସେହଗଲ, ବିତ୍ତ ଓ ଲେଖା ବିଭାଗର ଜିଏମ୍ ସମୀର କୁମାର ରାୟ, ସାମଗ୍ରୀ ପରିଚାଳନା ବିଭାଗର ଜିଏମ୍ ଏମ. ଶ୍ରୀନିବାସ, ଅଜୟ ଶୁକ୍ଳା, ଗୌତମ ଏସ. ଗୋସ୍ୱାମୀ, ବିଭାଗର ଡିଜିଏମ୍ ଏମ. କେ. ଦାଶ, ଏବଂ ବି. ଆର. ମଣ୍ଡଳ ଅନ୍ତର୍ଭୁକ୍ତ ଥିଲେ।

## ସବୁଜ ଇସ୍ପାତ ବର୍ଗୀକରଣ ପ୍ରଚଳନ ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପ୍ରସ୍ତୁତ

ନୂଆଦିଲ୍ଲୀ: ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍‌ଇଣ୍ଡିଆ)ର ବିଦ୍ୟମାନ ଏବଂ ପ୍ରତ୍ୟାଶିତ ଉତ୍ପାଦନ ଉପସ୍ଥିତି ଏବଂ ଦୀର୍ଘ ସ୍ଥାୟୀତ୍ୱ ପଦକ୍ଷେପ ସୁନିଶ୍ଚିତ କରିବାକୁ ଯାଉଛି ଯେ, କମ୍ପାନୀ ଭାରତର ନୂତନ ସବୁଜ ଇସ୍ପାତ ବର୍ଗୀକରଣର ଅନୁରୂପ ସବୁଜ ଇସ୍ପାତର ଏକ ମହତ୍ୱପୂର୍ଣ୍ଣ ଅନୁପାତ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି। ବର୍ତ୍ତମାନ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଇସ୍ପାତ ଉତ୍ପାଦନ କ୍ଷମତାର୬ ୫% ପ୍ରାକୃତିକ ଗ୍ୟାସ ବ୍ୟବହାର ମାଧ୍ୟମରେ ଡାଇରେକ୍ଟ ରିଡିୟୁସଡ୍ ଆଇରନ୍ (ଡିଆରଆଇ) ରୁଟରୁ ହାସଲ ହେଉଛି। ସବୁଜଇସ୍ପାତ ବର୍ଗୀକରଣ ଉନ୍ମୋଚନ ସମୟରେ ଇସ୍ପାତ ସଚିବ ସନ୍ଦୀପ ପାଉଣ୍ଡ୍ରିକ୍ ଏହାର ବାଧତାମୂଳକ ସ୍ଥିତି ଉପରେ ଗୁରୁତ୍ୱାରୋପ କରି କହିଥିଲେ 'ସବୁଜ ଇସ୍ପାତର ବର୍ଗୀକରଣକୁ ଗ୍ରହଣ କରିବା ବିକଳ୍ପ ନୁହେଁ; ଏହା ନିତ୍ୟାନ୍ତ ଜରୁରୀ।

# ଏଫ୍‌ଏଲ୍‌ଓ ଏବଂ ସରକାରଙ୍କ ମଧ୍ୟରେ ନିବିଡ ସହଯୋଗୀତା ପାଇଁ ମନ୍ତ୍ରୀଙ୍କ ଆହ୍ୱାନ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ନେତୃତ୍ୱ ପରିବର୍ତ୍ତନ ଉତ୍ସବରେ ଓଡ଼ିଶା ସରକାରଙ୍କର ଶିଳ୍ପ, କୌଶଳ ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଦାୟୀ ଚେୟାରପର୍ସନ ରଶ୍ମି ସାହୁଙ୍କ ଠାରୁ ନବନିଯୁକ୍ତ ଚେୟାରପର୍ସନ ଡ.ପ୍ରଜ୍ଞା ପାରମିତା ମିଶ୍ରଙ୍କ ନିକଟକୁ ନେତୃତ୍ୱ ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଙ୍କ ଉଦ୍‌ବୋଧନରେ ଶ୍ରୀ ସ୍ୱାଇଁ ଫିକି ଏଫଏଲଓକୁ ମହିଳା ନେତୃତ୍ୱ ଏବଂ ରାଜ୍ୟରେ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବାରେ ତାହାର ଉଲ୍ଲେଖନୀୟ ଭୂମିକା ନିମନ୍ତେ ବଧେଇ ଜଣାଇଥିଲେ। ମହିଳାଙ୍କ ନେତୃତ୍ୱରେ ବିକାଶ ଏବଂ ଅଧିକରୁ ଅଧିକ ମହିଳା ଯେଭଳି ଉଦ୍ୟୋଗୀ ହୋଇପାରିବେ ସେଥିପାଇଁ ଓଡ଼ିଶାର ସମସ୍ତ ଜିଲ୍ଲାରେ ମଜଭୁତ ବ୍ୟବସ୍ଥା ପରିପୋଷଣ କରିବାକୁ ସେ ପ୍ରତିଷ୍ଠାତା ଚେୟାର ଧରିତ୍ରୀ ପଟ୍ଟନାୟକ ଏବଂ ବର୍ତ୍ତମାନର ଚେୟାରପର୍ସନ ଡ.ପ୍ରଜ୍ଞା ମିଶ୍ରଙ୍କ ସହିତ ଫିକି ଏଫଏଲଓର ଅନ୍ୟ ସଦସ୍ୟାମାନଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଅଧୀନରେ ସମାବେଶୀ ଅଭିବୃଦ୍ଧି ନିମନ୍ତେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃ ଦୃଢ଼ତାର ସହିତ ପ୍ରକାଶ କରିଥିଲେ। ରାଜ୍ୟର ଶିଳ୍ପ ନୀତିରେ ମହିଳାଙ୍କର ଅର୍ଥନୈତିକ ସଶକ୍ତିକରଣ ଏକ ମୁଖ୍ୟ ବିଷୟ ହୋଇଥିବା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏଥିସହିତ ଶ୍ରୀ ସ୍ୱାଇଁ ଉଭୟ ଜାତୀୟ ଓ ରାଜ୍ୟସ୍ତରରେ ମହିଳାଙ୍କ ପାଇଁ ଫାଇଦା ପହଞ୍ଚାଉଥିବା ମୁଖ୍ୟ ଯୋଜନାଗୁଡିକ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସୁଭଦ୍ରା ଯୋଜନା ଏକ ଲାଭଜନକ ବ୍ୟବସାୟିକ ଉଦ୍ୟୋଗକୁ ଆଗକୁ ବଢାଉଥିବାରୁ ଏହାର ସଫଳତା ସମ୍ପର୍କରେ ଉଲ୍ଲେଖ କରିବା ସହିତ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଷ୍ଟାର୍ଟଅପଗୁଡିକ ପାଇଁ ଷ୍ଟାର୍ଟଅପ ଓଡ଼ିଶାର ଲକ୍ଷ୍ୟଭିତ୍ତିକ ସମର୍ଥନକୁ ସେ ପ୍ରଶଂସା କରିଥିଲେ। ଉତ୍କର୍ଷ ଓଡ଼ିଶା ଅଧୀନରେ ଓଡ଼ିଶାର ଅଭିବୃଦ୍ଧି ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନୂଆଦିଲ୍ଲୀ ଓ ମୁମ୍ବାଇରେ ନିକଟରେ ଅନୁଷ୍ଠିତ ନିବେଶକ ସମ୍ମିଳନୀର ଫଳାଫଳ ସମ୍ପର୍କରେ ପ୍ରକାଶ କରିଥିଲେ। ସେ କହିଥିଲେ, ଖୁବଶୀଘ୍ର ଆମେ ମହିଳା ଉଦ୍ୟୋଗୀଙ୍କ ପାଇଁଏକ ଶିଳ୍ପ ପାର୍କ ଏବଂ ବ୍ୟବସାୟ କ୍ଷେତ୍ରରେ ଥିବା ମହିଳାଙ୍କ ପାଇଁ ଇପିକଲରେ ଏକ ସପୋର୍ଟ ଡେସ୍କ ଆରମ୍ଭ କରିବାକୁ ଯାଉଛୁ। ମାର୍ଗଦର୍ଶନ, ଇନକ୍ୟୁବେସନ ଏବଂ ମହିଳା କୈନ୍ଦ୍ରିକ ଶିଳ୍ପ ଅଭିବୃଦ୍ଧି ନିମନ୍ତେ ପରିମାଣାତ୍ମକ ମଡେଲ ନିର୍ମାଣ ସକାଶେ ଶିଳ୍ପ ବିଭାଗ ଏବଂ କୌଶଳତା ବିକାଶ ମିଶନ ସହିତ ସକ୍ରିୟ ସହଯୋଗୀତା କରିବାକୁ ସେ ଫିକି ଏଫଏଲଓକୁ ଆହ୍ୱାନ ଦେଇଥିଲେ। ପରିଶେଷରେ ଶ୍ରୀ ସ୍ୱାଇଁ କହିଥିଲେ ଯେ, 'ସମ୍ମିଳିତ ଭାବରେ ଆମେ ଆସନ୍ତୁ ଏଭଳି ଏକ ଓଡ଼ିଶା ନିର୍ମାଣ କରିବା ଯେଉଁଠାରେ ପ୍ରତ୍ୟେକ ମହିଳାଙ୍କ ପାଇଁ ନେତୃତ୍ୱ ନେବା, ନବସୃଜନ ଏବଂ ଗୋଷ୍ଠୀଗୁଡିକର ରୂପା'ରଣ କରିବାକୁ ସୁଯୋଗ ରହିଥିବ। ଚେୟାରପର୍ସନ ଡ.ପ୍ରଜ୍ଞା ପାରମିତା ମିଶ୍ର ନିଶ୍ଚିତ କରାଇ କହିଥିଲେ ଯେ, ନବସୃଜନ ଏବଂ ରଣକୌଶଳାତ୍ମକ ସହଭାଗୀତା ସହିତ ସମାବେଶୀ ସଶକ୍ତିକରଣ ନିମନ୍ତେ ଏଫଏଲଓର ମିଶନ ଆଗେଇନେବାକୁ ସେ ପ୍ରତିବଦ୍ଧ ରହିଛନ୍ତି। ପ୍ରତିଷ୍ଠାତା ଚେୟାର ଧରିତ୍ରୀ ପଟ୍ଟନାୟକ ମହିଳା ଉଦ୍ୟୋଗୀଙ୍କ ପାଇଁ ଅଧିକ ସମର୍ଥକାରୀ ପରିବ୍ୟବସ୍ଥା ଓ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦେବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଶେଷରେ ଫିକି ଏଫଏଲଓ ଭୁବନେଶ୍ୱରର ସିନିୟର ଭାଇସ ଚେୟାର ପଞ୍ଚମୀ ମାନୁ ଉକିଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏଫଏଲଓ ସଦସ୍ୟାଗଣ, ବରିଷ୍ଠ ଅଧିକାରୀ, ଶିଳ୍ପର ନେତୃବୃନ୍ଦ ଏବଂ ଗଣମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ।

# ଟ୍ରାନ୍ସଫର୍ମରର କ୍ଷମତା ବୃଦ୍ଧି କଲା ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଚଳିତ ଗ୍ରୀଷ୍ମପ୍ରବାହରେ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ନବରଙ୍ଗପୁର ସହରରେ ଥିବା ୫ ଏମଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମରକୁ ୧୦ ଏମଭିଏ ଟ୍ରାନ୍ସଫର୍ମରରେ ପରିଣତ କରାଯାଇଛି। ଏହି ଉନ୍ନତୀକରଣ ଫଳରେ ନବରଙ୍ଗପୁର ପ୍ରାଇମେରୀ ସବଷ୍ଟେସନର ସମୁଦାୟ କ୍ଷମତା ୧୩ ଏମଭିଏରୁ ବଢ଼ି ୧୮ ଏମଭିଏରେ ପହଞ୍ଚିଛି। ଯାହାଫଳରେ ସହରର ୧୪ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ପୂର୍ବାପେକ୍ଷା ଅଧିକ ଭରସାଯୋଗ୍ୟ ବିଜୁଳି ସେବା ମିଳିପାରୁଛି। କେବଳ ଘରୋଇ ଉପଭୋକ୍ତା ନୁହଁନ୍ତି ବରଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ମଧ୍ୟ ଗୁଣାତ୍ମକ ବିଜୁଳି ଯୋଗାଣରେ ଏହି ନୂତନ ଭିତ୍ତିଭୂମି ବିଶେଷ ଭାବେ ସହାୟକ ହୋଇପାରିବ। ସହର ଓ ଆଖପାଖ ଅଞ୍ଚଳରେ ଅନେକ ରାଇସ୍ ମିଲ, କାଜୁ ପ୍ରକ୍ରିୟାକରଣ ୟୁନିଟ୍ ଓ ଅନ୍ୟାନ୍ୟ କ୍ଷୁଦ୍ର ଉଦ୍ୟୋଗମାନ ରହିଛି। କମ୍ପାନୀ ଏହି ବ୍ୟାବସାୟିକ କେନ୍ଦ୍ରଗୁଡ଼ିକୁ ସୁରକ୍ଷିତ ଓ ସ୍ଥାୟୀ ବିଜୁଳି ଯୋଗାଣ ସୁନିଶ୍ଚିତ କରିଛି। ନବରଙ୍ଗପୁର ସହର ବାସିନ୍ଦା ସୁଧାଂଶୁ ଶେଖର ପରିଡ଼ା କହିଛନ୍ତି ଯେ, ସହରରେ ବିଜୁଳିକୁ ନେଇ କୌଣସି ବଡ଼ ସମସ୍ୟା ନାହିଁ। ଆମକୁ ପ୍ରାୟତଃ ସବୁ ସମୟରେ ବିଜୁଳି ସେବା ମିଳୁଛି। ଟ୍ରାନ୍ସଫର୍ମରର କ୍ଷମତା ବୃଦ୍ଧି ହେବା ଫଳରେ ବିଜୁଳି ସେବା ଆହୁରି ସୁବିଧାଜନକ ହେବ ବୋଲି ଆଶା କରୁଛୁ। ଗ୍ରୀଷ୍ମ ସମୟରେ ଟିପିଏସ୍‌ଓଡିଏଲ୍ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରୁଥିବା ଦେଖି ସେ ଖୁସିବ୍ୟକ୍ତ କରିଛନ୍ତି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ଦାୟିତ୍ୱ। ସେହିପରି ବିଜୁଳି ଚାହିଦା ଦିନକୁ ଦିନ ବଢୁଥିବା ହେତୁ ତଦନୁଯାୟୀ ଭିତ୍ତିଭୂମି ବିକାଶର ଆବଶ୍ୟକତାକୁ ଆମେ ଅଗ୍ରାଧିକାର ଦେଇଆସିଛୁ। ଚଳିତ ଗ୍ରୀଷ୍ମରେ ଭିତ୍ତିଭୂମି ଉନ୍ନତୀକରଣ କରି ଉପଭୋକ୍ତାଙ୍କୁ ଗୁଣାତ୍ମକ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ନିମନ୍ତେ ଆମେ ନିରନ୍ତର ପ୍ରୟାସ ଜାରି ରଖିଛୁ।

# ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ଡ଼ିଓ ୧୨୫ର ଶୁଭାରମ୍ଭ



ଗୁରୁଗ୍ରାମ : ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମଏସଆଇ) ଆଜି ଏହାର ନୂତନ ଓବିଡ଼ି ୨ବି ନିୟାମକ ଅନୁରୂପ ଡ଼ିଓ ୧୨୫ ସଂସ୍କରଣର ବିକଶିତ ଜ୍ଞାନକୌଶଳ, ଦୃଢ଼ଶୈଳୀ, ଚମକପ୍ରଦ ଡ଼ିଜାଇନ ତଥା ଅତ୍ୟାଧୁନିକ ବିଶେଷତ୍ୱକୁ ଏକାଠି କରି ଏହାର ଉପସ୍ଥାପନ କରିଛି। ଏହି ନୂତନ ୨୦୨୫ ହୋଣ୍ଡା ଡ଼ିଓ ୧୨୫ର ମୂଲ୍ୟ ଟ. ୯୬,୭୪୯ରୁ ଆରମ୍ଭ ହେବ ତଥା ସମସ୍ତମୂଲ୍ୟ (ଏକ୍ସ-ସୋ'ରୁମ ପୁଣେ) ରହିବ। ଅପଡ଼େଟେଡ଼ ନୂତନ ଓବିଡ଼ି ୨ବି ନିୟାମକ ଅନୁରୂପ ଡ଼ିଓ ୧୨୫ର ପରିଚୟ ପର୍ବ ଅବସରରେ ମତବ୍ୟକ୍ତ କରି ସୁଟୁସୁମୁଓଟାନୀ, ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ, ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, '୨୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଡ଼ିଓ ଭାରତୀୟ ବଜାରରେ ଏକ ଆଇକନିକ୍ ଭାବରେ ଏହାର କୌଶଳର ପ୍ରତୀକ, ଦକ୍ଷତା ତଥା ବିଶ୍ୱସନୀୟତାକୁ ନେଇ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛି। ଏହି ଘୋଷଣା ଉପରେ ମନ୍ତବ୍ୟ ରଖି ଯୋଗେଶମାଥୁର, ନିର୍ଦ୍ଦେଶକ, ସେଲସ୍ ଆଣ୍ଡ ମାର୍କେଟିଙ୍ଗ, ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, 'ଏହି ନୂତନ ଓବିଡ଼ି ୨ବି ନିୟାମକ ଅନୁରୂପ ଡ଼ିଓ ୧୨୫ର ସଂସ୍କରଣରେ, ବର୍ଷବର୍ଷ ଧରି ଯୁବବର୍ଗଙ୍କ ଜନମାନସରେ ଏଭଳି ଏକ ସ୍କୁଟରକୁ ଉଜ୍ଜୀବିତ କରି ରଖିବା ପାଇଁ ଆମେ ସମ୍ପୂର୍ଣ୍ଣ ଆଶାବାଦୀ। ନୂତନ ଡ଼ିଓ ୧୨୫ ବର୍ତ୍ତମାନ ଏକ ଅତ୍ୟନ୍ତ ଆକର୍ଷଣକାରୀ ସତେଜଭରା ଗ୍ରାଫିକ୍ସ ତଥା ବିବିଧ ରଙ୍ଗର ସମାହାରକୁ ନେଇ କୌତୂହଳପୂର୍ଣ୍ଣ ଯୁବ ସୁଲଭତାକୁ ଅଧିକ କ୍ରିୟାଶୀଳ କରିବା ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିରେ ରହିଛି ୧୨୩.୯୨ ସିସି, ଏକକ ସିଲିଣ୍ଡରଯୁକ୍ତ ପିଜିଏମ-ଏଫଆଇଇନ ଯାହା ଓବିଡ଼ି୨ବି ଅନୁରୂପ ଅଟେ। ଏହା ୬.୦୧ କି.ୱାଟର କ୍ଷମତା ତଥା ୧୦.୫ ଏନଏମର କମ୍ପନ ବିକଶିତ କରିବା ସହିତ ଏଥିରେ ରହିଛି ଇଡ଼ଲିଙ୍ଗ ଷ୍ଟପ ପ୍ରଣାଳୀ ଯାହା ଇନ୍ଧନ ସମୟକୁ ବୃଦ୍ଧି କରିବା ସହିତ ହୋଣ୍ଡାର ସ୍ଥାୟୀ ଦର୍ଶନ ତତ୍ୱକୁ ଏକାଠି କରିପାରିଛି। ଏହିନୂତନ ୨୦୨୫ ହୋଣ୍ଡାଡ଼ିଓ ୧୨୫ର ମୂଲ୍ୟ ଟ.୯୬,୭୪୯ରୁ ଆରମ୍ଭ ହେବା ସହିତ ସମସ୍ତ ମୂଲ୍ୟ ଏକ୍ସସୋ'ରୁମ ପୁନେ ରହିବ। ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ଏହା ନିକଟସ୍ଥ ଏଚ୍‌ଏମଏସଆଇର ଅଧିକୃତ ବିକ୍ରେତାମାନଙ୍କ ନିକଟରେ ଉପଲବ୍ଧ ହେଉଅଛି।

# ଆମାଜନ୍ ଇଣ୍ଡିଆ ପକ୍ଷରୁ ସ୍ମାର୍ଟଚଏସ୍ ପ୍ରୋଗ୍ରାମ୍‌ର ସମ୍ପ୍ରସାରଣ

amazon

ନୂଆଦିଲ୍ଲୀ: ଆମାଜନ ଇଣ୍ଡିଆ ପକ୍ଷରୁ ଟାବଲେଟ ବର୍ଗରେ ଏହାର ସ୍ମାର୍ଟଚଏସ ପ୍ରୋଗ୍ରାମର ବିସ୍ତାର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରୋଗ୍ରାମ ସ୍ୱତନ୍ତ୍ର ଗ୍ରାହକ ଆବଶ୍ୟକତା ଓ ଉପଯୋଗିତା ଉପରେ ଆଧାର କରି ବିଶେଷଜ୍ଞଙ୍କ ପରାମର୍ଶ ମାଧ୍ୟମରେ ଡିଭାଇସ ଚୟନକୁ ସରଳ କରୁଛି। ଲାପଟପ ବର୍ଗରେ ସଫଳତା ପରେ ଆମାଜନ ଟାବଲେଟ ବର୍ଗରେ ଏହି ପ୍ରୋଗ୍ରାମକୁ ସମ୍ପ୍ରସାରଣ କରିଛି। ୨୦୨୪ରେ ୨୬%ର ବାର୍ଷିକ ଅଭିବୃଦ୍ଧି ସହିତ ଟାବଲେଟଗୁଡିକ ଆମାଜନ ଇଣ୍ଡିଆ ପାଇଁ ଉଚ୍ଚ ଅଭିବୃଦ୍ଧି ବର୍ଗର ଅ'ର୍ଗତ। ସ୍ମାର୍ଟଚଏସ ପ୍ରୋଗ୍ରାମର ପ୍ରମୁଖ ଲାଭଗୁଡିକ ମଧ୍ୟରେ ପ୍ରତ୍ୟେକ ବ୍ୟବହାର ପାଇଁ କ୍ୟୁରେଟେଡ ସିଲେକ୍ସନ, ଟପ୍-ରେଟେଡ ପରଫର୍ମାନ୍ସ, ବିଶେଷଜ୍ଞଙ୍କ ପରାମର୍ଶ, ଚମତ୍କାର ମୂଲ୍ୟ ସାମିଲ ରହିଛି। ଏହି ପ୍ରୋଗ୍ରାମ ପ୍ରତିଦିନ ବ୍ୟବହାରଠାରୁ ଆରମ୍ଭ କରି ଶିକ୍ଷା, ମନୋରନ, ବୃତିଗତ ପ୍ରୟୋଗ ଓ ଗେମିଂ ଆଦି ବିଭିନ୍ନ ଉପଭୋକ୍ତା ଆବଶ୍ୟକତା ଉପରେ ଆଧାର କରି ଡିଭାଇସଗୁଡିକର ବର୍ଗୀକରଣ କରିଛି। ପ୍ରତ୍ୟେକ ବର୍ଗ ପାଇଁ ଏକ ସ୍ୱାଧୀନ ଟେକ୍ନିକାଲ ଏଜେନ୍ସି ଉତ୍ପାଦଗୁଡିକ ନିଶ୍ଚିତ ରୂପେ ପୂରଣ କରୁଥିବା କାର୍ଯ୍ୟଦକ୍ଷତା ମାନଦଣ୍ଡ ସ୍ଥାପନ କରୁଛି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କ୍ୟୁମର ଇଲେକ୍‌ଟ୍ରୋନିକ୍ସ ବିଭାଗର ନିର୍ଦ୍ଦେଶକ, ଜେବା ଖାନ କହିଛନ୍ତି, 'ସ୍ମାର୍ଟଚଏସ ପ୍ରୋଗ୍ରାମ କ୍ରୟ ଅନୁଭୂତିକୁ ବହୁମାତ୍ରାରେ ଉନ୍ନତ କରିବା ସହ ଏହା ସଠିକତା ପାଇଁ ଚମତ୍କାର ମତାମତ ହାସଲ କରିଛି। ଏହି ପ୍ରୋଗ୍ରାମର କ୍ୟୁରେଟେଡ ସିଲେକ୍ସନରେ ସାମସଙ୍ଗ, ଲେନୋଭୋ, ଆସୁସ, ଅନର, ଏସର ଓ ଏଚପି ଭଳି ଅଗ୍ରଣୀ ବ୍ରାଣ୍ଡଗୁଡିକର ଟପ-ରେଟେଡ ଟାବଲେଟ ସାମିଲ ରହିଛି। ଲାପଟପ ପାଇଁ ଆରମ୍ଭ କରାଯିବା ପରଠାରୁ ସ୍ମାର୍ଟଚଏସ ପ୍ରୋଗ୍ରାମ ବିକ୍ରି କ୍ଷେତ୍ରରେ ୩ ଗୁଣ ବୃଦ୍ଧି ପାଇଛି ଏବଂ ୨୦୨୪ରେ ପ୍ରିମିୟମ ଲାପଟପ କ୍ରୟରେ ୩୦% ବୃଦ୍ଧିର ଯୋଗଦାନ ଦେଇଛି। ଆମାଜନ ଡଟ ଇନରେ ସ୍ମାର୍ଟଚଏସ ପ୍ରୋଗ୍ରାମ ଅଧିନରେ ଉପଲବ୍ଧ କିଛି ଲୋକପ୍ରିୟ ଡିଭାଇସଗୁଡିକ ମଧ୍ୟରେ ଲେନୋଭୋ ଟାବ ପ୍ଲସ, ଏସର ସ୍ୱିଫ୍ଟ ଗୋ ୧୪ ବିଲ୍ଟ-ଇନ ଏଆଇ ପିସି ପ୍ରିମିୟମ ଲାପଟପ, ସାମସଙ୍ଗ ଗ୍ୟାଲାକ୍ସି ଟାବ ଏସ୯ ଏଫଇ, ଲେନୋଭୋ ଆଇଡିଆପ୍ୟାଡ ଫ୍ଲେକ୍ସ୫, ଏଚପି ଭିକ୍ଟସ, ୧୩ ଜେନ୍ ଇଂଟେଲ କୋର ଆଇ୭, ଆସୁସ ଭିଭୋବୁକ ୧୫ ଆଦି ସାମିଲ ରହିଛି। ଗ୍ରାହକମାନେ କ୍ୟୁମର ଇଲେକ୍‌ଟ୍ରୋନିକ୍ସ ହୋମ ପେଜ କିମ୍ବା ନିମ୍ନରେ ଦିଆଯାଇଥିବା ଲିଙ୍କଗୁଡିକ ମାଧ୍ୟମରେ ନୂଆ ସ୍ମାର୍ଟଚଏସ ଟାବଲେଟ ଓ ଲାପଟପ ଷ୍ଟୋରକୁ ସହଜରେ ଆକ୍‌ସେସ କରିପାରିବେ।



ମୁମ୍ବାଇ: ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନ ଗର୍ଲ ଫ୍ରେଣ୍ଡ ସୋଫିଙ୍କ ସହିତ ଶ୍ରୀ ବାଗେଶ୍ୱର ବାଲାଜୀ ସନାତନ ମଠ ମୁମ୍ବାଇରେ ପହଞ୍ଚି ଆଶୀର୍ବାଦ ନେଇଥିଲେ। ଧୀରେନ୍ଦ୍ର ଶାସ୍ତ୍ରୀ ଧାୱନଙ୍କୁ ମଞ୍ଚକୁ ଡାକି କ୍ରିକେଟରେ ତାଙ୍କର ଅବଦାନ ଏବଂ ଏବେ ଅସହାୟ ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଶଂସା କରିଥିଲେ। ଧାୱନଙ୍କ ସହ ସୋଫି ମଧ ବାଗେଶ୍ୱର ଧାମର ପୀଠେଶ୍ୱର ଧିରେନ୍ଦ୍ରଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଧୀରେନ୍ଦ୍ର ଶିଖର ଧାୱନଙ୍କୁ ଏକ ପଗଡ଼ି ପିନ୍ଧାଇ ସ୍ୱାଗତ କରିଥିଲେ। ଏହାପରେ ଉଭୟ ନାଚିବା ସହ ଏକାଠି କ୍ରିକେଟ ଖେଳିଥିଲେ। ଧାୱନ ପ୍ରଥମେ ବ୍ୟାଟିଂ କରିଥିଲେ ଏବଂ ଧୀରେନ୍ଦ୍ର ତାଙ୍କୁ ବୋଲ୍ଡ କରିଥିଲେ। ଏହା ପରେ ଧୀରେନ୍ଦ୍ର ବ୍ୟାଟିଂ କରି କିଛି ସଟ ମାରିଥିଲେ। ଶିଖର ଧାୱନଙ୍କୁ କିଛି ଦିନ ପୂର୍ବେ ଏକ ସାକ୍ଷାତକାରରେ ତାଙ୍କ ପ୍ରେମିକା ବିଷୟରେ ପଚରାଯାଇଥିଲା, ସେ କହିଥିଲେ ଯେ ସେ ନାମ କହିବେ ନାହିଁ କିନ୍ତୁ ଏହି ରୁମରେ ବସିଥିବା ସବୁଠାରୁ ସୁନ୍ଦର ଝିଅ ହେଉଛି ମୋ ପ୍ରେମିକା। ସେହି ସମୟରେ ସୋଫି ସାଇନ ସେଠାରେ ଥିଲେ, ଯେତେବେଳେ ଦୁହେଁ ପୂର୍ବରୁ ଅନେକ ଥର ଏକାଠି ଦେଖାଯାଇଛନ୍ତି। ଏବେ ଧାୱନ ତାଙ୍କ ଘରେ ତାଙ୍କ ସହିତ ଏକ ରିଲ ତିଆରି କରି ଶେୟାର କରିଛନ୍ତି। ଶିଖର ଧାୱନଙ୍କ ପ୍ରେମିକା ସୋଫି ସାଇନ ଆୟରଲାଣ୍ଡର। ସେ ଚାମ୍ପିଅନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ମ୍ୟାଚ ଦେଖିବାକୁ ଧାୱନଙ୍କ ସହିତ ଆସିଥିଲେ। ଏହା ପରେ, ଉଭୟଙ୍କୁ ବିମାନବନ୍ଦର ଏବଂ କାର୍ଯ୍ୟକ୍ରମରେ ମଧ ଏକାଠି ଦେଖିବାକୁ ମିଳିଥିଲା। ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଫଲୋ କରନ୍ତି।

୩୨ତମ ମ୍ୟାଚ୍ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ

# ସୁପର ଓଭରରେ ଜିତିଲା ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ: ଆଇପିଏଲ ୨୦୨୫ର ୩୨ତମ ଲିଗ୍ ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଇଥିଲା, ଯାହାକୁ ଦିଲ୍ଲୀ କ୍ୟାପିଟାଲ୍ସ ସୁପର ଓଭରରେ ଜିତିଥିଲା। ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଦଳର ଅଧିନାୟକ ସଞ୍ଜୁ ସାମସନ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀର ଦୁଇ ଓପନର ଜେକ ମ୍ୟାକ ଗର୍ଗ ଓ ଅଭିଷେକ ପୋରେଲ୍ ୩୪ ରନ ଯୋଡ଼ିଥିଲେ। ମ୍ୟାକଗର୍ଗ ୯ ରନ କରି ପୁଣି ଥରେ ନିରାଶ କରିଥିଲେ। ତେବେ କରୁଣ ନାୟର(୦) ରନ ଆଉଟ୍ ହେବା ଦିଲ୍ଲୀକୁ ବଡ଼ ଝଟକା ଲାଗିଥିଲା। ଏହା ପରେ ପୋରେଲ୍ ଓ କେଏଲ ରାହୁଲ ତୃତୀୟ ୱିକେଟ୍ ପାଇଁ ୬୩ ରନ ଯୋଡ଼ିଥିଲେ।



୯୭ ରନ ସ୍କୋରରେ କେଏଲ ରାହୁଲ ବ୍ୟକ୍ତିଗତ ୩୮ ରନ କରି ଆଉଟ୍ ହୋଇଥିଲେ। ପୋରେଲ୍ ଏକ ରନରୁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ସେ ୩୭ ବଲରୁ ୫ ଚୌକା ଓ ୧ ଛକା ସହ ୪୯ ରନ କରିଥିଲେ। ଅଧିନାୟକ ଅକ୍ଷର ପଟେଲ୍ କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୧୪ ବଲ୍‌ରୁ ୪ ଚୌକା ଓ ୨ ଛକା ସହ ୩୪ ରନ କରିଥିଲେ। ଶେଷ ଆଡ଼କୁ ଟ୍ରିଷ୍ଟନ ଷ୍ଟବ୍ସ ୧୮ ବଲରୁ ୩୪ ରନର ଅପରାଜିତ ଇନିଂସ ଖେଳିଥିଲେ। ଆଶୁତୋଷ ଶର୍ମା ୧୫ ରନ କରିଥିଲେ। ଦିଲ୍ଲୀ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୮ ରନ କରିଥିଲା। ଦିଲ୍ଲୀ ପକ୍ଷରୁ ଅଭିଷେକ ପୋରେଲ ୪୯ ରନର ଇନିଂସ ଖେଳିଥିବା ବେଳେ କେଏଲ ରାହୁଲ ୩୮ ରନ କରିଥିଲେ। ଏହା ବ୍ୟତୀତ ଟ୍ରିଷ୍ଟାନ ଷ୍ଟବସ୍ ଏବଂ ଅକ୍ଷର ପଟେଲ ମଧ ୩୮ ରନର ଇନିଂସ ଖେଳିଥିଲେ। ରାଜସ୍ଥାନ ପକ୍ଷରୁ ବୋଲିଂ କରିବା ସମୟରେ, ଜୋଫ୍ରା ଆର୍ଚର ୨ଟି ୱିକେଟ ନେଇଥିଲେ। ରାଜସ୍ଥାନ ରୟାଲ୍ସ ମଧ ୨୦ ଓଭରରେ ମାତ୍ର ୧୮୮ ରନ କରିପାରିଥିଲା, ଏହା ପରେ ମ୍ୟାଚ୍ ସୁପର ଓଭରକୁ ଯାଇଥିଲା, ରାଜସ୍ଥାନ ଦିଲ୍ଲୀକୁ ୧୨ ରନର ଟାର୍ଗେଟ ଦେଇଥିଲା, ଯାହାକୁ ଦିଲ୍ଲୀ ମାତ୍ର ୪ ବଲରେ ହାସଲ କରି ନେଇଥିଲା।

## ୱାଙ୍ଖେଡେରେ 'ରୋହିତ ଶର୍ମା' ଷ୍ଟାଣ୍ଡ

ନୂଆଦିଲ୍ଲୀ ଟିମ୍ ଇଣ୍ଡିଆର ସଫଳତମ ଅଧିନାୟକଙ୍କ ତାଲିକାରେ ରୋହିତ ଶର୍ମା ସାମିଲ। ତାଙ୍କ ଅଧିନାୟକତ୍ୱରେ ଭାରତ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପହଞ୍ଚିଥିଲା। ଏହା ପରେ ୨୦୨୪ ଟି-୨୦ ବିଶ୍ୱକପ୍ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫି ହାତେଇଥିଲା। ଏହି ସଫଳତା ପାଇଁ ରୋହିତଙ୍କ ପାଇଁ ନିଆଯାଇଛି ଏକ ବଡ଼ ନିଷ୍ପତ୍ତି । ୱାଙ୍ଖେଡେ ଷ୍ଟାଡିୟମରେ ରୋହିତଙ୍କ ନାଁରେ କରାଯିବ ଏକ ସ୍ୱତନ୍ତ୍ର ଷ୍ଟାଣ୍ଡ। ମୁମ୍ବାଇ କ୍ରିକେଟ ଆସୋସିଏସନ୍ ଏନେଇ ନିଷ୍ପତି ନେଇଛି । ଏମ୍‌ସିଏ ମଧ ଏହାକୁ ଅନୁମୋଦନ ଦେଇଛି। ରୋହିତଙ୍କ ସହିତ ଶରଦ ପାୱାର ଏବଂ ଅଜିତ ୱାଡେକରଙ୍କ ନାଁରେ ମଧ ଷ୍ଟାଣ୍ଡ ତିଆରି କରାଯିବ । କିନ୍ତୁ ଏ ନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ମିଳିନି। ରୋହିତ ଶର୍ମା ଭାରତ ପାଇଁ ପ୍ରତ୍ୟେକ ଫର୍ମାଟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ବିଶେଷ କଥା ହେଉଛି ରୋହିତଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ତିନୋଟି ଫର୍ମାଟରେ ଭଲ ପ୍ରଦର୍ଶନ କରିଛି। ତେବେ ୱାଙ୍ଖେଡେ ଷ୍ଟାଡିୟମରେ ପୂର୍ବରୁ ସଚିନ ତେନ୍ଦୁଲକର ଏବଂ ସୁନୀଲ ଗାଭାସ୍କରଙ୍କ ଷ୍ଟାଣ୍ଡ ନିର୍ମାଣ ହୋଇସାରିଛି । ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ବିରାଟ କୋହଲିଙ୍କ ନାମରେ ମଧ ଏକ ଷ୍ଟାଣ୍ଡ ରହିଛି । ସେହିପରି ଇଡେନ ଗାର୍ଡେନ୍ସରେ ସୌରଭ ଗାଙ୍ଗୁଲି, ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରାହୁଲ ଦ୍ରାବିଡଙ୍କ ନାମରେ ରହିଛି ଷ୍ଟାଣ୍ଡ । ଆଉ ଏବେ ଏହି ତାଲିକାରେ ଯୋଡି ହୋଇଛି ରୋହିତଙ୍କ ନାଁ ।



ଧରଣୀଧର ବିଶ୍ୱ ବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

# ଏହା ଗାରିମାମୟ ଯାତ୍ରାରେ ଏକ ମାଇଲଖୁଣ୍ଟ ହୋଇ ରହିବ: ମୁଖ୍ୟମନ୍ତ୍ରୀ

 କେନ୍ଦୁଝର (ଭାସ୍କର ନ୍ୟୁଜ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ହୋଇଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ୱଚ୍ଛ କାର୍ଯ୍ୟକାଳ ମଧ୍ୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ପରି ଏକ ସମ୍ମାନଜନକ କାର୍ଯ୍ୟକ୍ରମ ଆୟୋଜନ କରିବା ନିଶ୍ଚିତ ଭାବେ ବିଶ୍ୱବିଦ୍ୟାଳୟର ଯାତ୍ରାରେ ଏକ ମାଇଲଖୁଣ୍ଟ ହୋଇ ରହିବ। ଏହି ଅବସରରେ ରାଜ୍ୟର ୧୩ ବିଶ୍ୱବିଦ୍ୟାଳୟରୁ ଭାଗନେଉଥିବା ପ୍ରତିଯୋଗୀମାନଙ୍କୁ ଖେଳରେ ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଖେଳକୁଦର ଗୋଟିଏ ମହତ୍ୱପୂର୍ଣ୍ଣ ଦିଗ ହେଉଛି ଖେଳୁଆଡ ମନୋଭାବ। ଖେଳକୁଦ ହେଉଛି ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। କେବଳ ପ୍ରତିଯୋଗୀତା ପାଇଁ ନୁହେଁ, ଶରୀରକୁ ସୁସ୍ଥ ଓ ଚଞ୍ଚଳ ରଖିବା ପାଇଁ କିଛି ନା କିଛି ଶାରୀରିକ ପରିଶ୍ରମ କରିବା ଆବଶ୍ୟକ। ରାଜ୍ୟର କ୍ରୀଡା ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଆଜି କ୍ରୀଡା କ୍ଷେତ୍ରରେ ଦେଶର ଏକ ଆଗଧାଡିର ରାଜ୍ୟ। ପ୍ରକୃତରେ ଓଡିଶାକୁ ଭାରତର କ୍ରୀଡା ରାଜଧାନୀ ଭାବେ ଲୋକେ ଅଭିହିତ କରନ୍ତି। ଆଜି ଓଡିଶାରେ ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି ଅଛି, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କ୍ରୀଡା ପ୍ରଶିକ୍ଷକ ଅଛନ୍ତି। ରାଜ୍ୟର ଉଦୀୟମାନ କ୍ରୀଡାବିତ୍ ମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା ପ୍ରତିଯୋଗିତାରେ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣି ଦେଉଛନ୍ତି। ଆମ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଭଲିବଲ, କ୍ରିକେଟ, ଫୁଟବଲ ଓ ଆଥଲେଟିକସ୍ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ସୃଷ୍ଟି କରାଯିବ । କ୍ରୀଡାର ବିକାଶ ପାଇଁ ୫ ବର୍ଷ ମଧ୍ୟରେ ୪ ହଜାର ଏକ ଶହ ୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ । ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ଲକସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮ ଶହ ୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ? ରୂପେ ବିକାଶ କରାଯିବା ସହିତ ସାରା ରାଜ୍ୟରେ କ୍ରୀଡା କ୍ଷେତ୍ରରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ଗୋଷ୍ଠୀସ୍ତରୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଭାବରେ ସି.ଏମ୍. ଟ୍ରଫି ଶୁଭାରମ୍ଭ କରାଯାଇଛି । ବ୍ଲକଠାରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଫୁଟବଲ, ଆଥଲେଟିକସ୍, ହକି ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଏହି ଟ୍ରଫି ଜରିଆରେ ଲକ୍ଷାଧିକ ଆଥଲେଟ୍ ଅଂଶଗ୍ରହଣ କରିବେ । ଗ୍ରାମୀଣ ପ୍ରତିଭା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେଉଛି ଆମର ଏକମାତ୍ର ଲକ୍ଷ୍ୟ । ଚଳିତ ବଜେଟରେ ଆମେ କ୍ରୀଡା ଏବଂ ଯୁବସେବା ବ୍ୟାପାର ବିଭାଗ ପାଇଁ ୧ ହଜାର ୩୧୯ କୋଟି ୭୯ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛୁ। ପ୍ରତ୍ୟେକଟି ଟଙ୍କା ଆପଣଙ୍କ ପରି ଆମ ଓଡ଼ିଶାର ଯୁବ ଖେଳାଳୀଙ୍କ ପ୍ରତିଭାର ବିକାଶ ପାଇଁ ଖର୍ଚ୍ଚ ହେବ। ଆପଣମାନେ ଏହାର ଅଂଶୀଦାର ହୁଅନ୍ତୁ ଏବଂ ନିଜ ପାଇଁ ତଥା ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ କେନ୍ଦୁଝର, ଅନନ୍ତ ନାୟକ, ବିଧାୟକ ଚମ୍ପୁଆ ସନାତନ ମହାକୁଡ଼, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ବିଧାୟକ ତେଲକୋଇ ଫକୀର ମୋହନ ନାଏକ, ଜିଲ୍ଲାପାଳ କେନ୍ଦୁଝର ବିଶାଲ ସିଂହ, ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ କୁଳସଚିବ ଶଶିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ପାଞ୍ଚ ଦିନ ବ୍ୟାପୀ ହେବାକୁ ଥିବା ଏହି ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ମହାକୁମ୍ଭରେ ରାଜ୍ୟର ୧୨ ଗୋଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।



# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୧୦ମ ଦିନ



ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଆଥଲେଟିକ ଆସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତଥା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଆସୋସିଏସନ, ଓଡିଶାର ସହଯୋଗରେ ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟ - 'ମୁଖ୍ୟମନ୍ତ୍ରୀ କପ' ର ୧୦ମ ଦିନର ୧ମ ମ୍ୟାଚରେ ଶାନ୍ତି ନିକେତନ ସ୍ପୋର୍ଟସ କ୍ଲବ ନବଜ୍ୟୋତି ଯୁବକ ସଙ୍ଘକୁ ୬-୦ ଗୋଲରେ ପରାସ୍ତ କରିଥିଲା। ଶାନ୍ତିନିକେତନ ତରଫରୁ ଦୁଃଖିଶ୍ୟାମ ସୋରେନ ୩ଟି, ସହଦେବ ସୋରେନ ୨ଟି ଓ ରାମଚରଣ ଟୁଡୁ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ନବଜ୍ୟୋତିର ରାଇସେନ ହେମ୍ବ୍ରମ ଏକ ମାତ୍ର ଗୋଲ ଦେଇଥିଲେ। ସେହିପରି ୨ୟ ମ୍ୟାଚରେ ଫିଉଚର ଷ୍ଟାର ସ୍ପୋର୍ଟସ ଇଣ୍ଡିପେଣ୍ଡେଣ୍ଟ ସ୍ପୋର୍ଟସକୁ ୧-୦ ଗୋଲରେ ପରାସ୍ତ କରିଥିଲା। ବାପୁନ କୁମାର ମହାନ୍ତ, ରବୀନ୍ଦ୍ର ନାଥ ଟୁଡୁ, ସମ୍ରାଟ ହେମ୍ବ୍ରମ, ରତ୍ନାକର ସୋରେନ, ଶାନ୍ତନୁ କୁମାର ନାୟକ, ଯୁଗ ସେଙ୍ଗେଲ ସୋରେନ ଓ ଅମ୍ବିକା ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ୧ମ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଫୁଟବଲ କୋଚ ଅବନୀ ମୋହନ ମହାନ୍ତି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ୨ୟ ମ୍ୟାଚରେ ଅତିଥି ଭାବେ ଅଭିନେତା ରତ୍ନାକର ବେହେରା ଯୋଗ ଦେଇଥିବା ବେଳେ ବରିଷ୍ଠ କ୍ରୀଡ଼ାବିତ ନବ କୁମାର ସାହୁ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୁରଭଞ୍ଜ ଆଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଅଶୋକ ପଟ୍ଟନାୟକ ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାରଏକ ମାତ୍ର ମ୍ୟାଚ ଅପରାହ୍ନ ୪ଟା ରେ ଶିମିଳିପାଳ ସ୍ପୋର୍ଟସ ଓ ରଘୁନାଥ ଏମ ଜି ସି ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ବିଏସ୍‌ଏସ୍‌ଏ ବୌଦ୍ଧ ଚାମ୍ପିଅନ୍




ବୌଦ୍ଧ (ଭାସ୍କର ନ୍ୟୁଜ) : ଗତ ୭ ତାରିଖରୁ ଜିଲ୍ଲା ଷ୍ଟାଡିଅମ ବୌଦ୍ଧ ଠାରେ ଚାଲିଥିବା ୧୫ ବର୍ଷରୁ କମ୍ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆଜି ଫାଇନାଲ୍ ମ୍ୟାଚ ବ୍ଲକ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ବା ବିଏସ୍‌ଏଏ ବୌଦ୍ଧ ଓ ଫ୍ରେଣ୍ଡ କ୍ଲବ ମୁଣ୍ଡାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏସ୍‌ଏଏ ବୌଦ୍ଧ ୩-୧ ଗୋଲ୍‌ରେ ମୁଣ୍ଡାପଡାକୁ ହରାଇ ଚଂପିଆନ ହୋଇଛି । ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନାଇଚରଣ ଡାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ କୁମାର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ସିଏମଟ୍ରଫି ସଂଗଠନ ସଂପାଦକ ଯୁଗଳ କିଶୋର ସାମଲ ଯୋଗଦେଇ ଖେଳାଳୀମାନଙ୍କ ସହିତ ପରିଚିତ ହେବାସହ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଆଜିର ଫାଇନାଲ ମ୍ୟାଚରେ ମ୍ୟାଚ କମିଶନର ଭାବେ ଲମ୍ବୋଦର ପୁରୋହିତ ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟରେଫରୀ ଭାବେ ଚନ୍ଦନ ମହାରଣା ମ୍ୟାଚ ପରିଚାଳନା କରିଥିବାବେଳେ ଲାଇନରେ ପ୍ରମୋଦ ବେହେରା ଓ ବଳରାମ ବେହେରା ସହାୟତା କରିଥିଲେ । ସେହିପରି ଚତୁର୍ଥ ରେଫରୀ ଭାବେ ସମୀର କୁମାର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ, ଫୁଟବଲ୍ ଆସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆୟୋଜନରେ ୧୫ ବର୍ଷରୁ କମ୍ ବାଳକ ବିଭାଗର ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ବିଜେତା ବିଏସ୍‌ଏଏ ବୌଦ୍ଧ ଓ ଉପବିଜେତା ଫ୍ରେଣ୍ଡ କ୍ଲବ ମୁଣ୍ଡାପଡା ଦଳକୁ ଅତିଥିମାନେ ଟ୍ରଫିଦେଇ ପୁରସ୍କୃତ କରିଥିଲେ । ସେହିପରି ବେଷ୍ଟ ଡିଫେନସ ଭାବେ ଜୀତେଶ ଭୁକ୍ତା, ବେଷ୍ଟ ଗୋଲକିପର ରାଜୀବ ସାହୁ, ବେଷ୍ଟ ସ୍କୋରର ଓ ପ୍ଲେୟାର ଅଫ୍ ଦି ଫାଇନାଲ ଆଶୀର୍ବାଦ ମହାକୁଡ, ଇମରଜେନସି ପ୍ଲେଆର ଭାବେ ପ୍ରଜ୍ଞା ଭୋକ୍ତା, ଡିସିପ୍ଲିନ ଟିମ୍ ଭାବେ ଜିଏମସି ବୌଦ୍ଧ, ପ୍ଲେଆର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ବିଶ୍ୱଜିତ ସେଠୀ ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।


## कार्यपालक अभियंता का कार्यालय,
पथ निर्माण विभाग, पथ प्रमंडल, राँची (ग्रामीण)।
अल्पकालीन ई–प्रोक्योरमेंट सूचना
नेशनल कम्पेटेटीभ बिडिंग
ई–टेन्डर रेफरेंन्स नं0–प०नि०वि०/राँची (ग्रामीण)–263/2025–26,
दिनांक :–16.04.2025

| | | |
|---|---|---|
| 1. | कार्य का नाम | तैमारा घाटी – दशम फॉल पथ (कुल लम्बाई–10.00km + 385m approach) का IRQP कार्य। |
| 2. | प्राक्कलित राशि (रू० लाख में) | रु0642.94600 लाख । |
| 3. | अग्रधन की राशि (रू० लाख में) | रु06.43 लाख मात्र। |
| 4. | कार्य पूर्ण करने की अवधि | 02 (दो) माह। |
| 5. | वेबसाईट पर निविदा प्रकाशन की तिथि | 21.04.2025 10:30 बजे पूर्वाह्न |
| 6. | निविदा प्राप्ति की अंतिम तिथि/ समय | 30.04.202512:00 बजे दोपहर तक |
| 7. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल, राँची(ग्रामीण)। |
| 8. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 9. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- नियम एवं शर्तों के लिए http://jharkhandtenders.gov.in पर Login कर देखा जा सकता है।

कार्यपालक अभियंता पथ निर्माण विभाग, पथ प्रमंडल, राँची(ग्रामीण)।

PR 350497 Road(25-26)D

## कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, धनबाद
ई-प्रोक्योरमेंट सूचना
ई–निविदा प्रसंग संख्या - RCD/DHANBAD/591/2025-26 (2nd Call)
दिनांक – 15.04.2025

| | | |
|---|---|---|
| 1. | कार्य का नाम | "पथ प्रमण्डल, धनबाद अन्तर्गत NH-32 सरायढेला–सुगियाडीह से हीरक पॉइन्ट पथ एवं सेन्ट्रल हॉस्पिटल से को–ऑपरेटिव कॉलोनी पथ (कुल लंबाई– 2.23 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य, वर्ष 2025–26" |
| 2. | प्राक्कलित राशि (रुपये में) | रुपये 1,85,86,903/– रूपये मात्र |
| 3. | कार्य समाप्ति की अवधि | 45 दिन |
| 4. | निविदा प्राप्ति की अंतिम तिथि एवं समय | 14.05.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 22.04..2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, धनबाद। |
| 7. | प्रोक्युरमेंट अधिकारी का सम्पर्क नम्बर | 06432-275640 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2446007 |

अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।

कार्यपालक अभियंता, पथ निर्माण विभाग, पथ प्रमण्डल, धनबाद

PR 350476 Road (25-26)_D

## Forest,Environment & Climate Change Department, Jharkhand.
Deputy Conservator of Forests, Planning, Tribal Area, Ranchi
Van Bhawan, Doranda, Ranchi
Gmail- dcfpta@gmail.com Phone & Fax no. 0651-2481161

**Corrigendum**
RFP No. 01/2025
Ref. No. PR No. 347263 dt. 25.02.2025

With reference to the Request for Proposal (RFP) No.- 01/2025 (Third Round) for Selection of consultancy firm as PMU to Assist Principal Chief Conservator of Forest (HOFF), Jharkhand, Ranchi, due to unavoidable circumstances the date of submission of above RFP has been extended up to **21.04.2025** by **2.00** P.M.

**Opening of Technical bid & Presentation :- 22.04.2025 11.00 A.M.**
**Opening of Financial bid :- 23.04.2025 11.00 A.M.**

All the other terms and conditions of the RFP does remain unchanged. The updated RFP document along with this notice are available on our website https://forest.jharkhand.gov.in

Sd/-
Deputy Conservator of Forests, Planning, Tribal Area, Ranchi

PR 350498 Forest, Environment and Climate Changes (25-26)_D

## GOVERNMENT OF JHARKHAND
## OFFICE OF THE EXECUTIVE ENGINEER
## NATIONAL HIGHWAY DIVISION, CHAIBASA – 833201

**Corrigendum to National Bidding / e-Procurement Notice**
**(Bid/Packag no: - NH/Chaibasa/02/2024-25 dated 17.03.2025)**
**Corrigendum-II**

Subject:- Reconstruction of Existing Pavement To Two Lane With Paved Shoulder of two **LCs RBK-24** From km 160.121 To km 161.861 and **LCs RBK-26** From km 163.768 To KM 165.568 of NH 75-E (New NH 20) under Special repair in The State of Jharkhand on EPC mode.

Reference is invited to the above mention work with **Bid/Package no : - NH/Chaibasa/02/2024-25 dated 17.03.2025** Published on different Newspapers vide NIT PR No. PR348681 west Singhbhum(24-25). In this regard, it is to inform that bid date and bid opening date modified as below:

| Sl No. | Item | As per previous modification | As modified. |
|---|---|---|---|
| 1 | The complete BID document can be viewed / downloaded from official portal of the CPPP website https://eprocure.gov.in/eprocure/app | **17.04.2025** to **02.05.2025** (upto15:00 Hrs. IST). | **02.05.2025** to **17.05.2025** (upto15:00 Hrs. IST). |
| 2 | Submission of financial bid and Technical Bid | **02.05.2025** (upto 15:00 Hrs). | **17.05.2025** (upto 15:00 Hrs). |
| 3 | Bid opening date | **05.05.2025** (after 15:00 hours IST). | **19.05.2025** (after 15:00 hours IST). |

Executive Engineer
National Highway Division, Chaibasa
Mob No: -6207723164
Email- eenh.chaibasa@gmail.com

PR.NO.350494 West Singhbhum(25-26):D

## Govt. of Jharkhand
## Directorate of Sports & Youth Affairs
(Department of Tourism, Art Culture, Sports & Youth Affairs)
Gate No. 28, Birsa Munda Football Stadium, Morabadi, Ranchi - 834008
E-mail Id - directorsportsjharkhand@gmail.com

**Corrigendum – 1**
**(NIT No. 11/2025-26 Dated 11.04.2025)**

**Sub:** Corrigendum No.1 to the referred NIT No. 11/2025-26 dated 11th April 2025 (PR No. 350219 Dated 11.04.2025) against the RFP of Hiring of Event Management Agency for SAAF Senior National Championship 2025.

**The following changes are incorporated to the RFP:**

| S.N. | RFP Clause Reference | Clause as per RFP | To be read as |
|---|---|---|---|
| 1. | Section-III, Sl. No. 2 | Evaluation Criteria | Attached as Annexure 'A' |
| 2. | Section VI (b) 1.03 Transportation | Hiring Charge Per Day | Hiring Charge for 12 hour per Day |
| 3. | Section VI (c) BOQ for Event/venue operation (Workforce) | As per RFP | Attached as Annexure 'B' |
| 4. | Section VI (I) BOQ for Overlays, Sl. No. 3 | Panel Cabins, quantity - 5 | Porta cabins, quantity - 4 |
| 5. | Section VI (I) BOQ for Overlays, Sl. No. 4, Double Storey structure | Quantity – 2 | Quantity - 1 |
| 6. | Section VI (I) BOQ for Overlays, Sl. No. 13, Metal Chair with cushion | Chair with Leatherette Upholstery with Back support and side arms. | Chair with Leatherette Upholstery with Back support |
| 7. | Section VI (m), Sl. No. 1.01 Printing of Coffee Table Books/Picture Books | Quantity -100 | Quantity – 30 |
| 8. | Section VI (n) | Newly Inserted | Attached as Annexure 'C' |
| 9. | Section IX | Newly Inserted | Attached as Annexure 'D' |

**Note:**
1. Comprehensive information regarding the corrigendum is available on website – **sports.jharkhand.gov.in**
2. Tender Fee: There will be No price/fee shall be charged for the bidding document.
3. Successful bidders are required to submit GST Certificate of Jharkhand within 7 days of the award of contract. Payment for any bills submitted by the bidder will be processed only if the GST number mentioned in the bill is registered for the state of Jharkhand.
4. All other terms and conditions mentioned in tender document will remain unchanged.

Sd/-
Director
Directorate of Sports & Youth Affairs
Jharkhand, Ranchi

PR 350526 (Art Culture Sports and Youth Affairs) 25-26 (D)

## Government of Jharkhand
## Directorate of Tourism
MDI Building, 2nd Floor, Dhurwa, Ranchi-4
Ph.-0651-2400493, Fax-0651-2400492, E-mail:dirjharkhandtourism@gmail.com

**Ref. No. Tou/ Dir/Yoj/24/2024 - 496** **Dated:- 16/04/2025/**

**Notice Inviting Stakeholders Consultation for Discussion on Revenue Model & Package Pricing for ECO Retreat Netarhat**

The Department of Tourism, Jharkhand, is planning to organize the **ECO Retreat Netarhat 2025** (November 15, 2024 – January 15, 2025), a two-month-long tent city festival, on a **Revenue Sharing Model or H1 Bidder Model**.

To ensure an effective and sustainable financial model, we invite key stakeholders to a consultative meeting to **deliberate and finalize the revenue-sharing structure and package pricing strategy** for this initiative. Your insights and expertise will be invaluable in shaping a successful partnership framework.

**Meeting Details:** ■ Date: **21.04.2025** ■ Time: **12:00PM** ■ Venue: **Office of Director, Tourism, Government of Jharkhand, Second Floor School Education Building, MDI Building, Dhurwa, Ranchi 834004**

Online Meeting Link can be downloaded from dept. website www.tourism.jharkhand.gov.in/

Interested Opertors/ Bidders may download the brief document from **16/04/2025, 17:00 Hours** onwards from the Department of Tourism website:–www.tourism.jharkhand.gov.in/ and submit their confirmation for joining the discussion.

All subsequent notifications, changes and amendments will be posted only on the website www.tourism.jharkhand.gov.in

*DoT reserves the right to cancel this invitation with or without amendments to this invitation, without liability or any obligation for such invitation and without assigning any reason.*

**Director,** Tourism.

PR.NO.350529 Tourism, Art Culture Sports And Youth Affairs (25-26):D

# ବିବିଧବର୍ଣ୍ଣା



ପ୍ରତ୍ୟେକଙ୍କ ଘରେ ରସୁଣ ଏବଂ ମହୁ ଉପଲବ୍ଧ ରହିଥାଏ । ଏହାର ବ୍ୟବହାର ମଧ୍ୟ ଆମେ ଦୈନନ୍ଦିନ କରିଥାଏ । କିନ୍ତୁ ମହୁ ଏବଂ ରଶଙ୍କୁ ଏକ ସାଙ୍ଗରେ ଖାଇଲେ ସ୍ୱାସ୍ଥ୍ୟକୁ ମିଳିଥାଏ ଅନେକ ଫାଇଦା । ଭଲ ହୋଇଯାଏ ଅନେକ ରୋଗ । ବାୟୋଟିକ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ମିଳିଥାଏ । ସେହିପରି ଅନ୍ୟପକ୍ଷେ ରଶୁଣରେ ଏଲିସିନ ଏବଂ ଫାଇବର ଭଳି ତତ୍ତ୍ୱ ମିଳିଥାଏ । ଯାହାକି ଆପଣଙ୍କୁ ଅନେକ ରୋଗର ସମାଧାନ କରିଥାଏ । ମହୁରେ ବତୁରା ଯାଇଥିବା ରଶୁଣକୁ ଖାଇବା ଦ୍ୱାରା ଇମ୍ୟୁନିଟି ସିଷ୍ଟମ ବା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଏହା ଏକ ସୁରପରଫୁଡ, ଯାହା ଆଣ୍ଟିବାୟୋଟିକ ଭଳି କାର୍ଯ୍ୟ କରିଥାଏ । ଏହା ଶରୀରରୁ ବର୍ଜ୍ୟବସ୍ତୁ ବାହାର କରି ସଂକ୍ରମଣରୁ ରକ୍ଷା କରିଥାଏ । ଥଣ୍ଡା-ଜ୍ୱରରୁ ମୁକ୍ତି ପାଇବା ପାଇଁ ରଶୁଣ ଏବଂ ମହୁ ଖାଇବା ସବୁଠୁ ଭଲ ଉପାୟ । ଏହି ଦୁଇଟି ଜିନିଷ ଶରୀରକୁ ଗରମ ରଖିଥାଏ । ଏହା ଦେହରେ ହେଉଥିବା ଯନ୍ତ୍ରଣା ବା କଷ୍ଟ-ବିନ୍ଧାକୁ ମଧ୍ୟ ଦୂର କରିଥାଏ । ରସୁଣ ଏବଂ ମହୁ ଆପଣଙ୍କ ଶରୀରରୁ ବ୍ୟାଡ କୋଲେଷ୍ଟ୍ରଲକୁ ବାହାର କରିବାରେ ସାହାଯ୍ୟ କରିଥାଏ । ଏଥିରେ ରକ୍ତ ସଞ୍ଚାଳନ ଠିକ୍ ହୋଇଥାଏ । ଏଥିରେ ଏପରି ଗୁଣ ରହିଛି, ଯାହା ହୃଦୟର ଧମନୀରେ ଜମା ହୋଇଥିବା ଫ୍ୟାଟକୁ ବାହାର କରିବାରେ ସାହାଯ୍ୟ କରିଥାଏ ।



## ଏସବୁ ଖାଦ୍ୟ ଖାଇବା ପରେ ପିଅନ୍ତୁନି ପାଣି

*ଶରୀରକୁ ସୁସ୍ଥ ରଖିବାରେ ପାଣିର ଭୂମିକା ଯଥେଷ୍ଟ ରହିଥାଏ । କୁହାଯାଏ, ଜଣେ ସୁସ୍ଥ ବ୍ୟକ୍ତିଙ୍କୁ ପ୍ରତିଦିନ ୬ରୁ ୧୦ ଗ୍ଲାସ ପାଣି ପିଇବା ନିହାତି ଆବଶ୍ୟକ । କିନ୍ତୁ ଜରୁରୀ ନୁହେଁ, ସବୁ ଲୋକଙ୍କୁ ସମାନ ମାତ୍ରାର ପାଣି ପିଇବା ଦରକାର । ଶରୀରର ଆବଶ୍ୟକତା ଅନୁଯାୟୀ, ଯାହାକୁ ଯେତିକି ଦରକାର ସିଏ ସେତିକି ପାଣି ପିଇପାରିବେ । ସେହିପରି ଏମିତି କିଛି ଖାଦ୍ୟ ବି ରହିଛି; ଯାହାକୁ ଖାଇ ସାରିବା ପରେ ପାଣି ପିଇବା ମଧ୍ୟ ଆଦୌ ଠିକ୍ ନୁହେଁ । ଯେମିତିକି:*



### ଚଣା ଭଜା

ଚଣା ଭଜା ଖାଇବା ପରେ ସାଙ୍ଗେ ସାଙ୍ଗେ ଆଦୌ ପାଣି ପିଇବେ ନାହିଁ । କାରଣ ପାଣି ପିଇଦେଲେ ଚଣା ଠିକ୍‌ରେ ହଜମ ହୁଏନାହିଁ; ଯଦ୍ୱାରା ପେଟ ଦରଜ ସମସ୍ୟା ଦେଖାଯିବ ।



**ପିଜୁଳି**: ପିଜୁଳି ଖାଇବା ପରେ ମଧ୍ୟ ପାଣି ପିଇବା ଠିକ୍ ନୁହେଁ । ଏହା ଗ୍ୟାସ ସମସ୍ୟାକୁ ଡାକି ଆଣିଥାଏ ।

**ଆଇସ୍‌କ୍ରିମ**: ଆଇସ୍‌କ୍ରିମ୍ ଖାଇବା ପରେ ବି ପାଣି ପିଇଲେ ତଣ୍ଟି ଦରଜ ହେବା ସହ ଦାନ୍ତରେ ସେନ୍‌ସେଶନ୍ ସମସ୍ୟା ଦେଖାଯାଇଥାଏ ।

ଏହାଛଡ଼ା ଯେଉଁ ଫଳରେ ଜଳୀୟ ଅଂଶ ଅଧିକ ଥାଏ ଯଥା: କମଳା, କାକୁଡି, ଷ୍ଟବେରୀ, ତରଭୁଜ, ଖରଭୁଜ ଇତ୍ୟାଦି ଖାଇବା ପରେ ଆଦୌ ପାଣି ପିଅନ୍ତୁ ନାହିଁ ।





## ମାଆ ହେଲେ 'ଚକ୍ ଦେ ଇଣ୍ଡିଆ' ଅଭିନେତ୍ରୀ

'ଚକ ଦେ ଇଣ୍ଡିଆ' ଅଭିନେତ୍ରୀ ସାଗରିକା ଘାଟଗେ ଏବଂ ପୂର୍ବତନ ଭାରତୀୟ କ୍ରିକେଟର ଜାହିର ଖାନ ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି । ଏହି ଦମ୍ପତି ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୁଅର ଦୁଇଟି ଫଟୋ ଶେୟାର କରି ପ୍ରଶଂସକଙ୍କୁ ଏହି ଖୁସିଖବର ଦେଇଛନ୍ତି । ସାଗରିକା-ଜାହିରଙ୍କ ଦ୍ୱାରା ଶେୟାର କରାଯାଇଥିବା ଦୁଇଟି ଫଟୋ କଳା-ଧଳା । ଗୋଟିଏ ଫଟୋରେ, ଦମ୍ପତି ପୁଅକୁ ଧରି ପୋଜ ଦେଉଥିବାର ଦେଖାଯାଉଛି । ଦ୍ୱିତୀୟ ଫଟୋରେ, ଶିଶୁଟିର ହାତ ଦୃଶ୍ୟମାନ ହେଉଛି । ଏହି ଫଟୋ ଶେୟାର କରି, ଦମ୍ପତି କ୍ୟାପସନରେ ଲେଖିଛନ୍ତି – ପ୍ରେମ, କୃତଜ୍ଞତା ଏବଂ ଦିବ୍ୟ ଆଶୀର୍ବାଦ ସହିତ ଆମେ ଆମର ଆଦରର ଛୋଟ ଶିଶୁ ଫତେହସିଂ ଖାନଙ୍କୁ ସ୍ୱାଗତ କରୁଛୁ । ସାଗରିକା ଏବଂ ଜାହିର ନଭେମ୍ବର ୨୦୧୭ରେ ବିବାହ କରିଥିଲେ । ଜାହିର ଆଜିକାଲି ଓଟଖ ୨୦୨୫ ରେ ବ୍ୟସ୍ତ ଅଛନ୍ତି । ଏହି ସିଜନରେ ସେ ଲକ୍ଷ୍ନୌ ସୁପରଜାଏଣ୍ଟସର ବୋଲିଂ କୋଚ ଅଛନ୍ତି ।



## ପୁଣି ଧମାଲ କରିବେ ଯଶ୍

ସୁପରଷ୍ଟାର ଯଶଙ୍କ କେଜିଏଫ୍ ସମଗ୍ର ବିଶ୍ୱରେ ସଫଳତା ହାସଲ କରିଥିଲା । ଫିଲ୍ମର ଦୁଇଟି ପାର୍ଟ ବ୍ଲକବଷ୍ଟର ହେବା ପରେ ପ୍ରଶଂସକମାନେ ଏହାର ତୃତୀୟ ଭାଗକୁ ଅପେକ୍ଷା କରିଥିଲେ । ବର୍ତ୍ତମାନ ସୁପରଷ୍ଟାର ଏହି ଅପେକ୍ଷାକୁ ସମାପ୍ତ କରିଛନ୍ତି । ନିର୍ମାତା ଏକ ସ୍ୱତନ୍ତ୍ର ଭିଡିଓ ସେୟାର କରି କଏର ୨ ର ୩ ବର୍ଷର ସମାପ୍ତିକୁ ପାଳନ କରିଛନ୍ତି ଏବଂ ଏହା ସହ ଚାପ୍ଟର-୩ ମଧ୍ୟ ଘୋଷଣା କରିଛନ୍ତି । ବ୍ଲକବଷ୍ଟର ଚଳଚ୍ଚିତ୍ର କେଜିଏଫ୍: ଚାପ୍ଟର ୨, ଯାହା ଏପ୍ରିଲ୍ ୨୦୨୨ ରେ ରିଲିଜ୍ ହୋଇଥିଲା, ଏବେ ଏହାକୁ ତିନି ବର୍ଷ ପୂରିଛି । ଏହି ଅବସରରେ ପ୍ରଡକ୍ସନ୍ ହାଉସ୍ ହୋମ୍ବଲେ ଫିଲ୍ମସ୍ ଏକ ସ୍ୱତନ୍ତ୍ର ଭିଡିଓ ମୋଣ୍ଟେଜ୍ ସେୟାର କରି ଫିଲ୍ମର ସ୍ମରଣୀୟ ମୂହୁର୍ତ୍ତଗୁଡିକ ପ୍ରଦର୍ଶନ କରିଥିଲା । ଏହା ସହିତ ସେ କ୍ୟାପସନ୍ ଲେଖିଥିଲେ, 'କଏରଉଷବକ୍ତ୍ରୱରକ୍ୱ୨ ର ୩ ବର୍ଷ ପାଳନ କରିବା । ସିଲଭର ସ୍କ୍ରିନକୁ ଥରାଇ ଦେଇଥିବା ଏକ ଭୟଙ୍କର ଝଡ, ପ୍ରେକ୍ଷାଳୟକୁ ଉତ୍ସବର ମଞ୍ଚରେ ପରିଣତ କଲା । ଭିଡିଓର ଶେଷରେ ଏହା ଏକ ଭଏସ୍ ଓଭର ଥିଲା ଯାହା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛି । ଭଏସ୍ ଓଭରରେ କୁହାଯାଉଛି, 'କେଜିଏଫ୍ ର କାହାଣୀ ... ରକିଙ୍କ କାହାଣୀ... ଏହା ଅସମ୍ପୂର୍ଣ୍ଣ ରହିପାରିବ ନାହିଁ । ଏହା ପରେ ତୁରନ୍ତ, 'କେଜିଏଫ୍ ଅଧ୍ୟାୟ ୩' ପରଦାରେ ଦୃଶ୍ୟମାନ ହୁଏ ଏବଂ ରକି ଭାଇ କୁହନ୍ତି – 'ଶୀଘ୍ର ଦେଖାହେବା' । ଏକ ସାକ୍ଷାତକାରରେ ଯଶ ନିଜେ ନିଶ୍ଚିତ କରିଛନ୍ତି ଯେ କେଜିଏଫ୍ ୩ ପାଇପଲାଇନରେ ଅଛି । ରକି ଭାଇ ଭୂମିକାରେ ଅଭିନୟ କରିଥିବା ଯଶ କହିଥିଲେ, 'କେଜିଏଫ୍ ୩' ନିଶ୍ଚିତ ଭାବେ ପ୍ରସ୍ତୁତ ହେବ । କିନ୍ତୁ ମୁଁ ଏବେ ଦୁଇଟି ପ୍ରୋଜେକ୍ଟ ଉପରେ ଧ୍ୟାନ ଦେଉଛି ।



## ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଫେରୁଛନ୍ତି ରାଧିକା

ଉଭୟ ବଲିଉଡ୍ ଓ ଆଞ୍ଚଳିକ ସିନେମାରେ ଦମ୍‌ଦାର ଓ ଅଣପାରମ୍ପରିକ ଭୂମିକା ନିର୍ବାହ କରିଛନ୍ତି ରାଧିକା ଆପ୍‌ଟେ । ଏବେ ସେ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଫେରୁଛନ୍ତି । ପୁରୀ ଜଗନ୍ନାଥଙ୍କ ନିର୍ଦ୍ଦେଶିତ ଏକ ପାନ୍-ଇଣ୍ଡିଆ ପ୍ରୋଜେକ୍ଟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଖିବାକୁ ପାଇବେ ଦର୍ଶକ । ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ ବିଜୟ ସେତୁପତି । ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ତବୁ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ବିଜୟ ସେତୁପତିଙ୍କ ଅପୋଜିଟ୍‌ରେ ନଜର ଆସିବେ ରାଧିକା । ଫିଲ୍ମ ଏବେ ପ୍ରି-ପ୍ରଡକ୍ସନ୍ ପର୍ଯ୍ୟାୟରେ ଅଛି । କାଷ୍ଟିଂ ଓ ଅନ୍ୟ ପ୍ରସ୍ତୁତି ଚାଲିଛି । ଆସନ୍ତା ଜୁନ୍‌ରେ ଫିଲ୍ମଟି ସୁଟିଂ ଫ୍ଲୋର୍‌କୁ ଆସିବ ବୋଲି ଆଶା କରାଯାଉଛି । ଫିଲ୍ମମେକର ଅଦ୍ୟାବଧି ଷ୍ଟାରକାଷ୍ଟ ଓ କ୍ରୁ ଟିମ୍‌ର ନାଁ ଘୋଷଣା କରିନାହାନ୍ତି । ରାଧିକା ତେଲୁଗୁ ଇଣ୍ଡଷ୍ଟ୍ରିରେ ...ଧୋନି' ଓ 'ଲିଜେଣ୍ଡ୍' ଭଳି ଫିଲ୍ମ ଜରିଆରେ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିବା ପରେ ସାଉଥ୍ ...ନ ଇଣ୍ଡଷ୍ଟ୍ରିରୁ ବ୍ରେକ୍ ନେଇଥିଲେ । ସେ ଏହି ଦମ୍‌ଦାର କମ୍‌ବ୍ୟାକ୍ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ... ମରାଠୀ, ତାମିଲ ଓ ବଙ୍ଗଳା ଫିଲ୍ମ ସିନେ ଇଣ୍ଡଷ୍ଟ୍ରିରେ କାମ କରି ସେ ଖୁବ୍ ଲୋକପ୍ରିୟତା ...ରିଛନ୍ତି । 'ପ୍ୟାଡ୍ ମ୍ୟାନ୍', 'ଅନ୍ଧାଧୂନ୍', 'କବାଲି' ଓ ନେଟ୍‌ଫ୍ଲିକ୍ସ ସିରିଜ୍ 'ସାକ୍ରେଡ୍ ଗେମ୍ସ'ରେ ...ୟ ଦକ୍ଷତାର ପ୍ରମାଣ ସେ ଦେଇସାରିଛନ୍ତି । ଅଭିନୟ ସମେତ ରାଧିକା ନିଜର ଅପ୍‌କମିଙ୍ଗ ହିନ୍ଦୀ-ମରାଠୀ ଆକ୍ସନ୍- ଫାଣ୍ଟାସି ଫିଲ୍ମ 'କୋଟ୍ୟା' ଜରିଆରେ ନିର୍ଦ୍ଦେଶନା ଦୁନିଆରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି ।





## 'ନାଗଜିଲ୍ଲା'ରେ କାର୍ତ୍ତିକଙ୍କ ଡବଲ୍ ରୋଲ୍

ହିନ୍ଦୀ ସିନେ ଦୁନିଆର ଅନ୍ୟତମ ସଫଳ ଯୁବ ଷ୍ଟାର୍ କାର୍ତ୍ତିକ ଆର୍ଯ୍ୟନ ବକ୍ସ ଅଫିସ୍‌ରେ ବଡ଼ ଧମାକା କରିବାକୁ ଯାଉଛନ୍ତି । ନିର୍ଦ୍ଦେଶକ ଅନୁରାଗ ବାସୁଙ୍କ ସହ ଅପ୍‌କମିଙ୍ଗ ଫିଲ୍ମରେ ସେ ନଜର ଆସିବେ । ଏହା ପରେ କରନ ଜୋହରଙ୍କ ପ୍ରଯୋଜିତ 'ତୁ ମେରୀ ମେଁ ତେରା ମେଁ ତେରା ତୁ ମେରୀ' ଓ 'ନାଗଜିଲ୍ଲା'ରେ ନଜର ଆସିବେ । ଫିଲ୍ମ 'ନାଗଜିଲ୍ଲା'ରେ କାର୍ତ୍ତିକଙ୍କ ଡବଲ୍ ରୋଲ୍ ରହିବ । ମଣିଷ ଓ ସାପ ମଧ୍ୟରେ ସଂଘର୍ଷ ଉପରେ ଫିଲ୍ମଟି ପର୍ଯ୍ୟବସିତ । 'ଯଓ୍ୱାନ'ରେ ଶାହରୁଖ୍‌ଙ୍କ ଭଳି ଏହି ଫିଲ୍ମରେ କାର୍ତ୍ତିକ ଉଭୟ ହିରୋ ଓ ଭିଲେନ୍ ଭୂମିକାରେ ନଜର ଆସିବେ । କିନ୍ତୁ କାହାଣୀରେ ଏକ ଟ୍ୱିଷ୍ଟ୍ ରହିବ । 'ନାଗଜିଲ୍ଲା' ଜରିଆରେ ନିର୍ଦ୍ଦେଶନା ଦୁନିଆରେ ଏଣ୍ଟ୍ରି କରିବେ ମୃଗଦୀପ ସିଂହ ଲାମ୍ବା । ଫିଲ୍ମକୁ ବଡ଼ ବଜେଟ୍‌ରେ ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶକ ମୃଗଦୀପ ଓ ପ୍ରଯୋଜକ ମହାବୀର ଜୈନ କରନ ଜୋହରଙ୍କ ସହ ସହଭାଗିତା କରିଛନ୍ତି । 'ତୁ ମେରୀ ମେଁ ତେରା ମେଁ ତେରା ତୁ ମେରୀ' ଫିଲ୍ମର ସୁଟିଂ ଶେଷ ହେବା ପରେ 'ନାଗଜିଲ୍ଲା'ର ସୁଟିଂ ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହେବ । ୨୦୨୬, ଦ୍ୱିତୀୟାର୍ଦ୍ଧରେ ଫିଲ୍ମଟି ମୁକ୍ତିଲାଭ କରିବ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସିଦୋଳ ପଞ୍ଚାୟତ ଅଧୀନ ଆରୁହା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଶ୍ରୀଜଗନ୍ନାଥଙ୍କୁ ଆରାଧନା ସହ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ପୂର୍ବାହ୍ଣରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଗୋରୁପୂଜା, ଷୋଡ଼ଶ ଉପଚାର ପୂଜା ସହିତ ଜଳଛତ୍ର ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ଦିବ୍ୟ ଚେତନା ଅଭିଯାନ ସହ ଭକ୍ତି ଚେତନା ମଞ୍ଚ ଅନୁଷ୍ଠିତହୋଇଥିଲା। ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧ୍ୟାତ୍ମିକ ସଭାରେ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସହଆବାହକ ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରବଚିକା ସୁଶ୍ରୀ ତପସ୍ୱିନୀ ପାତ୍ରୀ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହାତ୍ମ୍ୟ ଉପରେ ପ୍ରବଚନ ଦେଇଥିଲେ। ସମିତିର ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ଶେଷରେ ଶରତ ଚନ୍ଦ୍ର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧି ଭାବଗ୍ରାହୀ ମଲ୍ଲିକ୍, ସୀମାଚଳ ମହାପାତ୍ର, ତାଳପଦା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧି କ୍ଷୀରୋଦ କୁମାର ମହାପାତ୍ରଙ୍କ ସମେତ ଗ୍ରାମବାସୀ ଓ ମନ୍ଦିର ପରିଚାଳନା ସଭ୍ୟବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

# ୧୦ଦଫା ଦାବି ନେଇ ଶ୍ରମିକଙ୍କ ବିକ୍ଷୋଭ




କେନ୍ଦୁଝର, (ଭାସ୍କର ନ୍ୟୁଜ): ଓଡ଼ିଶା ଖଣି ନିଗମ ରାଜ୍ୟର ସବୁଠାରୁ ଅଧିକ ଲାଭଦାୟକ ପବ୍ଲିକ ସେକ୍ଟର ସଂସ୍ଥା ହୋଇଥିଲେ ହେଁ ଠିକାଦାର ଅଧିନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ବିଭିନ୍ନ ସୁବିଧା ସୁଯୋଗ ମିଳୁନାହିଁ। ଏହାର ପ୍ରତିବାଦରେ ୧୦ଦଫା ଦାବି ପୂରଣ ନେଇ ଆଜି ଶୁଆକାଟି ସ୍ଥିତ ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସି ଜିଲ୍ଲା କମିଟି ପକ୍ଷରୁ ଏକ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା କେନ୍ଦୁଝର ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ୧ହଜାରରୁ ଅଧିକ ଶ୍ରମିକ ଯୋଗ ଦେଇଥିଲେ। ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ ଜିଲ୍ଲାରେ ଥିବା ୭ଟି ଲୌହ, ମାଙ୍ଗାନିଜ ଖଣିରେ ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ୭ହଜାରରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଛନ୍ତି। ବର୍ଷବର୍ଷ ଧରି ଶ୍ରମିକମାନେ ଠିକାଦାର ଅଧିନରେ କାମ କରୁଥିଲେ ମଧ ସେମାନଙ୍କୁ ଇନ୍କ୍ରିମେଣ୍ଟ, ପଦୋନ୍ନତି ମିଳେନାହିଁ କିମ୍ବା ବାସଗୃହ, ଚିକିତ୍ସା ସୁବିଧା ଇତ୍ୟାଦି ମିଳୁନାହିଁ। ଠିକାଦାର ଅଧିନରେ କାମ କରୁଥିବା ଶ୍ରମିକମାନଙ୍କୁ ଶତକଡା ୮.୩୩ ହାରରେ ବର୍ଷମିକ ବୋନସ ମିଳୁଥିବା ବେଳେ ଓଡ଼ିଶା ଖଣି ନିଗମ ଅଧିନରେ କାମ କରୁଥିବା ଶ୍ରମିକ ଏବଂ କର୍ମଚାରୀମାନଙ୍କୁ ଶତକଡା ୨୦ହାରରେ ବୋନସ ଦିଆଯାଉଛି। ଏହିଅସଂଗତି ନେଇ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିଲେ ହେଁ ଓଡ଼ିଶା ଖଣି ନିଗମ ଠିକାଦାରଙ୍କ ଦାବି ପ୍ରତି ଅଣଦେଖା କରିଆସୁଛି। ଏପରିକି ୫୦ବର୍ଷରୁ ଅଧିକ ସମୟରୁ ନିଗମରେ ଠିକାଦାର ଅଧିନରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ମିଳୁଥିବା ବାର୍ଷିକ ୧୮ ଦିନର ସିକ୍ ଲିଭ୍, ବାର୍ଷିକ ୧୫ଦିନର ପ୍ରପନେନ୍ସ ଗ୍ରାଚ୍ୟୁଇଟି ମଧ ୨୦୧୧ମସିହା ଠାରୁ ବନ୍ଦ କରି ଦିଆଯାଇଛି। ଅନ୍ୟ ପ୍ରମୁଖ ଦାବିଗୁଡିକ ମଧ୍ୟରେ ବିଭାଗୀୟ ଶ୍ରମିକମାନଙ୍କ ଭଳି ସମସ୍ତ ଠିକାଦାର ଶ୍ରମିକମାନଙ୍କୁ ୨୦ଶତକଡା ବୋନସ ଓ ଗିଫ୍ଟ ପ୍ରଦାନ କରାଯାଉ, ଶ୍ରମିକମାନଙ୍କ ବାସଗୃହ ଯୋଗାଇ ଦିଆଯାଉ କିମ୍ବା ଘରଭଡା ପ୍ରଦାନ କରାଯାଉ, ସମସ୍ତ ଠିକାଦାର ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉ, ଶ୍ରମିକମାନଙ୍କୁ ଗ୍ରୁପ ଇନ୍ସୁରାନ୍ସ କରାଯିବା ସହ ମୃତ୍ୟୁକାଳୀନ ସହାୟତା ଯୋଗାଇ ଦିଆଯାଉ, ସମସ୍ତ ଠିକାଦାର ଶ୍ରମିକମାନଙ୍କୁ ଇଏସ୍ଆଇ ସୁବିଧା ଯୋଗାଇ ଦିଆଯାଉ, ଚାକିରୀ ସମୟ ଭିତରେ କୌଣସି ଠିକାଦାର ଶ୍ରମିକଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଉ, ମାସିକ ୩୭୦୦୦ଟଙ୍କା ହିସାବରେ ଆଲାଉନ୍ସ ଦିଆଯାଉ ଆଦି ଦାବିରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭ ସମାବେଶରେ ଏଆଇଟିୟୁସିର ଉପ ସାଧାରଣ ସମ୍ପାଦକ କପିଳ ମହାନ୍ତି, ଉପ ସଭାପତି କାହ୍ନୁଚରଣ ସାମଲ, ଶ୍ରୀହରି ଘଣା, ରାଜାରାମ ମୁଣ୍ଡା, କନ୍ଦୁ ଜାମ୍ପା, ହୃଦାନନ୍ଦ ପାତ୍ର, ବିରଞ୍ଚ ଦେହୁରୀ, ମାର୍କଣ୍ଡ ଦେହୁରୀ, ଖଗେଶ୍ୱର ମହାନ୍ତ, ବାଗରା ଚାତାର ପ୍ରମୁଖ ବକ୍ତବ୍ୟ ରଖିବା ସହ ଆନ୍ଦୋଳନରେ ସାମିଲହୋଇଥିଲେ। ଶେଷରେ ଆଞ୍ଚଳିକ ପରିଚାଳକଙ୍କ ଜରିଆରେ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା।

# ବେତା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ



ଆଳି, (ଭାସ୍କର ନ୍ୟୁଜ): ଆଳି ବ୍ଲକ ନମୌଜାରେ ଅବସ୍ଥିତ ବେତା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଉଦଯାପିତ ହୋଇ ଯାଇଛି। ବୁଧବାର ଦିନରୁ ଆରମ୍ଭ ହୋଇ ପ୍ରଥମ ଦିନରେ ଗ୍ରାମରେ କଳସ ଶୋଭାଯାତ୍ରା ପରେ ନିତାଇ ଗୌରାଙ୍ଗ ମୂର୍ତ୍ତି ପ୍ରତିଷ୍ଠା କରା ଯାଇ ଅଧିବାସ ହୋଇଥିଲା। ଦ୍ୱିତୀୟ ଦିନରେ ଅହୋରାତ୍ର ନାମ ସଂକୀର୍ତ୍ତନ ଓ ରାତିରେ ଆରତୀ କାର୍ଯ୍ୟକ୍ରମ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଚବିଶ ପ୍ରହର ଅର୍ଥାତ୍ ତିନି ଦିନ ତିନି ରାତିଧରି ସଙ୍କୀର୍ତ୍ତନ ଓ ରାତିରେ ଆରତୀ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ସଙ୍କୀର୍ତ୍ତନ ମଣ୍ଡଳୀ ଙ୍କ ସମାଗମ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ରବିବାର ଅର୍ଥାତ ଶେଷଦିନରେ ଉପସ୍ଥିତ ଥିବା ସଙ୍କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମର ସବୁ ଯୁବକ, କିଶୋର ଏକାଠି ହୋଇ ନଗର କୀର୍ତ୍ତନ କରି ବେତା, ବଡ଼ାମ୍ବିଳା, ମୃଗନୟନୀ ଓ ଗମ୍ଭାରିଆ ପରିକ୍ରମା ପରେ ଅପରାହ୍ନରେ ମଣ୍ଡଳୀ ମଧ୍ୟରେ ପ୍ରବେଶ କରିଥିଲେ। ସେଠାରେ ଉଦଯାପନୀ ନଦିଆ କୀର୍ତ୍ତନ ପରେ ମଣ୍ଡଳୀ ପରିକ୍ରମା କରି ଦହି ହାଣ୍ଡି ଭଙ୍ଗା ଯାଇ ସଂକୀର୍ତ୍ତନ ଉଦଯାପିତ ହୋଇଥିଲା। ପାଞ୍ଚ ଦିନ ଧରି ସମସ୍ତ ଗ୍ରାମବାସୀ ଓ ଅତିଥି ମାନଙ୍କ ଏକତ୍ର ପଂକ୍ତିଭୋଜନ ପୁରା ଗ୍ରାମ ଗୋଟିଏ ପରିବାର ଭଳି ପ୍ରତିୟମାନ ହୋଇଥିଲା। ବିଭିନ୍ନ ବ୍ଲକ ରୁ ୧୫ ଦଳ କୀର୍ତ୍ତନ ମଣ୍ଡଳି ଏଥିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ମାନଙ୍କ ସହ ଯୁବକ ମାନେ ପରିଚାଳନା କରିଥିଲେ। ଆଳି ବ୍ଲକ ନମୌଜାରେ ଅବସ୍ଥିତ ବେତା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଉଦଯାପିତ ହୋଇ ଯାଇଛି। ବୁଧବାର ଦିନରୁ ଆରମ୍ଭ ହୋଇ ପ୍ରଥମ ଦିନରେ ଗ୍ରାମରେ କଳସ ଶୋଭାଯାତ୍ରା ପରେ ନିତାଇ ଗୌରାଙ୍ଗ ମୂର୍ତ୍ତି ପ୍ରତିଷ୍ଠା କରା ଯାଇ ଅଧିବାସ ହୋଇଥିଲା। ଦ୍ୱିତୀୟ ଦିନରେ ଅହୋରାତ୍ର ନାମ ସଂକୀର୍ତ୍ତନ ଓ ରାତିରେ ଆରତୀ କାର୍ଯ୍ୟକ୍ରମ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଚବିଶ ପ୍ରହର ଅର୍ଥାତ୍ ତିନି ଦିନ ତିନି ରାତିଧରି ସଙ୍କୀର୍ତ୍ତନ ଓ ରାତିରେ ଆରତୀ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ସମାଗମ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ରବିବାର ଅର୍ଥାତ ଶେଷ ଦିନ ରେ ଉପସ୍ଥିତ ଥିବା ସଙ୍କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମର ସବୁ ଯୁବକ, କିଶୋର ଏକାଠି ହୋଇ ନଗର କୀର୍ତ୍ତନ କରି ବେତା, ବଡ଼ାମ୍ବିଳା, ମୃଗନୟନୀ ଓ ଗମ୍ଭାରିଆ ପରିକ୍ରମା ପରେ ଅପରାହ୍ନରେ ମଣ୍ଡଳୀ ମଧ୍ୟରେ ପ୍ରବେଶ କରିଥିଲେ। ସେଠାରେ ଉଦଯାପନୀ ନଦିଆ କୀର୍ତ୍ତନ ପରେ ମଣ୍ଡଳୀ ପରିକ୍ରମା କରି ଦହି ହାଣ୍ଡି ଭଙ୍ଗା ଯାଇ ସଂକୀର୍ତ୍ତନ ଉଦଯାପିତ ହୋଇଥିଲା। ପାଞ୍ଚ ଦିନ ଧରି ସମସ୍ତ ଗ୍ରାମବାସୀ ଓ ଅତିଥି ମାନଙ୍କ ଏକତ୍ର ପଂକ୍ତିଭୋଜନ ପୁରା ଗ୍ରାମ ଗୋଟିଏ ପରିବାର ଭଳି ପ୍ରତିୟମାନ ହୋଇଥିଲା। ବିଭିନ୍ନ ବ୍ଲକ ରୁ ୧୫ ଦଳ କୀର୍ତ୍ତନ ମଣ୍ଡଳି ଏଥିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀମାନଙ୍କ ସହ ଯୁବକମାନେ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଜଳଛତ୍ର ଶିବିର

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଷୁବ ସଂକ୍ରାନ୍ତି ଅବସରରେ ପାଳିଆ ବଜାର ସ୍ଥିତ ସୁଭାସ ବୋଷ୍ ଛକ ନିକଟରେ ଏକ ଜଳଛତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ବରିଷ୍ଠ ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସଂଘର ସଭାପତି ରଘୁନାଥ ପଶୁପାଳକ, ବରିଷ୍ଠ ସଭ୍ୟ ଇଂ ମହେଶ ପ୍ରସାଦ ଦାସ, ସଂପାଦକ ଅକ୍ଷୟ କୁମାର ବିଶ୍ୱାଳ, ସଦସ୍ୟ ସୁଦର୍ଶନ ସାହୁ ଯୋଗ ଦେଇ ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଆମ୍ବେଦକର ଜୟନ୍ତୀ ସମ୍ପର୍କରେ କହିଥିଲେ। ସଂଘର ବରିଷ୍ଠ ସଭ୍ୟ ଗଜେନ୍ଦ୍ର ପଲେଇ, ସୁବାସ ଚନ୍ଦ୍ର ପାତ୍ର, ଧନେଶ୍ୱର ବିଶ୍ୱାଳ, ଯୁଧିଷ୍ଠିର ବଳ, ବାଣୀପଦ ସାହୁ, ବ୍ୟବସାୟୀ ବିଜୟ ବିଶ୍ୱାଳ, ବିଜୟ ପାତ୍ର, ସୁବାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶିବିରରେ ଜଳଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଜଳଛତ୍ର ଏକମାସ ଧରି ଚାଲିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ଏକ ୫ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ଆସାମୀ ହେଉଛି ପଟ୍ଟାମୁଣ୍ଡାଇ ମଡେଲ ଥାନା(ବର୍ତ୍ତମାନ ଗ୍ରାମାଞ୍ଚଳ ଥାନା) ଅଞ୍ଚଳର ଚନ୍ଦ୍ରଶେଖର ମଲ୍ଲିକ। ନାବାଳିକା ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ନାବାଳିକାଟି ତାଙ୍କ ମାଙ୍କ ପାଖରେ ଶୋଇଥିଲେ। ତାଙ୍କ ମା' ୨୦୨୦ ମସିହା ଫେବୃୟାରୀମାସ ୨୭ ତାରିଖ ରାତି ପ୍ରାୟ ୪ଟାରେ ଶେଜରୁ ଉଠି ବାସନ ମାଜିବାକୁ ବାରି ପଛକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଚନ୍ଦ୍ରଶେଖର ନାବାଳିକାଙ୍କ ଘରକୁ ପଶି ଶୋଇଥିବା ଅବସ୍ଥାରେ ନାବାଳିକାଙ୍କୁ ବଳାତ୍କାର କରିଥିଲା। ନାବାଳିକା ଜଣକ ଯନ୍ତ୍ରଣାରେ ଚିତ୍କାର କରିବାରୁ ନାବାଳିକାଙ୍କ ବୁଢି ମା' ଘଟଣା ସ୍ଥଳକୁ ଆସି ଅଭିଯୁକ୍ତକୁ ବିରୋଧ କରିଥିଲେ। ଅଭିଯୁକ୍ତ ଫେରାର ହୋଇଯାଉଥିବା ସମୟରେ ପରିବାର ସଦସ୍ୟମାନେ ତାଙ୍କୁ କାବୁ କରିନେଇଥିଲେ। ଖବର ପାଇ ଅଭିଯୁକ୍ତର ବାପା ଜଗବନ୍ଧୁ ମଲ୍ଲିକ ଘଟଣା ସ୍ଥଳକୁ ୪/୫ ଜଣ ସହଯୋଗୀଙ୍କ ସହ ଆସି ନାବାଳିକାର ପରିବାର ସଦସ୍ୟଙ୍କୁ ଧମକ ଦେଇଥିଲା। ଘଟଣା ଥାନାକୁ ନେଲେ ପରିବାରର ସମସ୍ତ ସଦସ୍ୟଙ୍କୁ ହତ୍ୟା କରିବ ବୋଲି କହି ପୁଅକୁ ଯୋର ଜବରଦସ୍ତ ଛଡାଇ ନେଇ ଯାଇଥିଲା। ନାବାଳିକାର ମା' ଏ ନେଇ ପଟ୍ଟାମୁଣ୍ଡାଇ ମଡେଲ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ଏଥିସହ ନାବାଳିକା ପିନ୍ଧିଥିବା ପୋଷାକକୁ ପରୀକ୍ଷା ପାଇଁ ରାଜ୍ୟ ଫରେନ୍‌ସିକ ଲାବୋରେଟୋରୀକୁ ପଠାଇଥିଲା। ଏହାପରେ ଫେରାର ଥିବା ଅଭିଯୁକ୍ତ ଓ ଗଣ୍ଡଗୋଳ କରିଥିବା ଅଭିଯୁକ୍ତର ବାପାକୁ ପଟ୍ଟାମୁଣ୍ଡାଇ ମଡେଲ ଥାନା ପୋଲିସ ଗିରଫ କରି ଜେଲ ପଠାଇଥିଲା। ଏ ନେଇ ମଡେଲ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ୨୦୨୦ ଏପ୍ରିଲ ମାସ ୧୬ ତାରିଖରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

## ପୁବଂଶ ଲୁଣାନଦୀ ସେତୁରେ ଗର୍ତ୍ତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମ ପଂଚାୟତ ପୁବଂଶ ଲୁଣାନଦୀ ସେତୁରେ ଗର୍ତ୍ତ ସୃଷ୍ଟି ହୋଇଥିବା ଯୋଗୁ ସାଧାରଣରେ ଆତଙ୍କ ଖେଳିଯାଇଛି। ଏହାର ପ୍ରତିକାର ଦିଗରେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏଠାରେ ଏକ ବଡ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ସେତୁବନ୍ଧଟି କଟକ କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲାକୁ ସଂଯୋଗ କରିଥାଏ। ଏହି ସେତୁ ଉପରେ ଦୈନନ୍ଦିନ ଶହ ଶହ ଯାନବାହାନ ଗମନା ଗମନ କରୁଥିଲା ବେଳେ ସ୍ଥାନୀୟ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ଯାଆ ଆସ କରିଥାନ୍ତି। ତେବେ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତାକେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଅଧିନରେ ରହିଥିଲା ବେଳେ ଏହି ରାସ୍ତାଟି ମନ୍ତ୍ରୀ ଯନ୍ତ୍ରୀ ବିଧାୟକ ଓ ଠିକାଦାରଙ୍କ ନିମନ୍ତେ ଲେଉଟିଆ କିଆରୀରେ ପରିଣତ ହୋଇଛି। ପ୍ରତିବର୍ଷ ଏହି ରାସ୍ତା ଓ ସେତୁ ମରାମତି ନାମରେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଥିଲା ବେଳେ ସଂଯୋଗୀ କରଣ ରାସ୍ତା ଓ ସେତୁର ଭାଗ୍ୟ ପରିବର୍ତ୍ତନ ହେଉନଥିବାର ଅଭିଯୋଗ ହୋଇଛି। ଏହି ଗର୍ତ୍ତକୁ ତୁରନ୍ତ ମରାମତି କରାନଗଲେ ଆଗାମୀ ଦିନରେ ଏଠାରେ ଏକ ବଡ ଧରଣର ଅଘଟଣ ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଅସ୍ତରଙ୍ଗରେ କଂଗ୍ରେସର ମଶାଲ ଶୋଭାଯାତ୍ରା




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ସମଗ୍ର ଓଡିଶାରେ ନାରୀ ନିର୍ଯାତନା, ଗଣ ବଳତ୍କାର ଏବଂ ହତ୍ୟା ବଢ଼ିବାକୁ ଲାଗିଛି। ଏହାକୁ କଂଗ୍ରେସ ଦଳ ବିଭିନ୍ନ ସମୟରେ ବିରୋଧ କରୁଛି। ହେଲେ ନାରୀଙ୍କ ସୁରକ୍ଷା ପ୍ରତି ବିଜେପି ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାଶ ଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱଭୂଷଣ ଦାଶଙ୍କ ଆହ୍ୱାନରେ ମଙ୍ଗଳବାର ସନ୍ଧ୍ୟା ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କଂଗ୍ରେସ ଦଳ ତରଫରୁ ଅସ୍ତରଙ୍ଗ ମୁଖ୍ୟ ବଜାର ତାରିଣୀ ମନ୍ଦିର ଠାରୁ ଥାନା ପର୍ଯ୍ୟନ୍ତ ଶତାଧିକ କଂଗ୍ରେସ କର୍ମୀ ମଶାଲ ଶୋଭାଯାତ୍ରା କରିଥିଲେ। କଂଗ୍ରେସ କର୍ମୀ ତୁଷାରକାନ୍ତ ନାୟକ କହିଥିଲେ ବିଜେପି ସରକାର ଆସିବା ଫଳରେ ନାରୀ ନିର୍ଯାତନା ବଢ଼ି ଚାଲିଛି, ନିର୍ବାଚିତ ବିଧାୟକ ମାନେ ସୁରକ୍ଷିତ ନୁହନ୍ତି ସାଧାରଣ ଲୋକ ଙ୍କ କଥା ପଚାରେ କିଏ? କଂଗ୍ରେସ ଆନ୍ଦୋଳନ କୁ ଯଦି ତୀବ୍ରତର ନ କରିବ ସରକାର ଙ୍କ ଉପରେ ଚାପ ସୃଷ୍ଟି ନକରିବ ତାହା ହେଲେ ବିହାର ରାଜ୍ୟ ଠାରୁ ବଳି ଯିବ। କଂଗ୍ରେସ କର୍ମୀ ସୁକାନ୍ତ ମହାନ୍ତି କହିଥିଲେ ପୂର୍ବ ସରକାର ଠାରୁ ଏ ସରକାର ନାରୀ ନିର୍ଯାତନା ରେ ବଳି ଗଲେ। ନାରୀ ନିର୍ଯାତନା ବଢ଼ି ଚାଲିଛି, ୧୦ମାସରେ ନାରୀ ନିର୍ଯାତନା ବୃଦ୍ଧି ପାଇଛି। ଏହି ଶୋଭାଯାତ୍ରା ରେ ବ୍ଲକ କଂଗ୍ରେସ ସମସ୍ତ ନେତୃ ମଣ୍ଡଳୀ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ କର୍ମକର୍ତ୍ତା ମଶାଲ ଶୋଭାଯାତ୍ରା ସାମିଲ ହୋଇ ଡବଲ ଇଂଜିନ ସରକାର ଉପରେ ବର୍ଷି ଥିଲେ।

# ଫାଇଲେରିଆ ଚିହ୍ନଟ ପାଇଁ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ



କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ କରଞ୍ଜିଆ ଏନଏସିର ୱାର୍ଡ ନମ୍ବର ୧୧ଠାରେ ଏକ ଫାଇଲେରିଆ ଚିହ୍ନଟ ନିମିତ୍ତ ରାତ୍ରିକାଳୀନ ରକ୍ତନମୁନାସଂଗ୍ରହ କାର୍ଯ୍ୟକ୍ରମ ଗତକାଲି ରାତ୍ରି ରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଇଲଟ ପ୍ରେଜକ୍ଟ ଭାବେ କରଞ୍ଜିଆ ଏନଏସିର ୱାର୍ଡ ନମ୍ବର ୧୦,୧୧,୧୫ରେ ଚଳିତ ମାସ ଏପ୍ରିଲ ୧୪ ଠାରୁ ୧୬ ପର୍ଯ୍ୟନ୍ତ ଏହି ରାତ୍ରକାଳୀନ ଫାଇଲେରିଆ ଚିହ୍ନଟ ନିମେନ୍ତ ରକ୍ତ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ଆୟୋଜିତ ହେଉଅଛି। ୱାର୍ଡ ନମ୍ବର ୧୦ର ଆଶା କର୍ମୀ ବିନତା ବେହେରା ଏବଂ ଅଙ୍ଗନୱାଡି କର୍ମୀ ସବିତା ସହରଙ୍କ ତତ୍ୱାବଧାନରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟର ଭିବିଡିଟିଏସ ମାନସ କୁମାର ମାଟିଆ, ଏଲଟି ମେନାଜ କୁମାର ରାଉତ, ରଚୋକଶ କୁମାର ମହାନ୍ତ ସହେଯାଗିତାରେ ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ଚିହ୍ନଟ ହୋଇଥିବା ରୋଗୀଙ୍କୁ ବ୍ୟକ୍ତିଗତ ଭାବେ ସୂଚନା ପ୍ରଦାନ କରାଯିବା ସହିତ ଔଷଧ ପ୍ରଦାନ କରାଯାଇ ଫାଇଲେରିଆର ସ୍ୱମ୍ପୂର୍ଣ୍ଣ ନିରାକରଣ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫାଇଲେରିଆ ନିରାକରଣ ଅଭିଯାନରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ରାତ୍ରକାଳୀନ ଫାଇଲେରିଆ ଚିହ୍ନଟ ନିମେନ୍ତ ରକ୍ତ ନମୁନା ସଂଗ୍ରହ ମାଧମରେ ଫାଇଲେରିଆର ସ୍ୱମ୍ପୂର୍ଣ୍ଣ ନିରାକରଣର ଲକ୍ଷ ରହିଛି। ଏହି ଶିବିର ମାଧମରେ ତିନିଶହ ବ୍ୟକ୍ତିଙ୍କ ରକ୍ତନମୁନା ସଂଗ୍ରହର ଲକ୍ଷ୍ୟ ରଖାଯାଇଥିବା ଭିବିଡିଟିଏସ ମାନସ କୁମାର ମାଟିଆ ପ୍ରକାଶ କରିଛନ୍ତି।

## କୁବେର ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଆଠମଲ୍ଲିକ, (ଭାସ୍କର ନ୍ୟୁଜ୍): ଆଠମଲ୍ଲିକ ବ୍ଲକ ସହକାରୀ ଯନ୍ତ୍ରୀ ରାମ ଚନ୍ଦ୍ର ଶତପଥି କିଛିଦିନ ହେବ ଛୁଟିରେ ଥିଲେ। ବୁଧବାର ନିଜ ଢେଙ୍କାନାଳ ସ୍ଥିତ ବାସଭବନରୁ ଭିଜିଲାନ୍ସ ବିଭାଗ ର ଟିମ ତାଙ୍କୁ ଗିରଫ କରି ଆଠମଲ୍ଲିକ ବ୍ଲକକୁ ଆଣିଥିଲେ ଏବଂ ଏଠାରୁ କିଛି ସରକାରୀ କାଗଜପତ୍ର ନେଇ ତଦନ୍ତ ପାଇଁ ଢେଙ୍କାନାଳ, କଟକ କଳାହାଣ୍ଡି ଇତ୍ୟାଦି ସ୍ଥାନକୁ ଯାଇଥିଲେ। ପ୍ରକାଶ ଥାଉକି ପୂର୍ବରୁ ଶତପଥି ନାମରେ ଆୟ ବହିର୍ଭୁତ ସମ୍ପତି ଠୁଳ କରିବା ଲୋକଙ୍କୁ ବିଲ କରିବାରେ ହଇରାଣ କରିବା ମୋଟା ଟଙ୍କା ନ ହେଲେ ବିଲ ନ କରି ହଇରାଣ କରିବା ଅଭିଯୋଗ ହୋଇଥିଲା। ଶତପଥି ଆଠମଲ୍ଲିକ ବ୍ଲକରେ ଦୀର୍ଘ ପାଞ୍ଚ ବର୍ଷ ହେବ କାର୍ଯ୍ୟରତ ଥିଲେ ଓ ତାଙ୍କର ଚାକିରୀରୁ ଅବସର ନେବାକୁ ଆଉ ଦୁଇମାସ ସମୟ ବାକିଥିବା ଜଣାପଡିଛି।


# କଂଗ୍ରେସ ଦଳ ତରଫରୁ ମଶାଲ ଶୋଭାଯାତ୍ରା



ବୋଲଗଡ଼, (ଭାସ୍କର ନ୍ୟୁଜ): ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ବୋଲଗଡ ବ୍ଲକ କଂଗ୍ରେସ କମିଟି ତରଫରୁ ମଙ୍ଗଳବାର ଦିନ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ଆବାହକତ୍ୱରେ ନାରୀ ନିର୍ଯ୍ୟାତନା ବନ୍ଦ କରିବା ଓ ନାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଦାବିରେ ଏକ ବିରାଟ ବିଶାଳ ମଶାଲ ଶୋଭାଯାତ୍ରା ସ୍ଥାନ ନନ୍ଦିଘୋଷ ଭବନ ଠାରୁ ବାହାରି ବଜାର ପରିକ୍ରମା କରି ମଙ୍ଗଳା ମନ୍ଦିର ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହି ମଶାଲ ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ନାରୀ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ସଦାଶିବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ବିଶାଳ ମଶାଲ ଶୋଭାଯାତ୍ରାରେ ବୋଲଗଡ ବ୍ଲକର ୧୯ଟି ଗ୍ରାମପଞ୍ଚାୟତର ସମସ୍ତ କଂଗ୍ରେସ ସଭାପତି, କଂଗ୍ରେସ କର୍ମୀ ପ୍ରକାଶ ରଥ, ନବକିଶୋର ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ୟାରୀମୋହନ ଦାସ, ସରପଞ୍ଚ ବିଜୟ କୁମାର ସେଠି, ଜୟକୃଷ୍ଣ ପ୍ରହରାଜ, ଦିବାକର ରାଉତ, ସାନ୍ତନୁ ତ୍ରିପାଠୀ, ଭାସ୍କର ସ୍ୱାଇ, ରମେଶ ପଟ୍ଟନାୟକଙ୍କ ସମେତ ୪୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ବୋଲଗଡ ପୋଲିସ ବାହିନୀ ଏହି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ କର୍ମୀ ଧୀରେସ କୁମାର ମହାପାତ୍ର ସହଯୋଗ କରି ପରିଚାଳନା କରିଥିଲେ।

## ବୃଦ୍ଧ ନିଖୋଜ, ଥାନାରେ ଏତଲା

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଡ଼ିମିରିପାଳ ପଞ୍ଚାୟତ ଡ଼ିମିରିପାଳ ଗ୍ରାମର ୬୭ବର୍ଷୀୟ ଶ୍ୟାମସୁନ୍ଦର ଦାସ ନିଖୋଜ ରହିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ପୁଅ ମୁକ୍ତିକାନ୍ତ ଦାସ। ତାଙ୍କ ପୁଅଙ୍କର ଅଭିଯୋଗ ଅନୁସାରେ ଗତ ୧୪ତାରିଖ ଦୀନ ୧୨ ଘଟିକା ସମୟରେ ତାଙ୍କ ବାପା ଶ୍ୟାମସୁନ୍ଦର ଦାସ ଘର ଛାଡି କେଉଁ ଆଡ଼କୁ ପଳାଇ ଯାଇଛନ୍ତି। ସେହିଦିନ ଠାରୁ ପରିବାର ଲୋକେ ବନ୍ଧୁବାନ୍ଧବଠୁ ଆରମ୍ଭ କରି ରାସ୍ତାଘାଟ, ଛକ ବଜାରରେ ବହୁତ ଖୋଜିବା ପରେ କୌଣସି ଖବର ନପାଇ ଶେଷରେ ଆଜି ଆଳି ଥାନାରେ ବାପା ନିଖୋଜ ନେଇ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ କେସ ରୁଜୁ କରି ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ସୂଚନା ଦେଇଛନ୍ତି।



# ଅନାସ୍ଥା ଭୋଟ୍‌ରେ ହାରିଲେ କଳମପୁର ବ୍ଲକ୍ ଅଧକ୍ଷା



ଧର୍ମଗଡ଼ (ଭାସ୍କର ନ୍ୟୁଜ)କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଧକ୍ଷା ମୋତି ବିହାରୀଙ୍କ ବିରୋଧରେ ଆଜି ଅନାସ୍ଥା ଭୋଟ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ମୋଟ ୨୪ ଜଣ ଭୋଟରଙ୍କ ମଧ୍ୟରୁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଏବଂ ସମିତି ସଭ୍ୟ ଓ ସରପଞ୍ଚ ମିଶି ୨୨ ଜଣ ମତଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୧ଟି ଭୋଟ ଅନାସ୍ଥା ସପକ୍ଷରେ ରହିଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିବା ଉପସ୍ଥିତ ଭୋଟର ମାନେ ପ୍ରକାଶ କରିଛନ୍ତି। ଅତିରିକ୍ତ ଉପ ଜିଲ୍ଲାପାଳ ଅଜୟ ପ୍ରକାଶ ତୀର୍କୀ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହି ଏହି ଅନାସ୍ଥା ନିର୍ବାଚନ ପରିଚାଳନା କରିଥିଲେ। ଧର୍ମଗଡ଼ ଉପ ଜିଲ୍ଲାପାଳ ଧୀମାନ ଚକମା ମଧ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। କଳମପୁର ତହସିଲଦାର ସ୍ମରଣିକା ତୁଲ, ବିଡ଼ିଓ ବିଜୟ କୁମାର ମାଡାଙ୍ଗି ମଧ ଉପସ୍ଥିତ ଥିଲେ। ଗତ ମାର୍ଚ୍ଚ ମାସ ୧୦ ତାରିଖ ଦିନ କଳମପୁର ବ୍ଲକର ସମିତି ସଭ୍ୟ ଏବଂ ସରପଞ୍ଚ ମାନେ ବ୍ଲକ ଅଧକ୍ଷା ମୋତି ବିହାରୀଙ୍କ ମନମୁଖୀ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଆଜି ଦିନ ଧାର୍ଯ୍ୟ ହୋଇଥିଲା। ଅନାସ୍ଥା ଭୋଟ ସମୟରେ ବ୍ଲକ ଅଧକ୍ଷା ମୋତି ବିହାରୀ ମଧ ଉପସ୍ଥିତ ଥିଲେ। ମୋତି ବିହାରୀଙ୍କ ବିପକ୍ଷରେ ସମସ୍ତ ଭୋଟ ଯିବା ଗଣତି ସମୟରେ ଜଣାପଡିବା ପରେ ଅନାସ୍ଥା ସପକ୍ଷବାଦୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ ପୁଲିସ ଏବଂ ୫ ଜଣ ପୁଲିସ ଅଧିକାରୀଙ୍କୁ ମୁତୟନ କରାଯାଇଥିବା ଥାନା ଅଧିକାରୀ ନୀଳାମ୍ବର ଜାନୀ ସୂଚନା ଦେଇଛନ୍ତି। ତେବେ ପରାଜୟ ପରେ ଅଧକ୍ଷା ନିଜ ପଦବୀ ହରାଇଛନ୍ତି।

# କଣାସ ପଞ୍ଚାୟତ ସମିତିର ୧୦ମ ବୈଠକ




କଣାସ, (ଭାସ୍କର ନ୍ୟୁଜ୍): କଣାସ ପଞ୍ଚାୟତ ସମିତି ବୈଠକ ପଞ୍ଚାୟତ ସମିତି ସଭାଗୃହେର ସମିତି ଅଧକ୍ଷା ପ୍ରଭାତୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକେର ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର ମୂଖ୍ୟ ଅତିଥୀ ଭାବେ ଯୋଗ ଦେଇଥିବା ବେଳେ ଏଥିରେ ଉପାଧକ୍ଷ ଅଭିମନ୍ୟୁ ଜୟସିଂହ, ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗେଦବ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଏବିଡିଓ ମଙ୍ଗଳ ସିଂହ ହେମ୍ବ୍ରମ, ଅତିରିକ୍ତ ତହସିଲିଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ, ଗଡିଶାଗୋଦା ଆଇଆଇସି ଦୁର୍ଗାଚରଣ ମହାପାତ୍ର ଯୋଗ ଦେଇଥିବା ବେଳେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବନବିଭାଗ, ଖାର୍ଦ୍ଧା ଜଳେସଚନ ବିଭାଗ, ବ୍ଲକର କେତେକ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ନଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲୋକ ପ୍ରତିନିଧୀମାନେ ଦାବି କରିଥିଲେ। ପ୍ରଥମେ ପୂର୍ବ ଅଧିବେଶନର ବିବରଣୀ ପାଠ କରାଯାଇ ଦୃଢିକରଣ କରାଯିବା ପେର ୨୧/୨୨ ମସିହାର ସମିତି ସଭ୍ୟ ସେୟାର ୨୮ଟି ପଞ୍ଚାୟତ ବଳରେ ୫ଟି ପଞ୍ଚାୟତକୁ ଦିଆଯାଇଥିବାରୁ କେତେକ ସରପଞ୍ଚ, ସମିତି ସଭ୍ୟ ବିରୋଧ କରିବା ସହିତ ଆମକୁ ସେହି ପରିମାଣରେ ଅର୍ଥ ଦିଆଯାଉ ବୋଲି କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଦାବି କରିବାରୁ ଗଡଖାରଦ ସରପଞ୍ଚ ଓ ଦେଇପୁର ସମିତି ସଭ୍ୟଙ୍କ ମଧ୍ୟରେ ଟଣାଓଟରା ହୋଇ ପାଟିତୁଣ୍ଡ ଯୁକ୍ତିତର୍କ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ବିଧାୟକ ଓମପ୍ରକାଶ ମିଶ୍ର ସମସ୍ତଙ୍କୁ ଶାନ୍ତିଶୃଙ୍ଖଳାର ସହିତ ବୈଠକରେ କଥାବାର୍ତ୍ତା କରିବା ପାଇଁ ନିବେଦନ କରିବା ପରେ ଗୃହ ଶାନ୍ତ ପଡ଼ିଥିଲା। ପାନୀୟ ଜଳ ଅଭାବକୁ ନେଇ କେତେକ ସରପଞ୍ଚ ସମିତି ସଭ୍ୟ ପ୍ରଶ୍ନ କରିବାରୁ କେଉଁ କେଉଁ ଗ୍ରାମ ପଞ୍ଚାୟତକୁ କେତୋଟି ନଳକୂପ ବସିବା ପାଇଁ ନିଷ୍ପତ୍ତି ହୋଇଛି ସେ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ ସୂଚନା ଦେଇଥିଲେ। କଣାସ ବ୍ଲକ୍‌କୁ ପାନୀୟ ଜଳ ଯୋଗାଇବା ପାଇଁ ଚୁପୁରିଙ୍ଗି ଠାରେ କରାଯାଉଥିବା ମେଗା ପ୍ରକଳ୍ପ ୨୦୧୮ ମସିହାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଦୀର୍ଘ ସାତବର୍ଷ ଧରି କ'ଣ କ'ଣ କାର୍ଯ୍ୟ ହୋଇଛି ବିଧାୟକ ମିଶ୍ର ପଚାରିବାରୁ ସହକାରୀ ଯନ୍ତ୍ରୀ ସାମନ୍ତରାୟ ତଥ୍ୟ ଦେବାରୁ ବିଧାୟକ ମିଶ୍ର ଅସେନ୍ତାଷ ପ୍ରକାଶ କରିଥିଲେ। ୧୭ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଥିବାରୁ ପାଠପଢାରେ ବ୍ୟାଘତ ହେଉଥିବା ସରପଞ୍ଚମାନେ ଉପସ୍ଥାପିତ କରିବା ସହିତ ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନଥିବାରୁ ତୁରନ୍ତ ଶିକ୍ଷକ ନିଯୁକ୍ତି ନିମେନ୍ତ ଲୋକପ୍ରତିନିଧିମାନେ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ୮ଟି ଗୋଦାବରୀଶ ବିଦ୍ୟାଳୟ ନିର୍ମାଣ ପାଇଁ ୮ଟି ପଞ୍ଚାୟତ ପ୍ରଥମ ପର୍ଯ୍ୟାୟରେ ହେବା ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ସୂଚନା ଦେଇଥିଲେ। ୫ଟି ସ୍କୁଲ ନିର୍ମାଣ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ଟଙ୍କା ଦେଇଥିବା ବେଳେ ସମିତି ସେୟାରରୁ କେତେକ ୫ଟି ସ୍କୁଲକୁ ବ୍ଲକ କନିଷ୍ଠ ଯନ୍ତ୍ରୀମାନଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଦିଆଯାଇ ଆତ୍ମସାତ କରାଯାଇଥିବା ପଞ୍ଚାୟତ ସମିତି ଉପାଧକ୍ଷ ଅଭିମନ୍ୟୁ ଜୟସିଂହ ଦାବି କରିବା ସହିତ ତଦନ୍ତ କରିବାକୁ ବିଧାୟକଙ୍କୁ ନିବେଦନ କରିଥିଲେ। ପୂର୍ବତନ ବିଡିଓ ସ୍ଥାନୀୟ ବ୍ୟାଙ୍କରେ ସରକାରୀ ଟଙ୍କା ନରଖି କାହାର ପ୍ରରୋଚନାରେ ଦୂରଦୂରାନ୍ତ ବ୍ୟାଙ୍କମାନଙ୍କରେ କୋଟି କୋଟି ଟଙ୍କା ରଖି ତୁଷରପାତ କରିଥିବା ଉପାଧକ୍ଷ ଜୟସିଂହ କହିଥିଲେ।

ପୃଷ୍ଠା-୧୦
Page-10
ଗୁରୁବାର, ୧୭ ଏପ୍ରିଲ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର




# ଆମ କଳାହାଣ୍ଡି



## ବ୍ଲକସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ୧୫ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୭ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୧ ଗୋଟି ଓ ସାମୂହିକ ୧୪ ଗୋଟି ରହିଥିବା ବେଳେ ୮ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୨ ଜଣଙ୍କୁ ଆର୍ଥିକ ସହାୟତା ଏବଂ ଜଣଙ୍କୁ ହୁଇଲ୍ ଚେୟାର, ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ଶକୁନ୍ତଳା ଗଉଡ, ସବିତା ଗଉଡ, ମାଡିବନ୍ଧ ଓ କିଡିଙ୍ଗ ଗ୍ରାମର ଅଞ୍ଜନା ଶବରଙ୍କୁ ପ୍ରତ୍ୟେକଙ୍କୁ ତିନି ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଜିଲ୍ଲାପାଳଙ୍କ ଦ୍ୱାର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ଲକ କଂଗ୍ରେସର ମଶାଲ ଶୋଭାଯାତ୍ରା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଭକ୍ତ ଦାସ ପିସିସି ସଭାପତି ହେବାପରେ ଚେଇଁ ଉଠିଛି କଂଗ୍ରେସ। ବିଭିନ୍ନ ସମସ୍ୟାକୁ ଉଠାଇ ଶାସକ ବିଜେପି ସରକାରଙ୍କୁ ଘେରିବାକୁ ପ୍ରୟାସ ଜାରି ରଖିଛି। ବିଶେଷ କରି ନାରୀ ସୁରକ୍ଷା ଦାବି ପ୍ରସଙ୍ଗ ଉଠାଇଛି। ଏହି ପରିପ୍ରେକ୍ଷିରେ ମଙ୍ଗଳବାର ସନ୍ଧ୍ୟାରେ ଧର୍ମଗଡ ବ୍ଲକ ଜାତୀୟ କଂଗ୍ରେସ ପକ୍ଷରୁ ଧର୍ମଗଡ ଠାରେ ଏକ ମଶାଲ ଶୋଭାଯାତ୍ରା ହୋଇଛି। ଧର୍ମଗଡ ତିନି ଛକ ଠାରୁ ଏକ ମଶାଲ ଶୋଭାଯାତ୍ରା ଚାରିଛକ ପର୍ଯ୍ୟନ୍ତ ଯାଇଥିଲା। ନିଖୋଜ ଶିଶୁ ଓ ମହିଳାକୁ ସରକାର ଖୋଜିବା ଓ ନ୍ୟାୟ ଦେବା ଦାବି ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସାରା ରାଜ୍ୟର ସମସ୍ତ ବ୍ଲକରେ ମଶାଲ ଶୋଭାଯାତ୍ରା କରାଯାଇ ମଙ୍ଗଳବାର ପ୍ରତିବାଦ ପାଇଁ ଡାକରା ଦିଆଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଧର୍ମଗଡ ବ୍ଲକ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଧର୍ମଗଡ ତିନିଛକ ଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। କଂଗ୍ରେସ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ପ୍ରଭାରୀ ମନୋରଞ୍ଜନ ତ୍ରିପାଠୀ, ପିସିସି ସଭ୍ୟ ତୁଷାର ରଞ୍ଜନ ପଟ୍ଟଯୋଶୀ, ବ୍ଲକ ସଭାପତି ପ୍ରେମଲାଲ ସାଗର, ବ୍ଲକ ଉପସଭାପତି ବିରଞ୍ଚି ବଣିଆ, ଯୁବ ସଭାପତି ଗୋଲୁ ନାଏକ, ନଗର କଂଗ୍ରେସ ଉପସଭାପତି ମିଟୁ ନାଏକ, ଜୀବର ଧନ ସାଗର, ଧରଣୀ ଧଙ୍ଗଡାମାଝୀଙ୍କ ସମେତ ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ବର୍ତ୍ତମାନ ଓଡ଼ିଶା ରାଜ୍ୟରେ ନାରୀ ନିର୍ଯାତନା, ମହିଳା ଧର୍ଷଣ, ଗଣ ବଳାତ୍କାର ଓ ଶିଶୁ ଓ ବାଳିକା ନିଖୋଜ ଘଟଣା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି। ଓଡ଼ିଶାରେ ନିରୀହ ଶିଶୁ ଓ ମହିଳା ମାନଙ୍କୁ ଦୁଷ୍କର୍ମ ଓ ହତ୍ୟା ଏବଂ ହଜାର ହଜାର ମହିଳା ନିଖୋଜ ହେଉଥିବାରୁ ତାର ନ୍ୟାୟିକ ଯାଞ୍ଚ ଦାବିରେ ଏହି ଶୋଭାଯାତ୍ରା ହୋଇଥିବା କଂଗ୍ରେସ ନେତା ମାନେ ପ୍ରକାଶ କରିଛନ୍ତି।




## ମଦ ଚୋରାଚାଲାଣରେ ଅବକାରୀ ଓ ପୋଲିସ ବିଭାଗର ହାତଥିବା ଅଭିଯୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଖୁଲମ ଖୋଲା ମଦ ଚୋରାଚାଲାଣ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗାଁ ଗାଁରେ ଦେଶୀ ବିଦେଶୀ ମଦ ବିକ୍ରି ଜୋରଦାର ଚାଲିଛି। ବେନିୟମ ଭାବେ ମଦ କାରବାରରେ ଖୁଦ ଅବକାରୀ ବିଭାଗ ଓ ପୋଲିସର ହାତ ଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ବିଭାଗର ସହାନୁଭୂତିରେ ଗାଁ ଗାଁରେ ମଦ ଭାଟି ଖୋଲାଯାଇ ଖୁଲମ ଖୋଲା ବିକ୍ରି ହେଉଥିବା ଅଭିଯୋଗ ହେଉଛି। ତେବେ ବିଦେଶୀ ମଦ ଅପେକ୍ଷା ଦେଶୀ ମଦ ଛତିଶଗଡ଼କୁ ଚୋରା ଚାଲାଣ ବହୁଳ ପରିମାଣରେ ହେଉଥିବା ନଜର ରହିଛି। ସେ ପଟେ ଛତିଶଗଡ଼ ପୋଲିସ କଡା ଆଭିମୁଖ୍ୟ ଗ୍ରହଣ କରୁଥିବା ବେଳେ ଏପଟେ କିନ୍ତୁ ପୋଲିସ ଓ ଅବକାରୀ ବିଭାଗ ନିରବ ସାଜିଛି। ଛତିଶଗଡ଼ ପୋଲିସ ଚୋରାଚାଲାଣ କାରବାରରେ ଲିପ୍ତ ଥିବା ବେପାରୀ ମାନଙ୍କ ନାରେ କେଶ ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରୁଥିବା ବେଳେ ଏଠି କିନ୍ତୁ ଅଲଗା। ନାମକୁ ମାତ୍ର ଅଟକ ରଖି କିଛି ସମୟ ପରେ ଛାଡି ଦିଆଯାଉଥିବା ଆଲୋଚନା ହୁଏ। ମଟର ସାଇକେଲ, ଚାରି ଚକିଆ ଯାନ ବାହାନରେ ରୀତିମତ ଛତିଶଗଡ଼କୁ ଚାଲାଣ ହେଉଥିବା ନଜର ରହିଛି। ବିଶେଷ ଭାବେ ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର କଳାହାଣ୍ଡି ସୀମାନ୍ତ ଗାଁ ମାନଙ୍କରେ ମଦ ଚୋରା କାରବାର ଅତ୍ୟାଧିକ ବୃଦ୍ଧି ପାଇଛି। ଅନ୍ୟପଟେ ବେହେରା ସ୍ଥିତ ବିଦେଶୀ ମଦ ଦୋକାନରୁ ରୀତିମତ କର୍ମଚାରୀଙ୍କ ଦ୍ୱରା ଚୋରାଚାଲାନା ଖୋଲମ ଖୋଲା ହେଉଥିବା ନଜର ରହିଛି। ଏହି ବିଦେଶୀ ମଦ ଦୋକାନରେ ବହୁ ଦିନୁ ନକଲି ମଦ ଓ ଚଢା ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ହେଲେ ବିଭାଗ ସ୍ଥାଣୁତା ପାଳଟିଛି। ଆଶ୍ଚର୍ଯ୍ୟର ବିଷୟ ମଦ ଚୋରାଚାଲାଣ ଓ ଖୁଲମ ଖୋଲା ବିକ୍ରି ହେଉଥିବା ଖବର ଧର୍ମଗଡ଼ ଅବକାରୀ ବିଭାଗ ପାଖରେ ରହିଛି ସତ ହେଲେ ପଦକ୍ଷେପ ପାଇଁ ତତ୍ପରତା ନାହିଁ। ବରଂ ମାସକୁ ମାସ ବିଭାଗ କର୍ମଚାରୀ ମାନେ ଅଞ୍ଚଳ ପରିଦର୍ଶନ ଆଳରେ ବେପାରୀଙ୍କ ଠାରୁ ବଟି ଆଦାୟ କରି ଫେରୁଥିବା ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ବିଭାଗର ସ୍ଥାଣୁତା ଯୋଗୁଁ ଗାଁ ଗାଁରେ ମଦକୁ ନେଇ ଅନେକ ପ୍ରକାର ବିଶୃଙ୍ଖଳା, ଅପ୍ରୀତିକର ଘଟଣା ଦୈନନ୍ଦିନ ବୃଦ୍ଧି ପାଉଛି। ଏନେଇ ଧର୍ମଗଡ଼ ଅବକାରୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ଫୋନ ଉଠାଇ ନ ଥିଲେ। ତେବେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଚିଫ୍ ମିନିଷ୍ଟର ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ
## କେସିଙ୍ଗା ଆଥେଲେଟିକ୍ ଆଣ୍ଡ କଲଚରାଲ୍ ଆସୋସିଏସନ୍ ଚମ୍ପିୟାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ କଳାହାଣ୍ଡି କ୍ରୀଡ଼ା ଛାତ୍ରାବାସ ଖେଳ ପଡିଆ ଠାରେ ଗତ ତା.୭.୪.୨୫ ଠାରୁ ଆରମ୍ଭ ହୋଇଥିବା ୧୫ବର୍ଷରୁ କମ୍ ବୟସର 'ଚିଫ୍ ମିନିଷ୍ଟର ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ୧୫ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ କ୍ରୀଡା ବିଭାଗ, ଫୁଟବଲ ଏସୋସିଏସନ୍ ଓଡିଶା, କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂସ୍ଥାର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲ୍ଲା କ୍ରୀଡାସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ଏସୋସିଏସନର ଉପ-ସଭାପତି ଜଗମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି, ତନ୍ମୟ କୁମାର ଦରୱାନ ଉପସ୍ଥିତ ଥିଲେ। ପ୍ରତିଦ୍ୱନ୍ଦିତା ମୂଳକ ଫାଇନାଲ ଖେଳଟି କେସିଙ୍ଗା ଏଥେଲେଟିକ୍ ଏଣ୍ଡ କଲଚରାଲ୍ ଏସୋସିଏସନ୍ ଓ ସ୍ପୋର୍ଟସ୍ କ୍ଲବ୍ କୋକସରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ କେସିଙ୍ଗା ଦଳ କୋକସରା ଦଳକୁ ୩-୦ ଗୋଲରେ ହରାଇ ଚାମ୍ପିୟାନ ହୋଇଥିଲା। ଅତିଥିମାନେ ବିଜୟୀ ଓ ରନର୍ସଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ପ୍ରଥମ ମହିଳା ରେଫରୀ ଭାବେ କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ଲଇତରା ଗ୍ରାମର ପ୍ରିୟଙ୍କା ବିଶିଙ୍କୁ ମୁଖ୍ୟ ଅତିଥି ସାଂସଦ ମାଳବିକା ଦେବୀ ଟ୍ରାକ୍ ସୁଟ୍ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଫାଇନାଲ ଖେଳକୁ ମେଚ୍ କମିଶନର ନବୀନ କୁମାର ନାଏକ, ସନ୍ତୋଷା ନନ୍ଦ ନାଏକ, ଚଞ୍ଚଳ ମାଝୀ, ବିଶେ ପ୍ରଧାନ ଓ ପ୍ରିୟଙ୍କା ବିଶି ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା, ଉପ-ସଭାପତି ରାମ କୁମାର ଜୈନ ଓ ଅର୍ଜୁନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳିପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦର, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ, ଧୀରେନ୍ଦ୍ର ପଟ୍ଟନାୟକ, ସରଦାର୍ ସନ୍ତୁ ସିଂ, ରବି ପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ବିପିନ ଚନ୍ଦ୍ର ମିଶ୍ର, ଅଜୟ ପଟ୍ଟନାୟକ, ଶମ୍ଭୁପ୍ରସାଦ ରାଉତ, ପଙ୍କଜ ପଟ୍ଟନାୟକ, ମହେନ୍ଦ୍ର ପଣ୍ଡା, ପୁରନ୍ଧର ଭୋଇ, କୁଳମଣି ସାହୁ, ଭବାନୀ ଶଙ୍କର ପଟ୍ଟନାୟକ, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଉଡ, ଜଳେଶ୍ୱର ଗଉଡ, ଉଦ୍ଧବ ମାଝୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଟୁର୍ଣ୍ଣାମେଣ୍ଟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।



## ନିମ୍ନମାନର ଡ୍ରେନ ନିର୍ମାଣ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ମେଡିକାଲ ଭିତରେ ଚାଲିଥିବା ଏକ ଡ୍ରେନ ନିର୍ମାଣକୁ ନିମ୍ନ ମାନର ଦର୍ଶାଇ କେସିଙ୍ଗାର ସଚେତନ ନାଗରିକ ପ୍ରଣବ ଭୋକ୍ତା ଜିଲ୍ଲାପାଳଙ୍କ ଠାରେ ଟୁଇଟ ଯୋଗେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ପ୍ରାୟ ମାସେ ତଳେ ଡ୍ରେନ ପାଇଁ ନାଳ ଖୋଲି ଖୋଲା ଛାଡ଼ି ଦେଇଥିଲେ। ପରେ କିଛି ଗଣମାଧମ ପ୍ରତିନିଧି ସଂପୃକ୍ତ ପୂର୍ତ୍ତବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ କାମ ଆରମ୍ଭ ହୋଇଥିଲେ ମଧ ଡ୍ରେନ ଅଙ୍କା ବଙ୍କା ତିଆରି କରିଥିଲା। ଏବେ ସେହି ଅଙ୍କା ବଙ୍କା ଡ୍ରେନରେ ପାଣି ଯିବାକୁ ଅସୁବିଧା ହେଉଛି ବୋଲି ଅଭିଯୋଗ ହୋଇଛି। ସେପଟେ ଦୁଇ ଦିନ ତଳେ ଜୋର୍‌ରେ ପବନ ହେବାରୁ ନାଳ ପାଖରେ ଥିବା ଏକ ବିରାଟ ଦେବଦାରୁ ଗଛ ମୂଳରୁ ଉପୁଡ଼ିଯାଇ ଜଣେ ଷ୍ଟାଫଙ୍କ ଘର ଉପରେ ପଡିଥିଲା। ଗଛଟି ଯଦି ବିପରୀତ ଦିଗରେ ପଡ଼ିଥାନ୍ତା ତେବେ ସମ୍ମୁଖରେ ଥିବା ମେଡିକାଲ ଷ୍ଟୋରରେ ଥିବା କିଛି ଲୋକଙ୍କ ଧନ ଜୀବନ ଅଧିକ ପରିମାଣରେ କ୍ଷୟକ୍ଷତି ହୋଇଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଠିକାଦାର ଡ୍ରେନ ଖୋଲି ଛାଡି ଦେଇଥିବାରୁ ଏତେ ବର୍ଷର ଏକ ପୁରୁଣା ଗଛ ମୂଳରୁ ଉପୁଡ଼ି ଯାଇଥିବା ସହରରେ ଚର୍ଚ୍ଚା ହେଉଛି। କେତେ ଟଙ୍କା ଅଟକଳ ମୂଲ୍ୟରେ ଡ୍ରେନ ନିର୍ମାଣ ହେଉଛି ତାହାର ମଧ କୌଣସି ସୂଚନା ଫଳକ ନାହିଁ। ଅଙ୍କା ବଙ୍କା ନକରି ସିଧା ସଳଖ ଡ୍ରେନ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।



## କଲିକତାରେ ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ୍‌କୁ ସମ୍ବର୍ଦ୍ଧନା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଲିକତାରେ ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ପାର୍ବତୀ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା ଡଃ ଭିମରାଓ ଆମ୍ବେଦକରଙ୍କ ୧୩୪ ତମ ଜନ୍ମ ଜୟନ୍ତୀ ଅବସରରେ ଭାରତ ଦେଶର ପ୍ରତ୍ୟେକ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନକୁ ଉତ୍ସାହିତ କରିବା ସହିତ ସମନ୍ୱୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାନପତ୍ର ଓ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ତଥା ରାଜ୍ୟରେ ରକ୍ତଦାନ, ବୃକ୍ଷରୋପଣ, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ଶବସତ୍କାର, ଶୁଦ୍ଧିକ୍ରିୟା ସହାୟତା, କମ୍ବଳ ବଣ୍ଟନ, ବସ୍ତ୍ର ବଣ୍ଟନ, ଶିକ୍ଷା ସଚେତନତା ପାଇଁ ଶିକ୍ଷା ଉପକରଣ ବଣ୍ଟନ ଭଳି ବିଭିନ୍ନ ସମାଜସେବା କାର୍ଯ୍ୟ କରି ଚର୍ଚ୍ଚାରେ ଥିବା ଅଗ୍ରଣୀ ସ୍ୱଚ୍ଛାସେବୀ ସଂଗଠନ ସୋସିଆଲ ୱେଲଫେୟାର୍ ଅର୍ଗାନାଇଜେସନ୍, କଳାହାଣ୍ଡି ପରିବାରକୁ ଉପସ୍ଥିତ ଥିବା ମାନ୍ୟଗଣ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ପକ୍ଷରୁ ପ୍ରତିଷ୍ଠାତା ଉମାକାନ୍ତ ସୁନାନୀ, କାର୍ଯ୍ୟକାରୀ ସଭାପତି ସଂଗ୍ରାମ କମପାନ୍, ସମ୍ପାଦକ ରିଙ୍କୁ ମଙ୍ଗରାଜ, କୋଷାଧ୍ୟକ୍ଷ ରମେଶ ସାଗର, କୋକସରା ବ୍ଲକ ଟିମ୍‌ର ସଭାପତି ଆକାଶ ରଣା ପ୍ରମୁଖ ଉପସ୍ଥିତ ହୋଇ ସମ୍ବର୍ଦ୍ଧିତ ହେବା ସହିତ ଉପସ୍ଥିତ ଥିବା ଭାରତର ବିଭିନ୍ନ ପ୍ରମୁଖ ସାମାଜିକ କର୍ମୀଙ୍କ ସହିତ ସମ୍ପନ୍ୱୟ ବୃଦ୍ଧି ପାଇଁ ଚେଷ୍ଟା କରିଥିଲେ। ସର୍ବଶେଷରେ ସଂଗଠନକୁ ନିମନ୍ତ୍ରିତ କରିଥିବା ପାର୍ବତୀ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାରେ ସୋସିଆଲ ୱେଲଫେୟାର୍ ଅର୍ଗାନାଇଜେସନ୍, କଳାହାଣ୍ଡି ପରିବାର ଭଳି ଅନୁଷ୍ଠାନ ଥିବାରୁ କଳାହାଣ୍ଡି ଜିଲ୍ଲାବାସୀ ଗର୍ବିତ ଅନୁଭବ କରିବା ସହିତ ଶୁଭେଚ୍ଛା, ପ୍ରଶଂସାର ସୁଅ ଛୁଟିଛି।

## କାଳ ସାଜିଲା କାଳ ବୈଶାଖୀ, ହରି ଭରସାରେ ହରି



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କିଛିଦିନରୁ ଲଗାତାର ଭାବେ ଧର୍ମଗଡ଼ ଅଞ୍ଚଳରେ କାଳ ବୈଶାଖୀ ଲାଗି ରହିଛି। ଠିକ ଅପରାହ୍ନ ୩ଘଣ୍ଟା ବେଳକୁ ତାର ତାଣ୍ଡବଲୀଳା ଆରମ୍ଭ କରିଛି। ପବନ ସାଙ୍ଗକୁ ଘଡଘଡି ଓ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଗତ ୫ଦିନ ଠାରୁ ଆରମ୍ଭ ହୋଇଥିବା ଏହି କାଳ ବୈଶାଖୀର ଦାଣ୍ଡବଲୀଳା ଭିତରେ ହରି ଭରସାରେ ହରି ରହିଥିବା ଜଣାପଡ଼ିଛି। କିଛି ଦିନରୁ ଟେଣ୍ଡାପାଲି ପଞ୍ଚାୟତ ଘଣ୍ଟିଗୁଡା ତେଲିସପଡା ଗ୍ରାମର ହରି ଗହୀର ଗଣମାଧମରେ ଶିରୋନାମା ପାଲଟି ଆସୁଛନ୍ତି। ତାଙ୍କ ଦାରିଦ୍ର୍ୟତା ଓ ଦୁର୍ଭିକ୍ଷ ଜୀବନ କାଟୁଥିବା ବିଷୟକୁ ନେଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। ଏକ ଝାଟି କୁଡ଼ିଆରେ ଧାନପାଳ ପକେଇ ରହି ଆସୁଛନ୍ତି। ହେଲେ କାଳ ବୈଶାଖୀ କୋପରେ କୁଡ଼ିଆଟି ବେହାଲ ହୋଇପଡିଛି। ଭିତରେ ଆଣ୍ଠୁଏ ପାଣି ଜମି ରହିଛି। ଯେମିତି ସେମିତି ଭାବେ ଗୋଟେ ଓଳି କଷ୍ଟେ ମଷ୍ଟେ ରନ୍ଧା ହେଉଥିବା ବେଳେ ରାତି ସାରା ସେହି କଞ୍ଚା ପଚ ପଚ କୁଡ଼ିଆରେ ତମାମ ରାତି ଉଜାଗର ରହି ଜୀବନ କାଟୁଥିବା ପ୍ରକାଶ କରନ୍ତି। କୁଡ଼ିଆ ଉପରେ କେବଳ ଧାନପାଳ ଦେଇ ଥିବାବେଳେ ବର୍ଷାରେ ଉପରୁ ପାଣି ଗଳି ଭିତରେ ଜମି ରହୁଛି। ଦମ୍ପତି ଦୁହେଁ ଆଜକୁ ୪ଦିନ ହେଲା କାଳ ବୈଶାଖୀରୁ ମୁକୁଳିବା ମସ୍କୁଲ ହୋଇ ପଡିଛି। କେବଳ ହରି ଭରସା କରି ଦମ୍ପତି ଦୁହେଁ କୁଡ଼ିଆ ଭିତରେ ବସି ବସି ଦିନ କାଟୁଛନ୍ତି। ଅନ୍ୟପଟେ କାଳ ବୈଶାଖୀ ଯୋଗୁ ତାଙ୍କ ଭିକ୍ଷା ବୃତ୍ତି ବି ବନ୍ଦ ହୋଇ ପଡିଛି। ନା ସେ ପଞ୍ଚାୟତରୁ ପାଉଛନ୍ତି ଚାଉଳ ନା ସରକାରୀ ସୁବିଧା। ଆଧାର କାର୍ଡ ନାହିଁ ବୋଲି ଖାଦ୍ୟ ସୁରକ୍ଷା ଆଇନ ମଧ ବାଦ ପଡିଛନ୍ତି। ଅବଶ୍ୟ ଓଡିଶା ଭାସ୍କର ପ୍ରସାରଣ ପରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଘର ମୁହଁରେ ସେବା ଦେଇ ଆଧାର କାର୍ଡ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ କର୍ମଚାରୀ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ କରିଛନ୍ତି। କାଳ ବୈଶାଖୀରେ କୁଡ଼ିଆ ଉପରୁ ନଡ଼ା ପବନ ଉଡ଼େଇ ନେଇଥିବା ବେଳେ ବୃଦ୍ଧ ବୟସରେ ବି ଭଲ ନଡ଼ାକୁ ସାଉଁଟି ଘରକୁ ସଜ କରିଛନ୍ତି। ହେଲେ ବର୍ଷା ପାଣି କୁଡ଼ିଆ ଭିତରେ ଜକେଇ ଉଭୟ ଦମ୍ପତ୍ତି ବଞ୍ଚିବା ମୁସ୍କିଲ କରିଦେଇଛି। ଖଣ୍ଡେ ପୋଲିଥିନ ଯୋଗାଇ ଦେଲେ ହୁଏତ ବର୍ଷା କବଳରୁ ମୁକ୍ତି ମିଳନ୍ତା ବୋଲି ସେମାନେ କହିଛନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ପଡ଼ାବାସୀଙ୍କ ଦାବି। ଏହି ସମସ୍ୟାକୁ ତହସିଲଦାର ଓ ବେହେରା ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରାଯାଇଥିବା ଶୁଣିବାକୁ ମିଳୁଛି।

## ରାଶିଫଳ


ଗୁରୁବାର, ୧୭ ଏପ୍ରିଲ ୨୦୨୫



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ । ଅତିଥିମାନେ ଘରେ ପହଞ୍ଚିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଯୋଜନା ହୋଇପାରେ। ବ୍ୟବସାୟ ଲାଭଦାୟକ ହେବ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ । ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଆଜି କୈଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଲାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ। ଏହି କାର୍ଯ୍ୟ ଉଚ୍ଚ ପଦାଧିକାରୀଙ୍କ ପ୍ରଶଂସା ପାଇବେ। ସମୟ ଅନୁକୂଳ ଅଟେ।



**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ । ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ । ପାରିବାରିକ ଚିନ୍ତାଧାରା ରହିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ । ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।




**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଦୁର୍ନିତିରୁ ଦୂରେଇ ରୁହନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ଘର ବାହାରେ ସୁଖ ମିଳିବ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ।




ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯